୫୧ ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩/୨୦୨୪ (୧୮ ପୃଷ୍ଠା) | Bhubaneswar, Tuesday, December 3/2024 Page 18 ₹ 7.00

୫୧ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 10 ମୂଲ୍ୟ ₹୭/-



STABILITY TRUST GROWTH

# ଜାଲିଆତି/ପାର୍ସଲ ସ୍କାମ ପ୍ରତି ସତର୍କ ରୁହନ୍ତୁ!



ଆରବିଆଇ/ବ୍ୟାଙ୍କ/ସରକାରୀ ଏଜେନ୍ସି/କୋରିୟର କମ୍ପାନୀ ଇତ୍ୟାଦି ଗୁଡ଼ିକର ଅଧିକାରୀଙ୍କ ନାମରେ ଆସୁଥିବା **ସାଇବର ଅପରାଧୀମାନଙ୍କ** ଅଡିଓ/ଭିଡିଓ କଲ ପ୍ରତି ସାବଧାନ ରୁହନ୍ତୁ, ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର **ଧମକ ଦେଉଛନ୍ତି** କିମ୍ବା **ତୁରନ୍ତ ଟଙ୍କା ଟ୍ରାନ୍ସଫର କରିବା ପାଇଁ କହୁଛନ୍ତି** କିମ୍ବା ଆପଣଙ୍କର ବ୍ୟାଙ୍କ ଖାତା କିମ୍ବା ଡେବିଟ/କ୍ରେଡିଟ କାର୍ଡକୁ **ଫ୍ରିଜ୍ କିମ୍ବା ବ୍ଲକ୍** କରିଦେବାର ଭୟ ଦେଖାଉଛନ୍ତି ।

## କ'ଣ କରିବେ ନାହିଁ

- **ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ** – ଠକମାନେ ଆପଣଙ୍କୁ ଫାନ୍ଦରେ ପକେଇ ପାରନ୍ତି
- ନିଜର କୌଣସି ବ୍ୟକ୍ତିଗତ/ ଆର୍ଥିକ ସୂଚନା **ଶେୟାର କରନ୍ତୁ ନାହିଁ**
- ପେମେଣ୍ଟ କରିବା ପାଇଁ କୌଣସି ଅଜଣା ଲିଙ୍କରେ **କ୍ଲିକ୍ କରନ୍ତୁ ନାହିଁ**

## କ'ଣ କରିବେ

- କଲ କରିବା ବ୍ୟକ୍ତି / ଅର୍ଥ ଅନୁରୋଧର ବାସ୍ତବିକତା **ସର୍ବଦା ଯାଞ୍ଚ କରନ୍ତୁ**
- cybercrime.gov.in ରେ **ତତ୍କ୍ଷଣାତ ରିପୋର୍ଟ କରନ୍ତୁ** କିମ୍ବା ସହାୟତା ପାଇଁ **1930** କୁ କଲ କରନ୍ତୁ




ଅଧିକ ସୂଚନା ପାଇଁ, **https://rbikehtahai.rbi.org.in/fraud** କୁ ଯାଆନ୍ତୁ
ମତାମତ ଦେବା ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ

ଜନହିତରେ ଜାରି
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

**ତେଲଙ୍ଗାନାରେ ଅନର କିଲିଂ**

ତେଲଙ୍ଗାନାର ଜଣେ ୨୮ ବର୍ଷୀୟା ମହିଳା କନ୍ଷ୍ଟେବଲଙ୍କୁ ତାଙ୍କ ଭାଇ ହତ୍ୟା କରିଛନ୍ତି। ପୋଲିସ ଏହାକୁ ଅନର କିଲିଂ ବୋଲି ସନ୍ଦେହ କରି ତଦନ୍ତ ଚଳାଇଛି। ରଙ୍ଗାରେଡ୍ଡି ଜିଲ୍ଲାର ଇବ୍ରାହିମପଟନମ୍‌ଠାରେ ସୋମବାର ଏହି ହତ୍ୟାକାଣ୍ଡ ଘଟିଛି। ଗତ ମାସ ୨୧ରେ ମହିଳା କନ୍ଷ୍ଟେବଲ ଭିନ୍ନ ଜାତିରେ ବିବାହ କରିଥିଲେ, ଯାହାକୁ ତାଙ୍କ ପରିବାର ଦୃଢ଼ ବିରୋଧ କରୁଥିଲା।



**ସଂକ୍ଷେପରେ**

## ପ୍ରଥମ ପୋଷ୍ଟିଂରେ ଯୋଗ ଦେବାକୁ ଯାଉଥିବା ଆଇପିଏସ୍ ଅଫିସରଙ୍କ ମୃତ୍ୟୁ


ହର୍ଷବର୍ଦ୍ଧନ

ବେଙ୍ଗାଲୁରୁ, ୨।୧୨

ଆଇପିଏସ୍ ଅଫିସର ହର୍ଷବର୍ଦ୍ଧନ(୨୬) ତାଙ୍କର ପ୍ରଥମ ପୋଷ୍ଟିଂରେ ଯୋଗଦେଇ ପାରି ନାହାନ୍ତି। ସେ ଚାକିରିରେ ଯୋଗଦେବାକୁ ଯାଉଥିବାବେଳେ କର୍ଣ୍ଣାଟକର ହାସନ ଜିଲାରେ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ସିଙ୍ଗରୌଲୀ ଜିଲା ନିବାସୀ ହର୍ଷବର୍ଦ୍ଧନ କର୍ଣ୍ଣାଟକ କ୍ୟାଡର ୨୦୨୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଥିଲେ। ସେ ହୋଲେନ୍‌ରାସିପୁରର ପ୍ରୋବେଶ୍‌ନାରି ଆସିଷ୍ଟାଣ୍ଟ ଏସ୍‌ପି ଭାବେ ଡ୍ୟୁଟିରେ ରିପୋର୍ଟ କରିବାକୁ ଏକ ପୋଲିସ ଗାଡ଼ିରେ ହାସନ ଯାଉଥିଲେ। ଟାୟାର ଫାଟିଯିବାରୁ ଗାଡ଼ି ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା।

## ଦିଲ୍ଲୀରେ ଜିଆର୍‌ଏପି-୪ କଟକଣା କୋହଳ ହେବନି

ନୂଆଦିଲ୍ଲୀ, ୨।୧୨

ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଏବେ ମଧ୍ୟ ଅତ୍ୟନ୍ତ ନିମ୍ନସ୍ତରର ଥିବାରୁ ଜିଆର୍‌ଏପ୍ (ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍) ଚତୁର୍ଥ ପର୍ଯ୍ୟାୟର କଟକଣା କୋହଳ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଜିଆର୍‌ଏପି-୪ ନିର୍ଦ୍ଦେଶାବଳୀର ପ୍ରଯୁଜ୍ୟତା ଏବଂ ଏହାର ସମ୍ଭାବ୍ୟ ସଂଶୋଧନର ସମୀକ୍ଷା ପାଇଁ ଆସନ୍ତା ୫ ତାରିଖରେ ସର୍ବୋଚ୍ଚ ଅଦାଲତ ଶୁଣାଣି କରିବେ। ଦିଲ୍ଲୀରେ ଟ୍ରକ୍ ପ୍ରବେଶ ଏବଂ ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଜଷ୍ଟିସ୍ ଅଭୟ ଏନ୍ ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ସ୍ୱର୍ଣ୍ଣମନ୍ଦିରର ଶୌଚାଳୟ ସଫା କରିବେ ସୁଖ୍‌ବୀର

ଅମୃତସର, ୨।୧୨

୨୦୧୫ରେ ପଞ୍ଜାବରେ ଅକାଳୀ ଦଳର ସରକାର ଥିବା ସମୟରେ ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ୍ ରାମ ରହିମଙ୍କୁ କ୍ଷମା ଦେବାରେ ପ୍ରମୁଖ ଭୂମିକା ନେଇଥିବା ନେଇ ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖ୍‌ବୀର ସିଂ ବାଦଲ ସ୍ୱୀକାର କରିଛନ୍ତି। ସୋମବାର ଏହି ମାମଲାକୁ ନେଇ ଶିଖ୍ ଧର୍ମର ପ୍ରମୁଖ ଧାର୍ମିକ ସଙ୍ଗଠନ 'ଅକାଲ ତଖ୍ତ' ଶୁଣାଣି କରିଥିଲା। ଧାର୍ମିକ ଆଚରଣ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ସୁଖ୍‌ବୀର ଏବଂ ପୂର୍ବ ଅକାଳୀ ସରକାରର କ୍ୟାବିନେଟ ମନ୍ତ୍ରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦଣ୍ଡସ୍ୱରୂପ ସେମାନେ ସ୍ୱର୍ଣ୍ଣମନ୍ଦିରର ଶୌଚାଳୟ ସଫା କରିବା ସହ ବାସନ ମାଜିବେ।

# ପାର୍ଲାମେଣ୍ଟ ଅଚଳାବସ୍ଥା ଦୂରହେଲା

**ସମ୍ବିଧାନ ଉପରେ ବିତର୍କ ହେବ**

ନୂଆଦିଲ୍ଲୀ, ୨।୧୨(ପି.ଟି.)



ସମ୍ବିଧାନରେ ଅଚଳାବସ୍ଥା ଦୂର କରିବା ପାଇଁ ସୋମବାର ସରକାର ଓ ବିରୋଧୀ ଦଳଗୁଡ଼ିକ ବୁଝାମଣାରେ ପହଞ୍ଚିଛନ୍ତି। ସମ୍ବିଧାନ ଗୃହୀତ ହେବାର ୭୫ତମ ବର୍ଷ ଅବସରରେ ଏହା ଉପରେ ଲୋକ ସଭା ଏବଂ ରାଜ୍ୟ ସଭାରେ ଆଲୋଚନା ପାଇଁ ସରକାର ରାଜି ହୋଇଛନ୍ତି। ନିମ୍ନ ସଦନରେ ଡିସେମ୍ବର ୧୩ ଓ ୧୪ରେ ଏବଂ ଉଚ୍ଚ ସଦନରେ ୧୬ ଓ ୧୭ ତାରିଖରେ ସମ୍ବିଧାନ ଉପରେ ଆଲୋଚନା ହେବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଆଲୋଚନାର ତାରିଖ ଘୋଷଣା କରିବା ସହ ମଙ୍ଗଳବାରଠାରୁ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବିଭିନ୍ନ ଦଳର ନେତାମାନଙ୍କ ମଧ୍ୟରେ ବୈଠକ ପରେ ଅଚଳାବସ୍ଥା ଦୂର ପାଇଁ ସହମତି ମିଳିଥିଲା। ବିରୋଧୀ ଦଳଗୁଡ଼ିକ ସମ୍ବିଧାନ ଉପରେ ଉଭୟ ଗୃହରେ ଆଲୋଚନା ଦାବି କରିଥିଲେ। ବିରୋଧୀ ଦଳଗୁଡ଼ିକ ସମ୍ଭଲ ଏବଂ ମଣିପୁର ହିଂସା ଆଦି ଅନ୍ୟ ପ୍ରସଙ୍ଗ ଉଠାଇଥିଲେ କି ବୋଲି ପ୍ରଶ୍ନ ହେବାରୁ ନିୟମ ଅନୁଯାୟୀ ଆଲୋଚନା ହେବ ବୋଲି ରିଜିଜୁ କହିଛନ୍ତି। ନଭେମ୍ବର ୨୫ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଭାରତୀୟ ଅଧିକାରୀଙ୍କୁ ଲାଞ୍ଚ ଦେବା ନେଇ ଆମେରିକାର ଏକ ଅଦାଲତ ତାଙ୍କୁ ଅଭିଯୁକ୍ତ କରିଥିବାରୁ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ଅଡ଼ିବସିଥିବାବେଳେ ସମ୍ଭଲ ଏବଂ ମଣିପୁର ହିଂସା ପ୍ରସଙ୍ଗ ଉଠାଇ ପାର୍ଲାମେଣ୍ଟର ଉଭୟ ଗୃହକୁ ବିରୋଧୀ ଅଚଳ କରି ରଖିଥିଲେ। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନ୍ୟ କେତେକ ଦଳ ଆଦାନୀ ବିବାଦକୁ ପ୍ରାଥମିକତା ନ ଦେଇ ବେରୋଜଗାରୀ, ମୂଲ୍ୟବୃଦ୍ଧି, ଏବଂ କେନ୍ଦ୍ରୀୟ ପାଣ୍ଠି ମଞ୍ଜୁରୀରେ ବିରୋଧୀ ଦଳ ଶାସିତ ରାଜ୍ୟକୁ ପାତରଅନ୍ତର ଆଦି ପ୍ରସଙ୍ଗରେ ଆଲୋଚନା ଚାହୁଁଥିଲେ। ଅଧିବେଶନ ବେଳେ ଇଣ୍ଡିଆ ବ୍ଲକ୍‌ର ମିଳିତ ରଣନୀତି ପ୍ରସ୍ତୁତି ବୈଠକରେ ଟିଏମ୍‌ସି ଯୋଗଦେଇ ନ ଥିଲା। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ କ୍ଷମତାରେ ଥିଲାବେଳେ ସାମ୍ବିଧାନିକ ନିୟମାବଳୀର ପ୍ରମୁଖ ଉଲ୍ଲଂଘନକାରୀ ଥିଲା ବୋଲି ଭାଜପା ଅଭିଯୋଗ କରିଥିଲା। ମୋଦି ସରକାର ଗତ ୧୦ ବର୍ଷ ମଧ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଓ ସିଦ୍ଧାନ୍ତକୁ ସୁଦୃଢ଼ କରିଥିବା ଶାସକ ଦଳ କହିଥିଲା।

## 'ସାବରମତି ରିପୋର୍ଟ' ଦେଖିଲେ ମୋଦି


ପାର୍ଲାମେଣ୍ଟ ଭବନ ଲାଇବ୍ରେରିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ମନ୍ତ୍ରୀମାନେ 'ଦି ସାବରମତି ରିପୋର୍ଟ' ଫିଲ୍ମ ଦେଖୁଛନ୍ତି।

ନୂଆଦିଲ୍ଲୀ, ୨।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନରେ ପାର୍ଲାମେଣ୍ଟ ଭବନ ଲାଇବ୍ରେରିରେ ବିକ୍ରାନ୍ତ ମାସିଙ୍କ ଅଭିନୀତ 'ଦି ସାବରମତି ରିପୋର୍ଟ' ଦେଖିଛନ୍ତି। ୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାକୁ ନେଇ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଜେ.ପି. ନଡ୍ଡା ଓ ଅନ୍ୟମାନେ ମଧ୍ୟ ଉକ୍ତ ଚଳଚ୍ଚିତ୍ରକୁ ଦେଖିଥିଲେ। ବିକ୍ରାନ୍ତଙ୍କ ସହ ଅଭିନେତ୍ରୀ ରିଦ୍ଧି ଡୋଗ୍ରା, ନିର୍ଦ୍ଦେଶକ ଧୀରଜ ସରନ, ନିର୍ମାତା ଏକତା କପୁର ଓ ଅନ୍ୟମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ଫିଲ୍ମ ଦେଖିବା ସମ୍ପୂର୍ଣ୍ଣ ଭିନ୍ନ ଅଭିଜ୍ଞତା ବୋଲି ବିକ୍ରାନ୍ତ ଗଣମାଧ୍ୟମକୁ କହିଛନ୍ତି। ସେହି ଅଭିଜ୍ଞତା ବର୍ଣ୍ଣନା କରିବାକୁ ଭାଷା ନାହିଁ। ଏହା ତାଙ୍କ କ୍ୟାରିୟରର ସର୍ବୋଚ୍ଚ ପଏଣ୍ଟ ବୋଲି ଅଭିନେତା କହିଛନ୍ତି। ସୂଚନାଯୋଗ୍ୟ, ୨୦୦୨ ଫେବୃଆରୀ ୨୭ରେ ଗୋଧ୍ରାଠାରେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦିଆଯିବାରୁ ଅଯୋଧ୍ୟାରେ ଧର୍ମୀୟ ଉତ୍ସବରେ ଯୋଗଦେଇ ଫେରୁଥିବା ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ସମୟରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ। ଏହି ଘଟଣା ପଛର ସତ୍ୟକୁ ପ୍ରଘଟ କରାଯାଇଥିବାରୁ ଗତ ମାସରେ ପ୍ରଧାନମନ୍ତ୍ରୀ ଚଳଚ୍ଚିତ୍ର ନିର୍ମାତାଙ୍କୁ ପ୍ରଶଂସା କରିଥିଲେ।

# ନଏଡ଼ା ଏକ୍ସପ୍ରେସ୍‌ୱେରେ ଚାଷୀଙ୍କ ବିକ୍ଷୋଭ


ନଏଡ଼ା ଏକ୍ସପ୍ରେସ୍‌ୱେରେ ସୋମବାର ସକାଳେ ବିକ୍ଷୋଭକାରୀ ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରୁଛନ୍ତି।

ନୂଆଦିଲ୍ଲୀ, ୨।୧୨(ପି.ଟି.)

**ପ୍ରଶାସନର ବୁଝାମଣା ପରେ ରାସ୍ତାରୁ ହଟିଲେ**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ସୋମବାର 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିବା ଅନେକ ଶହ କୃଷକଙ୍କୁ ପୋଲିସ ଅଟକାଇବାରୁ ସେମାନେ ନଏଡ଼ା-ଗ୍ରେଟର ନଏଡା ଏକ୍ସପ୍ରେସ୍‌ୱେରେ ବିକ୍ଷୋଭ କରିଥିଲେ। କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ସେମାନେ ବିକ୍ଷୋଭସ୍ଥଳ ଛାଡ଼ିଛନ୍ତି। ଫଳରେ ପୋଲିସ ସେଠାରୁ ବ୍ୟାରିକେଡ୍ ହଟାଇଦେବା ସହ ସନ୍ଧ୍ୟାରୁ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଛି।

ବିକ୍ଷୋଭର ନେତୃତ୍ୱ ନେଉଥିବା ଭାରତୀୟ କିଷାନ ପରିଷଦ ନେତା ସୁଖବୀର ଖଲିଫା ନଏଡ଼ା କର୍ତ୍ତୃପକ୍ଷଙ୍କୁ ଭେଟିବା ପରେ କୃଷକମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ଏକ ସପ୍ତାହ ସମୟ ଦେବାକୁ ନିଷ୍ପତ୍ତି ନେଇଥିଲେ। ଚାଷୀମାନେ ସେମାନଙ୍କ ବିକ୍ଷୋଭକୁ ସାମୟିକ ଭାବେ ଆମ୍ବେଦ୍‌କର ପାର୍କକୁ ସ୍ଥାନାନ୍ତର କରିଛନ୍ତି। ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କ ଦାବି ପୂରଣ ନ ହେଲେ ଦିଲ୍ଲୀ ଅଭିଯାନରେ ବାହାରିବେ ବୋଲି ଚେତାବନୀ ଦେଇଛନ୍ତି।

ଚାଷୀମାନଙ୍କ ବିକ୍ଷୋଭ ଯୋଗୁ ସୋମବାର ଦିଲ୍ଲୀ-ନଏଡ଼ା ସୀମାରେ ଟ୍ରାଫିକ୍ ସମସ୍ୟା ଗମ୍ଭୀର ହୋଇଥିଲା। ପାର୍ଲାମେଣ୍ଟ ଭବନ ଅଭିମୁଖେ ଅଭିଯାନରେ ବାହାରିବା ପାଇଁ ଚାହୁଁଥିବା ଉତ୍ତରପ୍ରଦେଶର ଏହି କୃଷକମାନଙ୍କୁ ଅଟକାଇବା ନିମନ୍ତେ ପୋଲିସ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇଥିଲା।

## ବିକ୍ଷୋଭ ବେଳେ ଅନ୍ୟଙ୍କୁ ଅସୁବିଧାରେ ପକାଅ ନାହିଁ

**କୃଷକ ନେତାଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୨।୧୨

କୃଷକମାନଙ୍କ ଆନ୍ଦୋଳନ ଯେପରି ରାଜପଥ ଅବରୋଧ ନ କରେ ଏବଂ ଜନସାଧାରଣ ଅସୁବିଧାରେ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରାଇବା ପାଇଁ ସୁପ୍ରିମକୋର୍ଟ ସୋମବାର ପଞ୍ଜାବ କୃଷକ ନେତା ଜଗଜିତ୍ ସିଂ ଡାଲେୱାଲଙ୍କୁ କହିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଗଣତାନ୍ତ୍ରିକ ଅଧିକାର ହୋଇଥିବାବେଳେ ଏହାକୁ ଦାୟିତ୍ୱର ସହ ପରିଚାଳନା କରାଯିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଖନୌରୀ ସୀମା ବିକ୍ଷୋଭସ୍ଥଳରୁ ଡାଲେୱାଲଙ୍କୁ ଉଠାଇନେଇ ଲୁଧିଆନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ତାଙ୍କ ତରଫରୁ ଦାଏର ହେବିଅସ୍ କର୍ପସ୍ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ସମର୍ଥନ ଦାବିରେ ଖନୌରୀ ସୀମାରେ ଡାଲେୱାଲ ଆମରଣ ଅନଶନରେ ବସିବେ ବୋଲି ପ୍ରତିଜ୍ଞା କରିଥିବାବେଳେ ତାଙ୍କୁ ସରକାର ବିକ୍ଷୋଭସ୍ଥଳରୁ ଉଠାଇନେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ହସ୍ପିଟାଲରୁ ଛଡ଼ାଯାଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ଏକପ୍ରକାର ଅଟକ ଥିଲା ବୋଲି ଡାଲେୱାଲ ଗଣମାଧ୍ୟମକୁ କହିଛନ୍ତି।

## ସମ୍ଭଲ ଯିବାକୁ ନ ଦେବାରୁ ଲକ୍ଷ୍ନୌରେ କଂଗ୍ରେସ କର୍ମୀ, ପୋଲିସ ଧସ୍ତାଧସ୍ତି

ଲକ୍ଷ୍ନୌ/ସମ୍ଭଲ, ୨।୧୨(ପି.ଟି.)

ଉତ୍ତରପ୍ରଦେଶର ସମ୍ଭଲ ହିଂସାକାଣ୍ଡ ସ୍ଥଳକୁ ଯିବା ପାଇଁ କଂଗ୍ରେସର ଏକ ପ୍ରତିନିଧି ଦଳ ସୋମବାର ବାହାରିଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଲକ୍ଷ୍ନୌରେ କଂଗ୍ରେସ କର୍ମୀ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି।

ଗତ ୨୪ ତାରିଖରେ ସମ୍ଭଲ ମସ୍‌ଜିଦ ସର୍ଭେ ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହୋଇଥିଲେ। ଘଟଣାସ୍ଥଳରୁ ତଥ୍ୟ ସଂଗ୍ରହ କରିବା ପାଇଁ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟଙ୍କ ନେତୃତ୍ୱରେ ଦଳର ପ୍ରତିନିଧିମାନେ ସେଠାକୁ ଯିବା ପାଇଁ ଚାହୁଁଥିବାବେଳେ ପୋଲିସ ଅଟକାଇଥିଲା। ଏହି ଘଟଣା ପରେ ଅଜୟ ରାୟ ଦଳୀୟ କର୍ମୀମାନଙ୍କ ସହ ପାର୍ଟି ଅଫିସ ବାହାରେ ଧାରଣାରେ ବସିଥିଲେ। ବହୁସଂଖ୍ୟାରେ ପୋଲିସ ରବିବାର ରାତିରୁ ଲକ୍ଷ୍ନୌ ପାର୍ଟି ଅଫିସ ବାହାରେ ମୁତୟନ ହେବା ସହ ବ୍ୟାରିକେଡ୍ ଲଗାଇଥିଲେ। ଭାଜପା ସରକାର ଅଗଣତାନ୍ତ୍ରିକ ଉପାୟରେ ନିଜ ବିଫଳତାକୁ ଲୁଚାଇବାକୁ ଉଦ୍ୟମ କରୁଥିବା ଅଜୟ କହିଥିଲେ।


ଲକ୍ଷ୍ନୌସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ବାହାରେ କଂଗ୍ରେସ ନେତାମାନେ ଧାରଣାରେ ବସିଛନ୍ତି।

## ଖଲିସ୍ତାନୀ ଆତଙ୍କବାଦୀ ଅର୍ଶ ଡଲ୍ଲାଙ୍କୁ ଜାମିନ

ଓଟ୍ଟାୱା, ୨।୧୨

ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ ସିଂ ଗିଲ୍ ଓରଫ୍ ଅର୍ଶ ଡଲ୍ଲାଙ୍କୁ ସୋମବାର ୩୦ ହଜାର ଡଲାରର ବ୍ୟକ୍ତିଗତ ବଣ୍ଡରେ କାନାଡାର ଏକ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୪ରେ ହେବ। ୨୦୨୩ ଅକ୍ଟୋବରରେ ଓଣ୍ଟାରିଓ ରାଜ୍ୟ ମିଲ୍‌ଟନ ସହରରେ ହୋଇଥିବା ଏନ୍‌କାଉଣ୍ଟର ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହ କରି ଡଲ୍ଲାଙ୍କୁ ଗିରଫ କରାଯାଇଥିଲା। ଗିରଫ ହେବା ପରେ ଡଲ୍ଲାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଭାରତ ବାରମ୍ବାର କାନାଡା ନିକଟରେ ଦାବି କରିଆସୁଥିଲା। ମୃତ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ସହ ମିଶି ଡଲ୍ଲା ସ୍ଲିପର ସେଲ୍ ଜରିଆରେ ପଞ୍ଜାବରେ ଟାର୍ଗେଟେଡ୍ କିଲିଂ, ଟେରର୍ ଫଣ୍ଡିଂ, ବଟି ଆଦାୟ ଭଳି ଅପରାଧ ଘଟାଉଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ।

## ଔଷଧ ପ୍ରତିରୋଧୀ ବ୍ୟାକ୍ଟେରିଆର ମୁକାବିଲା କରିବ ଭାରତ ପ୍ରସ୍ତୁତ ଆଣ୍ଟିବାୟୋଟିକ୍

ନୂଆଦିଲ୍ଲୀ, ୨।୧୨




ଭାରତୀୟ ବୈଜ୍ଞାନିକମାନେ ଏକ ନୂଆ ଆଣ୍ଟିବାୟୋଟିକ୍ ବିକଶିତ କରିଛନ୍ତି। ନାଫିଥ୍ରୋମାଇସିନ୍ ନାମକ ଭାରତର ଏହି ପ୍ରଥମ ସ୍ୱଦେଶୀ ଆଣ୍ଟିବାୟୋଟିକ୍ ବିଭିନ୍ନ ଔଷଧକୁ ପ୍ରତିରୋଧ କରୁଥିବା ବ୍ୟାକ୍ଟେରିଆଗୁଡ଼ିକର ମୁକାବିଲା କରିପାରିବ। ଭାରତର ବାୟୋଟେକ୍‌ନିକ୍ ବିଭାଗର ବାୟୋଟେକ୍‌ନୋଲୋଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍ସ କାଉନ୍‌ସିଲ (ବିଆଇଆର୍‌ଏସି)ର ଗବେଷକମାନେ ନାଫିଥ୍ରୋମାଇସିନ୍‌ର ବିକାଶ କରିଛନ୍ତି। ଔଷଧ ପ୍ରତିରୋଧୀ ନିମୋନିଆ ଚିକିତ୍ସାରେ ଏହାକୁ ବ୍ୟବହାର କରାଯିବ। 'ମିକ୍‌ନାଫ୍' ବ୍ରାଣ୍ଡ ନାମରେ ଏହି ଔଷଧ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ ହେବ। ଆଣ୍ଟିବାୟୋଟିକ୍ ଏବଂ ଆଣ୍ଟିଫଙ୍ଗାଲଗୁଡ଼ିକ ବଦଳରେ ଅନ୍ୟ ଔଷଧ ବ୍ୟବହାର ପାଇଁ ପ୍ରତିଯୋଗିତା ଚାଲିଥିବାବେଳେ ନୀରବ ମହାମାରୀ ଆଣ୍ଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ (ଏଏମ୍‌ଆର୍)ର ମୁକାବିଲାରେ ନାଫିଥ୍ରୋମାଇସିନ୍ ଏକ ବଡ଼ ସଫଳତା।

ପ୍ରତିବର୍ଷ ଔଷଧ ପ୍ରତିରୋଧୀ ନିମୋନିଆ ଯୋଗୁ ବିଶ୍ୱବ୍ୟାପୀ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଛି। ବିଶ୍ୱ ନିମୋନିଆ ମାମଲାର ୨୩ ପ୍ରତିଶତ ଭାରତରେ ଦେଖାଦେଇଥାଏ। ଆଜିଥ୍ରୋମାଇସିନ୍ ଭଳି ଔଷଧକୁ ନିମୋନିଆ ବ୍ୟାକ୍ଟେରିଆଗୁଡ଼ିକ ପ୍ରତିରୋଧ କରୁଥିବାବେଳେ ନାଫିଥ୍ରୋମାଇସିନ୍ ଏହାର ୧୦ ଗୁଣ ପ୍ରଭାବଶାଳୀ ବୋଲି କୁହାଯାଉଛି।

## ବାଂଲାଦେଶରେ ଶାନ୍ତି ଫେରାଇବା ପାଇଁ ଜାତିସଂଘର ସହାୟତା ନେଉ କେନ୍ଦ୍ର


ମମତା ବାନାର୍ଜୀ

କୋଲକାତା, ୨।୧୨

**ପ୍ରଧାନମନ୍ତ୍ରୀଙ୍କୁ ଅପିଲ କଲେ ମମତା**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ବାଂଲାଦେଶର ସାମ୍ପ୍ରତିକ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବାଂଲାଦେଶରେ ଶାନ୍ତି ଫେରାଇ ଆଣିବା ପାଇଁ ଜାତିସଂଘର ସହାୟତା ନେବାକୁ ସେ କେନ୍ଦ୍ର ସରକାରଙ୍କୁ ଅପିଲ କରିଛନ୍ତି। ପରିସ୍ଥିତିକୁ ସାମାନ୍ୟ କରିବା ପାଇଁ ଦେଶରେ ଜାତିସଂଘର ଶାନ୍ତି ରକ୍ଷା ମିଶନକୁ ନିୟୋଜନ କରିବାକୁ ମମତା ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ଭାରତ ସରକାର ତୁରନ୍ତ ଜାତିସଂଘ ସହ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ବାଂଲାଦେଶରେ ପୀଡ଼ିତ ଭାରତୀୟଙ୍କୁ ଉଦ୍ଧାର ତଥା ଥଇଥାନ ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ବାଂଲାଦେଶର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ପଶ୍ଚିମବଙ୍ଗ ବିଧାନସଭାକୁ ସମ୍ବୋଧନ କରି ମମତା କହିଛନ୍ତି, ଏହି ପ୍ରସଙ୍ଗରେ ଭାରତର ଷ୍ଟାଣ୍ଡ ସ୍ପଷ୍ଟ ହେବା ଆବଶ୍ୟକ। ସମ୍ପ୍ରତି ଚାଲିଥିବା ସଂସଦର ଶୀତକାଳୀନ ଅଧିବେଶନରେ ପ୍ରଧାନମନ୍ତ୍ରୀ କିମ୍ବା ବହିର୍ବ୍ୟାପାର ମନ୍ତ୍ରୀ ବାଂଲାଦେଶରେ ଭାରତୀୟଙ୍କ ସ୍ଥିତିକୁ ନେଇ ବୟାନ ଦେବାର ଆବଶ୍ୟକତା ରହିଛି।



**ଫୁରସତ୍**

## ଅଭିନୟରୁ ବ୍ରେକ୍ ନେବେ ବିକ୍ରାନ୍ତ

ମୁମ୍ବାଇ

ଛୋଟ ପରଦାଠାରୁ ଆରମ୍ଭ କରି ବଲିଉଡ୍‌ର ବିଭିନ୍ନ ଫିଲ୍ମରେ ନିଜ ଦମଦାର ଅଭିନୟ ଯୋଗୁ ଅଭିନେତା ବିକ୍ରାନ୍ତ ମେସି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ସମ୍ପ୍ରତି ନିଜ କ୍ୟାରିୟରର ଶିଖରରେ ଥିବା ବିକ୍ରାନ୍ତଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେ ଅଚାନକ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବ୍ରେକ୍ ନେବା ପାଇଁ ଘୋଷଣା କରିଛନ୍ତି। ସୋମବାର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରି ବିକ୍ରାନ୍ତ ଲେଖିଛନ୍ତି, ''୨୦୨୫ରେ ଆପଣମାନଙ୍କ ସହ ଶେଷ ଥର ପାଇଁ ଦେଖା ହେବ। ଗତ କିଛି ବର୍ଷ ମୋ ପାଇଁ ଭଲ ରହିଥିଲା। ସେଥିପାଇଁ ସମସ୍ତ ପ୍ରଶଂସକ ଏବଂ ଦର୍ଶକଙ୍କୁ ଧନ୍ୟବାଦ। ଦିନ ଯେତେଯେତେ ଆଗକୁ ବଢ଼ିଲା ଅନୁଭବ ହେଲା ଯେ, ନିଜକୁ ସମ୍ଭାଳିବାର ଏବଂ ଘରକୁ ଫେରିବାର ସମୟ ଆସିଛି। ଏବେ ଜଣେ ଭଲ ସ୍ୱାମୀ, ବାପା ଏବଂ ପୁଅ ହେବା ପାଇଁ ଫୋକସ୍ କରିବାର ସମୟ ଆସିଛି। ଶେଷ ୨ ଚଳଚ୍ଚିତ୍ର ଏବଂ ବହୁ ବର୍ଷର ସ୍ମୃତି ସହ ୨୦୨୫ରେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ବ୍ରେକ୍ ଦେବାପାଇଁ ପଡ଼ିବ, ଯେପର୍ଯ୍ୟନ୍ତ ସ୍ଥିତି ପୁଣି ଠିକ୍ ହୋଇନାହିଁ।'' ବିକ୍ରାନ୍ତଙ୍କ ଏହି ପୋଷ୍ଟ ତାଙ୍କ ପ୍ରଶଂସକମାନଙ୍କୁ ସ୍ତବ୍ଧ କରିଛି। ଫିଲ୍ମ ଇଣ୍ଡଷ୍ଟ୍ରି ଏବଂ ଅଭିନୟ ଜଗତ ନ ଛାଡ଼ିବାକୁ ତାଙ୍କର ବହୁ ପ୍ରଶଂସକ ଏହି ପୋଷ୍ଟରେ କମେଣ୍ଟ କରି ନିବେଦନ କରିଛନ୍ତି। ୨୦୨୩ରେ ରିଲିଜ୍ ହୋଇଥିବା 'ଟୁଏଲ୍‌ଭଥ୍ ଫେଲ୍' ଫିଲ୍ମରେ ଆଇପିଏସ୍ ଅଫିସର ମନୋଜ କୁମାରଙ୍କ ଚରିତ୍ରରେ ବିକ୍ରାନ୍ତଙ୍କ ଅଭିନୟ ତାଙ୍କୁ ବେଶ୍ ପ୍ରସିଦ୍ଧି ଦେଇଥିଲା। ନିକଟରେ ବିକ୍ରାନ୍ତଙ୍କ ଅଭିନୀତ 'ଦି ସାବରମତି ରିପୋର୍ଟ' ଫିଲ୍ମ ରିଲିଜ୍ ହୋଇଥିଲା। ୨୦୦୨ର ବିବାଦୀୟ ଗୋଧ୍ରା ଦଙ୍ଗାକୁ ନେଇ ଆଧାରିତ ଏହି ଫିଲ୍ମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି।

## ଗ୍ରାମରେ ଅପଶବ୍ଦ ବ୍ୟବହାର ଉପରେ କଟକଣା

ଅହଲ୍ୟାନଗର

**ନିୟମ ଭାଙ୍ଗିଲେ ୫୦୦ ଟଙ୍କା ଜରିମାନା**

ବାର୍ତ୍ତାଳାପ ସମୟରେ ଅଶାଳୀନ ଭାଷାର ବ୍ୟବହାର ଉପରେ ମହାରାଷ୍ଟ୍ରର ଅହିଲ୍ୟାନଗର ଜିଲା ନେଭାସା ତହସିଲ ଅନ୍ତର୍ଗତ ସୌନ୍ଦାଲା ଗ୍ରାମ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଶରଦ ଅର୍‌ଗଡେ କହିଛନ୍ତି, ଯେଉଁମାନେ ଗ୍ରାମ ମଧ୍ୟରେ କଥା ହେଉଥିବାବେଳେ ଅପଶବ୍ଦ କିମ୍ବା ଅଶାଳୀନ ଭାଷାର ବ୍ୟବହାର କରିବେ ସେମାନଙ୍କ ଉପରେ ୫୦୦ ଟଙ୍କାର ଜରିମାନା ଲଗାଯିବ। ମହିଳାଙ୍କ ସମ୍ମାନ ଓ ଆତ୍ମସମ୍ମାନକୁ ଦୃଷ୍ଟିରେ ରଖି ସୌନ୍ଦାଲା ଗ୍ରାମର ଗ୍ରାମସଭାରେ ଏହି ନିଷ୍ପତ୍ତି ନିଆଯାଇଛି।

ଗ୍ରାମସଭାରେ ସେ ଖୋଦ୍ ଏହି ପ୍ରସ୍ତାବ ଦେଇଥିବା ଅର୍‌ଗଡେ କହିଛନ୍ତି। ବହୁମତ ସହ ଉକ୍ତ ପ୍ରସ୍ତାବ ଗ୍ରାମସଭାରେ ପାରିତ ହୋଇଛି। ଅର୍‌ଗଡ଼େ କହିଛନ୍ତି, ଏହି ଗ୍ରାମରେ କୌଣସି ସାଧାରଣ ଯୁକ୍ତିତର୍କ ହେବା ସମୟରେ ମଧ୍ୟ ମା' ଓ ଭଉଣୀଙ୍କୁ ନେଇ ଅଶାଳୀନ ଭାଷାର ବ୍ୟବହାର କରାଯାଉଥିଲା। ଯେଉଁମାନେ ଏପରି ଭାଷାର ବ୍ୟବହାର କରନ୍ତି, ନିଜ ଘରେ ଥିବା ମହିଳା ସଦସ୍ୟଙ୍କ ପାଇଁ ମଧ୍ୟ ଉକ୍ତ ଅଶାଳୀନ ଭାଷା ପ୍ରଯୁଜ୍ୟ ବୋଲି ସେମାନେ ଭୁଲିଯାଆନ୍ତି। ତେଣୁ ଏପରି ଭାଷାର ବ୍ୟବହାର ଉପରେ କଟକଣା ଲଗାଇବାକୁ ସୌନ୍ଦାଲା ଗ୍ରାମସଭା ନିଷ୍ପତ୍ତି ନେଇଛି। ମୁମ୍ବାଇଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଅବସ୍ଥିତ ସୌନ୍ଦାଲା ଗ୍ରାମରେ ସମ୍ପ୍ରତି ପ୍ରାୟ ୧୮୦୦ ଲୋକ ବସବାସ କରୁଛନ୍ତି। ୨୦୦୭ରେ ବିବାଦ ମୁକ୍ତ ଗ୍ରାମ ଭାବେ ସୌନ୍ଦାଲା ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଥିଲା।

୫୧ ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩/୨୦୨୪ | Bhubaneswar, Tuesday, December 3/2024 | ପୃଷ୍ଠା-୧


# ଛୁଟିରେ ଥିବା ଡାକ୍ତରଙ୍କୁ ଚେତାବନୀ

## ରାଜ୍ୟରେ ଖାଲିପଡ଼ିଛି ୫୦୧୪ ଡାକ୍ତର ପଦବୀ

ଓଡ଼ିଶାର ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ୭୮୦୬ ଡାକ୍ତର ପଦବୀ ମଧ୍ୟରୁ ୫୦୧୪ଟି ଖାଲି ପଡ଼ିଛି। ଏଭଳିସ୍ଥଳେ ୧୯୬ ଡାକ୍ତର ନାନା କାରଣ ଦର୍ଶାଇ ଦୀର୍ଘଦିନ ଧରି ଛୁଟିରେ ରହିଛନ୍ତି। ଏଥିଯୋଗୁ ପ୍ରାୟତଃ ଛୋଟ ସହରଗୁଡ଼ିକରେ ଚିକିତ୍ସାସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଟିଏ ପଟେ ରୋଗୀ ସମ୍ପର୍କୀୟଙ୍କ ଦ୍ୱାରା ହେଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଡାକ୍ତରମାନେ କର୍ତ୍ତବ୍ୟସ୍ଥଳରେ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରୁଛନ୍ତି। ଅନ୍ୟପଟେ ଅନେକ ସ୍ଥାନରେ ଡାକ୍ତରମାନେ ଚିକିତ୍ସାରେ ଅବହେଳା କରିବା ଏବଂ ସମ୍ପୂର୍ଣ୍ଣ ଡ୍ୟୁଟି ସମୟ ପୂରଣ ନ କରିବା ଯୋଗୁ ରୋଗୀ ସମ୍ପର୍କୀୟମାନେ ଅତିଷ୍ଠ ହୋଇ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବା ଯେତିକି ଜରୁରୀ, କର୍ତ୍ତବ୍ୟରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସେତିକି ଜରୁରୀ। ରାଜ୍ୟ ସରକାର ଦୀର୍ଘଦିନ ଧରି ଛୁଟିରେ ରହିଥିବା ଡାକ୍ତରମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ବୋଲି କହିଛନ୍ତି। ହେଲେ ଡାକ୍ତର ପଦବୀ ପୂରଣ ଏବଂ ହସ୍ପିଟାଲରେ ସେମାନେ ଯେଭଳି ପୂରା ଡ୍ୟୁଟି ସମୟ ଚିକିତ୍ସାସେବା ଯୋଗାଇବେ ସେଥିନେଇ ସରକାର ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି।

**ଭୁବନେଶ୍ୱର,୨।୧୨(ଅନିଲ ଦାସ)**

ଦୀର୍ଘଦିନ ଧରି ଛୁଟିରେ ଥିବା ୧୯୬ ଡାକ୍ତରଙ୍କୁ ସରକାର ଚେତାବନୀ ଦେଇଛନ୍ତି। ତୁରନ୍ତ କାର୍ଯ୍ୟରେ ଯୋଗ ନ ଦେଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭିନ୍ନ କ୍ୟାଡରର ୧୯୬ ଡାକ୍ତର ଭିନ୍ନ ଭିନ୍ନ କାରଣ ଦର୍ଶାଇ ଛୁଟିରେ ରହିଛନ୍ତି। ଛୁଟିର କାରଣ ଯଥାର୍ଥ ନ ଥିଲେ ସେମାନଙ୍କ ବିରୋଧରେ ସରକାରୀ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଏଥିସହିତ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ୧୧୧୪ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସମେତ ୫ ହଜାର ୧୪ ଡାକ୍ତର ପଦବୀ ଖାଲିପଡ଼ିଛି। ଗଞ୍ଜାମରେ ସର୍ବାଧିକ ୪୫୦ ଡାକ୍ତର ଏବଂ ମୟୂରଭଞ୍ଜରେ ୩୦୯ ଡାକ୍ତର ପଦବୀ ଖାଲିପଡ଼ିଛି। ସେହିପରି ସ୍ପେଶାଲିଟି ଡାକ୍ତର ପଦବୀ ମଧ୍ୟରୁ ସର୍ବାଧିକ ମୟୂରଭଞ୍ଜରେ ୮୭, ଗଞ୍ଜାମରେ ୮୭, ଖୋର୍ଦ୍ଧାରେ ୨୯, କଟକରେ ୪୩ ଖାଲି ରହିଛି।

ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରିପ୍ରାପ୍ତ ବିଶେଷଜ୍ଞ, ଡାକ୍ତର, ଅନ୍ୟାନ୍ୟ ବର୍ଗର ପାରାମେଡିକାଲ କର୍ମଚାରୀ ପଦବୀରୁ କେତେକ ☞ପୃଷ୍ଠା-୨



ବିହାରର ବୋଧଗୟାଠାରେ ଅନୁଷ୍ଠିତ ୧୯ତମ ଅନ୍ତର୍ଜାତୀୟ ତ୍ରିପିଟକ ଆବୃତ୍ତି ଉତ୍ସବରେ ଥାଇଲାଣ୍ଡର ବୌଦ୍ଧ ଧର୍ମାବଲମ୍ବୀ ।

**ଆଜିର ସମ୍ପାଦକୀୟ**

ବାଣ ଫୁଟାଅନି

**ଆଜିର ମନ୍ତବ୍ୟ**

"ବାଂଲାଦେଶରେ ସଂଖ୍ୟାଲଘୁଙ୍କୁ ଆକ୍ରମଣ ଘଟଣାରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନେଇଛନ୍ତି, ପ୍ରଧାନମନ୍ତ୍ରୀ ସଂସଦକୁ ଜଣାନ୍ତୁ। ସେଠାରେ ଶାନ୍ତିରକ୍ଷା ମିଶନ ନିୟୋଜିତ କରିବା ଦିଗରେ କେନ୍ଦ୍ର ପଦକ୍ଷେପ ନେଉ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ବାପାଙ୍କ କରଜ ଶୁଝିବାକୁ ନାବାଳକ ପୁଅ ବନ୍ଧକ

**ମହାକାଳପଡ଼ା,୨।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଜଣେ କାରିଗରଙ୍କ କରଜ ଶୁଝିବା ପାଇଁ ତାଙ୍କ ନାବାଳକ ପୁଅଙ୍କୁ ବନ୍ଧକ ରଖିଥିଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଜନୈକ ତନ୍ତ ମିଲ୍ ମାଲିକ। ୭ ମାସ ନାବାଳକ ସେଠାରେ ରହି ଗୋଡି ଖଟିବା ପରେ କୌଶଳ କ୍ରମେ ଖସି ଆସି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ରାଜଗଡ଼ ଗାଁସ୍ଥିତ ନିଜ ଘରେ ପହଞ୍ଚିଥିଲେ। ପରେ ତନ୍ତ ମିଲ୍ ମାଲିକଙ୍କ ୨ ପୁଅ ରବିବାର ରାତିରେ ରାଜଗଡ଼ ଗାଁରେ ପହଞ୍ଚି ନାବାଳକଙ୍କୁ ଘରୁ ଉଠାଇ ନେଇ ମାଡ଼ ମାରିବା ସହ ସାଙ୍ଗରେ ନେଇଯାଇଥିଲେ। ଏନେଇ ନାବାଳକଙ୍କ ମା' ସୋମବାର ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନାବାଳକଙ୍କୁ ଉଦ୍ଧାର କରିଛି। ଏହାସହ ତନ୍ତ ମିଲ୍ ମାଲିକ ଓ ତାଙ୍କ ସ୍ତ୍ରୀ ଏବଂ ଜଣେ ପୁଅଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ତନ୍ତ ମିଲ୍ ମାଲିକଙ୍କ ଆଉ ଜଣେ ପୁଅ ଫେରାର ଅଛନ୍ତି। ଅଭିଯୋଗ ଅନୁଯାୟୀ, ରାଜଗଡ଼ ଗ୍ରାମର ଅନିଲ ମହାନ୍ତି ନିଶ୍ଚିନ୍ତକୋଇଲି କଟରପଡ଼ା ଅଞ୍ଚଳର ☞ପୃଷ୍ଠା-୨

## ଦଣ୍ଡ ଶୁଣି ୨ ଅଭିଯୁକ୍ତ କୋର୍ଟରୁ ଫେରାର

**ନବରଙ୍ଗପୁର,୨।୧୨ (ସଦାଶିବ ପ୍ରହରାଜ)**

ଏଟିଏମ୍ ଲୁଟ୍ ଏବଂ ପୋଡ଼ି ମାମଲାର ସୋମବାର ଥିଲା ଦଣ୍ଡ ଶୁଣାଣି। ୫ଜଣ ଅଭିଯୁକ୍ତଙ୍କୁ ନବରଙ୍ଗପୁର ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ(ସିଜେଏମ୍) କୋର୍ଟରେ ହାଜର କରାଯାଇଥିଲା। ସିଜେଏମ୍ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଲେଖାଏ ଦଣ୍ଡ ଶୁଣାଇ ଥିଲେ। ହେଲେ ଦଣ୍ଡ ଶୁଣିବା ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ଜଣ କୋର୍ଟରୁ ଚମ୍ପଟ ମାରିଥିଲେ। ଫେରାର୍ ଅଭିଯୁକ୍ତମାନେ ହେଲେ ହରିୟାଣା ପଞ୍ଚଗାଁର ସକିଲ ଖାନ୍ (୨୧) ଓ ଶାହାରୁକ ଖାନ୍(୨୭)। ସେମାନଙ୍କୁ ଧରିବା ☞ପୃଷ୍ଠା-୨

## ଫୁଟ୍‌ବଲ ମ୍ୟାଚ୍ ବେଳେ ଦଳାଚକଟା: ୫୬ ମୃତ

**କୋନାକ୍ରି,୨।୧୨(ପି.ଟି.)**

ଗୁଏନାରେ ଏକ ଫୁଟବଲ ମ୍ୟାଚ୍ ସମୟରେ ଦଳାଚକଟା କାରଣରୁ ୫୬ ଜଣଙ୍କ ପ୍ରାଣହାନି ଘଟିଛି। ଦକ୍ଷିଣ ଗୁଏନାର ଏକ ଷ୍ଟାଡିୟମରେ ମ୍ୟାଚ୍ ଚାଲିଥିବା ସମୟରେ ଏହି ଅଘଟଣ ଘଟିଥିଲା। ରବିବାର ସନ୍ଧ୍ୟାରେ ଏନ୍‌ଜେରେକୋରେ ସହରରେ ଏକ ଫୁଟ୍‌ବଲ ମ୍ୟାଚ୍ ସମୟରେ ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ଝଗଡ଼ାରୁ ଦଳାଚକଟା ଆରମ୍ଭ ହୋଇଥିଲା। ରେଫରିଙ୍କ ଏକ ବିବାଦୀୟ ନିଷ୍ପତ୍ତି କାରଣରୁ ଏହି ବିବାଦର ସୂତ୍ରପାତ ହୋଇଥିଲା। ବିବାଦ ସମୟରେ ଉଭୟ ଦଳର ସମର୍ଥକମାନେ ଟେକା ପଥର ମାଡ଼ କରିଥିଲେ। ଟେକା ପଥର ମାଡ଼ ପରେ ପ୍ରଶଂସକମାନେ ଜୀବନ ବିକଳରେ ଦୌଡ଼ିବା ଫଳରେ ଦଳଚକଟା ଆରମ୍ଭ ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସତ୍ୟଭାମା ଦେବୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସତ୍ୟଭାମା ଦେବୀ କଲେଜ ପରିସର, ୟୁନିଟ୍‌-୬, ସମୟ: ସକାଳ ୮ଟା।
- ମା' ରମାଦେବୀ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଟିୟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସିଆଇଟିୟୁ ରାଜ୍ୟ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ଆଲୋଚନାଚକ୍ର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କେଶରୀୟା ହିନ୍ଦୁ ବାହିନୀ ଓଡ଼ିଶା ସଙ୍ଗଠନର ବିକ୍ଷୋଭ, ସ୍ଥାନ: ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ରମାଦେବୀ ଅଡିଟୋରିୟମ୍‌, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବିଦ୍ୟାଳୟସ୍ତରୀୟ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ୪ର୍ଥ ଟୁକୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଏକ ମଣ୍ଡପ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୫ତମ କୋଣାର୍କ ମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଜଟଣୀ ମହାବିଦ୍ୟାଳୟ ରେଡକ୍ରସ ଏବଂ ରେଡ ରିବନ କ୍ଲବ ପକ୍ଷରୁ ସାଇବର ଅପରାଧ ଓ ସୁରକ୍ଷାକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଜଟଣୀ ମହାବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ବିଶ୍ୱ ଭିନ୍ନକ୍ଷମ ଦିବସରେ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟାଉନହଲ୍‌, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଟାଉନହଲ୍‌, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସରକାରୀ ବିଦ୍ୟାଳୟରେ ପୋଷାକ ବିତରଣୀ ଉତ୍ସବ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ୧୦ଟା।
- ଗାଥାକାବ୍ୟ ବିରଞ୍ଚି କ୍ଷେତ୍ର ସମର୍ପଣ ଉତ୍ସବ, ସ୍ଥାନ: ପାଳିଆସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ଅତିଥି ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ସାମାଜିକ କର୍ମୀ ବିଚିତ୍ରାନନ୍ଦ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୮ ଟା ୩୦।
- ଦିବ୍ୟାଙ୍ଗ ସଂଗଠନ ତରଫରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ବେଦ ଶିକ୍ଷା ଏବଂ ପାଠ, ରାମଚରିତ ମାନସ ପାଠ, ଭଜନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ସତ୍‌ସଂଗ କେନ୍ଦ୍ରରେ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା,ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଲାଖବିନ୍ଧା ପ୍ରତିଯୋଗିତା, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କପ୍ତିପଦା ଉପଖଣ୍ଡ ଦିବ୍ୟାଙ୍ଗ ମଞ୍ଚର ବୈଠକ, ସ୍ଥାନ: ଉଦଳା ଏନ୍‌ଏସି ସନ୍ଧାନୀ ସଭାଗୃହ,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ଅଙ୍କିତା ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ:ରାପଡାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ:ଦାରିଙ୍ଗବାଡି ମିଶ୍ର କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆର୍ଟ ଅଫ୍ ଲିଭିଂ ପାରାଦୀପ ଆଶ୍ରମ ତରଫରୁ ରେଡ୍‌କ୍ରସ ଯୋଗ କର୍ମଶାଳା, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ପାରାଦୀପ ସମୟ: ସକାଳ ୬ଟା।

## ଯାଜପୁର

- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆମେ ବି ସକ୍ଷମ ସଙ୍ଗଠନ କାର୍ଯ୍ୟାଳୟ ଉଦଘାଟନ, ସ୍ଥାନ: କୁମାରୀ ପଞ୍ଚାୟତ ପଣ୍ଡୁଆ ମୌଜା,ଧର୍ମଶାଳା, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିରଜା ସରକାରୀ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ୩୫ତମ ଜାତୀୟ ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ୍ ଗୋଶାଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ବାର୍ଷିକ ଆଥଲେଟିକ୍ ମିଟ, ସ୍ଥାନ: ରାୟଗଡ଼ା ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଆର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା ୩୦।

## କୋରାପୁଟ

- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପ୍ରେସ କ୍ଲବ୍‌, ପୂଜାରୀପୁଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା, ୧୦ ଟା ୩୦ ।
- ପରବ ଉପଲକ୍ଷେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- କବରାପାଲି ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ, ସମୟ : ପୂର୍ବାହ୍ନ ୧୧ଟା।
- ଶୀତ ମହୋତ୍ସବ ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ର, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ।
- ଏସ୍‌ୟୁଜେ ବଲାଙ୍ଗୀର ସାଧାରଣ ପରିଷଦ ବୈଠକ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟା।
- ଲିଙ୍ଗଗତ ହିଂସା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ସଚେତନତା ରାଲି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହରେ ସୂର୍ଯ୍ୟପୂଜା, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସକାଳ ୭ଟା ୩୦।
- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହରେ ସଞ୍ଚାର କାର୍ଯ୍ୟକ୍ରମ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ହନୁମାନ ଚାଳିଶା ପାଠ, ସ୍ଥାନ: ବୃନ୍ଦାମାଲ ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଷୋଳପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ମାଳ, ସମୟ: ସକାଳ ୯ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାଟିକ୍ରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଦିବସ ପାଳନ, ସ୍ଥାନ: ଏମ୍‌ସିଏଲ୍‌ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବାୟୁ ପ୍ରଦୂଷଣ ନେଇ ସଚେତନତା ରାଲି, ସ୍ଥାନ: ଗୌରଡିହ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଛେଣ୍ଡ ଭଗବତୀ ମନ୍ଦିର ନିକଟ କାର୍ଯ୍ୟାଳୟ, ସମୟ: ୧୧ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୭ ସଂସଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଉତ୍ସବ, ସ୍ଥାନ: ମାଧବ ଆଶ୍ରମ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।
- ଓପନ୍ ସୁନ୍ଦରଗଡ଼ ଡେଡ୍ ଲିଫ୍ଟ ଚାମ୍ପିୟନଶିପ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ଆରୱାଇଏମ୍‌ଏ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର, ସମୟ: ସକାଳ ୮ଟା।
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିମନ୍ତେ ମାର୍ଗଦର୍ଶନ ଓ ପରାମର୍ଶ ଶିବିର, ସ୍ଥାନ: ପିଏମ୍ ଶ୍ରୀ ଜବାହର ନବୋଦୟ ସୁନାମୁଣ୍ଡା ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକର ସମସ୍ତ ୧୨ଟି ଗ୍ରାମପଞ୍ଚାୟତ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଜିଲାର ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସର ପଦଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି ସିନାପାଲି, ବରଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର, ସ୍ଥାନ: ନୂଆପଡା ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟକୁରି ଗାଁ ଶ୍ରୀରାମ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଏମ୍‌ବି ମଲ୍ ଉଦ୍‌ଘାଟନ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଏଫସିଆଇ ଗୋଦାମ ସମ୍ମୁଖ ଏମ୍‌ବି ମଲ, ଖରିଆର ରୋଡ, ସମୟ: ପୂର୍ବାହ୍ନ ୧୦ ଟା।
- ବିରାଟ ଧନୁଯାତ୍ରା ମହୋତ୍ସବ ଲଖନା ପଞ୍ଚମ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡ଼ିଆ, ସମୟ: ରାତ୍ର ୮ଟା।

## ବୌଦ୍ଧ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।
- ବୌଦ୍ଧ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: କଚେରି ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା
- ଚତୁର୍ଥ ମା ଭୈରବୀ ମହୋତ୍ସବର ପଞ୍ଚମ ଦିନ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ହରଭଙ୍ଗା, ସମୟ : ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଆଶା ନିଶ୍ଚିତ ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟ ଖପ୍ପା ହୋଇପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି ଓ ବାଣିଜ୍ୟ, ବ୍ୟବସାୟ ପୂର୍ବବତ୍ ଚାଲୁରହିବ। ସମ୍ପର୍କୀୟଙ୍କ ସାହାଯ୍ୟ, ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି।

**ବୃଷ** କଠୋର ପରିଶ୍ରମ ସାଙ୍ଗକୁ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ହେବାକୁ ପଡ଼ିବାରୁ ଦୁଃଖ ପ୍ରକାଶ କରିବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମିଥୁନ** ସ୍ଥଗିତ କାମକୁ ପଡ଼ୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିପାରେ। ପାରିବାରିକ କ୍ଷେତ୍ରରେ ବୁଝାମଣାରେ କାମକଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ କାମ ହାସଲ କଷ୍ଟକର ହୋଇପଡ଼ିବ। ଆଧ୍ୟାତ୍ମ ବାତାବରଣ ମଧ୍ୟରେ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ।

**କର୍କଟ** ଆଜିର ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ବନ୍ଧୁମିଳନ, ନୂତନ ସମ୍ପର୍କ, ଉଚ୍ଚସମ୍ମାନ ପ୍ରାପ୍ତିଜନିତ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅତୀତ ସମସ୍ୟାର ସମୀକ୍ଷାକରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନବଳାଇବେ ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** କୌଣସି ଅଭାବ ନ ଥାଇ ମଧ୍ୟ ନୈରାଶ୍ୟ ମଧ୍ୟରେ ସମୟ କଟାଇବେ। ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମ ସମ୍ପନ୍ନ ହେବାରେ ମଘାର କୌଣସି ଅସୁବିଧା ରହିବ ନାହିଁ। ସାମାନ୍ୟ ବଚସାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟିହୋଇପାରେ। ତଥାପି ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା କର୍ମକ୍ଷେତ୍ରରେ ସାହାଯ୍ୟ କରିବାର ସୂଚନା ରହିଛି।

**କନ୍ୟା** ପାରିବାରିକ ସମସ୍ୟାଜନିତ ଅଶାନ୍ତି ସୁପ୍ତ ଅବସ୍ଥାରେ ରହିଯିବ। ଚେଷ୍ଟା କରୁଥିବା କାମ ସକାଶେ ସୁବିଧା ସୁଯୋଗ ସହକର୍ମୀ କିମ୍ବା ପଡ଼ୋଶୀଙ୍କଠାରୁ ପାଇପାରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମଧ୍ୟ ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ନିଜର ଅବହେଳା ହିଁ ମୁଖ୍ୟ କାରଣ ହୋଇପାରେ।

**ତୁଳା** ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି, ସମସ୍ୟାମୁକ୍ତ ପାରିବାରିକ ଜୀବନ ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ବିଚଳିତ ଅନୁଭବ କରିବେ। ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣାଇନେବେ। ବ୍ୟବସାୟରେ ମନାନ୍ତର ଦେଖାଦେଲେ ମଧ୍ୟ ବିଶେଷ କ୍ଷତି ହେବ ନାହିଁ।

**ବିଛା** ଆଜି ପ୍ରତ୍ୟେକ କାମ ନିର୍ବିଘ୍ନରେ ସମାପନ ହେବା ସହ ଆଶା ଓ ଅଭିଳାଷ ପୂରଣ ହେବ। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ସଫଳ ହେବେ। ଆନୁଷ୍ଠାନିକ କ୍ଷେତରେ ସାମୂହିକ ସମସ୍ୟାର ସମାଧାନ କରି ପ୍ରଶଂସିତ ହୋଇପାରନ୍ତି। ହଠାତ୍ କୌଣସି ତରବରିଆ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ।

**ଧନୁ** ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦିତ ହେବେ। ବ୍ୟବସାୟ ବହୁମୁଖୀ ଆକାର ଧାରଣକରି ଲାଭବାନ୍ ହେବେ। ଆରୋଗ୍ୟଲାଭ, ଅର୍ଥ ସଙ୍କଟର ସମାଧାନ ଏବଂ ଶୁଭଖବର ପ୍ରାପ୍ତି ସୂଚନା ରହିଛି।

**ମକର** ପରିସ୍ଥିତିର ବିଷମତା କାରଣରୁ ମଉଳିଯାଇଥିବା ଆଶା କଅଁଳି ଉଠିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବା ସୂଚନା ରହିଛି। କୌଣସି ଅଜଣା ବ୍ୟକ୍ତି ଦ୍ୱାରା ତର୍କବିତର୍କ କିମ୍ବା ହଇରାଣ ହରକତ ହେବାକୁ ପଡ଼ିପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା ନୂତନ କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଅଟକିଥିବା କାମ ଆରମ୍ଭକରିବାକୁ ମନ ବଳାଇବେ। ଖଳଲୋକଙ୍କ ସହ ଯୁକ୍ତିତର୍କକରି ଅସମ୍ମାନିତ ହୋଇ ପାରନ୍ତି। ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧିପାଇବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳାଷ ଅପୂରଣ ରହିଯାଇପାରେ।

**ମୀନ** ଆଜି ହିତୈଷୀ ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିରକରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ପ୍ରଭାବିତ ହେବନାହିଁ। ବନ୍ଧୁଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଛୋଟ କଥାରୁ କଳହକୁ ଆମନ୍ତ୍ରଣ କରିପାରନ୍ତି।

ଆଜି ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳପକ୍ଷର ଦ୍ୱିତୀୟାଯୁକ୍ତ ରମ୍ଭାତୃତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ମୂଳା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୬।୧୦ ମି. ଗତେ, ଘ.୦୬।୫୩ ମି. ମଧ୍ୟେ, ଘ.୦୮। ୫୩ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୯ ମି. ଗତେ, ଘ. ୦୩।୪୧ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଫୁଟ୍‌ବଲ ମ୍ୟାଚ୍ ବେଳେ ...

ହୋଇଥିଲା। ଏକାଧିକ ଶିଶୁଙ୍କ ସହିତ ମୋଟ ୫୬ ଜଣ ପ୍ରାଣ ହରାଇଥିବା ବେଳେ ସରକାରଙ୍କ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗୁଏନାର ମିଲିଟାରୀ ଶାସକ ମାମାଡି ଡମ୍ବୁୟା ଓ ପ୍ରଧାନମନ୍ତ୍ରୀ ଆମାଡୌ ଔରି ବାହ ଏହି ଘଟଣାକୁ ନେଇ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଦୁଃଖ ପ୍ରକାଶ କରିଛନ୍ତି। ମୃତ୍ୟୁ ସଂଖ୍ୟାକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲେ ମଧ୍ୟ ସରକାରୀ ଆକଳନ ହିସାବରେ ୫୬ ଜଣଙ୍କ ମୃତ୍ୟୁ ଘଟିଛି। ଏକାଧିକ ଲୋକ ଗୁରୁତର ଆହତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦଳାଚକଟା ସମୟର ଫୁଟେଜ୍‌ର ଯାଞ୍ଚ ଚାଲିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ବିଭିନ୍ନ ସ୍ଥାନୀୟ ମିଡିଆର ରିପୋର୍ଟ ଅନୁସାରେ ଏକ ବିବାଦୀୟ ପେନାଲ୍ଟି ପରେ ପ୍ରଶଂସକମାନେ ଟେକା ପଥର ମାଡ଼ କରିଥିବା ବେଳେ ସୁରକ୍ଷାକର୍ମୀମାନେ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିଥିଲେ। ସିସିଟିଭିର ଭିଡିଓ ଫୁଟେଜ ଅନୁଯାୟୀ ଏକାଧିକ ବ୍ୟକ୍ତି ଜୀବନ ବଞ୍ଚାଇବା ପାଇଁ ଉଚ୍ଚା ପାଚେରି ଡେଇଁବାକୁ ପ୍ରୟାସ କରି ପ୍ରାଣ ହରାଇଥିଲେ। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବିରୋଧୀ ଦଳ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ପରଠାରୁ ଗୁଏନାରେ ସାମରିକ ଶାସନ ଜାରି ରହିଛି। ରାଷ୍ଟ୍ରପତି ଆଲ୍ଫା କୋଣ୍ଡେଙ୍କୁ ହଟାଇ ମିଲିଟାରୀ ଶାସକ ମାମାଡି ଡମ୍ବୁୟା କ୍ଷମତାରେ ରହିଛନ୍ତି।

### ଦଣ୍ଡ ଶୁଣି ୨ଅଭିଯୁକ୍ତ...

ପାଇଁ ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ସୂଚନାନୁଯାୟୀ, ୨୦୨୪ ଜାନୁଆରୀ ୩୧ ବିଳମ୍ବିତ ରାତିରେ ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଏକ ଏଟିଏମ୍‌ରୁ ଲୁଟ୍ ହୋଇଥିଲା। ଧରା ପଡ଼ିବା ଭୟରେ ଅଭିଯୁକ୍ତମାନେ ଏଟିଏମ୍‌ରେ ନିଆଁ ଲଗାଇ ଦେଇଥିଲେ। ନବରଙ୍ଗପୁର ପୋଲିସ ଥାନା କେସ୍ ନମ୍ବର ୬୦/୨୪ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରି ସକିଲ ଓ ଶାହାରୁକ୍‌ଙ୍କ ସମେତ ବିହାର ପିରାରୀ ଗ୍ରାମର ନିଖିଳ କୁମାର, ହରିୟାଣା ଶିଖରପୁରର ଜହୁଲ ଖାନ୍ ଓ ଫୌଜି ଖାନ୍‌ଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟ କେସ୍ ନମ୍ବର ୪୧/୨୦୨୪ରେ ମାମଲା ବିଚାରାଧୀନ ଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ସକିଲ ଓ ଶାହାରୁକ ଜାମିନ୍‌ରେ ବାହାରିଥିଲେ। ସୋମବାର କେସ୍‌ର ରାୟ ପ୍ରକାଶ ପାଇଁ ଧାର୍ଯ୍ୟ ଥିଲା। ୫ଜଣ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ୨୫ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମୁଖ୍ୟ ବିଚାରବିଭାଗୀୟ ବିଚାରପତି ତଥା ସହକାରୀ ଦୌରାଜଜ୍ ସୀମା ତ୍ରିପାଠୀ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨ହଜାର ଟଙ୍କା ଲେଖାଏ ଜରିମାନା ରାୟ ଶୁଣାଇଥିଲେ। ଜରିମାନା ଅନାଦାୟେରେ ୪ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ ପାଇଥିଲା। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମୀନକେତନ ପୂଜାରୀ ମାମଲା ପରିଚାଳନା କରୁଥିଲେ। ତେବେ ରାୟ ପ୍ରକାଶ ପରେ କୌଶଳକ୍ରମେ ସକିଲ ଓ ଶାହାରୁକ୍ କୋର୍ଟରୁ ଫେରାର ହୋଇଯାଇଥିଲେ। ଏନେଇ ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଖବର ପାଇଛି। ନବରଙ୍ଗପୁର ଏସ୍‌ଡିପିଓ ଏବଂ ଥାନାଧିକାରୀଙ୍କ ସମେତ ଏକ ଟିମ୍ ଗଠନ କରାଯାଇ ତନାଘନା ଚାଲିଛି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବ୍ଲକିଂ କରାଯାଇ ଯାଞ୍ଚ ଚାଲିଛି ବୋଲି ଏସ୍‌ପି ପଣ୍ଡା କହିଛନ୍ତି।

### ଛୁଟିରେ ଥିବା ଡାକ୍ତରଙ୍କୁ ...

ଖାଲି ରହିଛି। ଏହି ପଦବୀ ପୂରଣ ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା ସୋମବାର ବିଧାନସଭାରେ ଏକ ଲିଖିତ ପ୍ରଶ୍ନ ପଚାରିଥିଲେ। ଏହାର ଜବାବରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ୧୧୧୪ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହିତ ୫ ହଜାର ୧୪ ଡାକ୍ତର ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୩୦ ଜିଲାରେ ୩୭୫ଟି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ୭୮୦୬ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ଏବେ ମାତ୍ର ୨୭୯୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ବାକି ୫୦୧୪ଟି ଡାକ୍ତର ପଦବୀ ଖାଲିପଡ଼ିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୫୦୦ ମଞ୍ଜୁରିପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ରହିଥିବାବେଳେ ଏବେ ମାତ୍ର ୩୮୬ ଜଣ କାର୍ଯ୍ୟ କରୁଛନ୍ତି। ୧୧୧୪ଟି ବିଶେଷଜ୍ଞ ଡାକ୍ତର ପଦ ଖାଲିପଡ଼ିଛି। ଗଞ୍ଜାମ ଜିଲାରେ ଥିବା ୨୮ ସିଏଚ୍‌ସିରେ ୫୮୧ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଛି। ସେଥିରେ ୧୩୧ ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ୪୫୦ ପଦ ଖାଲିପଡ଼ିଛି। ସେହିପରି ମୟୂରଭଞ୍ଜ ଜିଲାରେ ୨୮ଟି ସିଏଚ୍‌ସିରେ ୫୬୭ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୨୫୮ ଜଣ ଅଛନ୍ତି । ୩୦୯ ପଦବୀ ଖାଲିପଡ଼ିଛି। ଅନୁଗୋଳ ଜିଲାର ୯ ସିଏଚ୍‌ସିରେ ୧୮୯ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ୯୩ ଜଣ କାର୍ଯ୍ୟ କରୁଛନ୍ତି ଓ ୯୬ଟି ଖାଲି ପଡ଼ିଛି। ବାଲେଶ୍ୱରରେ ୩୫୨ ଜଣ ଡାକ୍ତରଙ୍କ ସ୍ଥାନରେ ୧୨୦ ଜଣ, ବଲାଙ୍ଗୀର ଜିଲାରେ ୩୧୪ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀରୁ ୧୪୧, ବରଗଡ଼ ଜିଲାରେ ୩୫୨ଟି ଡାକ୍ତର ପଦବୀରୁ ୯୮ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ଡାକ୍ତର ପଦବୀ ଖାଲି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ବାପାଙ୍କ କରଜ ଶୁଝିବାକୁ ...

ଅଶୋକ ମହାନ୍ତିଙ୍କ ଘରେ ଥିବା ତନ୍ତ ମିଲ୍‌ରେ କାରିଗର ଭାବେ ବର୍ଷେ ତଳେ କାମ କରୁଥିଲେ। ମାସକୁ ୧୨ ହଜାର ଟଙ୍କା ଦରମାରେ ଅନିଲ କାର୍ଯ୍ୟ କରୁଥିବାବେଳେ ଅଶୋକଙ୍କଠାରୁ କିଛି ଟଙ୍କା କରଜ ନେଇଥିଲେ। ଏଥିପାଇଁ ଦରମାକୁ ନେଇ ବାଦବିବାଦ ରହିଥିଲା। ତାଙ୍କୁ ରୀତିମତ ମାସକୁ ମାସ ଦରମା ଠିକ୍‌ରେ ମିଳୁ ନ ଥିଲା। ଘରେ ଅଭାବ ଅନଟନ ଯୋଗୁ ଅନିଲଙ୍କ ପାଖରେ ରହିଥିଲେ ତାଙ୍କ ନାବାଳକ ପୁଅ, ଯିଏ କିଅଷ୍ଟମ ଶ୍ରେଣୀରେ ପଢୁଥିଲେ। ହେଲେ ଅଶୋକ ଦରମା ନ ଦେବାରୁ ଅନିଲ ତନ୍ତ କାମ ଛାଡ଼ି ସୁରଟ ପଳାଇ ଯାଇଥିଲେ। ହେଲେ ତାଙ୍କ ପୁଅକୁ ଅଶୋକ ଛାଡ଼ି ନ ଥିଲେ। ନାବାଳକଙ୍କୁ ୭ ମାସ ଧରି ଅଶୋକ ଗାଡ଼ି ପୋଛା ମାରିବା ଓ ଅନ୍ୟ ଘର କାମରେ ନିୟୋଜିତ କରିଥିଲେ। ଭୟରେ ସେଠାରେ ରହିଥିବା ନାବାଳକ କିଛିଦିନ ତଳେ ଲୁଚିକରି ଘରକୁ ପଳାଇ ଆସିଥିଲେ। ହେଲେ ଅଶୋକଙ୍କ ୨ ପୁଅ ଚିକୁନ (୨୦) ଓ ମୋଚନ (୨୨) ରବିବାର ବିଳମ୍ବିତ ରାତିରେ ଏକ ବୋଲେରୋ ଯୋଗେ ରାଜଗଡ଼ ଗ୍ରାମରେ ପହଞ୍ଚି ଅନିଲଙ୍କ ଘର କବାଟ ବାଡ଼େଇଥିଲେ। ଅନିଲଙ୍କ ସ୍ତ୍ରୀ ସରୋଜିନୀ କବାଟ ଖୋଲିବା ପରେ ୨ ଭାଇ ନାବାଳକଙ୍କୁ ବିଛଣାରୁ ଟାଣି ଟାଣି ବାହାରକୁ ନେଇ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ନିଶ୍ଚିନ୍ତକୋଇଲିକୁ ନେଇଯାଇଥିଲେ। ଏ ନେଇ ନାବାଳକଙ୍କ ମା' ସରୋଜିନୀଙ୍କ ଅଭିଯୋଗକୁ ଭିତ୍ତିକରି ମହାକାଳପଡ଼ା ଥାନା ଆଇଆଇସି ଧୀରଜ ଲେଙ୍କାଙ୍କ ନେତୃତ୍ୱରେ ଏକ ଟିମ୍ ଅଶୋକଙ୍କ ଘରୁ ନାବାଳକଙ୍କୁ ସୋମବାର ଉଦ୍ଧାର କରିଛି।

ସରୋଜିନୀଙ୍କ କହିବା କଥା, ତାଙ୍କ ସ୍ୱାମୀ ଅନିଲଙ୍କୁ ତନ୍ତ ମିଲ୍ ମାଲିକ ଅଶୋକ ନିୟମିତ ଦରମା ପ୍ରଦାନ କରୁ ନ ଥିଲେ। ଅଭାବୀ ପରିବାର ହେତୁ ଅଶୋକଙ୍କଠାରୁ ତାଙ୍କ ସ୍ୱାମୀ କିଛି ଟଙ୍କା ଉଦ୍ଧାର ନେଇଥିଲେ। କରଜ ଶୁଝିବାକୁ ସେ ସୁରଟକୁ କାମ କରିବାକୁ ଯାଇଛନ୍ତି। ହେଲେ କରଜ ପରିଶୋଧ ନିମନ୍ତେ ତାଙ୍କ ପୁଅଙ୍କୁ ୭ ମାସ ଧରି ଅଶୋକ ବନ୍ଧକ ରଖିଥିଲେ। ଅଶୋକ ତାଙ୍କ ଘରେ ବିଭିନ୍ନ ପ୍ରକାର କାମରେ ପୁଅକୁ ନିୟୋଜିତ କରୁଥିଲେ। ନ୍ୟାୟ ଆଶାରେ ସରୋଜିନୀ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏ ନେଇ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୩୧, ୧୩୭(୨), ୭୪, ୧୧୫(୨), ୧୨୭, ୧୦୯, ୩(୫)ରେ ୨୩୭/୨୪ ନମ୍ବରରେ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଆଇଆଇସି ଲେଙ୍କାଙ୍କୁ ପଚାରିବାରେ ଏହା ଏକ ସମ୍ବେଦନଶୀଳ ଘଟଣା। ଅଭିଯୋଗ ପରେ ନାବାଳକଙ୍କୁ ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଉଦ୍ଧାର କରିଛୁ। ତନ୍ତ ମିଲ୍ ମାଲିକ ଅଶୋକ ଓ ତାଙ୍କ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖିଛୁ। ତାଙ୍କ ୨ ପୁଅଙ୍କ ନାମରେ ଅଭିଯୋଗ ରହିଛି। ସେମାନଙ୍କୁ ଥାନାକୁ ଡକରା ହୋଇଛି। ଅଶୋକଙ୍କ ପୁଅ ଚିକୁନ ଥାନାକୁ ଆସିବାରୁ ତାଙ୍କୁ ପଚରାଉଚରା କରିବାରେ ସେ ନାବାଳକଙ୍କୁ ମାଡ଼ ମାରିଥିବା ସ୍ୱୀକାର କରିଛନ୍ତି। ତାଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇଛି। ଆଉ ଜଣେ ପୁଅ ମୋଚନ ଥାନାରେ ହାଜର ହେଲା ପରେ ଅଶୋକ ଓ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ିବୁ। ନଚେତ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି ଲେଙ୍କା କହିଛନ୍ତି।

## ୫ ଯାଏ ଝିପି ଝିପି ବର୍ଷା

**ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)**

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେଉଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ସମ୍ବଲପୁର, ପୁରୀ, କନ୍ଧମାଳ, ଖୋର୍ଦ୍ଧା, ମୟୂରଭଞ୍ଜ ଆଦି ଜିଲାରେ ଝିପିଝିପି ବର୍ଷା ହୋଇଛି। ଅନ୍ୟପଟେ କଳାହାଣ୍ଡି ସମେତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଜ୍ଞାନୀ ଡ. ସଞ୍ଜୀବ ଦ୍ୱିବେଦୀଙ୍କ ସୂଚନାନୁସାରେ, ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନ ସହ କନ୍ଧମାଳ, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ନବରଙ୍ଗପୁର ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ। ୪ ଓ ୫ ତାରିଖରେ କଳାହାଣ୍ଡି, କନ୍ଧମାଳ, ଗଜପତି, ନବରଙ୍ଗବୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାରେ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି। ମାତ୍ର ଆସନ୍ତା ୪ରୁ ୫ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ଡ. ଦ୍ୱିବେଦୀ କହିଛନ୍ତି।

## ଡାକ୍ତର ମୁକ୍ତିକେଶ ଦାଶଙ୍କ ପରଲୋକ

**ଭୁବନେଶ୍ୱର,୨।୧୨(ଅନୁରାଧା ମହାରଣା)**



କଟକର ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର ଡା. ମୁକ୍ତିକେଶ ଦାଶଙ୍କ ୫୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ କିଛିବର୍ଷ ହେଲା ଅସୁସ୍ଥ ଥିବାରୁ ଭୁବନେଶ୍ୱରସ୍ଥିତ ଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ବାପା ଅବସରପ୍ରାପ୍ତ ଇଞ୍ଜିନିୟର ମହେଶ ଚନ୍ଦ୍ର ଦାଶ, ସ୍ତ୍ରୀ ପ୍ରଫେସର ଡା. ପୂଜା ମିଶ୍ର ଓ ଦୁଇ ଝିଅଙ୍କ ସହ ସେ ଏଠାରେ ରହୁଥିଲେ। ସେ ଜଣେ ଅମାୟିକ ଓ ପରୋପକାରୀ ଡାକ୍ତର ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ନୌସେନା ଦିବସରେ ଯୋଗଦେବାକୁ ପ୍ରସ୍ତାବ ଦେଲେ ବାଚସ୍ପତି

**ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)**

ପୁରୀ ବେଳାଭୂମିଠାରେ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସ ଦେଖିବା ଲାଗି ସବୁ ଦଳର ବିଧାୟକ, ମନ୍ତ୍ରୀମାନଙ୍କୁ ବାଚସ୍ପତି ସୁରମା ପାଢ଼ୀ ସୋମବାର ଅପରାହ୍ନରେ ଗୃହ ଚାଲିଥିବା ସମୟରେ ସୂଚନା ଦେଇଛନ୍ତି। ବାଚସ୍ପତି କହିଛନ୍ତି, ନୌସେନା ଦିବସରେ ଯୋଗଦେବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନୌସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗୃହର ସମସ୍ତ ସଦସ୍ୟଙ୍କୁ ନିମନ୍ତ୍ରଣ ଦିଆଯାଇଛି।

# ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍ଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)



ରତ୍ନଭଣ୍ଡାର ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେବା ପରେ ରତ୍ନଭଣ୍ଡାର ମରାମତି ନେଇ ତତ୍ପରତା ପ୍ରକାଶ ପାଇଛି। ତୁରନ୍ତ ରତ୍ନଭଣ୍ଡାର ମରାମତି କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖି ଅନୁରୋଧ କରିଛି। ରତ୍ନଭଣ୍ଡାର ମରାମତି, ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ଏହି ମରାମତି ସମୟରେ ଠାକୁରଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ଯେଭଳି କୌଣସି ସମସ୍ୟା ନ ଉପୁଜିବ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ କୁହାଯାଇଛି।




# ନାବାଳିକାଙ୍କୁ ଗଣବଳାତ୍କାର

## ୪ ଅଟକ

କୁଚିଣ୍ଡା,୨।୧୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ପୋଲିସ ଏହି ଘଟଣାରେ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମହୁଲପାଲି ଥାନା ବିଲୁଙ୍ଗ ଗ୍ରାମରେ ପାଞ୍ଚଦିନ ଧରି ଚାଲିଥିବା ରଙ୍ଗବତୀ ମହୋତ୍ସବ ଶନିବାର ଉଦ୍ଯାପିତ ହୋଇଥିଲା। ଉକ୍ତ ନାବାଳିକା ଯାତ୍ରା ଦେଖି ବିଳମ୍ବିତ ରାତିରେ ସମ୍ପର୍କୀୟ ଭାଇ ଓ ପଡ଼ୋଶୀମାନଙ୍କ ସହ ଘରକୁ ଫେରୁଥିଲେ। ବାଟରେ କେତେଜଣ ଯୁବକ ସାଥିରେ ଥିବା ଲୋକମାନଙ୍କୁ ମାରପିଟ କରି ନାବାଳିକାଙ୍କୁ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ରବିବାର ମହୁଲପାଲି ଥାନାରେ ଏତଲା ଦିଆଯାଇଛି। ପୀଡ଼ିତାଙ୍କଠାରୁ ତଥ୍ୟ ସଂଗ୍ରହ କରି ସୋମବାର ପୋଲିସ ୪ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ମଙ୍ଗଳବାର ବୁର୍ଲାରେ ପୀଡ଼ିତାଙ୍କର ଡାକ୍ତରୀମାଇନା କରାଯିବ ଏବଂ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି କୁଚିଣ୍ଡା ଏସ୍ଡିପିଓ ଅମିତାଭ ପଣ୍ଡା କହିଛନ୍ତି।

# ଆଜିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି



ଭୁବନେଶ୍ୱର,୨।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମଙ୍ଗଳବାର ଅପରାହ୍ନ ୪.୫୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ସେଠୁ ସିଧାସଳଖ ଚନ୍ଦ୍ରଶେଖରପୁରସ୍ଥିତ ନୀଳାଦ୍ରି ବିହାରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବେ। ପରେ ରାଜଭବନରେ ରାତ୍ରି ଯାପନ କରିବେ। ବୁଧବାର ରାଷ୍ଟ୍ରପତି ପୁରୀ ଗସ୍ତ କରିବେ। ପୂର୍ବାହ୍ନ ୯ଟା ୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବା ପରେ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ଅପରାହ୍ନରେ ପୁରୀ ବେଳାଭୂମିରେ ଆୟୋଜିତ ନୌସେନା ଦିବସରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ସାମିଲ ହେବେ। ୫ ତାରିଖରେ ଭୁବନେଶ୍ୱରରେ ନୂତନ କୋର୍ଟ କୋଠା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଯୋଗଦେବେ। ପରେ ଓୟୁଏଟିରେ ୪୦ତମ ସମାବର୍ତ୍ତନ ଉତ୍ସବରେ ସାମିଲ ହେବେ। ୬ ଓ ୭ ତାରିଖରେ ମୟୂରଭଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ରହିଛି। ଭୁବନେଶ୍ୱରରେ ସମସ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଗାଡ଼ିରେ ଯାତାୟାତ କରିବେ। ତେଣୁ ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହାସହ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ତେବେ ଏହା ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ରାଷ୍ଟ୍ରପତିଙ୍କ ଭୁବନେଶ୍ୱରରେ ରହିଥିବା ସମସ୍ତ କାର୍ଯ୍ୟକ୍ରମସ୍ଥଳ ରସ୍ତାରେ କାରକେଡ୍ ରିହର୍ସାଲ କରାଯାଇଛି।

# ବିଧାନସଭାରେ ଆଳୁ ତାତି

ଭୁବନେଶ୍ୱର,୨।୧୨ (ଅନିଲ ଦାସ)

ଗତ କିଛିମାସ ପରେ ରାଜ୍ୟରେ ପୁଣି ଆଳୁ ସଙ୍କଟ ଦେଖାଦେଇଛି। ଗତ ସପ୍ତାହ ମଧ୍ୟରେ ଆଳୁ କିଲୋ ପିଛା ୨୦ ଟଙ୍କା ବୃଦ୍ଧି ପାଇଛି। ବଜାରରେ ଆଳୁ କିଲୋ ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଦରବୃଦ୍ଧି ସାଧାରଣ ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଆଳୁ ଦରବୃଦ୍ଧିକୁ ନେଇ ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଗରିବଙ୍କ ଥାଳିରୁ ରାଜ୍ୟ ସରକାର ଆଳୁ ଛଡ଼ାଇ ନେଇଛନ୍ତି। ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି। ସରକାର କେବଳ କାଗଜପତ୍ରରେ ସୀମିତ ରହିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସୋମବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟରେ ଆଳୁ ଦର ବଢ଼ି ଚାଲିଛି। ସମସ୍ତ ଖବରକାଗଜରେ ଏକଥା ବାହାରିଛି। ଦର ୩୦ ଟଙ୍କାରୁ ଆସି ୬୦ ଟଙ୍କାରେ ପହଞ୍ଚିଲାଣି। ମନ୍ତ୍ରୀ କହୁଛନ୍ତି ୩୬ ଟଙ୍କାରେ ତାଙ୍କୁ ଆଳୁ ମିଳୁଛି। ଆମେ କେଉଁଠି ଆଳୁ କିଲୋ ୩୬ ଟଙ୍କା ଦେଖିପାରୁନାହୁଁ। ଗରିବ ଲୋକ ହନ୍ତସନ୍ତ ହେଉଛନ୍ତି। ଯୋଗାଣ ମନ୍ତ୍ରୀ କହୁଛନ୍ତି, ଉତ୍ତରପ୍ରଦେଶରୁ ଟ୍ରେନ୍‌ରେ ଆଳୁ ଆସୁଛି। ଡବଲ ଇଞ୍ଜିନ କ'ଣ ଖରାପ ହୋଇଯାଇଛି କି। କେଉଁ ଇଞ୍ଜିନ ଖରାପ ହୋଇଛି କି ପହଞ୍ଚି ପାରୁନାହିଁ। ସରକାର ଲୋକଙ୍କୁ ଶୋଷଣ କରିବା ବନ୍ଦ କରନ୍ତୁ। ସରକାର ପରିବର୍ତ୍ତନ ପରେ ଦରଦାମ୍‌ରେ ମଧ୍ୟ ପରିବର୍ତ୍ତନ ହୋଇଛି। ସରକାର ଦରବୃଦ୍ଧି ରୋକିବା ଦିଗରେ କି ପଦକ୍ଷେପ ନେଇଛନ୍ତି ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ପ୍ରମିଳା କହିଛନ୍ତି।

କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ କହିଛନ୍ତି, ଆଳୁ ଦର ବହୁତ ବଢ଼ିଯାଇଛି। ସରକାର କିଛି କରୁନାହାନ୍ତି। ୫ ମାସ ପରେ ମଧ୍ୟ ଆଳୁ ଟ୍ରେନ ଓଡ଼ିଶାରେ ପହଞ୍ଚିପାରିଲା ନାହିଁ। ଡବଲ ଇଞ୍ଜିନ କ'ଣ ପୋଡ଼ିଗଲା କି ଆଳୁ ଆସିପାରୁନି। ଖାଉଟି ହନ୍ତସନ୍ତ ହେଉଛନ୍ତି। ସରକାର ଦରଦାମ୍ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେବଳ ଆଳୁ ନୁହେଁ, ସମସ୍ତ ଅତ୍ୟାବଶ୍ୟକ ଜିନିଷର ଦରଦାମ୍ ବଢ଼ିଛି। ଏହା ଉପରେ ରୁଲିଂ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବିଜେଡି ସଭ୍ୟ ଗଣେଶ୍ୱର ବେହେରା କହିଛନ୍ତି, ଦରବୃଦ୍ଧି ଯୋଗୁ ଖାଉଟି ଆଶଙ୍କିତ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଦୈନିକ ୪ ହଜାର ମେଟ୍ରିକ ଟନ୍ ଆଳୁ ଦରକାର ଥିବାବେଳେ ୩୦୦ ଟନ୍ କେତେଦିନ ଯିବ। ସରକାର ଆଳୁ ସମସ୍ୟାର ସମାଧାନ ପାଇଁ କ'ଣ କରିଛନ୍ତି ସେ ନେଇ ଗୃହରେ ବିବୃତି ଦିଅନ୍ତୁ। ବିଜେଡି ସଭ୍ୟ ଗୌତମବୁଦ୍ଧ ଦାସ କହିଛନ୍ତି, ପଶ୍ଚିମବଙ୍ଗ ସୀମାକୁ ମୋ ନିର୍ବାଚନମଣ୍ଡଳୀ ଲାଗିଛି। ଆମେ ବେପାରୀ ଓ ଖାଉଟିଙ୍କୁ ଭେଟିଛୁ। ସେମାନଙ୍କର ଏତେ କ୍ରୋଧ ବଢ଼ିଯାଇଛି ଯେ କହୁଛନ୍ତି, ମନ୍ତ୍ରୀ ଆମର ଦେଖାହେଲେ ଟୋପା ଛଡ଼ାଇ ଦେବୁ। ଗରିବ କଂସାରୁ ଏ ସରକାର ଆଳୁ ହଟାଇ ଦେଇଛନ୍ତି। ମମତା ବାନାର୍ଜୀଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇଥିବା କହିଥିଲେ। ଆଳୁ ଯୋଗାଣ କାହିଁକି ବନ୍ଦ ହେଲା। ସରକାର ଏହାର ଜବାବଦେବା ଦରକାର। ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ଗତ ସରକାର ରାଜ୍ୟରେ ଆଳୁ ମିଶନ କରିଥିଲେ। ତାହା ଫେଲ୍ ମାରିଲା। ଆଳୁ ମିଶନ ଯଦି ସଫଳ ହୋଇଥାଆନ୍ତା ଏବଂ ଶୀତଳଭଣ୍ଡାର କରିଥାଆନ୍ତେ ତେବେ ଆଜି ଲୋକଙ୍କୁ ଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ି ନ ଥାଆନ୍ତା ବୋଲି ମହାପାତ୍ର କହିଛନ୍ତି।

# ଜିଦିରେ ଦିଦି, ଆଳୁ ରପ୍ତାନିକୁ ନା

## ଆଜିଠୁ ବଙ୍ଗୀୟ ଆଳୁ ବ୍ୟବସାୟୀଙ୍କ ଧର୍ମଘଟ

ଭୋଗରାଇ,୨।୧୨(ପ୍ରଦୀପ ଦାସ)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ଗତ ୪ ଦିନ ଧରି ଆଳୁ ରପ୍ତାନି ଉପରେ ଅଙ୍କୁଶ ଲଗାଇଥିବାରୁ ଆଳୁର ସଙ୍କଟ ଘନୀଭୂତ ହେବାରେ ଲାଗିଛି। ଆଳୁର ଅଭାବ ଯୋଗୁ ଏହାର ସିଧାସଳଖ ପ୍ରଭାବ ଓଡିଶା ବଜାର ଉପରେ ପଡ଼ିଛି। ଫଳରେ ଓଡ଼ିଶାରେ ଆଳୁର ମୂଲ୍ୟ ବୃଦ୍ଧି ଘଟି ୫୦ରୁ ୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ନିଜ ଜିଦରେ ଅଟଳ ଥିବା ମୁଖ୍ୟମନ୍ତ୍ରୀ ମମତା ସୋମବାର ବିଧାନସଭାରେ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ଆଳୁ ଓ ପିଆଜର ମୂଲ୍ୟ ବୃଦ୍ଧି ଉପରେ ଗର୍ଜନ କରିଛନ୍ତି। ପଶ୍ଚିମବଙ୍ଗରେ ଆଳୁ ଓ ପିଆଜର ଅଭାବ ଏବଂ ବଜାର ଦର ନିୟନ୍ତ୍ରଣ ନ ହେବା ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟକୁ ଆଳୁ ରପ୍ତାନି ବନ୍ଦ ରହିବ ବୋଲି ଦୋହରାଇଛନ୍ତି। ଅପରପକ୍ଷରେ ବଙ୍ଗୀୟ ଆଳୁ ବ୍ୟବସାୟୀମାନେ ସେମାନଙ୍କ ଶୀତଳଭଣ୍ଡାରରୁ ଆଳୁ ବିକ୍ରି କରି ନ ପାରି କ୍ଷତି ଆଶଙ୍କାରେ ସେଠାକାର ସରକାରଙ୍କୁ ଘେରିଛନ୍ତି। ହୁଗୁଳି ଜିଲା ତାରକେଶ୍ୱରଠାରେ ଶନିବାର ମିଳିତହୋଇ ସରକାରଙ୍କୁ ସୋମବାର ମଧ୍ୟରେ ଆନ୍ତଃରାଜ୍ୟ ସୀମାନ୍ତରେ ପୋଲିସ ଜୁଲମ୍ ବନ୍ଦ କରିବା ଓ ଆଳୁ ରପ୍ତାନି କଟକଣାକୁ ନ ହଟାଇଲେ ବ୍ୟବସାୟୀମାନେ ଧର୍ମଘଟ କରିବେ ବୋଲି ଚେତାବନୀ ଦେଇଥିଲେ। ଧର୍ମଘଟ ଡାକରାକୁ ଆଖିରେ ରଖି ପଶ୍ଚିମବଙ୍ଗ କୃଷିବିପଣ ମନ୍ତ୍ରୀ ବିଚାରାମ ମାନ୍ନାଙ୍କ ଆମନ୍ତ୍ରଣ କ୍ରମେ କୋଲକାତା ସରକାରୀ କୃଷି ଦପ୍ତରରେ ସୋମବାର ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତି, ଶୀତଳଭଣ୍ଡାର ମାଲିକ, ଟାସ୍କ ଫୋର୍ସ ଓ ଉଚ୍ଚ ପଦାଧିକାରୀ ଉପସ୍ଥିତ ରହି ଆଳୁ ସମସ୍ୟା ସମ୍ପର୍କରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ହେଲେ ଏହି ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରି ବୈଠକ ଛାଡ଼ି ଫେରି ଆସିଛନ୍ତି। ଏପରି କି ସୋମବାର ମଧ୍ୟରାତ୍ରରୁ କର୍ମବିରତି ଧର୍ମଘଟ ଡାକରା ଦେଇଥିବା ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ସଂଘର ମହାସଚିବ ଲାଲୁ ମୁଖାର୍ଜୀ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଆଳୁ ବିବାଦ ସମାଧାନ ହେବା ପରିବର୍ତ୍ତେ ଘନେଇବାରେ ଲାଗିଛି। ଆଉ ଏହାର ପ୍ରଭାବ ଓଡ଼ିଶା ବଜାର ଉପରେ ସିଧାସଳଖ ପଡ଼ିବ ବୋଲି କୁହାଯାଉଛି।

# ମାର୍ଚ୍ଚ ସୁଦ୍ଧା ୯୦୨ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେବ: ମହାଲିଙ୍ଗ

ଭୁବନେଶ୍ୱର,୨।୧୨(ଅନିଲ ଦାସ)

ଭାରତ ସରକାରଙ୍କ ଡିବିଏନ୍ ପ୍ରକଳ୍ପ ଅନ୍ତର୍ଗତ ୩ଗୋଟି ପ୍ରକଳ୍ପ ଜରିଆରେ ମୋଟ ୪୨୭୭ ଗୋଟି ମୋବାଇଲ ଟାୱାର ସ୍ଥାପନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥିରୁ ବର୍ତ୍ତମାନ ସୁଦ୍ଧା ୨୯୮୭ ମୋବାଇଲ ଟାୱାରର କାର୍ଯ୍ୟ ସମାପ୍ତ ହୋଇସାରିଛି। ସେଥିମଧ୍ୟରୁ ୨୦୮୫ ଟାୱାର ଦ୍ୱାରା ମୋବାଇଲ ସେବା ଉପଲବ୍ଧ ଅଛି। ବାକି ଥିବା ୯୦୨ ଟାୱାରର କାର୍ଯ୍ୟ ଚାଲୁ ରହିଛି। ସମସ୍ତ ମୋବାଇଲ ଟାୱାରକୁ ୨୦୨୫ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଆମ ସରକାର ସମସ୍ତ ଅଞ୍ଚଳକୁ ମୋବାଇଲ ତଥା ଇଣ୍ଟରନେଟ ସେବା ଯୋଗାଇଦେବା ପାଇଁ ବଦ୍ଧପରିକର। ବିଭାଗୀୟ ସଚିବ ଓ ଉଚ୍ଚାଧିକାରୀମାନେ ନିୟମିତ ଭାବେ ଏ ଦିଗରେ ଅଗ୍ରଗତି ପାଇଁ ଜିଲାପାଳ ଓ ବିଭିନ୍ନ ଟେଲିକମ ଅପରେଟରମାନଙ୍କୁ ନେଇ ବୈଠକ କରୁଛନ୍ତି। ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ କରିବା ପାଇଁ ଟେଲିକମ୍ ଅପରେଟରମାନେ ସମ୍ମୁଖୀନ ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଏଡିଏମ୍‌ଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ସମସ୍ୟାଗୁଡ଼ିକର ସମାଧାନ କରାଯାଇଛି ଓ ଏହାଦ୍ୱାରା ମୋବାଇଲ ଟାୱାର ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ବର୍ତ୍ତମାନ ରାଜ୍ୟରେ ପ୍ରଚଳିତ ଭାରତନେଟ୍ ପ୍ରକଳ୍ପର କାର୍ଯ୍ୟଧାରା ସେତେ ଉନ୍ନତମାନର ହୋଇ ନ ଥିବାରୁ ଓ ବିଭିନ୍ନ ପରିଚାଳନାଗତ ସମସ୍ୟା ଉପଲବ୍ଧ ହେଉଥିବାରୁ, ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗକୁ ହସ୍ତାନ୍ତର କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି।

# ଆମୋନିଆ ଗ୍ୟାସ୍ ଲିକ୍‌ରୁ ଅପରେଟରଙ୍କ ମୃତ୍ୟୁ

ବାହାନଗା, ୨।୧୨ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଅଧୀନ ତୁଣ୍ଡୁରା ପଞ୍ଚାୟତର ସଲ୍ଟରୋଡ୍ କଡ଼ରେ ଥିବା ଗଦ୍ରେ ମେରାଇନ ଏକ୍ସପୋର୍ଟରେ ଆମୋନିଆ ଗ୍ୟାସ ଲିକ୍ କାରଣରୁ ଜଣେ ଅପରେଟରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମହାରାଷ୍ଟ୍ର ରତ୍ନଗିରି ଅଞ୍ଚଳର ମହେଶ ଗୌଲି।

ରବିବାର ବିଳମ୍ବିତ ରାତିରେ ଗଦ୍ରେ ପ୍ଲାଣ୍ଟରେ ଅପରେଟର ମହେଶ କାର୍ଯ୍ୟ କରୁଥିବା ବେଳେ ଗ୍ୟାସ ଲିକ୍ କାରଣରୁ ଶ୍ୱାସରୁଦ୍ଧ ହୋଇପଡ଼ିଥିଲେ। ତାଙ୍କୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ହେବା ବେଳେ ସୋମବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଖନ୍ତାପଡା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହେଶଙ୍କ ପରିବାର ଲୋକେ ପହଞ୍ଚିବା ପରେ ମାମଲା ରୁଜୁ ହେବ ବୋଲି ଥାନା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି।

# ତାରାତାରିଣୀଙ୍କ ଆଶୀର୍ବାଦ ନେଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ତାରାତାରିଣୀଙ୍କ ପୀଠରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ସ୍ତ୍ରୀ।

ପୁରୁଷୋତ୍ତମପୁର/ ବ୍ରହ୍ମପୁର, ୨।୧୨ (ସୀମାଞ୍ଚଳ ମିଶ୍ର/ ସ୍ୱାଧୀନ ଶେଖର ପାଢ଼ୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ସ୍ତ୍ରୀ ସୋମବାର ଗଞ୍ଜାମ ଗସ୍ତରେ ଆସିଥିଲେ। ପ୍ରଥମେ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଦେଖି ଖୁସି ହୋଇଥିଲେ। ଶ୍ରଦ୍ଧାଳୁ କିଭଳି ଶୃଙ୍ଖଳିତ ଦର୍ଶନ କରିବେ ସେଥିନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ସେବାୟତଙ୍କ ସହ ମଧ୍ୟ କଥା ହୋଇଥିଲେ। ସଚିବଙ୍କ ଗସ୍ତ ସମୟରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଆଇଆଇସି ରାଜେଶ ନାୟକ, ବିଡିଓ ମନୋଜ ନାୟକ, ତହସିଲଦାର ବିନୋଦ ବେହେରା ଉପସ୍ଥିତ ଥିଲେ। ପରେ ବ୍ରହ୍ମପୁର ଆସି ସଚିବ ମିଶ୍ର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ପରିଦର୍ଶନ କରି ମୁକ୍ତାକାଶ ପାର୍କରେ ବିଦ୍ୟାର୍ଥୀଙ୍କ ଦ୍ୱାରା ନିର୍ମିତ ବହୁ ପ୍ରକଳ୍ପ ବୁଲି ଦେଖିଥିଲେ। ଉକ୍ତ ଅନୁଷ୍ଠାନକୁ କାହିଁକି ୱାଣ୍ଡର ଲେଣ୍ଡ କୁହାଯାଉଛି ସେ ବିଷୟରେ ପଚାରି ବୁଝିଥିଲେ। ତାଲିମ ଅନୁଷ୍ଠାନର ବିଭିନ୍ନ ୱାର୍କଶପ ବୁଲି ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କ ଶିକ୍ଷା ଗ୍ରହଣ ଓ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବ୍ରହ୍ମପୁର ଆଇଟିଆଇର ୫୦୦ ପ୍ରଶିକ୍ଷାର୍ଥୀ ନିଜ ତାଲିମ କୌଶଳ ଓ ଶିକ୍ଷା ଦ୍ୱାରା କିଭଳି ବିଭିନ୍ନ ସରକାରୀ ଓ ପିଏସ୍‌ୟୁରେ ଚାକିରି ପାଇଥିବା ଏକ ପୁସ୍ତକ ୫୦୦ +ସ୍କିଲ ପ୍ଲସ୍‌କୁ ସେ ଉନ୍ମୋଚନ କରିଥିଲେ। ଏହି ସମୟରେ ତାଙ୍କ ସହ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତଗିରି, ଆଇଟିଆଇ ଅଧ୍ୟକ୍ଷ ରଞ୍ଜନ ପରିଡା, ପୂର୍ବତନ ଅଧ୍ୟକ୍ଷ ଇଂ. ରଜତ ପାଣିଗ୍ରାହୀ, ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ଡାଇରେକ୍ଟର ଅଫ୍ ଏମ୍ପ୍ଲଏମେଣ୍ଟର ରଶ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଚିବ ମିଶ୍ର ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ ରାତ୍ରିଯାପନ କରି ମଙ୍ଗଳବାର ସକାଳୁ ଫେରିଯିବା କାର୍ଯ୍ୟକ୍ରମ ରହିଛି।

# ‘ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ’ ପାଇଁ ଟାସ୍କଫୋର୍ସ

- ଗଣଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କାମ କରିବ ଟାସ୍କଫୋର୍ସ
- ଏଥିରେ ୨ ମନ୍ତ୍ରୀ, ୨ ଏମ୍‌ପି, ୫ ବିଧାୟକ, ୪ ଜଣ ଅଫିସର ରହିଛନ୍ତି
- ୩୦ ଦିନ ଭିତରେ ରିପୋର୍ଟ

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)

‘ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ’ ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଓଡ଼ିଶାର ଦକ୍ଷିଣାଞ୍ଚଳର ବିକାଶ ସହିତ ସବୁ ବର୍ଗଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଶେଷ ହେବା ପରେ ଗୃହକୁ ଅବଗତ କରାଇ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିବା ସହ କହିଛନ୍ତି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ କିପରି ଗଠିତ ହେବ, ଏଥିରେ କେଉଁ ଜିଲା ଓ ବ୍ଲକ ସାମିଲ ହେବ ଏବଂ ଏହାର ଢାଞ୍ଚା, କାର୍ଯ୍ୟପ୍ରଣାଳୀ କ'ଣ ରହିବ, ସେନେଇ ସୁଚିନ୍ତିତ ମତାମତ ଦେବା ପାଇଁ ଏହି ଟାସ୍କଫୋର୍ସ ଗଠନ କରାଯାଇଛି। ଗଠନ ହେବାର ୩୦ ଦିନ ମଧ୍ୟରେ ଏହି ଟାସ୍କଫୋର୍ସ ରିପୋର୍ଟ ଦାଖଲ କରିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏହି ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିରେ ସଦସ୍ୟ ଭାବେ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ରହିଛନ୍ତି। ଏହାସହ ୩ ଜଣ ଏକ୍ସ-ଅଫିସିଓ ମେମ୍ବର ଭାବେ ଦକ୍ଷିଣାଞ୍ଚଳ ଆର୍‌ଡିସି, କେନ୍ଦ୍ରାଞ୍ଚଳ ଆର୍‌ଡିସି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଏହାର ଆବାହକ ସଦସ୍ୟ ରହିଛନ୍ତି।




ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଉଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁକଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ବାଣ ଫୁଟାଅନି

ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପ ୨୦ ଜାନୁଆରୀ ୨୦୨୫ରେ ଶପଥ ନେବେ। ଏହା ପୂର୍ବରୁ ତାଙ୍କର କେତେକ ମନ୍ତବ୍ୟ ବିଶ୍ୱ ଭୂରାଜନୈତିକ ତଥା ଅର୍ଥନୈତିକ ଦୃଶ୍ୟପଟରେ ବଡ଼ ପରିବର୍ତ୍ତନକୁ ଇଙ୍ଗିତ କରିଛି। ନଭେମ୍ବର ୩୦ରେ ବ୍ରିକ୍ସ ଦେଶଗୁଡ଼ିକୁ ଲକ୍ଷ୍ୟକରି ଦେଇଥିବା ଚେତାବନୀ ତାଙ୍କ ନିଜ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରିଛନ୍ତି, ଯାହା ତାଙ୍କ ଭବିଷ୍ୟତ ଆଭିମୁଖ୍ୟକୁ ଅନେକାଂଶରେ ସ୍ପଷ୍ଟ କରିଛି। ଉଲ୍ଲେଖନୀୟ ଯେ, ଆମେରିକାକୁ ବାଦ୍ ଦେଇ ୨୦୦୯ରେ ବ୍ରାଜିଲ, ରୁଷିଆ, ଇଣ୍ଡିଆ, ଚାଇନା ଏହି ୪ଟି ଦେଶ ଅନ୍ତଃରାଷ୍ଟ୍ରୀୟ ଗୋଷ୍ଠୀ ବ୍ରିକ୍ ସୃଷ୍ଟି କରିଥିଲେ। ତା'ପରେ ଏଥିରେ ସାଉଥ୍ ଆଫ୍ରିକା ବା ଦକ୍ଷିଣ ଆଫ୍ରିକା ୨୦୧୦ରେ ଯୋଗଦେବା ପରେ ଏସ୍ ଅକ୍ଷର ଯୋଡ଼ା ହୋଇ ତାହା ବ୍ରିକ୍ସ ହୋଇଗଲା। ଏବେ ୯ଟି ଦେଶ ଯଥା ଭାରତ, ରୁଷିଆ, ଚାଇନା, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଇରାନ, ଇଜିପ୍ଟ, ଇଥୋପିଆ ଏବଂ ସଂଯୁକ୍ତ ଆରବ ବ୍ରିକ୍ସର ସଦସ୍ୟ ଅଛନ୍ତି ଓ ଏମାନଙ୍କ ଯୋଗଦାନରେ ଏହା ମଜଭୁତ ହୋଇଛି। ଅଣହସ୍ତକ୍ଷେପ, ସମାନତା ତଥା ପାରସ୍ପରିକ ଲାଭକୁ ଆଧାର କରି ପ୍ରତିବର୍ଷ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ବିଭିନ୍ନ ବୁଝାମଣା ସ୍ୱାକ୍ଷରିତ ହୋଇ ଆସୁଛି। ଟ୍ରମ୍ପ ଟ୍ରୁଥ ସୋସିଆଲରେ କହିଛନ୍ତି ଯେ, ବ୍ରିକ୍ସର ଦେଶଗୁଡ଼ିକ ବିଶେଷକରି ବ୍ରାଜିଲ, ଚାଇନା, ରୁଷିଆ, ଭାରତ ଓ ଦକ୍ଷିଣ ଆଫ୍ରିକା ଯଦି ଆମେରିକୀୟ ଡଲାରର ଆଧିପତ୍ୟକୁ ନ୍ୟୂନ କରନ୍ତି କିମ୍ବା ଅନ୍ୟ କୌଣସି ମୁଦ୍ରାକୁ ସମର୍ଥନ କରନ୍ତି ତେବେ ଏହି ସବୁ ସଦସ୍ୟ ଦେଶ ଉପରେ ୧୦୦ ପ୍ରତିଶତ ଟାରିଫ୍ ବା ଆମଦାନୀ ଶୁଳ୍କ ଲାଗୁ କରାଯିବ। ଗୁରୁତ୍ୱପୂର୍ଣ୍ଣ ହେଉଛି, ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଏହାର ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟିକ କାରବାର ପାଇଁ ନୂଆ କରେନ୍ସି ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ପରେ ୨୪ ଅକ୍ଟୋବର ୨୦୨୪ରେ ରୁଷିଆର କଜାନ ସହରରେ ୧୬ତମ ବ୍ରିକ୍ସ ସମ୍ମିଳନୀରେ ଏକ ପ୍ରତିକାତ୍ମକ ନୋଟ୍ ଜାରି କରାଯାଇଥିଲା, ଯେଉଁଥିରେ ବ୍ରିକ୍ସ ଦେଶ ସମୂହର ଜାତୀୟ ପତାକା ରହିଥିଲା। ଏହା ଅନ୍ତର୍ଜାତୀୟ ବ୍ୟବସାୟରେ ଡଲାରର ପ୍ରଭୁତ୍ୱ ହ୍ରାସ କରିବା ଲାଗି ଉଦ୍ଦିଷ୍ଟ ବୋଲି ସେତେବେଳେ ଅର୍ଥନୀତିଜ୍ଞମାନେ ପ୍ରକାଶ କରିଥିଲେ। ସବୁଠୁ ବଡ଼କଥା ହେଉଛି ଏବେ ବ୍ରିକ୍ସ ପ୍ରସ୍ତାବିତ କରେନ୍ସି ଆଣିବାରେ ଯେପରି ପଦକ୍ଷେପ ନ ନିଏ ତାହା ଉପରେ ଟ୍ରମ୍ପ ଗ୍ୟାରେଣ୍ଟି ମାଗିଛନ୍ତି। ଏହାସହ କୌଣସି ଦେଶ ଏହାକୁ ଅବଜ୍ଞା କଲେ ଆମେରିକା ବଜାରରେ ପ୍ରବେଶ କଷ୍ଟକର ହୋଇଯିବ ବୋଲି ଧମକ ଦେଇଛନ୍ତି। ଏହି ଧମକ ମୁଖ୍ୟତଃ ରୁଷିଆ ଓ ଚାଇନାକୁ ଲକ୍ଷ୍ୟ କରି ଦିଆଯାଇଥିବା କୁହାଯାଇପାରେ। ଦେଖାଯାଇଛି ରୁଷିଆ ଓ ଚାଇନାକୁ ସବୁବେଳେ ଆମେରିକା ଆର୍ଥିକ ଓ ସାମରିକ ଦୃଷ୍ଟିରୁ ଘେରିଆସିଛି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ରାଷ୍ଟ୍ରପତି ଜୋ ବାଇଡେନ ତାହାର ଅର୍ଥବ୍ୟବସ୍ଥାକୁ କ୍ଷତି କରିବା ଲାଗି ନେଇଥିବା ପଦକ୍ଷେପର କୌଣସି ପ୍ରଭାବ ପରିଲକ୍ଷିତ ହୋଇନାହିଁ। ତେବେ ଆମେରିକା ପାଇଁ ରୁଷିଆ ଯେତିକି ମୁଣ୍ଡବ୍ୟଥାର କାରଣ ନୁହେଁ, ଚାଇନା କ୍ରମାଗତ ଭାବେ ବିଶ୍ୱ ଅର୍ଥନୀତିରେ ଆଗକୁ ବଢ଼ିବା ତା' ପାଇଁ ଆହ୍ୱାନ ପାଲଟିଯାଇଛି। ଏଠାରେ ସୂଚିତ କରାଯାଇପାରେ ଯେ, ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପାଳିରେ ବ୍ରିକ୍ସ ବିରୋଧରେ କଡ଼ା ମନୋଭାବ ପ୍ରକାଶ କରି ନ ଥିଲେ ମଧ୍ୟ ଚାଇନାର ଆର୍ଥିକ ଅଭିବୃଦ୍ଧିକୁ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ ସେତେବେଳେ ଆମଦାନୀ ଶୁଳ୍କ ବୃଦ୍ଧି କରିଥିଲେ। ବାଇଡେନ ସମାନ ପଥ ଆପଣାଇଥିଲେ କିନ୍ତୁ ଚାଇନାକୁ ରୋକିପାରିନାହାନ୍ତି। ସମ୍ପ୍ରତି ଆଗକୁ ବଢୁଥିବା ଚାଇନାର ଅର୍ଥ ବ୍ୟବସ୍ଥା ଯଦି ସମ୍ଭାବ୍ୟ ବ୍ରିକ୍ସ କରେନ୍ସି ସହାୟତାରେ ଆହୁରି ମଜଭୁତ ହୁଏ ତେବେ ଆମେରିକାର ବୈଶ୍ୱିକ ଆଧିପତ୍ୟ ହ୍ରାସ ପାଇବା ଏକ ପ୍ରକାର ନିଶ୍ଚିତ। ଏହି ଭୟ ହୁଏତ ଟ୍ରମ୍ପଙ୍କୁ ଘାରିଲାଣି। କାରଣ ଚାଇନାର ଅର୍ଥ ବ୍ୟବସ୍ଥା ଏବେ ୧୮ ଟ୍ରିଲିୟନ ଡଲାର ଥିବାବେଳେ ଆମେରିକାର ଏହା ୨୬ ଟ୍ରିଲିୟନ ଡଲାର ଏବଂ ଆମେରିକା ଅଭିବୃଦ୍ଧି ହାର ତୁଳନାରେ ଚାଇନାର ଏହା ଦୁଇଗୁଣ ହାରରେ ବୃଦ୍ଧି ପାଉଛି। ଆଉ ମାତ୍ର ଏକ ଦଶନ୍ଧି ମଧ୍ୟରେ ଆମେରିକା ସହ ଚାଇନା ସମାନ ହୋଇଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଣୁ ଟ୍ରମ୍ପ ଚିନ୍ତିତ ହୋଇପଡ଼ିବା ସ୍ୱାଭାବିକ।

ଏହି ଅନ୍ତର୍ଜାତୀୟ ଅର୍ଥନୈତିକ ଟଣାଓଟରାରେ ଭାରତର କୌଣସି ଭୂମିକା ଥିବାଭଳି ମନେହେଉନାହିଁ। ଭାରତ ପରିପ୍ରେକ୍ଷୀରେ ଟ୍ରମ୍ପଙ୍କ ହ୍ୱାଇଟ ହାଉସ ପୁନଃପ୍ରବେଶକୁ ବିଚାର କଲେ ଅନେକ ଭାରତୀୟ ନେତା ଖୁସି ହେବାଭଳି ମନେହେଉଛି। ଆମେରିକା ନିର୍ବାଚନ ଫଳାଫଳ ପ୍ରକାଶିତ ହେବା ପରେ କାହିଁକି କେଜାଣି କେତେକ ଗୋଷ୍ଠୀ ଭାରତରେ ବାଣଫୁଟାଇ ଉଲ୍ଲସିତ ହୋଇଥିଲେ। ଏହାସହ ମୋଦି ଓ ଟ୍ରମ୍ପଙ୍କ ବନ୍ଧୁତ୍ୱରୁ ଲାଭ ମିଳିବ ବୋଲି ବିଚାର କରାଯାଉଛି। ହେଲେ ଟ୍ରମ୍ପ ଆମଦାନୀ ଶୁଳ୍କ ବୃଦ୍ଧିର ଚେତାବନୀ ଭାରତ ପାଇଁ କ୍ଷତି ଘଟାଇବାର ସମ୍ଭାବନା ଅଧିକ। ଚାଇନାକୁ ସାବାଡ଼ କରିବା ସହ ଆମେରିକାର ବୋଲ ମାନୁ ନ ଥିବା କାନାଡା ଓ ମେକ୍ସିକୋ ଭଳି ଦେଶଗୁଡ଼ିକ ଉପରେ ଯେଉଁ ଆମଦାନୀ ଶୁଳ୍କ ବୃଦ୍ଧି କରିବାକୁ ଟ୍ରମ୍ପ ଯାହା କହିଛନ୍ତି ସେଥିରେ ବି ଭାରତ ଶିକାର ହେବାର ଆଶଙ୍କା ରହିଛି। ଇତିହାସକୁ ଦେଖିଲେ, ଆମେରିକା ୨୦୧୮ରେ ଭାରତର କେତେକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଲାଗୁ କରିବା ପରେ ଭାରତ ଏହାର ଜବାବରେ ୨୦୧୯ରେ ଆମେରିକାର ୨୮ଟି ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲଗାଇଥିଲା। ତେବେ ଆଜିକାର ଦିନରେ ଭାରତ ସେସବୁ ଉପରୁ ବୃଦ୍ଧି ଆମଦାନୀ ଶୁଳ୍କ ଉଠାଇ ନେଇଥିବାବେଳେ ଆମେରିକାର ସ୍ଥିତି ସ୍ପଷ୍ଟ ହୋଇନାହିଁ। ଉଲ୍ଲେଖନୀୟ ଯେ, ଭାରତର ବାଣିଜ୍ୟ ଓ ବିତ୍ତୀୟ କାରବାର ଡଲାର ଉପରେ ଅଧିକ ନିର୍ଭରଶୀଳ। ୨୦୨୪ ଆର୍ଥିକ ବର୍ଷରେ ଏହି ଦୁଇ ଦେଶ ମଧ୍ୟରେ ମୋଟ ବାଣିଜ୍ୟିକ ମୂଲ୍ୟ ୧୨୪ ବିଲିୟନ ଡଲାରକୁ ଟପିଯାଇଛି। ଏହାକୁ ଜାରି ରଖିବାକୁ ହେଲେ ଭାରତକୁ ବୁଝିବିଚାରି ପଦକ୍ଷେପ ନେବାକୁ ପଡ଼ିବ। ପୂର୍ବରୁ ୟୁକ୍ରେନ–ରୁଷିଆ ଯୁଦ୍ଧଠାରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟର ସଂଘର୍ଷରେ ଆମେରିକାର ପ୍ରମୁଖ ଭୂମିକା ରହିଥିଲେ ମଧ୍ୟ ଉଭୟ କ୍ଷେତ୍ରରେ ଭାରତର ଆଭିମୁଖ୍ୟ ରୁଷିଆ ସମର୍ଥନରେ ରହିଥିଲା। ଏବକାର ବ୍ରିକ୍ସ କରେନ୍ସି ବିଚାରକୁ ଭାରତ ସମର୍ଥନ କରେ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ସ୍ପଷ୍ଟ କରିବା ସହ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ସେମାନଙ୍କ ନିଜସ୍ୱ ମୁଦ୍ରାରେ ବୈଶ୍ୱିକ ବାଣିଜ୍ୟରେ ଜଡ଼ିତ ହେବା ଉଚିତ ବୋଲି କହିଛନ୍ତି। କିନ୍ତୁ ଏହାକୁ ଭବିଷ୍ୟତରେ ଟ୍ରମ୍ପ ପ୍ରଶାସନ କିଭଳି ଗ୍ରହଣ କରିବ ତାହା ସମୟ କହିବ। ହେଲେ ଗୋଟିଏ ବିଷୟ ସ୍ପଷ୍ଟ ଯେ, ଭାରତ ସବୁବେଳେ ଏକ ଦ୍ୱନ୍ଦ୍ୱ ଭିତରେ ରହିଆସୁଥିବାରୁ ଏହାର ଦ୍ୱିପାକ୍ଷିକ ସମ୍ପର୍କ ଓ ଆର୍ଥିକ ଅଭିବୃଦ୍ଧି ସଂଶୟ ଭିତରେ ରହୁଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | |
| | | 8 | | | | | | 1 |
| 6 | 2 | | 5 | | 1 | | | |
| | | | 2 | | | | | 7 |
| 7 | 3 | | | | | | 1 | |
| | | | | | 8 | | | 3 |
| | 1 | | | 3 | | 6 | | 9 |
| | | 7 | 4 | 9 | | | 2 | |
| 8 | | | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 7 | 6 | 8 | 1 | 3 | 5 |
| 8 | 3 | 5 | 1 | 4 | 2 | 9 | 7 | 6 |
| 1 | 6 | 7 | 9 | 5 | 3 | 4 | 2 | 8 |
| 6 | 4 | 1 | 5 | 3 | 7 | 8 | 9 | 2 |
| 3 | 7 | 8 | 6 | 2 | 9 | 5 | 4 | 1 |
| 2 | 5 | 9 | 4 | 8 | 1 | 7 | 6 | 3 |
| 9 | 1 | 3 | 2 | 7 | 5 | 6 | 8 | 4 |
| 5 | 8 | 6 | 3 | 9 | 4 | 2 | 1 | 7 |
| 7 | 2 | 4 | 8 | 1 | 6 | 3 | 5 | 9 |

ଗତକାଲିର ଉତ୍ତର

# ସମାଜର ପ୍ରଗତି ଓ ଦୁର୍ଗତି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସମୟକ୍ରମେ ସମାଜରେ ପରିବର୍ତ୍ତନ ଘଟିଥାଏ। ଏହି ପରିବର୍ତ୍ତନ ସମ୍ପର୍କରେ ସମାଜଶାସ୍ତ୍ରରୁ ବାସ୍ତବ ଆକଳନ କରି ହେବ। ଫରାସୀ ଚିନ୍ତକ ଅଗଷ୍ଟ କମ୍ଟେ (୧୭୯୮–୧୮୫୭)ଙ୍କୁ ସମାଜଶାସ୍ତ୍ରର ଜନକ (ଫାଦର ଅଫ୍ ସୋସିଓଲଜି) ଭାବେ ନାମିତ କରାଯାଇଛି। ୧୮୩୦ରେ ପ୍ରଣୀତ ଏହି ଶାସ୍ତ୍ରରେ କମ୍ଟେ ଉଲ୍ଲେଖ କରିଛନ୍ତି, ସାମାଜିକ ପରିବର୍ତ୍ତନ ସକାଶେ ଆମ ପିଢ଼ି ଇଞ୍ଜିନ୍ ପରି କାମ କରେ। ଅର୍ଥାତ୍ ପିଢ଼ି ବଦଳିଲେ ସମାଜ ମଧ୍ୟ ବଦଳିବ।

ସାଧାରଣତଃ ଗୋଟିଏ ପିଢ଼ି ହେଉଛି କୌଣସି ପରିବାରର ସଦସ୍ୟ ଥିବା ଜେଜେବାପା, ବାପା, ପୁତ୍ର, ନାତିର ଏକତ୍ର ଜୀବିତ ଅବସ୍ଥାର ଆୟୁକାଳକୁ ବୁଝାଏ। ଏହାର ଅବଧି କୋଡ଼ିଏରୁ ତିରିଶ ବର୍ଷ ବୋଲି ଧରାଯାଏ। ଜଣେ ଜନ୍ମ ହେବାଠାରୁ ବଡ଼ ହୋଇ ପ୍ରାପ୍ତବୟସ୍କ ହେବା ସକାଶେ ସାଧାରଣତଃ ଏହି ବୟସ ଦରକାର କରେ। ସମାଜ ବିଜ୍ଞାନୀମାନେ ସମୟକୁ ବିଭିନ୍ନ ପିଢ଼ି ଭାବେ ବିଭକ୍ତ କରିଥା'ନ୍ତି। ଉଦାହରଣ ଭାବେ ବିଂଶ ଓ ଏକବିଂଶ ଶତାବ୍ଦୀ ଉପରେ ଆଲୋକପାତ କରାଯାଇପାରେ।

ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪–୧୮) ପ୍ରଭାବରୁ ହେମିଂୱେ, ଫିଜରାଲଡ, ଟି.ଏସ୍. ଇଲିଏଟ୍‌ଙ୍କ ପରି କେତେ ଜଣ ଲେଖକଙ୍କ ରଚନାରେ ଲକ୍ଷ୍ୟହୀନତା, କ୍ଷତି ସହିଥିବା ପରି ଯନ୍ତ୍ରଣାର ଅନୁଭୂତି ପ୍ରମୁଖ ବିଷୟବସ୍ତୁ ହେଲା। ୧୮୮୩ରୁ ୧୯୦୦ ମଧ୍ୟରେ ଜନ୍ମିତ ବ୍ୟକ୍ତିମାନେ ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ପରିପକ୍ୱ ଅବସ୍ଥାରେ ଉପନୀତ ହୋଇଥିଲେ। ସେମାନେ 'ନଷ୍ଟ ପିଢ଼ି' (ଲଷ୍ଟ ଜେନେରେଶନ)ର ବାର୍ତ୍ତାବହ। ଅବଶ୍ୟ ପରବର୍ତ୍ତୀ କାଳରେ ୧୯୨୦ରୁ ୧୯୨୯ଯାଏ ସଙ୍ଗୀତ, ଫ୍ୟାଶନ, ପାଶ୍ଚାତ୍ୟ ସଂସ୍କୃତି ସମୃଦ୍ଧଶାଳୀ ହୋଇଥିଲା। ଶିଳ୍ପ ଜଗତରେ ବିଦ୍ୟୁତ୍ ଶକ୍ତି, ଅଟୋ ମୋବାଇଲର ପ୍ରଚଳନ ସମାଜକୁ ଉନ୍ନତ ଜୀବନଯାପନ ପାଇଁ ସୁଯୋଗ ଦେଇଥିଲା। ଏହି ଉଲ୍ଲେଖନୀୟ ଘଟଣାମାନ ହେଉଛି 'ନଷ୍ଟ ପିଢ଼ି'ର ବିଶେଷତ୍ୱ। ଅବଶ୍ୟ ସ୍ପେନିଶ୍ ଫ୍ଲୁ (୧୯୧୮–୨୦)ର ଭୂମିକା ନକାରାତ୍ମକ ଥିଲା।

୧୯୦୧–୧୯୨୭ ମଧ୍ୟରେ ଜନ୍ମିତ ପିଢ଼ିକୁ ସର୍ବୋତ୍କୃଷ୍ଟ ପିଢ଼ି (ଗ୍ରେଟେଷ୍ଟ ଜେନେରେଶନ) ବୋଲି କୁହାଯାଏ। ସେମାନେ ମହା ମାନ୍ଦାବସ୍ଥା (ଗ୍ରେଟ୍ ଡିପ୍ରେଶନ: ୧୯୨୯–୧୯୩୯) ଭୋଗିବା ପରେ ଯୁବାବସ୍ଥାରେ ପହଞ୍ଚିଛନ୍ତି। ତା'ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯–୧୯୪୫) ଚତୁର୍ଦ୍ଦିଗରେ ଆତଙ୍କର ବାତାବରଣ ସୃଷ୍ଟି କଲା। ସାମରିକ ଓ ସାଧାରଣ ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ ହ୍ରାସ ପାଇଲା। ରାଷ୍ଟ୍ରର ସମସ୍ତ ସମ୍ପଦ ଯୁଦ୍ଧ ପାଇଁ ବିନିଯୋଗ କରାଗଲା। ଗୁଳିଗୋଳା, ବୋମା, ସାମରିକ ଯାନବାହନର ପ୍ରାବଲ୍ୟ ସମାଜକୁ ସତତ ଭୟଭୀତ କଲା। ତେବେ



ବହୁ ବ୍ୟକ୍ତି ଅସୀମ ବୀରତ୍ୱ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇଥିଲେ। ବିଶ୍ୱ ମାନ୍ଦାବସ୍ଥା ଓ ବିଶ୍ୱଯୁଦ୍ଧ ପରି ବିପର୍ଯ୍ୟୟମାନଙ୍କ ସମ୍ମୁଖୀନ ହୋଇଥିବାରୁ ତାହା ସର୍ବଶ୍ରେଷ୍ଠ ପିଢ଼ି ଭାବେ ବିବେଚିତ। ଏହାକୁ ଅନୁସରଣ କଲା ନିସ୍ତବ୍ଧ ପିଢ଼ି ବା ସାଇଲେଣ୍ଟ ପିରିୟଡ଼ (୧୯୨୮–୧୯୪୫)। ଏହି ଅବଧିରେ ଲୋକେ ପାରମ୍ପରିକ ପ୍ରଥା ମାନିଲେ, ଦୃଷ୍ଟିକୋଣକୁ ସୀମିତ କଲେ। ତାଙ୍କ ନୀତି ହେଲା– ''ନଷ୍ଟ କର ନାହିଁ, ଅଧିକ ଇଚ୍ଛା କର ନାହିଁ।''

ତତ୍ ପରବର୍ତ୍ତୀ ପିଢ଼ିମାନ ହେଉଛନ୍ତି: ବେବି ବୁମର (ଜନ୍ମ ସମୟ: ୧୯୪୬–୧୯୬୪)। ଗୁରୁତ୍ୱପୂର୍ଣ୍ଣ ଘଟଣାମାନ ହେଉଛି: ଜନ୍ମହାର ବୃଦ୍ଧି, ଭିଏତ୍‌ନାମ ଯୁଦ୍ଧ, ହିପ୍ପୀ ସଂସ୍କୃତି, ୧୯୬୦ ଦଶକର ବିଭିନ୍ନ ସାମାଜିକ ଆନ୍ଦୋଳନ। ତା'ପରେ ପହଞ୍ଚିଲା: ଜେନ୍– ଏକ୍ସ। ୧୯୬୫ରୁ ୧୯୮୦ ମଧ୍ୟରେ ଜନ୍ମିତ ସନ୍ତାନ। ଏହି ପିଢ଼ିରେ ଜନ୍ମ ନିୟନ୍ତ୍ରଣ, ସ୍ୱାମୀ–ସ୍ତ୍ରୀ ଉଭୟେ କର୍ମଜୀବୀ, ଛାଡ଼ପତ୍ର ବୃଦ୍ଧି, ଏକକ ଅଭିଭାବକ ପରିବାର। ଜେନେରେଶନ ଏକ୍ସ ମଧ୍ୟ 'ବେବି ବଷ୍ଟ' ବା 'ମିଡଲ ଚାଇଲ୍ଡ' ରୂପେ ନାମିତ।

ଜେନ୍–ୱାଇ (ଜେନେରେଶନ ୱାଇ)ରେ ୧୯୮୧–୧୯୮୬ ମଧ୍ୟରେ ଭୂମିଷ୍ଠ ସନ୍ତାନମାନେ ଅନ୍ତର୍ଭୁକ୍ତ। ସେମାନେ 'ମିଲେନିଆଲ' ବା 'ଡିଜିଟାଲ ନେଟିଭ' ଭାବେ ପରିଚିତ। ସେମାନେ ଟେକ୍ନୋଲୋଜି ସହ ପ୍ରତିଦିନ ନିବିଡ଼ ଭାବେ ସଂପୃକ୍ତ। ଉଚ୍ଚାଭିଳାଷ, ସୃଜନଶୀଳତା, ବିଭିନ୍ନତା ଓ ସହଭାଗିତା ସେମାନଙ୍କ ଅନ୍ୟାନ୍ୟ ଲକ୍ଷଣ। ଏତଦ୍‌ବ୍ୟତୀତ ଏହି ପିଢ଼ି ଇଣ୍ଟରନେଟ୍ ସହ ଯୋଡ଼ି ହେବାରେ ପ୍ରଥମ ଜେନେରେଶନ। ମୋବାଇଲ ଓ ସାମାଜିକ ଗଣମାଧ୍ୟମ ସହ ପ୍ରଥମେ ଅଭ୍ୟସ୍ତ ହେଲେ। ତେଣୁ ଯଥାର୍ଥ ଭାବେ ସେମାନେ ହେଲେ ଗ୍ଲୋବାଲ ଜେନେରେଶନ।

ଜେନ୍–ଜେଡ୍‌ର ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ୧୯୯୭ରୁ ୨୦୧୦ ମଧ୍ୟରେ ଜନ୍ମ ଗ୍ରହଣ କରିଛନ୍ତି। ୨୦୦୧ ସେପ୍ଟେମ୍ବର ୧୧ ତାରିଖରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ବା ଆମେରିକାର ଯୌଥ ସୌଧର ଧ୍ୱଂସ ପରି ଲୋମହର୍ଷଣକାରୀ ଘଟଣା ସେମାନଙ୍କ ବାଲ୍ୟାବସ୍ଥାକୁ ପ୍ରଭାବିତ କରିଥିଲା। ଜୀବନସାରା ଏହାର ପ୍ରଭାବ ସେମାନଙ୍କଠାରେ ଏକ ଅଲିଭା ଓ ଅଦୃଶ୍ୟ ଶକ୍ତି ପରି କାମ କରିଥାଏ। ସେମାନେ ପୂର୍ବ ପିଢ଼ି ଅପେକ୍ଷା ଅଧିକ ଡିଜିଟାଲ ଓ ପ୍ରଯୁକ୍ତି ଜ୍ଞାନ ସହ ପରିଚିତ। ଅଧିକ ବାସ୍ତବବାଦୀ, ରକ୍ଷଣଶୀଳ ଓ ଚାକିରିରେ ନିରାପତ୍ତା ପ୍ରତି ଅନୁରକ୍ତ। ସ୍ୱାଧୀନଚେତା ଓ ସମଲିଙ୍ଗୀ ସଂପର୍କ ପ୍ରତି ଅନୁକୂଳ ମନୋଭାବ, ମାନସିକ ସୁସ୍ଥତା ପ୍ରତି ଧ୍ୟାନଶୀଳ।

୨୦୧୦ ପରଠାରୁ ଅଦ୍ୟାବଧି ସମାଜକୁ ଆସିଥିବା ଶିଶୁ ଓ କିଶୋରମାନେ ଆଲ୍‌ଫା ଜେନେରେଶନ ମଧ୍ୟରେ ସ୍ଥାନିତ। ଏମାନଙ୍କଠାରେ ଡିଜିଟାଲ ଓ ଟେକ୍ନୋଲୋଜିର ପ୍ରୟୋଗ କ୍ଷେତ୍ରରେ ପୂର୍ବ ପିଢ଼ିଠାରୁ ଅଧିକ ପାରଦର୍ଶିତା ପରିଲକ୍ଷିତ ହୁଏ। କୃତ୍ରିମ ବୁଦ୍ଧିମତ୍ତା ସେମାନଙ୍କ ଜୀବନଯାପନ ଶୈଳୀ ମଧ୍ୟରେ ପ୍ରବେଶ କରିଛି। ସେମାନେ ଅଧିକ ସ୍ମାର୍ଟ। କିନ୍ତୁ ଅତ୍ୟଧିକ ଇନ୍‌ଫର୍ମେଶନର ବୋଝ ଓ ତାହା ଶୀଘ୍ର ଶୀଘ୍ର ଜାଣିବା ପାଇଁ ଅତିଶୟ ଆଗ୍ରହ ଫଳରେ କୌଣସିଥିରେ ସେମାନେ ଏକାଗ୍ରତା ରକ୍ଷା କରି ପାରିନାହାନ୍ତି। ସୃଜନଶୀଳତା ଓ କଳ୍ପନା କରିବା ଶକ୍ତିରେ ହ୍ରାସର ଶିକାର ହୁଅନ୍ତି। ଏତଦ୍‌ବ୍ୟତୀତ ନିଃସଙ୍ଗତା, ଅବସାଦ, ଅତ୍ୟଧିକ ସଫଳ ହେବା ଲାଳସା ଚରିତାର୍ଥ ନ କରିପାରିବା, ଅପୂର୍ଣ୍ଣତା ଯୋଗୁ ଦୁଃଖ ସେମାନଙ୍କ ଚାଲିଚଳନ, ବ୍ୟବହାର ଓ କାର୍ଯ୍ୟବିଧି ଉପରେ ନକାରାତ୍ମକ ପ୍ରଭାବ କ୍ରମଶଃ ବିସ୍ତାର କରେ।

ଅବଶ୍ୟ ଏହା ଅନସ୍ୱୀକାର୍ଯ୍ୟ ଯେ, ଏହି ପିଢ଼ି ସଂପୂର୍ଣ୍ଣ ଭାବେ ଚଳିତ ଏକବିଂଶ ଶତାବ୍ଦୀରେ ଭୂମିଷ୍ଠ ହୋଇଥିବାରୁ ଅଧିକ ପ୍ରଭାବଶାଳୀ ଓ ଜଟିଳ ବିଷୟ ସହଜରେ ବୁଝିପାରନ୍ତି। ବିଭିନ୍ନ ଅତ୍ୟାଧୁନିକ ଗାଜେଟ୍‌ର ବଟନ ବ୍ୟବହାରରେ ସେମାନେ ସହଜ ଅନୁଭବ କରନ୍ତି। ଘରେ ଶିରି, ଆଲେକ୍ସା, ଗୁଗୁଲ ଆସିଷ୍ଟାଣ୍ଟଙ୍କୁ ଆଦେଶ ଦେଇ ଦୈନନ୍ଦିନ ଜୀବନ ଅଧିକାଂଶ ସମୟ ବିତାଇଥାନ୍ତି। ତେବେ କୃତ୍ରିମ ସ୍ୱର ଓ ଦୃଶ୍ୟର ପ୍ରାବଲ୍ୟ ଯୋଗୁ ସେମାନେ ଅନ୍ୟମାନଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ, ଆଳାପରୁ ବଞ୍ଚିତ ହୁଅନ୍ତି। ଏହା ସାମାଜିକ ସମ୍ପର୍କକୁ ଉପରଠାଉରିଆ କରିଦିଏ। ଅନ୍ତରଙ୍ଗତା ଅନେକାଂଶରେ ଲୁପ୍ତ ହୋଇଯାଏ। ମଣିଷ–ସମାଜରେ ରହି ନ ରହିବା ତୁଲ୍ୟ ଦୁଃଖଦ ସ୍ଥିତି ଜାତ କରେ।

କେତେ ଜଣ ସମାଜଶାସ୍ତ୍ରୀ ଆଲ୍‌ଫା କମ୍ପ୍ଲେକ୍ସ ମାଧ୍ୟମରେ ଉଦ୍ଭୂତ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଅଙ୍ଗୁଳି ପ୍ରଦର୍ଶନ କରନ୍ତି। ଏହି ପିଲାମାନେ ଘରର ମୁରବି ପରି ଆଦେଶ ଦିଅନ୍ତି। ପ୍ରଭୁତ୍ୱ ବିସ୍ତାର କରନ୍ତି, ନିଜେ ବିଧି ବ୍ୟବସ୍ଥା ନିର୍ଦ୍ଧାରଣକାରୀ ହୋଇଯା'ନ୍ତି। ଅଭିଭାବକମାନଙ୍କୁ ହେୟ ଜ୍ଞାନ କରନ୍ତି ଏବଂ ସେମାନଙ୍କ ଆଜ୍ଞାଧୀନ ହୋଇ ନ ଥା'ନ୍ତି।

ଏହି ଦୃଷ୍ଟିରୁ ସେମାନଙ୍କୁ ଲାଳନପାଳନ କରି ମଣିଷ କରିବା ଏକ ଗୁରୁତର ଓ ଗମ୍ଭୀର ଆହ୍ୱାନ। ସେମାନେ ହେଉଛନ୍ତି ଆମ ସମାଜର ଭବିଷ୍ୟତ। ଆଲ୍‌ଫା କମ୍ପ୍ଲେକ୍ସର ନିବାରଣ କରି ସେମାନଙ୍କଠାରେ ସ୍ପଷ୍ଟ ପରିଲକ୍ଷିତ ହେଉଥିବା ବହୁ ସୁଗୁଣକୁ ଉଚ୍ଚତମ ସୋପାନରେ ପହଞ୍ଚାଇବା ଗୁରୁଜନମାନଙ୍କ କର୍ତ୍ତବ୍ୟ। ଶୃଙ୍ଖଳିତ ଓ ଉନ୍ନତ ସମାଜ ଆମର ଧ୍ୟେୟ ହେଉ।

ମୋ:୯୦୭୮୭୪୩୮୪୦

# ଡିଜିଟାଲ ଶୋଷଣ ମହାମାରୀ



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଚାଇଲ୍ଡ ଫଣ୍ଡ, ଇଣ୍ଡିଆର ମିଳିତ ଉଦ୍ୟମରେ ୱେବ୍ ସେଫ୍ ଆଣ୍ଡ ୱାଇଜ୍ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ପିଲାମାନଙ୍କ ପ୍ରତି ହେଉଥିବା ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହା ବିରୋଧରେ ଲଢ଼ିବା ପାଇଁ ପରିବାର, ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଆଜି ବିଶ୍ୱର ୩୦ଟି ଦେଶର ପ୍ରାୟ ଏକ–ତୃତୀୟାଂଶ ପିଲା ସାଇବର ମାଫିଆଙ୍କ ଶିକାର ହେଉଛନ୍ତି। ଇଣ୍ଟରନେଟ୍‌ର କୁପ୍ରଭାବରୁ ପ୍ରତି ପାଞ୍ଚ ଜଣରୁ ଜଣେ ପିଲା ସ୍କୁଲ ଛାଡ଼ିବାକୁ ବାଧ ହେଉଛନ୍ତି। ସଂଯୁକ୍ତ ବିଶ୍ୱର ଏକ ରିପୋର୍ଟ ଅନୁସାରେ ବିଶର ୭୯% ୧୫ରୁ ୨୪ ବର୍ଷର ପିଲାମାନେ ଇଣ୍ଟରନେଟ୍ ଦ୍ୱାରା ପ୍ରଭାବିତ ହେଉଛନ୍ତି। ସରକାର ରାଜସ୍ୱ ପାଇଁ ଭାରତର ଗାଁ ଗାଁରେ ସାଇବର ଟାୱାର ନିର୍ମାଣ କରୁଛନ୍ତି। ଅଧିକାଂଶ ଲୋକ ଏହାର ସଦୁପଯୋଗ କରିବା ଜାଗାରେ ଏହାର ଅପବ୍ୟବହାର କରୁଛନ୍ତି। ସରକାର ବିଛାମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇଥିବାରୁ ଡିଜିଟାଲ ଶୋଷଣ ଭଳି ଭୟଙ୍କର ମହାମାରୀକୁ ନିୟନ୍ତ୍ରଣ କରିପାରୁନାହାନ୍ତି। ପିଲାମାନେ ଡିଜିଟାଲ ମିଡିଆ ମାଧ୍ୟମରେ ଆସୁଥିବା ଅଶ୍ଳୀଳ ଓ ଭୟାନକ ସିନେମା ଦେଖି କୁବାଟରେ ଯାଉଛନ୍ତି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ଏକ ରିପୋର୍ଟ ଅନୁସାରେ ୨୦୨୦ରେ ଭାରତରେ ୨୧୫୦୯ ପିଲା ଡିଜିଟାଲ ଯୌନ ଶୋଷଣର ଶିକାର ହୋଇଥିଲେ। ବିଶେଷଜ୍ଞମାନଙ୍କ ମତରେ ଏହିସଂଖ୍ୟା ବହୁତ ଅଧିକ। ଯେଉଁ ପିଲାମାନଙ୍କର ମାତାପିତା ଶିକ୍ଷିତ ନୁହନ୍ତି, ସେମାନଙ୍କ ପିଲାମାନେ ପାଠ ପଢ଼ିବା ବାହାନାରେ ଅଶ୍ଳୀଳ ଓ ହିଂସାତ୍ମକ ଚିତ୍ର ଦେଖି ନିଜର ମତିଭ୍ରମ କରୁଛନ୍ତି। ମାତାପିତା ଉଚ୍ଚ ଶିକ୍ଷିତ ଓ ବଡ଼ ଚାକିରି କରି ଯଦି ପିଲାଙ୍କ ପାଇଁ ସମୟ ନ ଦିଅନ୍ତି, ତେବେ ପିଲାମାନେ ମଧ୍ୟ ଡିଜିଟାଲ ଶୋଷଣର ଶିକାର ହୋଇଥା'ନ୍ତି। ବୁଦ୍ଧିଜୀବୀମାନେ ବିଭିନ୍ନ ସଭା ଓ ଗଣମାଧ୍ୟମରେ ଏହି ମାନସିକ ଅଧୋପତନ ଉପରେ ଭାଷଣ ଦେଉଛନ୍ତି। ସେମାନେ ସଭା ସମିତିରେ ଅଧିକ ସମୟ ନଷ୍ଟ ନ କରି ନିଜର ସାହି ବସ୍ତିରେ ଥିବା ପିଲାମାନଙ୍କ ପାଇଁ ସମୟ ଦେଇ ଏହି ଡିଜିଟାଲ ମହାମାରୀରୁ ପିଲାଙ୍କ ଜୀବନ ରକ୍ଷା କରିବା ନିହାତି ଦରକାର। ଓଡ଼ିଶାରେ ଏହି ଡିଜିଟାଲ ମହାମାରୀ ତୀବ୍ର ଗତିରେ ବଢ଼ି ଚାଲିଛି। ଫଳରେ ପିଲାମାନଙ୍କ ଭିତରେ ଯୌନ ପ୍ରବୃତ୍ତି ବଢ଼ିବା ସଙ୍ଗେ ସଙ୍ଗେ ସିଜୋଫର୍ନିଆ ଭଳି ମାନସିକ ବ୍ୟାଧି ଅଧିକ ସଂଖ୍ୟାରେ ଦେଖାଦେଉଛି। ଡିଜିଟାଲ ମିଡିଆର କୁପ୍ରଭାବ ଯୋଗୁ ଓଡ଼ିଶାରେ ବଳାତ୍କାର, ପାରିବାରିକ ହିଂସା, ଛାଡ଼ପତ୍ର, ପ୍ରତାରଣା ଓ ସ୍ୱାସ୍ଥ୍ୟହାନି ଇତ୍ୟାଦି କ୍ରମାଗତ ବଢ଼ି ଚାଲିଛି।

ନିକଟରେ ସୁପ୍ରିମ୍‌କୋର୍ଟଙ୍କ ଏକ ରାୟ ଅନୁସାରେ ଇଣ୍ଟରନେଟ୍ ମାଧ୍ୟମରେ ନଗ୍ନଚିତ୍ର ଦେଖିବା ଓ ଏହାକୁ ଡାଉନ୍‌ଲୋଡ କରିବା ଦଣ୍ଡନୀୟ ଅପରାଧ। ଡିଜିଟାଲ ଅପରାଧୀମାନେ ଅନେକ ଜାଗାରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅଣଦେଖା



କରୁଛନ୍ତି। ସରକାର ଏହି ଅଶ୍ଳୀଳ ୱେବ୍‌ସାଇଟ୍‌ଗୁଡ଼ିକୁ ତୁରନ୍ତ ବନ୍ଦ କରିଦେବା ଉଚିତ। ଏହି ୱେବ୍‌ସାଇଟ ତିଆରି କରି ପିଲାଙ୍କ ମାନସିକତାକୁ ନଷ୍ଟ କରିବା ଏକ ଜଘନ୍ୟ ଅପରାଧ। ସୁପ୍ରିମକୋର୍ଟ ରାୟ ଅନୁସାରେ ଓଡ଼ିଶା ସରକାର ଏହି ଡିଜିଟାଲ ଶୋଷଣକୁ ବନ୍ଦ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ରାଜ୍ୟରେ ଥିବା ଦକ୍ଷ, କର୍ମଠ ଓ ସଚ୍ଚୋଟ ଅଧିକାରୀଙ୍କୁ ଏହି ଟାସ୍କଫୋର୍ସରେ ନିୟୋଜିତ କରି ଡିଜିଟାଲ ମାଫିଆଙ୍କ ଜଡ଼କୁ ନଷ୍ଟ କରିଦେବା ଉଚିତ। ଲୋକଙ୍କ ଭିତରେ ସକାରାତ୍ମକ ଚିନ୍ତାର ଉଦ୍ରେକ ନ ହେଲେ ଏହି ଧ୍ୱଂସକାରୀ ଭୂତାଣୁର ବିନାଶ ଅସମ୍ଭବ ଜଣାପଡୁଛି। ପିଲାଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ଶିକ୍ଷିତ ପରିବାର, ସମାଜସେବୀ ସଂସ୍ଥା, ସରକାର, ରାଜନେତା, ଧାର୍ମିକ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନ, କର୍ପୋରେଟ୍ ଓ ବୁଦ୍ଧିଜୀବୀମାନେ ପିଲାମାନଙ୍କ ପାଇଁ ନୈତିକ ବିକାଶ କାର୍ଯ୍ୟଶାଳା, ଯୋଗ କ୍ୟାମ୍ପ, କୌଶଳ ବିକାଶ କାର୍ଯ୍ୟକ୍ରମ ଓ ଖେଳ ପ୍ରତିଯୋଗିତା ଇତ୍ୟାଦିର ଆୟୋଜନ କରିବା ଦରକାର। କାରଣ ପରିବାରରେ ଜଣେ ପିଲା ଯଦି କୁବାଟରେ ଚାଲିଯାଏ, ତେବେ ପରିବାରର ସମସ୍ତ ସଦସ୍ୟ ମାନସିକ ଅଶାନ୍ତି ଭୋଗ କରିଥାନ୍ତି। ହିନ୍ଦୁ, ଖ୍ରୀଷ୍ଟିଆନ, ଶିଖ୍ ଓ ପାର୍ସି ପରିବାରଗୁଡ଼ିକ ଗୋଟିଏ କିମ୍ବା ଦୁଇଟି ସନ୍ତାନ କରୁଛନ୍ତି। ଯଦି ପରିବାରର ଏକମାତ୍ର ସନ୍ତାନ କୁବାଟରେ ଚାଲିଯାଏ, ତେବେ ପରିବାର ନଷ୍ଟ ହୋଇଯାଏ। ଯେତେ ଧନ ରଖିଲେ ମଧ୍ୟ ତାହା କୌଣସି କାମରେ ଆସେନାହିଁ।

ଏହି ଭୟାନକ ଡିଜିଟାଲ ନିଶାକୁ ଛଡ଼ାଇବା ପାଇଁ ସରକାର ପ୍ରଥମେ କଡ଼ା ନିୟମ ଲାଗୁ କରିବା ଉଚିତ। ଏପଟେ ଇଣ୍ଟରନେଟ୍ ମାଗଣା ଦେଇ ସେପଟେ ପିଲାଙ୍କ ମାନସିକ ଅଧୋଗତି ପାଇଁ କୁମ୍ଭୀରକାନ୍ଦଣା କଲେ କିଛି ଲାଭ ନାହିଁ। ଏହି ଡିଜିଟାଲ ନିଶାକୁ ଛଡ଼ାଇବା ପାଇଁ ସରକାର ଓ ଶିକ୍ଷିତ ସମାଜ ପ୍ରଥମେ ପିଲାମାନଙ୍କୁ ଉତ୍ତମ ଶିକ୍ଷା ଓ ଖେଳକୁଦରେ ବିନିଯୋଗ କରିବା ଦରକାର। ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ପାଉଥିବା ଧନରାଶିର କିଛି ଅଂଶ ଉତ୍ତମ ସ୍କୁଲ ଓ ଖେଳକୁଦର ବିକାଶରେ ଲଗାଇବା ଦରକାର।

ଓଡ଼ିଶାର ସାଂସ୍କୃତିକ ଓ ବ୍ୟବସାୟିକ ପୀଠ କଟକର ପୂର୍ବ ଓ ପଶ୍ଚିମ ଭାଗରେ ଥିବା ପୁରାତନ ସାହିଗୁଡ଼ିକରେ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କୌଣସି ସୁବିଧା ନାହିଁ। ଯେଉଁ ଖାଲି ଜାଗାଗୁଡ଼ିକ ଥିଲା ସେଥିରେ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ହୋଇଛି। ଅଳିଆ ପ୍ରୋସେସିଂ ପ୍ଲାଣ୍ଟଗୁଡ଼ିକ ସହରର ଉପକଣ୍ଠରେ ନ ହୋଇ ଏହି ଖାଲି ଜାଗାରେ ତିଆରି ହୋଇଛି। ସହରର ଅନେକ ସରକାରୀ ଜାଗା ଜବରଦଖଲ ହୋଇଯାଇଛି। ଫଳରେ ସାହିପିଲାମାନେ ଖୋଲା ପରିବେଶ ଓ ଖେଳକୁଦର ସୁବିଧା ନ ପାଇ ବାଧ ହୋଇ ଘର ଭିତରେ ରହି ଡିଜିଟାଲ ଶୋଷଣର ଶିକାର ହେଉଛନ୍ତି। ଓଡ଼ିଶାର ସମସ୍ତ ସହରରେ ଏହି ପରିବେଶ ଦେଖାଦେଇଛି। ଏହି ବିକଟ ସମସ୍ୟାର ସମାଧାନ ପାଇଁ ରାଜନେତା ଓ ଶିକ୍ଷିତ ସମାଜ ଇଚ୍ଛାଶକ୍ତି, ପାରଦର୍ଶିତା, ସମାଜ ପ୍ରତି ସଂବେଦନଶୀଳତା ଓ ସାହସ ଦେଖାଇବା ଦରକାର।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ସେବା କରିବାର ନିଷ୍ଠା ସମ୍ମୁଖରେ ଅର୍ଥର ମୂଲ୍ୟ କିଛି ନୁହେଁ, ଯାହା ପ୍ରମାଣ କରିଛନ୍ତି ଶଶାଙ୍କ ମୋଧିଆ। ସେ ଆମେରିକାର ଇଣ୍ଟରନ୍ୟାଶନାଲ ହେଲ୍‌ଥକେୟାର କମ୍ପାନୀ ବକ୍ସର ଇଣ୍ଟରନ୍ୟାଶନାଲରେ ଚାକିରି କରିଥିଲେ। ଏହାକୁ ଛାଡ଼ି ସେ ଏବେ ଗ୍ରାମାଞ୍ଚଳରେ ରୋଗୀ ସେବାରେ ଲାଗିଛନ୍ତି। କିଡ୍‌ନୀ ଡାଏଲିସିସ କରୁଛନ୍ତି ଓ ତାହା ପୁଣି ଅଧା ଦାମ୍‌ରେ। କିଡ୍‌ନୀ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇ ଦେବା ଲାଗି ସେ ୨୦୧୯ରେ ଦି ରିନାଲ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ମୁଖ୍ୟତଃ ଦ୍ୱିତୀୟ ଏବଂ ତୃତୀୟ ସ୍ତରରେ ଥିବା କିଡ୍‌ନୀ ରୋଗୀଙ୍କ ପାଇଁ ଏହି ସେବା ଉପଲବ୍ଧ ହେଉଛି। ୩୯ ବର୍ଷୀୟ ଶଶାଙ୍କ ୟୁନିଭର୍ସିଟି ଅଫ ଟେକ୍ସାସରେ ବାୟୋମେଡିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସେଠାରେ ବକ୍ସର ଇଣ୍ଟରନ୍ୟାଶନାଲରେ କାର୍ଯ୍ୟ କରୁଥିଲେ। ଏବେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସେବା ଯୋଗାଇ ଦେବାରେ ଆର୍ଥିକ ସମସ୍ୟା ଉପୁଜିଥିଲେ ବି ସେ ରୋଗୀମାନଙ୍କଠାରୁ ଗ୍ରହଣ କରୁଥିବା ଅଧା ଫିଁରେ ସବୁ ଖର୍ଚ୍ଚ ତୁଲାଉଛନ୍ତି। ଶଶାଙ୍କଙ୍କୁ ନେଫ୍ରୋଲୋଜିଷ୍ଟ ଡା. ଧନଞ୍ଜୟ ଓକଲ୍‌କର ସହଯୋଗ କରୁଛନ୍ତି। ପ୍ରାୟ ୫୦% ରୋଗୀ ମୁମ୍ବାଇଠାରୁ ୧୦୦କି.ମି. ଦୂରରେ ରହିଛନ୍ତି। ସେମାନଙ୍କୁ ବି ସେ ନିୟମିତ ସେବା ଯୋଗାଇ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୭୫

- ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର କୋଇଲା ବିଭାଗ ବିହାର ପାଲାମଉ ଜିଲାର ଧାଧୁଠାରେ ଏକ କୋଇଲା ଖଣିର ସନ୍ଧାନ ପାଇଛନ୍ତି।
- ସିମେଣ୍ଟ ଶିଳ୍ପ ପାଇଁ କେନ୍ଦ୍ର ସରକାର ଏକ ୧୩ଜଣିଆ ଜାତୀୟ ଶିଳ୍ପ ଉନ୍ନୟନ କମିଟି ଗଠନ କରିଛନ୍ତି।
- ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ୭୫ଟି ରପ୍ତାନିକାରୀ ଶିଳ୍ପ ସଂସ୍ଥାକୁ ଜାତୀୟ ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ବାଂଲାଦେଶର ଭାରତ ବିରୋଧୀ ପଦକ୍ଷେପ

ମହାଶୟ,

୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଆନ୍ଦୋଳନରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ପଶ୍ଚିମ ପାକିସ୍ତାନର କଠୋର ଦମନଲୀଳାରେ ପୀଡ଼ିତ ଲକ୍ଷ ଲକ୍ଷ ବାଂଲାଦେଶୀ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ଯେଉଁ ଦେଶର ଗଠନରେ ଭାରତର ତ୍ୟାଗ ରହିଥିଲା ଓ ଏହା ଅକଥନୀୟ ସମସ୍ୟା ଭିତରେ ଗତି କରିଥିଲା। ତା'ର ପ୍ରାସଙ୍ଗିକତାକୁ ଆଜି ସେମାନେ ଭୁଲିଯାଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଆକ୍ରମଣ କରୁଛନ୍ତି। ସେମାନଙ୍କ ଘରଦ୍ୱାର, ସମ୍ପତ୍ତି ନଷ୍ଟକରିବା, ହିନ୍ଦୁ ଦେବଦେବୀ ପ୍ରତିମାଙ୍କୁ ଭାଙ୍ଗିବା, ହିନ୍ଦୁମନ୍ଦିର ସବୁକୁ ଭାଙ୍ଗି ଧ୍ୱଂସ କରିବା ଇତ୍ୟାଦି ବର୍ବରତାର ପରିଚୟ। ଧର୍ମ ନାମରେ ଦେଶର ରାଜନୈତିକ ଶାସନ ବ୍ୟବସ୍ଥା ପ୍ରଚଳନ କରିବା ଏବଂ ଧର୍ମକୁ ନେଇ ରାଜନୀତି କରି ଗୋଷ୍ଠୀ ସଂଘର୍ଷ ଦ୍ୱାରା ଅପରାଧ ରଚିବାର ବିକୃତ ମାନସିକତା ରଖିବା ଠାରୁ ନିବୃତ୍ତ ରହିଲେ ଦେଶର ଶାନ୍ତି ପ୍ରଗତି କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଆସିପାରିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଦେଶ ବିଭାଜନ ସମୟରେ ନିଜ ବାସସ୍ଥାନ ପରିତ୍ୟାଗ ନକରି ଭାରତ ଆସିନଥିବା ସମସ୍ତ ହିନ୍ଦୁ ଓ ଶିଖ ଏବଂ ମୁସଲମାନଙ୍କର ସ୍ଥିତାବସ୍ଥାକୁ ସ୍ୱୀକୃତି ପ୍ରଦାନ କଲେ ବାଂଲାଦେଶରେ ସୁଶାସନ ଆସିବ। କିନ୍ତୁ ଧର୍ମ ନାମରେ ଦେଶପ୍ରେମର ମୂଲ୍ୟାଙ୍କନ କରିବାରେ ପାକିସ୍ତାନ ଓ ବାଂଲାଦେଶ ସମ୍ପୂର୍ଣ୍ଣ ବିଫଳ।

–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାହିଁବାକୁ ତାହା ଲଭିଛୁ ସିନା
ମଣିଷ ପରି
ଶିଖିଛୁ କେବଳ ଆପଣା ଛାଏଁ
କୁଟିଳ କରି।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୬୪୯ ଥାନାକୁ ଦିଆଯିବ ହାଇସ୍ପିଡ୍ ଯାନ: ମୁଖ୍ୟମନ୍ତ୍ରୀ

■ ପ୍ରତି ଥାନାକୁ ୭ ହାଇସ୍ପିଡ୍ ବାଇକ୍, ଆଇଆଇସିଙ୍କ ଲାଗି ସ୍ୱତନ୍ତ୍ର ଚାରି ଚକିଆ
■ ସୃଷ୍ଟି ହେବ ୬ଟି ଓଏସ୍ଆଇଏଫ୍ ବାଟାଲିୟନ
■ ଏଇ ବର୍ଷ ୧୦ ହଜାର ପଦବୀ ପୂରଣ ହେବ

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)

ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ସୋମବାର ବିଧାନସଭାରେ ପାରିତ ହୋଇଛି। ଖର୍ଚ୍ଚ ଦାବି ଆଲୋଚନା ଶେଷରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଭଲ ରଖିବା ଲାଗି ଗୃହ ବିଭାଗ କାର୍ଯ୍ୟ କରୁଛି। ବିଭାଗୀୟ ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ସମୟରେ ବିରୋଧୀ ଦଳ ସଦସ୍ୟଙ୍କ କଥାରୁ ସ୍ପଷ୍ଟ ହୋଇଛି ଯେ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଖରାପ ନାହିଁ। ବିରୋଧୀ ଭରତପୁର ଥାନା ଘଟଣା ଉଠାଉଥିଲେ। ଏହି ଘଟଣାର ରିପୋର୍ଟ ନିଶ୍ଚୟ ଆସିବ। ଗତ ୩ରୁ ୪ ମାସ ମଧ୍ୟରେ ରାଜ୍ୟରେ ପାର୍ବଣ ଋତୁ ଶାନ୍ତିଶୃଙ୍ଖଳାରେ ଯାଇଛି। ରାଜ୍ୟରେ ଡିଜିପି ସମ୍ମିଳନୀ ସଫଳ ଭାବେ ସମାପ୍ତ ହୋଇଛି। ଆସନ୍ତା ଜାନୁଆରୀ ୮, ୯ ଏବଂ ୧୦ରେ ଜନତା ମଇଦାନରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ହେବ। ଭାଜପା ସରକାର ରାଜ୍ୟରେ ଦାୟିତ୍ୱ ନେବା ପରେ ମାଓବାଦୀ ବିରୋଧୀ ଅଭିଯାନରେ ୬ ଜଣ ନିହତ ହୋଇଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି ଏବଂ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ମୁକାବିଲା ଲାଗି ୩ଟି ଓଏସ୍ଏସ୍ଏଫ୍ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୪ ଥର ବିଧାୟକ ଭାବେ ନିର୍ବାଚିତ ହେବା ଭିତରେ ତାଙ୍କ ଅନୁଭୂତି ଅନୁଯାୟୀ, ଥାନାରେ ଆଇଓଙ୍କ ପାଖକୁ ଏକାଧିକ ମାମଲା ଆସୁଛି। ତେଣୁ ଥାନାକୁ ଅଧିକ ସକ୍ରିୟ କରିବା ଲାଗି ପ୍ରତ୍ୟେକ ଥାନାକୁ ୭ଟି ଲେଖା ହାଇସ୍ପିଡ୍ ବାଇକ୍ ଦିଆଯିବ। ଆଇଆଇସିଙ୍କ ଲାଗି ସ୍ୱତନ୍ତ୍ର ଭାବେ ଚାରିଚକିଆ ଯାନ ଦିଆଯିବ। ଅପରାଧୀମାନେ ବ୍ୟବହାର କରୁଥିବା ଯାନକୁ ଗୋଡ଼ାଇ ଧରିବା ଲାଗି ହାଇସ୍ପିଡ୍ ଗାଡ଼ି ଆବଶ୍ୟକ। ତେଣୁ ପ୍ରତ୍ୟେକ ଥାନା, ଫାଣ୍ଡି, ବିଟ୍ ହାଉସ୍ ଏବଂ ପୋଲିସ ସହାୟତା କେନ୍ଦ୍ରରେ ଏହି ସୁବିଧା ରହିବ। ୬୪୯ ଥାନାକୁ ହାଇସ୍ପିଡ୍ ଯାନ ଦିଆଯିବ। ମାଓବାଦୀ ଦମନ ଲାଗି ହେଲିକପ୍ଟର ଯୋଗାଇ ଦେବାକୁ କେନ୍ଦ୍ର ସରକାରକୁ ଅନୁରୋଧ କରାଯାଇଛି। ଓଡ଼ିଶା ଶିଳ୍ପର ହବ୍ ହେବାକୁ ଯାଉଛି। ତେଣୁ ରାଜ୍ୟର ସୀମା ଅଞ୍ଚଳରେ ୬ଟି ଓଏସ୍ଆଇଏଫ୍ ବାଟାଲିୟନ ସୃଷ୍ଟି କରାଯିବ। ଏହାଦ୍ୱାରା ୬ ହଜାର ପଦବୀ ସୃଷ୍ଟି ହେବ। ଏଇ ଆର୍ଥିକ ବର୍ଷ ଭିତରେ ଗୃହ ବିଭାଗରେ ୧୦ ହଜାର ପଦବୀ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗତ ସରକାର ଆଉଟସୋର୍ସିଂ, ଠିକା ନିଯୁକ୍ତି ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ଆମ ସରକାର ସ୍ଥାୟୀ ନିଯୁକ୍ତି ଉପରେ ଧ୍ୟାନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଏ ପର୍ଯ୍ୟନ୍ତ ମୋଟ୍ ୬୮୪୨ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ସରକାର ୫୩୧୧ଟି ଅଭିଯୋଗର ସମାଧାନ କରିସାରିଛନ୍ତି। ମୃତ ସରକାରୀ କର୍ମଚାରୀଙ୍କ ପୁଅ, ଝିଅ କିମ୍ବା ସାବତ ପିଲାଙ୍କୁ ବିଭାଗରେ ଚାକିରି ଯୋଗାଇ ଦିଆଯିବ। ପ୍ରାର୍ଥୀଙ୍କ ବାସ୍ତବ ସ୍ଥିତି ଦେଖି ଏହା ଉପରେ ନିଷ୍ପତ୍ତି ହେବ। ଭାଜପା ସରକାର ଆସିବା ପରେ ୯୦ ଜଣ ସରକାରୀ ଅଧିକାରୀଙ୍କୁ ଆୟବର୍ହିଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ଗିରଫ କରାଯାଇଛି। ସେମାନଙ୍କଠାରୁ ୭୭ କୋଟି ଟଙ୍କା ଆଦାୟ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଯାତ୍ରାରେ ଅଶ୍ଳୀଳତା ବନ୍ଦ ହେଉ

ଭୁବନେଶ୍ୱର,୨।୧୨(ଅନିଲ ଦାସ)

ଯାତ୍ରାରେ ପ୍ରଦର୍ଶିତ ହେଉଥିବା ଅଶ୍ଳୀଳତାକୁ ନେଇ ବିଧାନସଭାରେ ଶାସକ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶାସକ ଦଳ ସଭ୍ୟ ସନାତନ ବିଜୁଳି ସୋମବାର ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ଯାତ୍ରାରେ ଅଙ୍ଗ ପ୍ରଦର୍ଶନ ହେଉଛି। ଅଶ୍ଳୀଳତା ଭାଷା ଓ ଅଙ୍ଗ ପ୍ରଦର୍ଶନ କରାଯାଉଛି, ଯେଉଁଥି ପାଇଁ ପରିବାର ଏକାଠି ବସି ଯାତ୍ରା ଦେଖିବାକୁ କୁଣ୍ଠାବୋଧ କରୁଛନ୍ତି। ଷ୍ଟେଜ ଉପରେ ଜିଅନ୍ତା ଘୁଷୁରି ଓ କୁକୁଡ଼ାକୁ ଖାଇ ଯାତ୍ରା ପ୍ରଦର୍ଶନ କରାଯାଉଛି। ଯାତ୍ରା କଳାକାରଙ୍କୁ ଆମେ ବିରୋଧ କରୁନାହୁଁ, ମାତ୍ର ଏଥିରେ ଅଶ୍ଳୀଳତା ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ବାବୁ ସିଂ ମଧ୍ୟ ସନାତନ ବିଜୁଳି ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରିଥିଲେ। ସେ କହିଥିଲେ, ଓଡ଼ିଆ ଅସ୍ମିତା କହି ଆମେ ସରକାରକୁ ଆସିଛୁ। ଯାତ୍ରା ସଂସ୍କୃତିକୁ କଳୁଷିତ କରାଯାଉଛି। ରାଜ୍ୟରେ କଳା, ସଂସ୍କୃତି ଏଥିପାଇଁ ନିମ୍ନଗାମୀ ହେଉଛି। ଏହାକୁ ବନ୍ଦ କରିବାକୁ ସେ ଦାବି କରିଛନ୍ତି।

## ଜଣେ କଳାକାର, ନାଟ୍ୟଦଳ ପରିଚାଳକ ଗିରଫ

### ମଞ୍ଚରେ ଜିଅନ୍ତା ଘୁଷୁରି ଖାଇବା ଘଟଣା

ହିଞ୍ଜିଳିକାଟୁ,୨।୧୨ (ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗାଁ କାଞ୍ଚିଅଁଳା ଯାତ୍ରାରେ ଚାଲିଥିବା ରାମାୟଣ ନାଟକ ମଞ୍ଚରେ ଜିଅନ୍ତା ଘୁଷୁରି ଖାଇବା ଘଟଣାରେ ଜଣେ କଳାକାର ଓ ନାଟ୍ୟଦଳ ପରିଚାଳକ ଗିରଫ ହୋଇଛନ୍ତି। ଗିରଫ କଳାକାର ଜଣକ ହେଲେ କବିସୂର୍ଯ୍ୟନଗର ଥାନା ବଡ଼ଖରିଡା ଗ୍ରାମର ବିମ୍ବାଧର ଗୌଡ଼(୫୦)। ସେ ଚିକିଲି ରାମାୟଣ ନାଟକ ଦଳରେ ରାକ୍ଷସ ଚରିତ୍ରରେ ଅଭିନୟ କରି ଏହି ଅମାନବୀୟ କାର୍ଯ୍ୟ କରିଥିଲେ। ହିଞ୍ଜିଳି ଥାନା ମାମଲା ନଂ. ୯୮୫/୨୪ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣିକି ନାଟକ ପରିବେଷଣ ବେଳେ କୌଣସି ବର୍ବରତା ଅଭିନୟ ନ କରିବା ପାଇଁ ଯାତ୍ରାଦଳ ଓ ଯାତ୍ରା କମିଟିକୁ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ଆସିକା ଏସ୍‌ଡିପିଓ ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି। ସେହିପରି ନାଟକ ପରିଚାଳକ ଖଲ୍ଲିକୋଟ ଥାନା ଚିକିଲି ଗ୍ରାମର ନାରାୟଣ ସ୍ୱାଇଁଙ୍କୁ ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ରାଳବ ଗ୍ରାମରେ କାଞ୍ଚିଅଁଳା ଯାତ୍ରା ହୋଇଥିଲା। ଯାତ୍ରାରେ ଗଞ୍ଜାମ ଜିଲାର ୨ଟି ଦଳ ପକ୍ଷରୁ ରାମାୟଣ ନାଟକ ପରିବେଷଣ ହୋଇଥିଲା। ତେବେ ନାଟକ ଦେଖିବାକୁ ଯେଭଳି ଅଧିକ ଲୋକ ରୁଣ୍ଡ ହେବେ ସେଥିପାଇଁ ଅଶ୍ଳୀଳ ନୃତ୍ୟ, ବିଷଧର ସାପ ଖେଳାଇବା ଓ ଜିଅନ୍ତା ଘୁଷୁରି ଖାଇବା ଆଦି ବେଆଇନ କାର୍ଯ୍ୟ ହୋଇଥିଲା। ରାକ୍ଷସ ଚରିତ୍ରରେ ଅଭିନୟ କରୁଥିବା କଳାକାରମାନେ ଜିଅନ୍ତା ଘୁଷୁରିକୁ ଖାଉଥିଲେ ସୁଦ୍ଧା ଲୋକେ ପ୍ରତିବାଦ କରି ନ ଥିଲେ। ଏପରିକି ଯାତ୍ରାରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ସୁରକ୍ଷା ବାହିନୀ ମଧ୍ୟ ନୃଶଂସତା ବନ୍ଦ କରି ନ ଥିଲା। ଏସବୁର ଫଟୋ, ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ହିଞ୍ଜିଳି ପୋଲିସ ଜଣେ କଳାକାରଙ୍କୁ ଗିରଫ କରିଛି। ବନ ବିଭାଗ ପକ୍ଷରୁ ମଧ୍ୟ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହିଞ୍ଜିଳିକାଟୁ ବନପାଳ ଘରମଣି ପାଣିଗ୍ରାହୀ କହିଛନ୍ତି।


ବିମ୍ବାଧର ଗୌଡ଼


ନାରାୟଣ ସ୍ୱାଇଁ

## କଣ୍ଟିଜେନ୍ସି ଖର୍ଚ୍ଚରେ ଅନିୟମିତତା

### ବ୍ୟୟ ଅଟକଳ ୫୦ ଲକ୍ଷ, ଆପ୍ରୁଭାଲ ୧୨ କୋଟି

କେନ୍ଦୁଝର/ହାଟଡିହୀ,୨।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଡିଏମ୍ଏଫ୍ ଫଣ୍ଡରୁ ହୋଇଥିବା କଣ୍ଟିଜେନ୍ସି ଖର୍ଚ୍ଚରେ ଅନିୟମିତତା ଅଭିଯୋଗ ହୋଇଛି। ଡିଏମ୍ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମୋଦିତ ପ୍ରକଳ୍ପ ପାଇଁ ୫୦ ଲକ୍ଷ ବ୍ୟୟବରାଦ ହୋଇଥିବା ବେଳେ ୧୨ କୋଟି ଆପ୍ରୁଭାଲ ହୋଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, ୨୪ ଜୁନ୍ ୨୦୨୧ରେ ଦଶମ କେନ୍ଦୁଝର ଡିଏମ୍ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ ବସିଥିଲା। ଏଥିରେ ମୋଟ ୨୫୦ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ପ୍ରକଳ୍ପ ସିରିଏଲ ନଂ.୨୧୦ରେ ସରକାରୀ ଏବଂ ଏଡେଡ୍ ହାଇସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ ପାଇଁ ପ୍ରକଳ୍ପ ଅନୁମୋଦନ ହୋଇ ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କିନ୍ତୁ ୨୯ ଅକ୍ଟୋବର ୨୦୨୪ରେ ଡିଏମ୍ଏଫ୍‌ର ସିଇଓ ଅର୍ଡର (ନଂ.୨୩୯୧/୨୯ ଅକ୍ଟୋବର ୨୦୨୪)ରେ ଜିଲା ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ତଥା ଏମ୍ପ୍ଲୟମେଣ୍ଟ ଅଫିସରଙ୍କ ଫେଭରରେ ୧୨.୦୨ କୋଟି ଟଙ୍କା ଆଡ୍‌ମିନିଷ୍ଟ୍ରେଟିଭ ଆପ୍ରୁଭାଲ କରିଛନ୍ତି। ଆପ୍ରୁଭାଲ ଟଙ୍କା ମଧ୍ୟରୁ ୩ କୋଟି ୬୦ ଲକ୍ଷ ୬୦ ହଜାର ଟଙ୍କା ରିଲିଜ୍ ପାଇଁ ଚିଠି(ନଂ.୨୫୪୫/୧୬ ନଭେମ୍ବର ୨୦୨୪)ରେ ଡିଏମ୍ଏଫ୍ ତରଫରୁ ଅଧ୍ୟକ୍ଷ ଓ ସିଇଓଙ୍କ ଦସ୍ତଖତ ସମ୍ବଳିତ ଚିଠି ବ୍ୟାଙ୍କକୁ ଜାରି ହୋଇଛି। ଅନ୍ୟପକ୍ଷେ ଆଡ୍‌ମିନିଷ୍ଟ୍ରେଟିଭ ଆପ୍ରୁଭାଲ ପରେ ବିଡର ପାଇଁ ଟେଣ୍ଡର ଆହ୍ୱାନ କରାଯାଏ। କିନ୍ତୁ ଆଡ୍‌ମିନିଷ୍ଟ୍ରେଟିଭ ଆପ୍ରୁଭାଲ ପୂର୍ବରୁ ୬ ମାର୍ଚ୍ଚ ୨୦୨୪ରେ ମୁମ୍ବାଇର ଏକ ସଂସ୍ଥାକୁ ବିଡର ଭାବେ ଚୟନ କରାଯାଇ ୧୬ ମାର୍ଚ୍ଚ ୨୦୨୪ରେ ଏଗ୍ରିମେଣ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଏଥିସହ ଚିଠି ନଂ.୨୫୫୯/୧୬ ନଭେମ୍ବର ୨୦୨୪ ଅନୁସାରେ ୩ୟ, ୫ମ, ୭ମ, ୮ମ, ୯ମ ଟ୍ରଷ୍ଟ ବୋର୍ଡ ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅନୁମୋଦନ ହୋଇଥିଲେ ବି ବ୍ୟୟ ବରାଦ ଅନୁଦାନ ରାଶି ଉଲ୍ଲେଖ ହୋଇନାହିଁ। ଅନୁଷ୍ଠିତ ମୋଟ ୧୧ଟି ଟ୍ରଷ୍ଟ ବୋର୍ଡ ବୈଠକରେ ୨୮୩୩ଟି ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୩୨୮୦ଟି ପ୍ରକଳ୍ପ ଆଡ୍‌ମିନିଷ୍ଟ୍ରେଟିଭ ଆପ୍ରୁଭାଲ ହୋଇଛି। ୯୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା,୨୧ଟି ପ୍ରକଳ୍ପ କ୍ୟାନ୍‌ସଲ, ୭୦୮ଟି ପ୍ରକଳ୍ପ ଆଦୌ ଆରମ୍ଭ ହୋଇ ନ ଥିବା, ୧୫୬୨ଟି ପ୍ରକଳ୍ପ ଚାଲୁ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ୯ ହଜାର ୭୫୬ କୋଟି ୪୬ ଲକ୍ଷ ୧ ହଜାର ୮୦୬ ଟଙ୍କା ଅନୁମୋଦନ ହୋଇଥିବା ବେଳେ ୫ ହଜାର ୪୬୬ କୋଟି ୩୧ ଲକ୍ଷ ୫୧ହଜାର ୫୬ଟଙ୍କା ରିଲିଜ୍ ହୋଇଛି। କଣ୍ଟିଜେନ୍ସି ବାବଦରେ ୩୬ କୋଟି ୫୦ ଲକ୍ଷ ୮୩ ହଜାର ୯୩୩ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ୨୭ ନଭେମ୍ବର ୨୦୨୪ରେ ଏହାର ତଦନ୍ତ ନିର୍ଦ୍ଦେଶ କେନ୍ଦୁଝର ଜିଲାପାଳଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ଡିଏମ୍ଏଫ୍ ସିଇଓ କୁମାର ନାଗଭୂଷଣ ମିଶ୍ର କହିଛନ୍ତି, ପ୍ରକଳ୍ପ ମୂଲ୍ୟ ଅନୁମୋଦନ ଅନୁଯାୟୀ ପ୍ରଶାସନିକ ଅନୁମୋଦନ ହୋଇଥିବ। ତେବେ କ'ଣ ହୋଇଛି, ସେ ଦେଖିଲେ କହି ପାରିବେ ବୋଲି କହିଥିଲେ।

## ମାଟିତଳୁ ବାହାରିଲା ଟଙ୍କା

### ମୃତ୍ୟୁ ପୂର୍ବରୁ କହିଯାଇଥିଲେ ବାପା

କୋରାପୁଟ/ନାରାୟଣପାଟଣା, ୨।୧୨(ଅମିତାଭ ବେହେରା/ରାଜକିଶୋର ଜେନା)

ଦିନ ମଜୁରୀ କରି ସଞ୍ଚିତ ଟଙ୍କାକୁ ମାଟି ତଳେ ପୋତି ରଖିଥିଲେ ବାପା। ମୃତ୍ୟୁ ପୂର୍ବରୁ ପରିବାର ସଦସ୍ୟଙ୍କୁ ଏନେଇ ଜଣାଇଥିଲେ। ତାଙ୍କ କହିବା ମୁତାବକ ମାଟି ଖୋଳିବା ପରେ ପ୍ରାୟ ୩୩ ହଜାର ଟଙ୍କା ବାହାରିଛି। କିନ୍ତୁ ଟଙ୍କାଗୁଡ଼ିକୁ ଉଇ ଅଧା ଖାଇସାରିଥିବା ବେଳେ ଫଟା ନୋଟ୍ ବାହାରିଛି। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍‌ର କେଲୁବାଡି ଗ୍ରାମରେ ଏଭଳି ଘଟଣା ସାମନାକୁ ଆସିଛି।

ସୂଚନାଯୋଗ୍ୟ, କେଲୁବାଡି ଗ୍ରାମର ସୀତାରାମ ମେଲେକା (୭୦)ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ସେ ପରିବାର ଲୋକଙ୍କୁ ପାଖକୁ ଡାକି ଲକ୍ଷାଧିକ ଟଙ୍କା ଓ ସୁନାଗହଣା ମାଟି ତଳେ ପୋତି ରଖିଥିବା ନେଇ ଜଣାଇଥିଲେ। ଏହା ପରେ ସୀତାରାମଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ସଦସ୍ୟ ତାଙ୍କର ଅନ୍ତିମ ସଂସ୍କାର କରାଇବା ପରେ ଆରମ୍ଭ ହୋଇଥିଲା ଗୁପ୍ତଧନ ସନ୍ଧାନ କାର୍ଯ୍ୟ। ଘର ନିକଟରେ ଥିବା ଏକ ଗଛ ତଳୁ ମାଟି ଖୋଳିଥିଲେ ମୃତକଙ୍କ ପୁଅ ଓ ପରିବାର ଲୋକେ। ମାଟି ତଳୁ ବାହାରିଥିଲା ନୂଆଁ ପୁରୁଣା ୧୦୦, ୫୦ ଓ ୧୦ଟଙ୍କିଆ ନୋଟ ବିଡ଼ା। କିନ୍ତୁ କେତେକ ନୋଟ୍‌କୁ ଉଇ ଖାଇଯାଇଥିବା ବେଳେ ଅନ୍ୟ କେତେକ ଫାଟି ନଷ୍ଟ ହୋଇଯାଇଥିଲା। ବଳକା ଟଙ୍କା ଓ ସୁନାଗହଣା ସନ୍ଧାନରେ ପରିବାର ଲୋକେ ମାଟି ଖୋଳା ଜାରି ରଖିଛନ୍ତି।


ମାଟିତଳୁ ବାହାରିଥିବା ନୋଟ୍ ବିଡ଼ା।







ନୌସେନା ଦିବସ ଅବ୍ୟବହିତ ପୂର୍ବରୁ ସୋମବାର ପୁରୀ ବ୍ଲୁ ଫ୍ଲାଗ ବିଚ୍‌ଠାରେ ନୌସେନା ପକ୍ଷରୁ ରିହର୍ସଲ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୨।୨୦୨୪

| | |
|---|---|
| ୪,୯୦,୩୪୭ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୪୬.୨୨୦ ଗ୍ରାମ୍ |

# ନୌସେନା କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୪ରେ ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ଠାରେ ନୌସେନା ଦିବସ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଓ ନୌସେନା ପକ୍ଷରୁ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୋମବାର ପୁରୀ ଗସ୍ତରେ ଆସି ସମୀକ୍ଷା କରିଛନ୍ତି।

ସର୍କିଟ୍ ହାଉସ ଠାରେ ସୋମବାର ଅପରାହ୍ଣରେ ନୌସେନା ଦିବସ ପାଳନ ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଆହୁଜା ନୌସେନା ଦିବସ ପାଳନ ସହ ରାଷ୍ଟ୍ରପତି ଙ୍କ ଗସ୍ତ ପାଇଁ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ, ଗୋପବନ୍ଧୁ ଆୟୁର୍ବେଦିକ ମେଡିକାଲ୍‌ର ହୀରକ



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ।

ଜୟନ୍ତୀ ପାଳନ ଓ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ନୌସେନା ଦିବସରେ ଯୋଗ ଦେବେ। ତେଣୁ ସମସ୍ତ କାର୍ଯ୍ୟକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସେ ପରାମର୍ଶ ଦେଇଥିଲେ। ବ୍ୟାରିକେଡ୍ ନିର୍ମାଣ, ରାସ୍ତାଘାଟ ମରାମତି, ପାନୀୟ ଜଳ, ଶୌଚାଳୟ, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ, ଅଗ୍ନି ନିର୍ବାପକ, ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ, ପରିଷ୍କାର ପରିଚ୍ଛନ୍ନତା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଆସୁଥିବା ଅତିଥି, ପର୍ଯ୍ୟଟକମାନେ ଯେମିତି ଏକ ସୁଖଦ ଅନୁଭବ ଓ ସକରାତ୍ମକ ଭାବନା ନେଇଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ, ଅତିରିକ୍ତ ଡିଜି ସଞ୍ଜୀବ କୁମାର ପଣ୍ଡା, ପରିବହନ କମିଶନର ଅମିତାଭ ଠାକୁର, ଡିଆଇଜି ଅଖିଳେଶ୍ୱର ସିଂ, ଚରଣ ସିଂ ମୀନ ଓ କନୱର ବିଶାଲ ସିଂ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଶେଷ ହେଲା ଦେବଦୀପାବଳି

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗତ ୩ଦିନ ଧରି ଚାଲିଥିବା ଦେବ ଦୀପାବଳି ନୀତି ସୋମବାର ଶେଷ ହୋଇଛି। ଏହି ତିନିଦିନ ଶ୍ରୀବିଗ୍ରହମାନେ ଶ୍ରାଦ୍ଧବେଶ ଧାରଣ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ଶ୍ରାଦ୍ଧ ଦେଇଥିଲେ। ଶେଷଦିନ ସୋମବାର ମାର୍ଗଶିର ପ୍ରତିପଦା ତିଥିରେ ଶ୍ରୀବିଗ୍ରହମାନେ ଦେବକୀ, ବାସୁଦେବ, ନନ୍ଦ, ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କୁ ଦୀପଦାନ କରିବା ସହ ଶ୍ରାଦ୍ଧ ତର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିରରେ ମହାଦୀପ ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ଶ୍ରୀବିଗ୍ରହମାନଙ୍କୁ ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ଠାକୁରମାନେ ତଡଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡ଼ାମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପରେ ମଦନ ମୋହନ ଦକ୍ଷିଣୀଘରୁ ବିଜେ ହୋଇଥିଲେ। ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପ ସଂସ୍କାର କରିଥିଲେ। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସିଂହାସନ ଉପରକୁ ଯାଇ ବନ୍ଦାପନା ନୀତି ସମ୍ପାଦନ କରି ଆଜ୍ଞାମା ଆଣି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଠାକୁରମାନଙ୍କୁ ନେଇ ଚାଉଳ ଗଛ ନିକଟରେ ଛିଡ଼ା କରିଥିଲେ। ପଢିଆରୀ ଜୟବିଜୟ ଦ୍ୱାର ଖୋଲିଥିଲେ। ପରେ ମହାଦୀପ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ମହାଦୀପ କଳସଗୁଡ଼ିକୁ ପାଳିଆ ଚୂନରାଙ୍କୁ ଦିଆଯାଇଥିଲା। ସେ ଅଁଳାବେଢ଼ା ଉପରେ ଦୀପମାନ ଜାଳିଥିଲେ। ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କ ମହାଜନ ସେବକମାନେ ଝୁଲଣ ମଣ୍ଡପ ନିକଟ ବିମାନକୁ ବିଜେ କରାଇଥିଲେ। ନୀତି ସମ୍ପାଦନ ପରେ ବିମାନବଡୁ ସେବକମାନେ ଜଗନ୍ନାଥବଲ୍ଲଭ ମଠରେ ବିମାନକୁ ବିଜେ କରାଇଥିଲେ। ସେଠାରେ କାଠ ଭଦ୍ରାସନ ଆସ୍ଥାନ ଉପରେ ପଢିଆରୀ କରିଥିବା ଚାଉଳ ଗଛରେ ଦୀପ ସଂସ୍କାର କରିଥିଲେ। ମୁଦିରସ୍ତ ବନ୍ଦାପନା କରି ମହାପ୍ରଭୁଙ୍କ ଶ୍ରାଦ୍ଧ କାର୍ଯ୍ୟ ସମାପନ କରିଥିଲେ। ପରେ ଠାକୁରମାନେ ବାହୁଡ଼ା ବିଜେ କରିବା ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

ଅସ୍ତରଙ୍ଗ,୨।୧୨(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ଉପାଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଓ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ନନ୍ଦିନୀ ନିବେଦିତା ଯୋଗଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଏଥିରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି ବାଧିତ, ଶ୍ରବଣ ଶକ୍ତି ବାଧିତ, ମାନସିକ ଅନଗ୍ରସର ବ୍ୟକ୍ତି ପହଞ୍ଚି ଅନ୍‌ଲାଇନ ଯୋଗେ ନିଜର ନାମ ପଞ୍ଜୀକରଣ ପରେ ଉପସ୍ଥିତ ବିଶେଷଜ୍ଞଙ୍କଠାରୁ ନିଜ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ। ଏହି ଶିବିରରେ ମୋଟ ୩୫୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଏହାକୁ ନେଇ ଜିଲାସ୍ତରରେ ବିଚାରକରି ସାର୍ଟିଫିକେଟ ପ୍ରଦାନ କରାଯିବ। ଶିବିରରେ ମେଡିସିନ ବିଭାଗର ସନ୍ତୋଷ କୁମାର ସାହୁ, ଅସ୍ଥିଶଲ୍ୟ ବିଭାଗର ସହକାରୀ ପ୍ରଫେସର ସୁଶୀଲ କୁମାର ନାୟକ, କର୍ଣ୍ଣ ଓ ନାସା ବିଭାଗର ରବୀନ୍ଦ୍ର କୁମାର ଘଡ଼େଇ, ମାନସିକ ବିକାରଗ୍ରସ୍ତ ବିଭାଗର ଅମିତ କୁମାର ମହାନ୍ତି, ଶ୍ରବଣଶକ୍ତି ବାଧିତ ବିଭାଗର ଚନ୍ଦନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ରହି ଶିବିର କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ମହାପ୍ରସାଦ ପାଇଁ ଆସୁଥିଲା ୨୫ ଶଗଡ଼ ଧାନ

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ନିମାପଡ଼ାର ସଇଙ୍ଗ ପଞ୍ଚାୟତରେ ଓହଳ ନାମରେ ଗାଁଟି ଏବେ ପରିଚିତ। ପ୍ରାଚୀନ କାଗଜାତରେ ନାମ ଦରଜ ଅଛି ଓଳ। ଧଲ ଏକ ସଂସ୍କୃତ ଶବ୍ଦ। ଓଳ ଅର୍ଥ ଆର୍ଦ୍ରଭୂମି। ଧନୁଆ ନଦୀରୁ ଗୋଟେ ଶାଖା ନଦୀ ଓଳ ଅଞ୍ଚଳ ଦେଇ ପୁଣି ଓନୁଆରେ ମିଶିଥିଲା। ଏବେ ତାହା ଏକ ବଡ଼ ନାଳରେ ପରିଣତ ହୋଇ ରହିଛି। ନଦୀ ବଢିଲେ ଓଳ ମଉଜା ପାଣିରେ ବୁଡିଯାଏ। ମାଟି ଆର୍ଦ୍ର ରହୁଥିବାରୁ ପ୍ରଚୁର ଧାନ, ମୁଗ, ବିରି ଆଦି ଫସଲ ହେଉଥିଲା। ପ୍ରାଚୀନ କାଳରେ କୋଠଦେଶର ଏଇ ମଉଜାରୁ ମହାପ୍ରଭୁଙ୍କ ଭୋଗପାଇଁ ଚାଉଳ ଆସୁଥିଲା। ପୁରୀର ଶ୍ରୀଶଙ୍କରାନନ୍ଦ ମଠ ସ୍ୱାମୀଙ୍କୁ ଗଜପତି ମାର୍ଫତଦାର କରିଥିଲେ। ମଠର ସ୍ୱାମୀ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ସହ ପୁରୀ ଶ୍ରୀଲୋକନାଥ ମନ୍ଦିର ଦାୟିତ୍ୱରେ ଥିଲେ।କାଶୀ ଜଗନ୍ନାଥପୁର (କୋରୁଅ) ଜଙ୍ଗଲରେ ମଙ୍ଗଳାନଦୀ ଦାଢରେ ଯେପରି ଶ୍ରୀକପିଳେଶ୍ୱରଙ୍କୁ ସ୍ଥାପନ କରିଥିଲେ, ଓଳ ଖମାରରେ ସେହିପରି ସ୍ୱୟମ୍ଭୁ ଲିଙ୍ଗ ପାଇଁ ବିଶାଳ ମନ୍ଦିର ନିର୍ମାଣ କରାଇ ଖମାର ପ୍ରତିଷ୍ଠା କରିଥିଲେ। ଭୁବନେଶ୍ୱର ଶ୍ରୀକପିଳାସ ମନ୍ଦିର, କପିଳାସ ପାହାଡ

### ଶ୍ରୀଶଙ୍କରାନନ୍ଦ ମଠରେ ଓଳ ଖମାର ଓ ଶ୍ରୀ କପିଳେଶ୍ୱର ମହାଦେବ



ଉପରେ ଶ୍ରୀଚନ୍ଦ୍ରଶେଖର ମନ୍ଦିର ପରିଚାଳନା କରୁଥିଲେ। ସବୁଠାରେ ବିଜେ ପ୍ରତିମାଙ୍କ ନାମ ଶ୍ରୀଚନ୍ଦ୍ରଶେଖର ରହିଛି। ମଠର ବଳବ୍ରହ୍ମାନନ୍ଦ ସ୍ୱାମୀ ନିଜେ ଓହଳ ଗାଁ ଖମାରରେ ରହି ଚନ୍ଦନଯାତ୍ରା, ଶୀତଳଷଷ୍ଠୀ ଓ ଜାଗରଯାତ୍ରା ପରିଚାଳନା କରୁଥିଲେ। ଶ୍ରୀମନ୍ଦିରକୁ ୨୫ ଶଗଡ଼ ଧାନ ସେତେବେଳେ ଏହି ଖମାରରୁ ଆସୁଥିଲା। ଏଠାରେ ଉପାସ୍ୟା ଦେବୀ ହେଉଛନ୍ତି ଶ୍ରୀଗଣେଶ୍ୱରୀ। ନାଁରୁ ଜଣାଯାଏ କର୍ଣାଟକର ସ୍ୱାମୀ ପ୍ରତିଷ୍ଠା କରାଇଥିଲେ। ମାଳି, ପୂଜାରୀଙ୍କୁ ଜମି ଖଞ୍ଜା ଦେଇଥିଲେ। ମଠ ଏବେ ବି କାଗଜାତରେ ଶ୍ରୀଶଙ୍କରାନନ୍ଦ ସ୍ୱାମୀଙ୍କ ନାମ ଦରଜ ରହିଛି ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ତିନୋଟି ସାହିର ସାମାବେଶରେ ପ୍ରତିଷ୍ଠିତ ଏହି ଗାଁ ଶ୍ରୀଶଙ୍କରାନନ୍ଦ ମଠର ଜମି ଉପରେ ଗଢି ଉଠିଥିଲା। ମୁଖଶାଳା, ଜଗମୋହନ ଓ ମୁଖ୍ୟ ମନ୍ଦିର କୁଣ୍ଡା ପଥରରେ ନିର୍ମିତ। ମନ୍ଦିରରେ କୌଣସି ଅନ୍ୟାୟ ହେଲେ ନାଗରାଜ ଦେଖା ଦିଅନ୍ତି। ଦିଅଁଙ୍କ ପୋଖରୀକୁ ଅପବିତ୍ର କଲେ ପୋକ ସାଲୁବାଲୁ ହୁଅନ୍ତି। ପଞ୍ଚାମୃତ କରି ପବିତ୍ର ଅନୁଷ୍ଠାନ କରିବା ପରେ ଆପେ ଆପେ ପୋକ ଉଭେଇ ଯାଆନ୍ତି। ଶ୍ରୀଶଙ୍କରାନନ୍ଦ ମଠର ଟ୍ରଷ୍ଟ ବୋର୍ଡର ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏ ସଂକ୍ରାନ୍ତ ଐତିହ୍ୟ ଆଲୋଚନାରେ ସେବକ ବ୍ରଜକିଶୋର ପଣ୍ଡା, ସୌମ୍ୟରଞ୍ଜନ ନାୟକ, ଦୀପକ ପଣ୍ଡା, ନରେନ୍ଦ୍ର ପଣ୍ଡା ଏବଂ ଟ୍ରଷ୍ଟ ସଦସ୍ୟ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର ସଦାଶିବ ସାହୁ, ମିହିର କୁମାର ମିଶ୍ର, ଆଦିତ୍ୟ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଯାପିତ

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

କଳିଙ୍ଗ ବୈଶ୍ୟ ସଂଘ ଆନୁକୂଲ୍ୟରେ ସୁରକ୍ଷା ପ୍ରାକୃତିକ ଚିକିତ୍ସା ଶିବିର ପକ୍ଷରୁ ଦୁଇଦିନିଆ ମାଗଣା ପ୍ରାକୃତିକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘ ସଭାପତି ଦୀନଦୟାଲ କ୍ୟାଲ ଯୋଗଦେଇ ଅନୁଷ୍ଠାନର ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ସାମାଜିକ କର୍ମୀ ନିରଞ୍ଜନ ପାତ୍ର, ପ୍ରଦ୍ୟୁମ୍ନ କୁମାର ମିଶ୍ର, ସୁରକ୍ଷା ଅନୁଷ୍ଠାନ ପରିଚାଳକ ରାଧେଶ୍ୟାମ ରଥ ଉପସ୍ଥିତ ଥିଲେ। ପ୍ରତିଦିନ ୨ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ୩୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ଲୋକଙ୍କୁ ସେବା ଯୋଗାଇଥିଲେ। କଳିଙ୍ଗ ବୈଶ୍ୟ ସଂଘର ସମ୍ପାଦକ ଜୟଦେବ ନାୟକ ଧନ୍ୟବାଦ ଦେଇଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ଦେବଦୀପାବଳି



ସାକ୍ଷୀଗୋପାଳ,୨।୧୨(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ମାର୍ଗଶିର ଅମାବାସ୍ୟା ତିଥି ସୋମବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରି ପିତୃ ପୁରୁଷଙ୍କୁ ଦୀପଦାନ କରିଥିଲେ। ସନ୍ଧ୍ୟାଧୂପ ପୂର୍ବରୁ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଏହି ଅବସରରେ ଦୀପଦାନ କରି ଦେବକୀ–ବସୁଦେବ, ନନ୍ଦ–ଯଶୋଦା, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ଶ୍ରଦ୍ଧାର୍ପଣ କରାଯାଇଥିଲା। ମନ୍ଦିର ବେଢ଼ାରେ ପାର୍ଶ୍ୱ ଦେବଦେବୀ, ଗରୁଡ଼ ସ୍ତମ୍ଭ, ଅରୁଣ ସ୍ତମ୍ଭ, ସିଂହଦ୍ୱାର, ମଶାଣିଆ ମହାବୀର, ତ୍ରିନାଥ ମଣ୍ଡପ, ଜାଗା ମହାବୀର, ମା' ତାରିଣୀ, ମା' ଜାଗେଶ୍ୱରୀ, ଶ୍ରୀରାମ ମନ୍ଦିର, ସେବାୟତ ସଂଘ କାର୍ଯ୍ୟାଳୟ ଜାଗାଘର ଓ ପ୍ରାଚୀର ଉପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆଖପାଖ ବିଭିନ୍ନ ଦେବାଳୟ ମଠବାଡିରେ ଦେବଦୀପାବଳି ପାଳିତ ହୋଇଯାଇଛି।

# ଗୁରୁ ହରିହର ଥିଲେ ସ୍ୱର ସାଧକ

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

ଗୁରୁ ହରିହର ଖୁଣ୍ଟିଆଙ୍କ ଏକତ୍ରିଂଶତମ ସ୍ମୃତି ସନ୍ଧ୍ୟା ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସଭାମଞ୍ଚରେ ସୋମବାର ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସନ୍ଧ୍ୟାକୁ କବିତିଳକ ଗୁରୁ ଆର୍ତ୍ତତ୍ରାଣ ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ପରିଷଦର କଳାକାରମାନେ ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନା ଓ ମାଧବ ଶ୍ରୀନନ୍ଦନଙ୍କ ବାଦ୍ୟ ସହଯୋଗରେ କବିତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ରଚନାକୁ ପରିବେଷଣ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ଗୁରୁ ବି. ବୁଦ୍ଧ ପ୍ରସାଦ ରାଓ ଓ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

ସେହିପରି କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ନନ୍ଦ ଏବଂ ପ୍ରଜ୍ଞା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଗୁରୁ ବି. ବୁଦ୍ଧ ପ୍ରସାଦ ରାଓ, ମଞ୍ଜୁଶ୍ରୀ ମହାନ୍ତି ଶାସ୍ତ୍ରୀୟ ସଙ୍ଗୀତ ଓ ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ 'ନବ ପ୍ରତିଭା' ଅନୁଷ୍ଠାନର କଳାକାରମାନେ 'ପୁତନା' ନୃତ୍ୟନାଟିକା ପରିବେଷଣ କରିଥିଲେ। ଚିତ୍ତରଞ୍ଜନ ପଣ୍ଡା, ଭାଗିରଥି ଖୁଣ୍ଟିଆ ଓ ବିଜୟ କୁମାର ପଣ୍ଡା ଉତ୍ସବ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ରବିନାରାୟଣ ପଣ୍ଡା, ଗୁରୁ ବିପିନ ବାରିକ, ଜଗନ୍ନାଥ ସାହୁ, ଗୁରୁ ଗୌରାଙ୍ଗ ଖୁଣ୍ଟିଆ, ଗୁରୁ ପ୍ରକାଶ ରଥ, ସୁରେନ୍ଦ୍ର ନାୟକ, କୃଷ୍ଣ ସାହୁ, ମନୋଜ ମହାପାତ୍ର , ପ୍ରାଣକୃଷ୍ଣ ମହାପାତ୍ର, ଅଶୋକ ମହାନ୍ତି, ଚନ୍ଦ୍ରଶେଖର ମହାରାଣା, ପ୍ରଦୀପ କୁମାର ଦାଶ, ପ୍ରସନ୍ନ ମିଶ୍ର, ନାରାୟଣ ସିହ୍ନା, ଶ୍ୟାମସୁନ୍ଦର ସେନାପତି, ଆରତୀ ଜେ ଦାସ, ଉମାକାନ୍ତ ଦାସ, ନଳିନୀକାନ୍ତ ନାୟକ, ପ୍ରମୋଦ ପ୍ରଧାନ, ଗୋବିନ୍ଦ ମହାନ୍ତି ପ୍ରମୁଖ କଳାପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଇନ୍ଦିରା ପ୍ରତିହାରୀଙ୍କ ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।




ସ୍ମୃତି ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରାଯାଉଛି ।

# ମନମୋହିଲା ମଣିପୁରୀ ନୃତ୍ୟ

### କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

କୋଣାର୍କ,୨।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବର ଦ୍ୱିତୀୟ ଦିନରେ ଭାରତ ବର୍ଷର ପ୍ରସିଦ୍ଧ ମଣିପୁରୀ ନୃତ୍ୟାଙ୍ଗନା ପ୍ରୀତି ପଟେଲ ଓ ତାଙ୍କ ସାଥୀବୃନ୍ଦଙ୍କ ଦ୍ୱାରା ମଣିପୁରୀ ନୃତ୍ୟଶୈଳୀରେ ନାଚେମଲେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଫୁଲର ବିଭିନ୍ନ ରୂପ ଓ ବିଭବକୁ ମଣିପୁରୀ ନୃତ୍ୟଶୈଳୀରେ ପରିବେଷଣ କରି ଶିଳ୍ପୀଗଣ ସେମାନଙ୍କ କଳାନୈପୁଣ୍ୟ ସହିତ ଭକ୍ତି ଭାବ, ପ୍ରେମ ଭାବ, ନିର୍ଭୟ ଭାବ ଓ ତ୍ୟାଗ ଭାବର ଏକ ନିର୍ମଳ ଛନ୍ଦକୁ ତୋଳି ଧରିଥିଲେ। ପ୍ରୀତି ପଟେଲଙ୍କ ପରିକଳ୍ପନା ଓ ନିର୍ଦ୍ଦେଶନାରେ ଏବଂ ଏସ୍ କରୁଣା ଦେବୀ ଓ ଥ. ଇମୋଚା ସିଂହଙ୍କ ସହଯୋଗରେ ଏହି ଅପୂର୍ବ ନୃତ୍ୟଶୈଳୀ ପ୍ରସ୍ତୁତ ହୋଇଥିଲା।

ଦ୍ୱିତୀୟ ଭାଗରେ ପରିବେଷଣ ହୋଇଥିଲା କୋଲକାତାରୁ ଆସିଥିବା ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁମା ଆଲୋକା କାନୁନ୍‌ଗୋଙ୍କ ଶିଞ୍ଜନ ନୃତ୍ୟାଳୟର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନେ ବନ୍ଦେ ମାତରମ୍, ତାରା ପଲ୍ଲବୀ ଓ ସୂର୍ଯ୍ୟଲାବଣ୍ୟ ତିନୋଟି ନୃତ୍ୟ ବିଭବକୁ ଓଡ଼ିଶୀ ମାଧ୍ୟମରେ ପରିବେଷଣ କରିଥିଲେ। ଶିଳ୍ପୀଙ୍କ ପରିବେଷଣ ଶୈଳୀରୁ ଓଡ଼ିଶୀ ନୃତ୍ୟର ଲାଳିତ୍ୟ, ମାଧୁର୍ଯ୍ୟ ଓ ଭଙ୍ଗିମା ଅତ୍ୟନ୍ତ ଉଚ୍ଚକୋଟୀର ମନେହୋଇଥିଲା। ନୃତ୍ୟ ନିର୍ଦ୍ଦେଶନା ଓ ପରିକଳ୍ପନାରେ ଆଲୋକା କାନୁନ୍‌ଗୋ, ସଙ୍ଗୀତରେ ଲକ୍ଷ୍ମୀକାନ୍ତ ପାଳିତ, ହିମାଂଶୁ ସାଇଁ ଓ ଧନେଶ୍ୱର ସ୍ୱାଇଁ ସହଯୋଗ କରିଥିଲେ।



୧୪ତମ ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବର ଦ୍ୱିତୀୟ ଦିନରେ ଦେଶବିଦେଶରୁ ଆସିଥିବା ଶିଳ୍ପୀମାନେ ସେମାନଙ୍କ କଳାନୈପୁଣ୍ୟରେ ଚନ୍ଦ୍ରଭାଗା ବେଳାଭୂମିକୁ ସଜାଇଛନ୍ତି। ଆଜିର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ଉଦ୍‌ଘାଟନ କରିଛନ୍ତି। ତତ୍‌ସହିତ ସୁପ୍ରିମ୍ କୋର୍ଟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଓ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

# ୪୫ ଟଙ୍କାରୁ ଖସୁନି ଦର, ହେଲା ଚଢ଼ାଉ

ଭୁବନେଶ୍ୱର, ୨।୧୨ (ବନ୍ଦନା ସେଠୀ)

## ଭୁବନେଶ୍ୱର ମାର୍କେଟକୁ ଆସିଲା ୨୫ ଗାଡ଼ି ଆଳୁ



ୟୁନିଟ-୪ ମାର୍କେଟରେ ଯୋଗାଣ ଅଧିକାରୀମାନେ ଆଳୁ ଦର ଯାଞ୍ଚ କରୁଛନ୍ତି।

ଗତ କିଛିଦିନ ଧରି ରାଜ୍ୟରେ ଆଳୁ ସଙ୍କଟ ଜାରି ରହିଛି। ହଠାତ୍ ଆଳୁର ଏପରି ଦରବୃଦ୍ଧି ସାଧାରଣ ଲୋକଙ୍କ ପକେଟ୍‌କୁ ଭାରି ବାଧୁଛି। ୩୦ଟଙ୍କାରୁ ଦର ଏବେ ୫୦ ଟଙ୍କାରେ ବିକ୍ରି ହେଉଥିବାରୁ ତରକାରି କଡ଼େଇରେ ଏବେ ଆଳୁର ଭାଗ କମିଯାଇଛି। ଆଳୁ ସଙ୍କଟକୁ ଦେଖି ବ୍ୟବସାୟୀମାନେ ଦରକୁ ବଢାଇ ଚାଲିଛନ୍ତି। ସୋମବାର ସକାଳେ ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆସିଥିବାବେଳେ ସେଥିରୁ ୨୫ ଗାଡ଼ି ଆଳୁ ଭୁବନେଶ୍ୱର ମାର୍କେଟକୁ ଆସିଛି। ଆଇଗିଣିଆ ଆଳୁ ଗଦିକୁ ୧୦ ଗାଡ଼ି, ୟୁନିଟ-୧ ହାଟକୁ ୪ ଗାଡ଼ି ଓ ବାକି ଆଳୁ ଡ଼ମଣା, ଶହୀଦନଗର ଏବଂ ଅନ୍ୟ ବଡ଼ବଡ଼ ହୋଲ୍‌ସେଲରଙ୍କ ପାଖକୁ ଯାଇଛି। ଗୋଟିଏ ଗାଡ଼ିରେ ପ୍ରାୟ ୨୫ ଟନ୍ ଆଳୁ ରହୁଛି। ତେବେ ରବିବାର ଆଳୁ କେଜି ୫୦ ଟଙ୍କା ଥିବାବେଳେ ସୋମବାର ଆଳୁ ଆସିବା ପରେ ଦର ୪୫ ଟଙ୍କାକୁ ଖସିଛି। ତେବେ ୟୁନିଟ୍-୧ ହାଟରେ ଦୈନିକ ୩ରୁ ୪ଗାଡି ଆଳୁ ବିକ୍ରି ହେଉଥିବାବେଳେ ହାଟକୁ ଆସିଥିବା ଆଳୁ ଅତି ବେଶିରେ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଯଦି ତୁରନ୍ତ ଅଧିକ ଆଳୁଗାଡ଼ି ଓଡ଼ିଶାକୁ ନ ଆସେ ତେବେ ପୁଣି ଦର ବୃଦ୍ଧି ପାଇବ ବୋଲି ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି। ଅପରପକ୍ଷେ ଚଢା ଦରରେ ଆଳୁ ବିକ୍ରି ଅଭିଯୋଗ ପାଇବା ପରେ ସୋମବାର ଯୋଗାଣ ବିଭାଗ ପକ୍ଷରୁ ୟୁନିଟ-୪ ଏବଂ ୟୁନିଟ୍-୧ ହାଟରେ ଚଢାଉ କରାଯାଇଥିଲା। ଏହି ସମୟରେ ରେଟ୍ ଚାର୍ଟ ଲଗାଇ ନ ଥିବାରୁ ଏବଂ କ୍ୟାସ୍‌ବୁକ୍ ଦେଖାଇ ପାରି ନ ଥିବାରୁ ୟୁନିଟ୍-୪ ହାଟରେ ୪ଜଣ ଏବଂ ୟୁନିଟ୍-୧ ହାଟରେ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏନେଇ ଯୋଗାଣ ବିଭାଗ ଅଧିକାରୀ ରୋହିତ୍ ଦାସ କହିଛନ୍ତି, ସୋମବାର ଉଭୟ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଭୁବନେଶ୍ୱର ମାର୍କେଟକୁ ୨୫ ଗାଡ଼ି ଆଳୁ ଆସିଛି। ବ୍ୟବସାୟୀମାନେ ୩୬ ଟଙ୍କାରେ ଆଳୁ କିଣିଥିବାରୁ ୪୦ଟଙ୍କାରେ ବିକିବେ। ତେବେ ୪୦ ଟଙ୍କାରୁ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଧିକ ଦରରେ ବିକ୍ରି କଲେ ବିକ୍ରେତାଙ୍କୁ ପ୍ରଥମେ ନୋଟିସ ଦିଆଯିବ। ନୋଟିସ ଜବାବ ଯାଞ୍ଚ ପରେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାର ମଧ୍ୟ ଆଳୁ ଗାଡ଼ି ଓଡ଼ିଶାକୁ ଆସିବାର ଅଛି। ତେଣୁ ଦର କମିବ ବୋଲି ଆଶା କରାଯାଉଛି। ତେବେ ଯେ ପର୍ଯ୍ୟନ୍ତ ଦର ନିୟନ୍ତ୍ରଣକୁ ନ ଆସିଛି ବିଭାଗ ପକ୍ଷରୁ ଏଭଳି ଚଢାଉ କରାଯିବ ବୋଲି ଦାସ କହିଛନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ ମଧ୍ୟ ଏଭଳି ଆଳୁ ସଂକଟ ଦେଖାଦେଇଥିଲା। ୨୦ଟଙ୍କା କେଜିରେ ମିଳୁଥିବା ଆଳୁର ଦର ହଠାତ୍ ବଢି ୬୦ ଛୁଇଁଥିଲା। ପଶ୍ଚିମବଙ୍ଗରୁ ସ୍ୱାଭାବିକ ଭାବେ ଆଳୁ ଆମଦାନୀ ହୋଇପାରୁ ନ ଥିବାରୁ ଏଭଳି ସ୍ଥିତି ଲାଗି ରହିଥିଲା।

### ବିହାର, ଝାଡ଼ଖଣ୍ଡ ଦେଇ ବୁଲି ଆସୁଛି ପଶ୍ଚିମବଙ୍ଗ ଆଳୁ

୧ନଂ. ହାଟର ବ୍ୟବସାୟୀ ସୁନୀଲ ସାହୁ କହିଛନ୍ତି, ପଶ୍ଚିମବଙ୍ଗ ବର୍ଡରରେ ଆଳୁ ଛଡା ଯାଉ ନ ଥିବାରୁ ଗାଡ଼ି ଦାର୍ଜିଲିଂ, ବିହାର, ଝାଡ଼ଖଣ୍ଡ ଦେଇ ବାରିପଦା ବାଟେ ବୁଲିକି ୫ଶହ କି.ମି. ବଦଳରେ ୧୨ଶହ କି.ମି ଦେଇ ଆସୁଛି। ତେଣୁ ଟଙ୍କାଟେ ଖର୍ଚ୍ଚ ହେବା ଜାଗାରେ ଏବେ ୫ଟଙ୍କା ଭଡ଼ା ଲାଗୁଛି। ଏହାବାଦ୍ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ପଶ୍ଚିମବଙ୍ଗରୁ ଆସିଥିବା ଆଳୁ କୁଇଣ୍ଟାଲ ପ୍ରତି ୩୭ରୁ ୩୮ଶହ ଟଙ୍କା ରହିଥିବାବେଳେ ଉତ୍ତରପ୍ରଦେଶରୁ ଆସିଥିବା ଆଳୁ ଦର କୁଇଣ୍ଟାଲ ପ୍ରତି ୩୫ରୁ ୩୬ଶହ ଟଙ୍କା ରହିଛି। ତେଣୁ ଆଳୁର ଖୁଚୁରା ଦର ମଧ୍ୟ ବଢୁଛି। ଆଳୁ କେଜି ପିଛା ୪୫ଟଙ୍କା ଥିବାବେଳେ ୩କେଜିକୁ ୧୩୦ଟଙ୍କାରେ ବିକ୍ରି କରାଯାଉଥିବା ସେ କହିଛନ୍ତି।

# ପଣ୍ଡିତ ଅରୂପଲାଲ ଘୋଷଙ୍କୁ ‘ଗୁରୁକୁଳ ଗୀତାଞ୍ଜଳି ସଙ୍ଗୀତ ସମ୍ମାନ’




ଶିଳ୍ପୀମାନେ ସାହିତ୍ୟ ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୨।୧୨ (ସୌମ୍ୟରଞ୍ଜନ ରାଉତ)

ଗୁରୁକୁଳ ଗୀତାଞ୍ଜଳିର ବାର୍ଷିକୋତ୍ସବ ‘ସ୍ୱରାର୍ଣ୍ଣବ’ ସୂଚନାଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ,ସମ୍ମାନିତ ଅତିଥି ଭାବେ ପ୍ରବୋଧ କୁମାର ମହାନ୍ତି, ଟ୍ରଷ୍ଟ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାଣି ଯୋଗଦେଇଥିଲେ। ଶାସ୍ତ୍ରୀୟ ସଙ୍ଗୀତ ଚୌତାଲ ତାଳରେ ରାଗ କଲ୍ୟାଣରେ ଧ୍ରୁପଦ ଗାୟନ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ବିଭିନ୍ନ ରାଗରେ ଅନ୍ୟ କାଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଗୁରୁଜୀ ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣିଙ୍କ ରାଗ ଦରବାରୀ ଗାୟନ ଶ୍ରୋତାଙ୍କୁ ବିମୁଗ୍ଧ କରିଥିଲା। ସଙ୍ଗୀତଜ୍ଞ ପଣ୍ଡିତ ଅରୂପଲାଲ ଘୋଷଙ୍କ ଗାୟନ ସମସ୍ତଙ୍କୁ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଗାୟନ ପାଇଁ ତାଙ୍କୁ ‘ଗୁରୁକୁଳ ଗୀତାଞ୍ଜଳି ସଙ୍ଗୀତ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

# ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ନେଇ ବୈଠକ

## ମତ ରଖିଲେ ଶ୍ରୀମନ୍ଦିର ପ୍ରଶାସକ ଓ ଇସ୍କନ କର୍ତ୍ତୃପକ୍ଷ

ପୁରୀ, ୨।୧୨ (ଅଜିତ୍ କୁମାର ମହାନ୍ତି)

ଇସ୍କନର ଅଦିନିଆ ରଥଯାତ୍ରା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସନ୍ଧ୍ୟାରେ ପୁରୀ ଶ୍ରୀନଅରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଯୋଗଦେଇଥିଲେ। ସେହିପରି ଇସ୍କନ ପକ୍ଷରୁ ଇସ୍କନ ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷ ଗୁରୁ ପ୍ରସାଦ ସ୍ୱାମୀ ମହାରାଜ ଯୋଗଦାନ କରିଥିବାବେଳେ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ତରଫରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ କରାଯାଇଥିଲା ଯେ, ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଦଶମୀ ମଧ୍ୟରେ ହିଁ ମହାପ୍ରଭୁଙ୍କ ରଥଯାତ୍ରା ହେବାର ଶାସ୍ତ୍ର ସମ୍ମତ ବିଧି ରହିଛି। ତେଣୁ ଏହି ସମୟରେ ହିଁ ପରମ୍ପରା ଅନୁଯାୟୀ ରଥଯାତ୍ରା ପାଳନ କରାଯାଇପାରିବ। ଏଥିରେ ବ୍ୟତିକ୍ରମ ହେବା କଥା ନୁହେଁ। ତେବେ ଏନେଇ ଉଭୟ ପକ୍ଷର ଗବେଷକମାନେ ଶୀଘ୍ର ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଇସ୍କନ କର୍ତ୍ତୃପକ୍ଷ ଆଗାମୀ ଫେବୃୟାରୀରେ ହେବାକୁ ଥିବା ତାଙ୍କ ଗଭର୍ଣ୍ଣିଂ ବଡି ବୈଠକରେ ଏ ସମ୍ବନ୍ଧରେ ପ୍ରସ୍ତାବ ଆଗତ କରିବେ ବୋଲି କୁହାଯାଇଛି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ଅବ୍ୟବହିତ ପୂର୍ବରୁ ସୋମବାର ପୋଲିସ ପକ୍ଷରୁ ଅନୁଷ୍ଠିତ କାରକେଡ୍ ରିହର୍ସାଲ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର, ୨।୧୨ (ସତ୍ୟଜିତ୍ ରାଉତ)

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ଭୁବନେଶ୍ୱରରେ ଟ୍ରାଫିକ୍ କଟକଣା ଜାରି ହୋଇଛି। ମଙ୍ଗଳବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ପ୍ରମୁଖ ରାସ୍ତାଗୁଡ଼ିକରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଯାଇଛି। ନିର୍ଦ୍ଦେଶାନାମା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୪ଟା ୫୦ରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଏୟାରପୋର୍ଟ ଛକରୁ କ୍ୟାପିଟାଲ ହସ୍ପିଟାଲ ଛକ, ଏଜି ଛକରୁ ବାମ ମୋଡ଼ ନେଇ ରାଜଭବନ ଛକ, ପାୱାର ହାଉସ୍ ଛକ, ୧୨୦ ବାଟାଲିୟନ୍ ଛକ, ଜାଭିୟର ଛକରୁ ବାମମୋଡ଼ ନେଇ ହାତିଆଣ୍ଡୁଣୀ ଛକ ପରେ ଡାହାଣ ମୋଡ଼ ନେଇ ନିଳାଦ୍ରୀ ବିହାର ରାସ୍ତାରେ କୌଣସି ଗାଡ଼ିଚଳାଚଳ କରିପାରିବ ନାହିଁ କିମ୍ବା କୌଣସି ଗଳି ରାସ୍ତାରୁ ସେହି ରାସ୍ତାକୁ ଆସିପାରିବ ନାହିଁ। ସେହିପରି ସନ୍ଧ୍ୟା ୬ରୁ ସନ୍ଧ୍ୟା ୬ଟା ୩୦ ଯାଏ ନିଳାଦ୍ରୀ ବିହାରରୁ ବାମମୋଡ ଜାଭିୟର ଛକ ଡାହାଣ ମୋଡ଼ରୁ ଜୟଦେବବିହାର ଛକ, ବେହେରା ସାହିଛକ, ଶାସ୍ତ୍ରୀନଗର ଛକ, ୧୨୦ ବାଟାଲିୟନ୍ ଛକ, ପାୱାର ହାଉସ ଛକ ଓ ରାଜଭବନ ରାସ୍ତାକୁ ସମାନ କଟକଣା ଭିତରେ ରଖାଯାଇଛି। ବୁଧବାର ସକାଳ ୮ଟା ୫୦ରୁ ସକାଳ ୯ଟା ୩୦ ଯାଏ ରାଜଭବନ ଛକ, ଏଜି ଛକରୁ ଡାହାଣ ମୋଡ଼ ପରେ ହସ୍ପିଟାଲ ଛକ ଓ ଏୟାରପୋର୍ଟ ଛକ ରାସ୍ତାରେ ଗାଡ଼ି ଚଳାଚଳ କରିପାରିବ ନାହିଁ। ଗୁରୁବାର ପୂର୍ବାହ୍ନ ୧୦ଟା ୨୦ରୁ ୧୦ଟା ୫୫ ପର୍ଯ୍ୟନ୍ତ ଏୟାରପୋର୍ଟ ଛକ, ହସ୍ପିଟାଲ ଛକ, ଏଜି ଛକ, ବାମ ମୋଡ଼ ରାଜଭବନ ଛକରୁ ବାମମୋଡ଼ ଗୋପବନ୍ଧୁ ଛକରୁ ବାମମୋଡ଼ ଓୟୁଏଟି ଛକ ରାସ୍ତାରେ କଟକଣା ଲାଗୁ ହୋଇଛି। ସେହିପରି ୧୧ଟା ୫୦ରୁ ୧୨ଟା ୧୫ ଯାଏ ଓୟୁଏଟି ଛକରୁ ଗୋପବନ୍ଧୁ ଛକ ଡାହାଣ ମୋଡ଼ ରାଜଭବନ ଛକ ରାସ୍ତା, ସନ୍ଧ୍ୟା ୫ଟାରୁ ୫ଟା ୨୫ ଯାଏ ରାଜଭବନ ଛକ, ଏଜି ଛକ, ରାଜମହଲ ଓଭରବ୍ରିଜ୍, କଳ୍ପନା ଛକରୁ ଡାହାଣ ମୋଡ ମ୍ୟୁଜିୟମ୍ ଛକ ବାମମୋଡ଼ ରବି ଟକିଜ୍ ଛକ ଓ ମାଉସୀ ମା ଛକରେ ଗାଡ଼ି ଚଳାଚଳ କରିବ ନାହିଁ। ସେହିପରି ସନ୍ଧ୍ୟା ୬ଟା ୧୫ରୁ ୬ଟା ୫୦ ଯାଏ ରବି ଟକିଜ୍ ଛକ, ମାଉସୀ ମା’ ଛକ, ମ୍ୟୁଜିୟମ୍ ଛକ, କଳ୍ପନା ଛକ ବାମମୋଡ଼ ରାଜମହଲ ଓଭରବ୍ରିଜ୍, ଏଜି ଛକ ଓ ରାଜଭବନ ଛକ ରାସ୍ତାରେ କଟକଣା ହୋଇଛି। ଏଥିସହ ଗୁରୁବାର ସକାଳ ୮ଟା ୫୦ରୁ ୯ଟା ୩୦ ଯାଏ ରାଜଭବନ ଛକ, ଏଜି ଛକ, ଡାହାଣ ମୋଡ଼ ହସ୍ପିଟାଲ ଛକରୁ ଏୟାରପୋର୍ଟ ଛକ ରାସ୍ତାରେ ଗାଡ଼ି ଚଳାଚଳ କରିବ ନାହିଁ। ତେବେ ଗୁରୁବାର ସନ୍ଧ୍ୟା ୫ରୁ ୭ଟା ଯାଏ କଳ୍ପନା ଛକରୁ ଲିଙ୍ଗିପୁର ଛକରୁ ଉଭୟ ପାର୍ଶ୍ୱ ରାସ୍ତାରେ କୌଣସି ପ୍ରକାର ଭାରି ଯାନ କିମ୍ବା ବସ୍ ଚଳାଚଳ କରିବ ନାହିଁ। ଏଥିପାଇଁ ପୁରୀ ପଟୁ ଭୁବନେଶ୍ୱର କିମ୍ବା କଟକକୁ ଆସୁଥିବା ଗାଡ଼ିଗୁଡିକ ଲିଙ୍ଗିପୁର ଛକରୁ ବାଇପାସ୍ ରାସ୍ତା ଦେଇ ଯିବ। ସେହିପରି କଟକ ଓ ଭୁବନେଶ୍ୱରରୁ ପୁରୀକୁ ଯାଉଥିବା ଗାଡ଼ିଗୁଡିକ ବାଇପାସ୍ ଦେଇ ଯିବ। ତେବେ କଟକଣା ଲାଗୁ କରାଯାଇଥିବା ରାସ୍ତା ନ ଦେଇ ଅନ୍ୟ ବିକଳ୍ପ ରାସ୍ତା ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶାନାମାରେ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଓଡ଼ିଶା ପାଇଁ ସମୀରଙ୍କ ବହୁ ଅବଦାନ ଥିଲା: ମୁଖ୍ୟମନ୍ତ୍ରୀ

କଟକ, ୨।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ମନ୍ତ୍ରୀ ସମୀର ଦେ ସବୁ ଲୋକଙ୍କର ଅତି ପ୍ରିୟ ଥିଲେ। ସେ ଥିଲେ ଦରଦୀ ବନ୍ଧୁ ଏବଂ ସମସ୍ତଙ୍କ ଜୀବନରେ ଦାଦା(ଭାଇ)ଙ୍କ ସ୍ଥାନ ପୂରଣ କରିଥିଲେ। ସେ ଲୋକଙ୍କ ସେବା କରିବାର ମନୋଭାବ ରଖିଥିଲେ। କେବଳ କଟକ ନୁହେଁ ଓଡ଼ିଶା ପାଇଁ ତାଙ୍କର ବହୁ ଅବଦାନ ଥିଲା। କଟକର ଭାଇଚାରାକୁ ବାନ୍ଧି ରଖିବାରେ ସେ ଏକ ପ୍ରମୁଖ ଭୂମିକା ବହନ କରିଥିଲେ ଏବଂ ସଂଗଠନର ମଙ୍ଗ ଧରି ଚାଲୁଥିଲେ। ସମସ୍ତ ଦଳର ନେତୃବୃନ୍ଦଙ୍କ ସହ ମିଶି କାମ କରିବାରେ ତାଙ୍କର ଆଗ୍ରହ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମୀର ଦେଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଏହା କହିଛନ୍ତି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସମୀର ଦେ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କଟକ ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ଅମର ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା ‘ସମୀର ସୌରଭ’ ଉନ୍ମୋଚନ କରାଯାଇଥିଲା।

# କ୍ୟାନ୍‌ସର କାରକ ପ୍ଲାଷ୍ଟିକ ପ୍ରଦୂଷଣ

## ଜାତୀୟ ପ୍ରଦୂଷଣ ନିରାକରଣ ଦିବସ

ଭୁବନେଶ୍ୱର, ୨।୧୨ (ସୁଚିସ୍ମିତା ସାହୁ)

ରାଜଧାନୀ ଭୁବନେଶ୍ୱରରୁ ପ୍ରତିଦିନ ପାଖାପାଖି ୫୦୦ ଟନ୍ ଆବର୍ଜନା ବାହାରୁଛି। ଏଥିରେ ହାରାହାରି ୬୧.୮୧% ବାୟୋ ଡିଗ୍ରେଡେବଲ, ୨୭.୧୫% ନିଷ୍କ୍ରିୟ ପଦାର୍ଥ, ୭.୮% ପ୍ଲାଷ୍ଟିକ ଓ ଚମଡ଼ା ଏବଂ ୧.୨୫% ଧାତୁ ଓ କାଚ ବାହାରୁଛି। ସେହିପରି ସହରରୁ ଦିନକୁ ପ୍ରାୟ ୩୦ ଟନ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଥିବା ଆଇସିଏଏନ୍ ରିପୋର୍ଟରୁ ଜଣାପଡିଛି। ଏକକ ବ୍ୟବହାର ପ୍ଲାଷ୍ଟିକର ବିସ୍ତାର ଓ ବ୍ୟବହାର ଏକ ଚାପଗ୍ରସ୍ତ ପରିବେଶରେ ପରିଣତ ହୋଇଛି। ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ଜମିରେ ଖତ ହେବାପାଇଁ ହଜାର ବର୍ଷ ଲାଗିଥାଏ। ୧ କେଜି ପ୍ଲାଷ୍ଟିକ ତିଆରି ପାଇଁ ୬ କେଜିର ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ। ପ୍ଲାଷ୍ଟିକ ଜଳିବାପରେ ପଲିକ୍ଲୋରିନେଟେଡ୍ ବାଇଫିନାଇଲ, ପଲି ସାଇକ୍ଲିକ ଏରୋମେଟିକ ହାଇଡ୍ରୋ କାର୍ବନ ପ୍ରଭୃତି ବିଷାକ୍ତ ପଦାର୍ଥ ନିର୍ଗତ ହୁଏ। ଏସବୁ କ୍ୟାନ୍‌ସର, ହରମୋନ ଅଭାବ ଭଳି ସମସ୍ୟାର କାରଣ ହୋଇଥାଏ। ଏଥିସହିତ ପ୍ଲାଷ୍ଟିକ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଜଳ ପ୍ରଦୂଷଣ ଗ୍ରୀନ୍ ହାଉସ୍ ବିପଦର କାରଣ ବୋଲି ଜାତୀୟ ପ୍ରଦୂଷଣ ନିରାକରଣ ଦିବସରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଇଣ୍ଡିଆ କ୍ଲିନ ଏୟାର ନେଟ୍‌ୱର୍କ ପକ୍ଷରୁ ଜରୁରୀ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସୋମବାର ଲୋହିଆ ଏକାଡେମୀରେ ଆୟୋଜିତ କାର୍ଯ୍ୟକ୍ରମରେ କେୟାର ହସ୍ପିଟାଲ ସିନିୟର କନ୍‌ସଲ୍‌ଟାଣ୍ଟ ଡା. ମମତା ପଣ୍ଡା କହିଲେ, ବାୟୁମଣ୍ଡଳରେ ଥିବା ପ୍ଲାଷ୍ଟିକର କ୍ଷୁଦ୍ର କଣିକା ପିଲାମାନଙ୍କୁ ନିଶ୍ୱାସ ନେବା ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ଏହା ମଧ୍ୟ ହରମୋନ ପରିବର୍ତ୍ତନର ମାଧ୍ୟମ ପାଲଟିଥାଏ। ମେଡିକାଲ ଅଫିସର ଡ. ଅର୍ପିତା ଶୁଭଦର୍ଶିନୀ କହିଲେ, ପ୍ଲାଷ୍ଟିକ ପ୍ରଦୂଷଣ ଓ ମାଇକ୍ରୋ ପ୍ଲାଷ୍ଟିକ କେବଳ ପ୍ରଦୂଷକ ଭାବେ ଆମ ଇକୋ ସିଷ୍ଟମକୁ ଦୂଷିତ କରେନାହିଁ, ବରଂ ସମ୍ବଳ ଦକ୍ଷତା ଓ ସ୍ଥିରତାକୁ କ୍ଷୁର୍ଣ୍ଣ କରିବା ସହ ଏକ ବୃହତ୍ତର ନୀତିକୁ ମଧ୍ୟ ବ୍ୟାହତ କରେ। ପ୍ଲାଷ୍ଟିକ ପ୍ରଦୂଷଣ ବିଶେଷକରି ମାଇକ୍ରୋ ପ୍ଲାଷ୍ଟିକ ଆମର ନୀତିଦିନିଆ ଜୀବନରେ ସୁପ୍ତ ଭାବରେ ପ୍ରବେଶ କରି ଆମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସାଜିଥାଏ। କ୍ଷତିକାରକ ରାସାୟନିକ ପଦାର୍ଥ ବହନ କରୁଥିବା ଏହି କଣିକା ବିଭିନ୍ନ ଅଙ୍ଗରେ ଜମା ହୋଇ ଜଟିଳ ଶାରୀରିକ ସମସ୍ୟା ଯଥା- କର୍କଟ ଓ ହୃଦ୍‌ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା, ସଚେତନତାକୁ ବ୍ୟାପକ କରିବା ଓ ସ୍ଥାୟୀ ସମାଧାନ ପାଇଁ ଓକିଲାତି କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କେୟାର ହସ୍ପିଟାଲ ସିନିୟର କନ୍‌ସଲ୍‌ଟାଣ୍ଟ ଡ. ପ୍ରଜ୍ଞାନ କୁମାର ରାଉତରାୟ କହିଥିଲେ।



ଡାକ୍ତରମାନେ ପ୍ଲାଷ୍ଟିକ୍ ପ୍ରଦୂଷଣର ଭୟାବହତା ସମ୍ପର୍କରେ ସୂଚନା ଦେଉଛନ୍ତି।

# ଓଡିଏମ୍ ପବ୍ଲିକ୍ ସ୍କୁଲର ‘ବାର୍ଷିକ କ୍ରୀଡ଼ା ମିଳନ’ ଉଦ୍‌ଯାପିତ

ଭୁବନେଶ୍ୱର, ୨।୧୨ (ଅନୁରାଧା ମହାରଣା)

## ଶିକ୍ଷା ବୌଦ୍ଧିକ ବିକାଶର ଚାବିକାଠି, କ୍ରୀଡ଼ା ଶାରୀରିକ ସୁସ୍ଥତାର ପରିଚୟ

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ୩୪ତମ ‘ବାର୍ଷିକ କ୍ରୀଡ଼ା ମିଳନ- ୨୦୨୪’ ଉଦ୍‌ଯାପିତ ହୋଇଯାଇଛି। ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଆୟୋଜିତ ଏହି ୨ଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଡ. ଧରଣୀଧର ନନ୍ଦ ଏବଂ ଧାବିକା ଶ୍ରାବଣୀ ନନ୍ଦ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ କରି ଉତ୍ସବକୁ ଉଦ୍‌ଯାପନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଡ. ମୀନକେତନ ତାଙ୍କ ଅଭିଭାଷଣରେ କହିଲେ, ଶିକ୍ଷା ବୌଦ୍ଧିକ ବିକାଶର ଚାବିକାଠି, ମାତ୍ର କ୍ରୀଡ଼ା ଶାରୀରିକ ସୁସ୍ଥତାର ପରିଚୟ। କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ସେ ଉତ୍ସାହିତ କରିବା ସହ ଭବିଷ୍ୟତରେ ଉତ୍ତମ କ୍ରୀଡ଼ାବିତ୍ ହେବାର ଅଭିଳାଷ ପୋଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ଼. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ୍ କୁମାର ପାଢ଼ୀ ପ୍ରମୁଖ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ବିଭାଗର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ପ୍ରୀତ ହାଉସକୁ ଚାମ୍ପିୟନ୍ ଏବଂ ଅହିଂସା ହାଉସ୍‌କୁ ରନର୍ସ-ଅପ୍ ଭାବରେ ଘୋଷଣା କରାଯାଇଥିଲା।




‘ବାର୍ଷିକ କ୍ରୀଡା ମିଳନ’ ର ଉଦ୍‌ଯାପନ ଅବସରରେ ଡ. ସତ୍ୟବ୍ରତ ମୀନକେତନ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରୁଛନ୍ତି।

# ସହମତି ଭିତ୍ତିରେ ହେବ ଷ୍ଟଲ୍ ଆବଣ୍ଟନ

## ରାଜ୍ୟ ପୁସ୍ତକ ମହୋତ୍ସବ ବିବାଦ ସମାଧାନର ବାଟ ଫିଟିଲା

ଭୁବନେଶ୍ୱର, ୨।୧୨ (ସୌମ୍ୟରଞ୍ଜନ ରାଉତ)



ଆଲୋଚନା ପରେ ଏକାଠି ହୋଇଥିବା ପ୍ରକାଶକ ଓ ଅନ୍ୟମାନେ।

ପ୍ରକାଶକ ସଂଘ ଓ ରାଜ୍ୟ ସରକାରଙ୍କ ଦ୍ୱିପାଖିକ ଆଲୋଚନା ପରେ ପ୍ରଦର୍ଶନୀ ପଡିଆରେ ହେବାକୁ ଥିବା ରାଜ୍ୟ ପୁସ୍ତକ ମହୋତ୍ସବ ଷ୍ଟଲ ଆବଣ୍ଟନ ସମସ୍ୟା ସମାଧାନର ବାଟ ଫିଟିଛି। ସମସ୍ତଙ୍କ ସହମତି ଭିତ୍ତିରେ ଏଥର ଷ୍ଟଲ ଆବଣ୍ଟନ ହେବ ବୋଲି ଧାର୍ଯ୍ୟ ହୋଇଛି। ସରକାରଙ୍କ ପକ୍ଷରୁ ଷ୍ଟଲ ନିର୍ମାଣ ଦାୟିତ୍ୱ ନିର୍ମାଣକାରୀ ସଂସ୍ଥାକୁ ଦିଆଯିବ ବୋଲି ସୋମବାର ବୈଠକରେ ନିଷ୍ପତ୍ତି ହୋଇଛି। ଷ୍ଟଲ ଆବଣ୍ଟନ ଓ ନିର୍ମାଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ତେବେ କମିଟିର ବୈଠକ ନ ଡାକି ମେଳା ଲେ-ଆଉଟ ପ୍ରସ୍ତୁତ ସହ ନିର୍ମାଣ କାର୍ଯ୍ୟ କରାଯିବାରୁ ପ୍ରକାଶକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗଣତାନ୍ତ୍ରିକ ଉପାୟରେ ଷ୍ଟଲ ଆବଣ୍ଟନ କରାଯାଉ ବୋଲି ଦାବିକରି ପ୍ରକାଶକମାନେ ସରକାରଙ୍କୁ ଚିଠି ଦେଇଥିଲେ। ଏହାସତ୍ତ୍ୱେ ଷ୍ଟଲ ନିର୍ମାଣ କାର୍ଯ୍ୟ ବନ୍ଦ ନ ହେବାରୁ ପ୍ରକାଶକମାନେ ଷ୍ଟଲ ଫେରାଇଦେବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ବହୁ ପ୍ରକାଶକ ମଧ୍ୟ ଏନେଇ ଆବେଦନ କରିଥିଲେ। ଫଳରେ ବିଭାଗ ପକ୍ଷରୁ ଷ୍ଟଲ ଆବଣ୍ଟନ ନିଷ୍ପତ୍ତି ନେବାଲାଗି ଦୁଇଟି ପ୍ରକାଶକ ସଂଘ କର୍ମକର୍ତ୍ତାଙ୍କୁ ଡକାଯାଇଥିଲା। ସମସ୍ତଙ୍କ ମତାମତ ନେବା ପରେ ଷ୍ଟଲ ଲେ-ଆଉଟ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ହୋଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ ନିର୍ମାଣକାରୀ ସଂସ୍ଥାକୁ ନୂଆ ଲେ-ଆଉଟ ପ୍ରଦାନ କରିବେ। ସେହି ଅନୁସାରେ ଷ୍ଟଲ ଢାଞ୍ଚା ବଦଳାଯିବ ବୋଲି ନିର୍ମାଣକାରୀ ସଂସ୍ଥାର ମାନସ ରାୟ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଓଡିଶା ପ୍ରକାଶକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ପତି ଏବଂ ପବ୍ଲିଶର୍ସ ଆଣ୍ଡ୍ ବୁକସେଲର୍ସ ଆସୋସିଏଶନର ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ପୁସ୍ତକମେଳାରେ କେବଳ ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କୁ ସାମିଲ କରାଯାଉଛି। ମୋଟ ୪୮୨ଟି ଷ୍ଟଲ ବୁକ୍ ହୋଇଥିବାବେଳେ ଓଡିଆ ଅସ୍ମିତା ଏବଂ ଓଡିଶା ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଅନେକ ମଞ୍ଚ, ମଣ୍ଡପ ଓ ପ୍ରଦର୍ଶନୀର ଆୟୋଜନ କରାଯିବ।

# ଓଡ଼ିଶା ପାଇଁ ସମୀରଙ୍କ ବହୁ ଅବଦାନ ଥିଲା: ମୁଖ୍ୟମନ୍ତ୍ରୀ

କଟକ,୨।୧୨(ଶିଲ୍ପା ପ୍ରିୟଦର୍ଶିନୀ)



ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ଅତିଥିମାନେ ସ୍ମରଣିକା 'ସମୀର ସୌରଭ' ଉନ୍ମୋଚନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

ପୂର୍ବତନ ମନ୍ତ୍ରୀ ସମୀର ଦେ ସବୁ ଲୋକଙ୍କର ଅତି ପ୍ରିୟ ଥିଲେ। ସେ ଥିଲେ ଦରଦୀ ବନ୍ଧୁ ଏବଂ ସମସ୍ତଙ୍କ ଜୀବନରେ ଦାଦା (ଭାଇ)ଙ୍କ ସ୍ଥାନ ପୂରଣ କରିଥିଲେ। ସେ ଲୋକଙ୍କ ସେବା କରିବାର ମନୋଭାବ ରଖିଥିଲେ। କେବଳ କଟକ ନୁହେଁ ଓଡ଼ିଶା ପାଇଁ ତାଙ୍କର ବହୁ ଅବଦାନ ଥିଲା। କଟକର ଭାଇଚାରାକୁ ବାନ୍ଧି ରଖିବାରେ ସେ ଏକ ପ୍ରମୁଖ ଭୂମିକା ବହନ କରିଥିଲେ ଏବଂ ସଂଗଠନର ମଙ୍ଗ ଧରି ଚାଲୁଥିଲେ। ସମସ୍ତ ଦଳର ନେତୃବୃନ୍ଦଙ୍କ ସହ ମିଶି କାମ କରିବାରେ ତାଙ୍କର ଆଗ୍ରହ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମୀର ଦେଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଏହା କହିଛନ୍ତି। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ସମୀର ଦେ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କଟକ ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ଅମର ଶତପଥୀ ଯୋଗଦେଇଥିଲେ। କଟକର ସଂସ୍କୃତି ଓ ଭାଇଚାରାକୁ ବଜାୟ ରଖିବାରେ ସମୀର ଦେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ

**ସମୀର ଦେ ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା**

କହିଥିଲେ। ସେହିପରି ସ୍ୱର୍ଗତ ଦେ ମନ୍ତ୍ରୀ ଥିବା ସମୟରେ ସଚ୍ଚୋଟତାର ସହ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହା କେହି ପୂରଣ କରି ପାରିବେ ନାହିଁ ବୋଲି ବାଲେଶ୍ୱର ଏମ୍ପି ପ୍ରତାପ ଷଡ଼ଙ୍ଗୀ କହିଥିଲେ। ଦୃଢ଼ ସଂଗଠନ ଓ ଉତ୍ତମ ଜନସମ୍ପର୍କ ଯୋଗୁ ସମୀର ବାବୁ ଏଭଳି ସ୍ଥାନରେ ପହଞ୍ଚିଥିଲେ ବୋଲି ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା କହିଥିଲେ। ଏହି ଅବସରରେ ସ୍ମରଣିକା 'ସମୀର ସୌରଭ' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତୁ ପରିଚାଳନା କରିଥିଲେ। ପୂର୍ବତନ କର୍ପୋରେଟର ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ। କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଜଗଦେବ ମହାନ୍ତି, ବରିଷ୍ଠ ନେତା ନୟନ ମହାନ୍ତି, ମହାକାଳ ଦୁର୍ଗାପ୍ରସନ୍ନ ନାୟକ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରି ଦାସ, ଡା. ଜୟନ୍ତ ପଣ୍ଡା, ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ନେଇ ବୈଠକ

ପୁରୀ,୨।୧୨(ଅଜିତ୍ କୁମାର ମହାନ୍ତି)

**ମତ ରଖିଲେ ଶ୍ରୀମନ୍ଦିର ପ୍ରଶାସକ ଓ ଇସ୍କନ କର୍ତ୍ତୃପକ୍ଷ**

ଇସ୍କନର ଅଦିନିଆ ରଥଯାତ୍ରା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସନ୍ଧ୍ୟାରେ ପୁରୀ ଶ୍ରୀନଅରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଯୋଗଦେଇଥିଲେ। ସେହିପରି ଇସ୍କନ ପକ୍ଷରୁ ଇସ୍କନ ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷ ଗୁରୁ ପ୍ରସାଦ ସ୍ୱାମୀ ମହାରାଜ ଯୋଗଦାନ କରିଥିବାବେଳେ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ତରଫରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ କରାଯାଇଥିଲା ଯେ, ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଦଶମୀ ମଧ୍ୟରେ ହିଁ ମହାପ୍ରଭୁଙ୍କ ରଥଯାତ୍ରା ହେବାର ଶାସ୍ତ୍ର ସମ୍ମତ ବିଧି ରହିଛି। ତେଣୁ ଏହି ସମୟରେ ହିଁ ପରମ୍ପରା ଅନୁଯାୟୀ ରଥଯାତ୍ରା ପାଳନ କରାଯାଇପାରିବ। ଏଥିରେ ବ୍ୟତିକ୍ରମ ହେବା କଥା ନୁହେଁ। ତେବେ ଏନେଇ ଉଭୟ ପକ୍ଷର ଗବେଷକମାନେ ଶୀଘ୍ର ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଇସ୍କନ କର୍ତ୍ତୃପକ୍ଷ ଆଗାମୀ ଫେବୃଆରୀରେ ହେବାକୁ ଥିବା ତାଙ୍କ ଗଭର୍ଣ୍ଣିଂ ବଡି ବୈଠକରେ ଏ ସମ୍ବନ୍ଧରେ ପ୍ରସ୍ତାବ ଆଗତ କରିବେ ବୋଲି କୁହାଯାଇଛି।



ଛତ୍ରବଜାରରେ ଏକ ଆଳୁ ଦୋକାନରେ ଯୋଗାଣ ଅଧିକାରୀ ଆଳୁ ଦର ସମ୍ପର୍କରେ ଯାଞ୍ଚ କରୁଛନ୍ତି।

# ରାଣୀ ଶୁକଦେଈଙ୍କ ପରି ସାହସୀ, କ୍ଷମାଶୀଳ ହୁଅ

ବାଙ୍କୀ,୨।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଣୀ ଶୁକଦେଈ ଛାତ୍ରୀନିବାସ ଆନୁକୂଲ୍ୟରେ +୩ ପ୍ରଥମ ବର୍ଷର ନବାଗତ ୬୫ଜଣ ଅନ୍ତେବାସିନୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡକ୍ଟର ଅବନ୍ତିକା କର ସଭାପତିତ୍ୱ କରି ଅନ୍ତେବାସୀଙ୍କୁ ଗୀତାର ସାରାଂଶ କହିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦାନ କରି ବାଙ୍କୀର ଗର୍ବ ଓ ଗୌରବ ବୀରାରାଣୀ ଶୁକଦେଈଙ୍କ ନାମରେ ନାମିତ ଛାତ୍ରୀ ନିବାସର ଛାତ୍ରୀମାନେ ବୀରତ୍ୱ ଓ ସାହସୀ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ +୨ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ତତ୍ତ୍ୱାବଧାରିକା ଅଧ୍ୟାପିକା ଦେବସ୍ମିତା ରାଉତ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀନିବାସର ସାଧାରଣ ସମ୍ପାଦିକା ସୁନୟନା ରାଉତ ବିବରଣୀ ପାଠ କରିଥିବା ବେଳେ ସ୍ନେହା ଚକ୍ରବର୍ତ୍ତୀ, ପାୟଲ ମହାନ୍ତି ଓ ତୋଶିଳା କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟତମ ସହତତ୍ତ୍ୱାବଧାରକ ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୁଚୁରା ବିକ୍ରେତାଙ୍କ ଦାବିପତ୍ର



୭ ଦଫା ଦାବି ନେଇ କଟକ ଜିଲା ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ,୨।୧୨(କାର୍ତ୍ତିକ ସାହୁ)

ସର୍ବଭାରତୀୟ ଖୁଚୁରା ବିକ୍ରେତା ମହାସଂଘ ଓଡ଼ିଶା ଶାଖା ଆହ୍ୱାନ କ୍ରମେ କଟକ ଜିଲା ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୁଚୁରା ବିକ୍ରେତାମାନଙ୍କ ୭ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆସୋସିଏଶନର ସଦସ୍ୟମାନେ କଚେରି ଗଡ଼ାଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। କଟକ ମହାନଗର, ବାଙ୍କୀ, ଆଠଗଡ଼, ଚୌଦ୍ୱାର ପୌର ପରିଷଦ ସମେତ ଜିଲାର ୧୪ଟି ବ୍ଲକରେ କାର୍ଯ୍ୟରତ ଖୁଚୁରା ବ୍ୟବସାୟୀମାନେ ଏଥିରେ ସାମିଲ ହୋଇଥିଲେ। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ତଥା କଟକ ରିଟେଲ ଡିଲର୍ସ ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ ଓ ଜିଲା ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ବକେୟା ପାରିଶ୍ରମିକ ଏକକାଳୀନ ପ୍ରଦାନ, ଅନ୍ୟ ରାଜ୍ୟ ପରି କୁଇଣ୍ଟାଲ ପିଛା ବଣ୍ଟନ ବାବଦକୁ ୨୦୦ ଟଙ୍କା ପାରିଶ୍ରମିକ ପ୍ରଦାନ, ଇକେୱାଇସି ବାବଦ ପାରିଶ୍ରମିକ ଏବଂ ସାମଗ୍ରୀ ବଣ୍ଟନ ସମୟରେ ସର୍ଭର ଡାଉନ୍‌ଜନିତ ସମସ୍ୟା ଦୂରୀକରଣ ଆଦିକୁ ଦାବିପତ୍ରରେ ସାମିଲ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସମ୍ପାଦକ ଉପେନ୍ଦ୍ର ବେହେରା, ବାଙ୍କୀ ସଭାପତି ବୃନ୍ଦାବନ ସାହୁ, ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ମିହିର କୁମାର ଭୂୟାଁ, କଟକ ଡିଲର୍ସ ଆସୋସିଏସନ ଉପସଭାପତି ତାପସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

କଟକ ସଦର,୨।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ବାରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଲେଖ ଚନ୍ଦ୍ର ଦାସ (୮୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ୨୦୦୨-୨୦୦୭ ପର୍ଯ୍ୟନ୍ତ ସେ ବାରଦା ପଞ୍ଚାୟତ ସରପଞ୍ଚ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତଦେହ ବାସଭବନରେ ପହଞ୍ଚିବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା ଓ ସତ୍ୟ ଜେନାଙ୍କ ସମେତ ବହୁ ନେତା ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା।

# ପୃଥକ୍ ଦୁର୍ଘଟଣା, ୨ ଗୁରୁତର

ଖୁଣ୍ଟୁଣୀ,୨।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଅଞ୍ଚଳରେ ସୋମବାର ୨ଟି ପୃଥକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଛାତ୍ର ତଥା ଖୁଣ୍ଟୁଣୀ ଥାନା ଅଧୀନ ଧୁରୁଷିଆ ଗ୍ରାମର ନୀଳାମ୍ବୁଜ ଲେଙ୍କା(୨୨) ଓ ଗୁରୁ ଥାନା ଓରଦା ଗ୍ରାମର ବିକାଶ ବେହେରା। ନୀଳାମ୍ବୁଜ ଅପରାହ୍ନରେ ତାଳଚେରରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ରାଧାଦାମୋଦରପୁର ଛକଠାରେ କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କାଦେବାରୁ ସେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଖବର ପାଇ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

ସେହିପରି ଖୁଣ୍ଟୁଣୀ ଗଣେଶ ବଜାରଠାରେ ଜାତୀୟ ରାଜପଥ କାମ ଚାଲିଛି। ରାତିରେ ବିକାଶ ଆଠଗଡ଼ରୁ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ରୋଡ ଡାଇଭର୍ସନ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# 'ନିରୋବାୟୋଲୋଜିକାଲ ଜେନେସିସ ଅଫ୍ ବିହେବିୟର' ସଂକ୍ରାନ୍ତ ଆଲୋଚନା



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ବୃନ୍ଦ।

ବାଙ୍କୀ,୨।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ 'ନିରୋବାୟୋଲୋଜିକାଲ ଜେନେସିସ ଅଫ୍ ବିହେବିୟର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଡ. ମୁରଲୀଧର ରଥ ଆଲୋଚନାଚକ୍ର ସମ୍ପର୍କରେ ବିଶଦ ବିବରଣୀ ଦେବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ବନମାଳୀ ମହାନ୍ତି ଓ ଅନ୍ୟତମ ସମ୍ମାନିତ ବକ୍ତା ଡ. ଶାନ୍ତା ମିଶ୍ର ମଣିଷର ଆଚାର ବ୍ୟବହାର କିପରି ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ ସେ ସମ୍ବନ୍ଧରେ ବହୁ ତଥ୍ୟ କମ୍ପ୍ୟୁଟର ମାଧ୍ୟମରେ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅବନ୍ତୀକା କର ବିଭାଗ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଡ. କେକା ଭରଦ୍ୱାଜ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ଓ ଉପାଧ୍ୟକ୍ଷା ପ୍ରାଧ୍ୟାପିକା ମୀନତି ଧିର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଅର୍ପିତା ଅପରାଜିତା, ଅଧ୍ୟାପକ ପ୍ରଶାନ୍ତ ଭୋଇ, ସୁରଜିତ୍ ସାହୁ ଓ ପଦ୍ମଜା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଜୟଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ସୁସ୍ଥ ଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି

**ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

କଟକ,୨।୧୨(କାର୍ତ୍ତିକ ସାହୁ)



ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ବାରବାଟୀ ଦୁର୍ଗ ପରିସରସ୍ଥ ସତ୍ୟବ୍ରତ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଚିତ୍ରା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଡ. ପ୍ରଭାକର ସ୍ୱାଇଁ ଯୋଗଦେଇ ସୁସ୍ଥ ଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ସମ୍ପାଦକ ଡ. ଯୋଗମାୟା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ନରେନ୍ଦ୍ର ନାଥ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବଳ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଜୀବନ ବଲ୍ଲଭ ଜେନା, ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ଡ. ଅନିରୁଦ୍ଧ ଖିଲାର, ଡ. କୃଷ୍ଣ ଚରଣ ସ୍ୱାଇଁ, ଡ. ସୁରେନ୍ଦ୍ର ପ୍ରସାଦ ଜେନା, ଡ. ଶଶୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଓଡ଼ିଶାର ୨୧ଟି ମହିଳା ମହାବିଦ୍ୟାଳୟରୁ ୧୫୦ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର


ଜିଲା ପ୍ରଶାସନିକ ଅଧିକାରୀଙ୍କ ଗହଣରେ ଆଡଭୋକେଟ୍ କମିଟି ସଦସ୍ୟ ବାଲିଯାତ୍ରା ଡଳପଡ଼ିଆ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।



ଡ୍ରିମ୍ସ ପଲିଟେକ୍ନିକରେ ରୋବୋଟିକ୍ ସଂକ୍ରାନ୍ତ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଖୋର୍ଦ୍ଧା ମହୋତ୍ସବ ଅନ୍ୟ ସ୍ଥାନରେ ହେଉ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବାସିନ୍ଦାଙ୍କ ଦାବିପତ୍ର

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ମହୋତ୍ସବ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ଦାବିରେ ସ୍ଥାନୀୟ ବାସିନ୍ଦା ଦାବିପତ୍ର ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧାର ଏକ ଘରୋଇ ସାମାଜିକ ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରତିବର୍ଷ ଡିସେମ୍ବର ୧୫ରୁ ୭ଦିନ ବ୍ୟାପୀ ଖୋର୍ଦ୍ଧା ମହୋତ୍ସବ ସ୍ଥାନୀୟ ହାବେଳି ପଡ଼ିଆରେ ଆୟୋଜିତ ହୋଇଥାଏ। ତେବେ ଆୟୋଜକ କମିଟି ମହୋତ୍ସବ ପ୍ରସ୍ତୁତି ଚଳାଇଥିବା ବେଳେ ଆରମ୍ଭରୁ ବିବାଦ ଦେଖାଦେଇଛି। ହାବେଳି ପଡ଼ିଆରେ ମହୋତ୍ସବ ଆୟୋଜନ ପରିବର୍ତ୍ତେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ସମ୍ପର୍କରେ ଏକାଧିକ ମହିଳା ପୁରୁଷ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଭେଟି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ହାବେଳି ପଡ଼ିଆ ପାର୍ଶ୍ୱ ଚାରିପାଖରେ ରହୁଥିବା ବାସିନ୍ଦା ବେତାର ଷ୍ଟେଶନ, ଦଳିତ ସାହି, ସଲ୍ଟର କଲୋନୀ, ମହାବୀର କଲୋନୀ, ସ୍ୱପ୍ନେଶ୍ୱର ସାହି, ନବୀନାବାଗ, ବୁଢୀ ବଗିଚା ଏବଂ ମହିଳା ମହାବିଦ୍ୟାଳୟ ନିକଟରେ ରହୁଥିବା ଅଧିବାସୀ ମହୋତ୍ସବ ଆୟୋଜନ ଜନିତ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମହୋତ୍ସବରେ ପ୍ରବଳ ଜନସମାଗମ, ଉଚ୍ଚକ୍ଷମତା ସମ୍ପନ୍ନ ଧ୍ୱନୀ ବ୍ୟବହାର ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଚର୍ଯ୍ୟା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ମହୋତ୍ସବ ଭିତରେ ଏକାଧିକ ଖାଦ୍ୟ ଏବଂ ଅନ୍ୟାନ୍ୟ ଷ୍ଟଲ ଖୋଲାଯିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ମହୋତ୍ସବ ସରିବା ପରେ ଚାରିଆଡେ ପଡିଥିବା ପ୍ଲାଷ୍ଟିକ, ପଲିଥିନକୁ ଆୟୋଜକ କମିଟି କିମ୍ବା ପୌର ପ୍ରଶାସନ ପକ୍ଷରୁ ସଫା କରାଯାଉ ନାହିଁ। ପୁଣି ବାହାରୁ ଆସୁଥିବା ଲୋକେ ବୁଢୀ ବଗିଚା ନିକଟ ସଂରକ୍ଷିତ ଜଙ୍ଗଲକୁ ମୁକ୍ତ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ଫଳରେ ପୂତଗନ୍ଧମୟ ପରିବେଶ ସହ ଅଳିଆ ଅବାଜର୍ନା ଗଦା ହୋଇ ପରିବେଶ ପଦୂଷିତ ହେଉଛି। ଅନ୍ୟପଟେ ହାବେଳି ପଡିଆକୁ ଲାଗି ଚାରିପଟେ ଜନବସତି ରହିଥିବା ସହର ପ୍ରମୁଖ ସ୍ଥାନକୁ ସଂଯୋଗ ରାସ୍ତା ରହିଛି। ମହୋତ୍ସବ ଆୟୋଜନ ସମୟରେ ଏହାର ଚାରିପାଖେ ରହୁଥିବା ସ୍ଥାନୀୟ ଲୋକଙ୍କୁ ଅପରାହ୍ନ ୫ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦାଙ୍କ ଦୁଇ ଏବଂ ଚାରି ଚକିଆ ଯାନକୁ ଘରକୁ ଯାତାୟାତ ପାଇଁ ଛଡାଯାଉନାହିଁ। ଫଳରେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କୁ ଆଧାରକାର୍ଡ ଦେଖାଇ ଯିବାକୁ ବାଧ କରାଯାଉଥିବା ବେଳେ ସଂକୀର୍ଣ୍ଣ ରାସ୍ତା, ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦୈନିକ ବାହାରୁଥିବା ବର୍ଜ୍ୟବସ୍ତୁ ଠିକ ପରିଚାଳନା ନ କରାଯିବା, ପଚାଷଢ଼ା ଖାଦ୍ୟ ରାସ୍ତାପାର୍ଶ୍ୱରେ ଫିଙ୍ଗା ଯାଉଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସମସ୍ତ ଛକ ସ୍ଥାନକୁ ବ୍ଲକିଂ କରାଯିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଛି। ମହୋତ୍ସବରେ ବ୍ୟବହୃତ ଉଚ୍ଚ ଧ୍ୱନୀ ଯୋଗୁ ବରିଷ୍ଠ ନାଗରିକ, ହୃଦରୋଗୀ, ଗର୍ଭବତୀ, ଶିଶୁ, ରୋଗାଗ୍ରସ୍ତ ଲୋକେ ପ୍ରଭାବିତ ହେଉଛନ୍ତି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମହୋତ୍ସବକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି।

### ଭଣ୍ଡୁର ପାଇଁ ଚକ୍ରାନ୍ତ କରାଯାଉଛି

ଖୋର୍ଦ୍ଧାର ଐତିହାସିକ ପୃଷ୍ଠଭୂମି, ଐତିହାସିକ ପାଇକ ବିଦ୍ରୋହ, କଳା, ସଂସ୍କୃତିର ବିକାଶ ଉଦ୍ଦେଶ୍ୟରେ ଖୋର୍ଦ୍ଧା ମହୋତ୍ସବ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଏହା ୨୫ବର୍ଷରେ ପହଞ୍ଚିଛି। ଏହାର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ଭଣ୍ଡୁର ପାଇଁ ଏକ ଗୋଷ୍ଠୀ କୁଚକ୍ରାନ୍ତ କରୁଛନ୍ତି ବୋଲି ମହୋତ୍ସବ ଆୟୋଜକ କମିଟି ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଇଲେକ୍ଟ୍ରି ଗୋଦାମରେ ଅଗ୍ନିକାଣ୍ଡ



ଜଟଣୀ,୨।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ନୀଳଚକ୍ର ମାର୍କେଟରେ ଥିବା ଏକ ଇଲେକ୍ଟ୍ରି ଗୋଦାମ ଘରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ଇଲେକ୍ଟ୍ରି ସାମଗ୍ରୀ ଜଳିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ଇଲେକ୍ଟ୍ରି ଗୋଦାମ ମାଲିକ ପ୍ରତିଦିନ ଭଳି ସନ୍ଧ୍ୟା ଧୂପ ଦେଇ କାର୍ଯ୍ୟରେ ବାହାରକୁ ଯାଇଥିଲେ। କିଛି ସମୟ ପରେ ଗୋଦାମ ଘରୁ ଧୂଆଁ ବାହାରୁଥିବା ସ୍ଥାନୀୟ ବ୍ୟବସାୟୀ ଦେଖିବାକୁ ପାଇଥିଲେ। ଗୋଦାମରେ ନିଆଁ ଲାଗିଥିବା ଦେଖିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଏକ୍ସଜଷ୍ଟ ଫ୍ୟାନ ମାଧ୍ୟମରେ ଗୋଦାମ ଘରେ ଥିବା ଧୂଆଁକୁ ବାହାର କରିଥିଲେ। ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସୂଚନାଥାଉ କି, ଗତ ନଭେମ୍ବର ୧୫ତାରିଖ ଅପରାହ୍ନରେ ରାଜବଜାର ମାର୍କେଟର ଏକ ଲୁଗା ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଲୁଗା ଜଳିଯାଇଥିବା ସହିତ ଦୋକାନ ମାଲିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୯ତାରିଖରେ ସ୍ଥାନୀୟ ମାଛ ମାର୍କେଟର ଏକ ବରଫ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ଏକ ବାଇକ୍ ସହିତ ଆସବାବପତ୍ର ପୋଡ଼ିଯାଇଥିଲା।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ): କୁହୁଡି ନେଲା ଜୀବନ। ୧୬ ନମ୍ବର ଜାତୀୟ ରାଜପଥର ଟାପଙ୍ଗ ଛକ ନିକଟରେ ସୋମବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛକୁ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁହୁଡ଼ି ଯୋଗୁ ଶହେ ମିଟର ପର୍ଯ୍ୟନ୍ତ ଆଗରେ ରାସ୍ତା ଦେଖାଯାଉନାହିଁ। ଫଳରେ ରାଜପଥରେ ଆଗରେ ଯାଉଥିବା ଏକ ଟ୍ରକକୁ ଦେଖିନପାରି ବାଇକ୍ ଆରୋହୀ ପଛପଟୁ ଧକ୍କାଦେଇ ଗୁରୁତର ଆହତ ହୋଇଥିଲେ। ପରେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁହୁଡ଼ି ଯୋଗୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

ବାଘମାରୀ,୨।୧୨(ମିହିର ରଞ୍ଜନ ମହାପାତ୍ର): ବାର୍‌ହା ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବେନୁ ନାୟକ (୪୫)। ଧାନକାଟି ଘରକୁ ଫେରୁଥିବା ବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବେନୁ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ୧୨ରୁ ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼,୨।୧୨(ଦେବବ୍ରତ ହୋତା): ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୨ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ୧୫ ତାରିଖରେ ଫାଇନାଲ ମ୍ୟାଚ ସନ୍ଧ୍ୟା ୬ଟାରେ ହେବାକୁ ଥିବା ବେଳେ ଉକ୍ତ ଦିନ ୩ଟା ରେ କେନ୍ଦୁଝର ଓ ଭୁବନେଶ୍ୱରର ମହିଳା ଫୁଟବଲ ଟିମ୍ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦେବା ସହ ଫ୍ରେଣ୍ଡସ କ୍ଲବ ସଦସ୍ୟ ଅଶ୍ୱିନୀ ପଟ୍ଟନାୟକ, ଭଞ୍ଜକିଶୋର ଯତି, ଲକ୍ଷ୍ମୀଧର ଚୌଧୁରୀ, ଜିତେନ୍ଦ୍ର ମାର୍ଥା ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି। ସ୍ୱର୍ଗତଃ ରୋଟରିଆନ ଜାନକୀ ବଲ୍ଲଭ ପାଢ଼ୀଙ୍କ ବୋଲଗଡ଼ ଅଞ୍ଚଳ ପ୍ରତି ଅବିସ୍ମରଣୀୟ ଅବଦାନ ସ୍ମୃତିରେ ମହୋତ୍ସବ ଆରମ୍ଭ ପୂର୍ବରୁ ପ୍ରତ୍ୟେକ ବର୍ଷ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ୧୩୮ ଅଭିଯୋଗରୁ ୬ ସାମୂହିକ



ଜନ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିଳିତ ଜନ ଶୁଣାଣି ଶିବିର ଜିଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୩୮ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୨ଟି ବ୍ୟକ୍ତିଗତ ରହିଥିବା ବେଳେ ସେଥିରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୬ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସିଡିଏମ୍ଓ ଭାରପ୍ରାପ୍ତ ଡା. ଜୀବନ୍ତ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଚୋରା ବାଇକ୍ ବିକ୍ରି ବେଳେ ଧରାପଡ଼ିଲେ ଅଭିଯୁକ୍ତ

ଟାଙ୍ଗୀ,୨।୧୨(ରଘୁନାଥ ସାହୁ)

ଚୋରି ବାଇକ୍ ବିକ୍ରି ବେଳେ ଧରାପଡ଼ିଲା ଚୋର। ଅଭିଯୁକ୍ତ ଟାଙ୍ଗୀ ନିକଟ ଉଜଳା-ଗୋପୀନାଥପୁର ଗ୍ରାମର ଉପମା ପରିଡ଼ାଙ୍କୁ ଗିରଫ କରାଯାଇଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା କହିଛନ୍ତି। ସୂଚନା ମୁତାବକ, ଉପମା ବାଇକ୍ ଚୋରି କରିବା ପରେ ବିକ୍ରି କରିଦେଇଥାଏ। କାଲୁପଡାଘାଟ ରେଳ ଷ୍ଟେଶନ ନିକଟରୁ ଉପମା ଏକ ବାଇକ୍ ଚୋରି କରିଥିଲା। ଉକ୍ତ ବାଇକ୍‌କୁ ଗାଡ଼ି ମାଲିକଙ୍କ ଜଣେ ସମ୍ପର୍କୀୟଙ୍କୁ ସୁନ୍ଦରପୁର-ଉଦୟଗିରି ଗ୍ରାମରେ ବିକ୍ରି କରିବା ବେଳେ ଉପମା ଧରାପଡିଥିଲା। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ।

### ୨୦୦ ବିଦ୍ୟାର୍ଥୀଙ୍କୁ ପୋଷାକ, ଜୋତା ବଣ୍ଟନ

ବୋଲଗଡ଼,୨।୧୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ସହାୟତାରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ସୋମବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦୁଲ ହୁସେନ ଖାଁଙ୍କ ଆବାହକତ୍ୱରେ ଏବଂ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ, ମନୀଷା ପରିଡ଼ା, ସ୍ମିତା ପଟ୍ଟନାୟକ, ଶିକ୍ଷକ ସୁବାଷ ଚନ୍ଦ୍ର ଦାଶ, ନୀଳମଣି ସେଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ୨୦୦ ଜଣ ଛାତ୍ରୀଛାତ୍ରଙ୍କୁ ଏକ ହଳ ଜୋତା, ମୋଜା ଏବଂ ଦୁଇ ହଳ ପୋଷାକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ସସ୍ମିତା ବଳିୟାରସିଂ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭେନ୍ଦୁ ସ୍ୱାଇଁ, ରାକେଶ ସୁବୁଦ୍ଧି, ଇନାମ ରସୁଲ ଖାଁ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟବ୍ରତ ନାୟକ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାର୍ଥୀଙ୍କୁ ପ୍ରାଥମିକ ଉପଚାର ତାଲିମ ପ୍ରଦାନ



ବୋଲଗଡ଼,୨।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପ୍ରାଥମିକ ଉପଚାର(ଫାଷ୍ଟ ଏଡ୍) ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅନୁରୋଧକ୍ରମେ ସେଣ୍ଟ ଜନ ଆମ୍ବୁଲାନ୍ସ ସଂସ୍ଥାର ଆଜୀବନ ସଦସ୍ୟ ତଥା ଅଧ୍ୟାପକ ଅନନ୍ତ ଚରଣ ଖଟେଇ ସୋମବାର ଏନେଇ ବିଦ୍ୟାଳୟ ପରିସରରେ ତାଲିମ ପ୍ରଦାନ କରିଥିଲେ। ହାତ, ଗୋଡ, ବେକ, ଅଣ୍ଟା, ମୁଣ୍ଡ, କଟଟି ଓ ପାଦ ଆଦି ଅଙ୍ଗରେ ଆଘାତ ଲାଗିଲେ ଡାକ୍ତରଖାନାରେ ଚିକିତ୍ସା ପାଇଁ ପହଞ୍ଚିବା ପୂର୍ବରୁ ଆଘାତପ୍ରାପ୍ତ ସ୍ଥାନକୁ ଡ୍ରେସିଂ ଓ ବ୍ୟାଣ୍ଡେଜ କରିବାର ପଦ୍ଧତି ସମ୍ପର୍କରେ ସ୍କାଉଟ ଓ ଗାଇଡ୍ସ ଏବଂ ଜୁନିଅର ରେଡକ୍ରସ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଗାଇଡମାନଙ୍କୁ ଶିକ୍ଷୟିତ୍ରୀ ଶୈବାଳିକା ମଲିକ, ସ୍ୱର୍ଣ୍ଣଲତା ପ୍ରଧାନ ଓ ସୌଦାମିନୀ ସୁବୁଦ୍ଧି, ସ୍କାଉଟମାନଙ୍କ ପାଇଁ ଶିକ୍ଷକ ଦିପ୍ତୀରଞ୍ଜନ ଦାସ, ବିଶ୍ୱଜିତ ସରୋଜ କୁମାର ଏବଂ ବିଭୁପ୍ରସାଦ ମହାପାତ୍ର, ରେଡକ୍ରସ ବିଦ୍ୟାର୍ଥୀଙ୍କ ପାଇଁ ଶିକ୍ଷୟିତ୍ରୀ ଶୁଭଶ୍ରୀ ଧଳ, ନମିତା ସାହୁ, ସ୍ରୋତାଲିନି ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଉପଚାର ପ୍ରଦାନ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ନେହଲତା ପାଇକରାୟ, ସସ୍ମିତ କେଦାର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଶାମିଶ୍ରିତ ଦ୍ରବ୍ୟ ଶୁଙ୍ଘାଇ ନେଇଗଲେ ସୁନାଅଳଙ୍କାର

ବାଲୁଗାଁ,୨।୧୨(ସଂଗ୍ରାମ ପାଇକରାୟ)

ବାଲୁଗାଁ କଲ୍ୟାଣୀ ମଣ୍ଡପ ଛକଠାରେ ରହୁଥିବା ଜଣେ ବୃଦ୍ଧାଙ୍କୁ ନିଶାମିଶ୍ରିତ ଦ୍ରବ୍ୟ ସୁଂଘାଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲୁଗାଁ ଥାନା ପୋଲିସ ଏକ ମାମଲା (ନଂ.୩୭୬/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, କଲ୍ୟାଣୀ ମଣ୍ଡପ ଛକ ସ୍ଥିତ ନନ୍ଦିଘୋଷ ହସ୍ପିଟାଲ ଗୃହର ମାଲିକାଣୀ ଉର୍ମିଳା ଖୁଣ୍ଟିଆ (୮୦) ଭୁବନେଶ୍ୱରରେ ରହୁଥିବା ବେଳେ ଘର ମରାମତି କାର୍ଯ୍ୟ ପାଇଁ କିଛିଦିନ ହେବ ବାଲୁଗାଁ ଆସିଥିଲେ। ସୋମବାର ଉକ୍ତ ଘରେ ଉର୍ମିଳା ଏକାକୀ ଥିବା ବେଳେ ଅପରାହ୍ନ ୧ଟାରେ ଏକ ବାଇକ୍‌ରେ ଦୁଇଜଣ ବ୍ୟକ୍ତି ଆସି କଂସା, ପିତଳ ବାସନ ଓ ଅଳଙ୍କାର ସଫେଇ ପାଇଁ ତାଙ୍କୁ ନିବେଦନ କରିଥିଲେ। କିନ୍ତୁ ସେ ମନା କରିବା ପରେ ଆଖପାଖରେ କେହି ନ ଥିବା ଦେଖି ଦୁର୍ବୃତ୍ତମାନେ କଥା ପ୍ରସଙ୍ଗରେ ତାଙ୍କ ପଛେ ପଛେ ଘରେ ପଶିଥିଲେ। ଏହା ପରେ ନିଶାମିଶ୍ରିତ ଦ୍ରବ୍ୟ ଉର୍ମିଳାଙ୍କୁ ଶୁଙ୍ଘାଇ ଦେବାରୁ ଚେତା ହରାଇ ବସିଥିଲେ। ପ୍ରାୟ ଅଧ ଘଣ୍ଟାଏ ପରେ ତାଙ୍କ ଚେତନା ଶକ୍ତି ଆସିଥିଲା। ସେତେବେଳକୁ ତାଙ୍କଠାରୁ ଦୁଇ ଭରିର ସୁନାଚେନ ଏବଂ ଗୋଟିଏ ମୁଦି ନେଇ ଦୁର୍ବୃତ୍ତମାନେ ଫେରାର ହୋଇସାରିଥିଲେ। ଲୁଟ ଅଳଙ୍କାରର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଏନେଇ ଉର୍ମିଳାଙ୍କ ଅଭିଯୋଗକ୍ରମେ ପୋଲିସ ପହଞ୍ଚି ହସ୍ପିଟାଲରେ ଲାଗିଥିବା ସିସି ଟିଭି କ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି।

# ପାଲାଗାୟକ ପରିଷଦ ସମ୍ମିଳନୀ



ଟାଙ୍ଗୀ,୨।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମା'ଉଗ୍ରତାରାଙ୍କ ପୀଠରେ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଓଡ଼ିଶା ଅଖଣ୍ଡ ପୁରୀ ଜିଲା ପ୍ରଶାଖା ମା' ଉଗ୍ରତାରା ମଣ୍ଡଳର ନବମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଗ୍ରତାରା ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ସମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ସାହିତ୍ୟିକ ପ୍ରଫେସର ନିରୋଦ ଦାସ, ଡ.ରବିନାରାୟଣ ପଣ୍ଡା, ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଅଖଣ୍ଡ ପୁରୀ ଜିଲା ସଭାପତି ଲକ୍ଷ୍ମୀଧର ଦାସ, ସୁଦର୍ଶନ ମହାପାତ୍ର ଯୋଗଦେଇ ବର୍ତ୍ତମାନ ସମୟରେ ପାଲା କିଭଳି ବଞ୍ଚି ରହିବ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମିଳନୀରେ ମଣ୍ଡଳର ସମସ୍ତ ଗାୟକ ଗାୟିକା, ବାୟକ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଗାୟକ ନିରଞ୍ଜନ ବାହିନୀପତି ପାଲା ପରିବେଷଣ କରିଥିଲେ।

# ଆନ୍ତଃ ବିଦ୍ୟାଳୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା

ବାଣପୁର,୨।୧୨(ଦିଲୀପ କୁମାର ସ୍ୱାଇଁ)

ସ୍ଥାନୀୟ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ବିଦ୍ୟାଳୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭାରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଭୁବନେଶ୍ୱର କିସ୍ ଅନୁଷ୍ଠାନର ଖୋ-ଖୋ ଦଳ ଚାମ୍ପିୟନ ହୋଇଥିବା ବେଳେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖୋ-ଖୋ ଦଳ ରନର୍ସ ଅପ୍ ହୋଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ଶିକ୍ଷକ ଶିବ ଶଙ୍କର ପଣ୍ଡା, ମନସ୍ତତ୍ତ୍ୱ ସହାୟକ ରବୀନ୍ଦ୍ର କୁମାର ମାର୍ଥାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଇଂଲିଶ ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ, କ୍ରୀଡା ବିଭାଗ ଉପସଭାନେତ୍ରୀ କଲ୍ୟାଣୀ ବୈରୀଗଞ୍ଜନ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧ୍ୟାପକ ମନୋଜ ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାସ, ରୋଜାଲିନ ଦାସ, କସ୍ତୁରୀ ପଟ୍ଟନାୟକ, ଅଙ୍କୁର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଝାଁଳା, କଳିଙ୍ଗ ଖୋର୍ଦ୍ଧା ବିଜୟୀ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)





ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିବସରେ ଝାଁଳା ଏବଂ କଳିଙ୍ଗ ଖୋର୍ଦ୍ଧା ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଝାଁଳା ଏବଂ ପାନବରଜ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମରେନ୍ଦ୍ର ମହାନ୍ତି ୯୨ ଏବଂ କରନ ଦୀପ ପଟ୍ଟନାୟକ ୪୦ ରନ କରିଥିଲେ। ଜବାବରେ ଝାଁଳା ଟିମ୍ ୯.୫ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୮୧ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ଖୋର୍ଦ୍ଧା ଏବଂ ମାର୍ଥାପୁର ଟିମ୍ ମଧ୍ୟରେ ହୋଇଥିଲା। ମାର୍ଥାପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୭ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦୁଷ୍ମନ୍ତ ମିଶ୍ର ୪୯ ଏବଂ ସୁନିଲ ରାଉତ ୪୦ ରନ କରିଥିଲେ। ଜବାବରେ କଳିଙ୍ଗ ଖୋର୍ଦ୍ଧା ଟିମ୍ ୧୭ ଓଭରରେ ୫ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏମ୍.ଡି ତବ୍ରିଜ ୫୭, ଟୁନୁ ଖଟୁଆ ୪୬ ଏବଂ ସ୍ୱାଧୀନ ପାଇକରୟ ୪୫ ରନ କରିଥିଲେ।ଅତିଥି ଅବକାଶ କହଲସିଂ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଅଭିମନ୍ୟୁ ସ୍ୱାଇଁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚର ଅତିଥି ରବି ନାରାୟଣ ପ୍ରଧାନ ଶ୍ରେଷ୍ଠ ଖେଳାଳି ଭାବେ ସାଧୀନ ପାଇକରାୟଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଏବଂ ପ୍ରଦୋଷ ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଓ ଅମିୟ ପ୍ରଧାନ ମ୍ୟାଚ ରେଫରି, ସ୍କୋରର ଭାବେ ରଞ୍ଜନ ବରାଳ, ଅମ୍ଳାନ ରାଉତରାୟ, ଶିବଦତ୍ତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ଶ୍ରଧାକର ପାତ୍ର ଏବଂ ସଞ୍ଜୟ ପାଇକରାୟ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍ ଭଳିଆବାଡି-ବାଙ୍କୁଆଳ ଏବଂ ଦ୍ୱିତୀୟ ମ୍ୟାଚ ରାଇଜିଂଷ୍ଟାର କ୍ଲବ କୁମାରବସ୍ତ ଓ ଭାଲିଆବାଡି କ୍ଲବ ଖୋର୍ଦ୍ଧା ମଧ୍ୟରେ ହେବ ବୋଲି ବନ ବିହାରୀ ସ୍ୱାଇଁ କହିଛନ୍ତି।





ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ ପରିପ୍ରେକ୍ଷୀରେ ରବିବାର ଅନୁଷ୍ଠିତ ଫୁଲ୍‌ଡ୍ରେସ୍ ରିହର୍ସାଲ ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ସେନା ଅଧିକାରୀ ଲେଜର ଶୋ' ଓ ଯୁଦ୍ଧାଭ୍ୟାସ ଦେଖୁଛନ୍ତି।

# ଶକ୍ତି ଭରିଲା ନୌସେନାର ଡ୍ରୋନ୍, ଲେଜର ଶୋ'

## ସରିଲା ଫୁଲ୍‌ଡ୍ରେସ୍ ରିହର୍ସାଲ, ୪ରେ ମୁଖ୍ୟ କାର୍ଯ୍ୟକ୍ରମ

ପୁରୀ,୨।୧୨ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ୪ ତାରିଖ ନୌସେନା ଦିବସରେ ପ୍ରଥମ ଥର ପାଇଁ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପରାକ୍ରମ ଦେଖାଇବ ନୌସେନା। ଜଳ, ସ୍ଥଳ ଓ ଆକାଶରେ ବୀରତ୍ୱ, ପରାକ୍ରମ ସହ ଯୁଦ୍ଧ କୌଶଳ ପ୍ରଦର୍ଶନ ସାଙ୍ଗକୁ ଅନେକ ଯୁଦ୍ଧ ଜାହାଜ ସମୁଦ୍ର ଭିତରେ ସ୍ୱତନ୍ତ୍ର ଡେମୋ ପ୍ରଦର୍ଶନ କରିବେ। ସେହିପରି ମାର୍କୋସ କମାଣ୍ଡୋଙ୍କ ସ୍ୱତନ୍ତ୍ର ଅପରେଶନ ସହ ହେଲିକପ୍ଟର ଦ୍ୱାରା ଅନେକ ସମର କୌଶଳ ପ୍ରଦର୍ଶନ କରାଯିବ। ଏଥିଲାଗି ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ମୁଖ୍ୟ କାର୍ଯ୍ୟକ୍ରମ ନିମନ୍ତେ ଗତ କିଛି ଦିନ ହେବ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ପକ୍ଷରୁ ଅଭ୍ୟାସ ଜାରି ରହିଛି। ରବିବାର ନୌସେନା ପକ୍ଷରୁ ପ୍ରଥମ ଫୁଲ୍‌ଡ୍ରେସ୍ ରିହର୍ସାଲ ହୋଇଥିବାବେଳେ ସୋମବାର ଦ୍ୱିତୀୟ ତଥା ଶେଷ ଫୁଲ୍‌ଡ୍ରେସ୍ ରିହର୍ସାଲ କରାଯାଇଛି।

ପ୍ରଥମେ ଆକାଶର ବୁକୁ ଚିରି ଗର୍ଜନ କରି ନିମିଷକ ମଧ୍ୟରେ ଅତି କ୍ଷିପ୍ର ଗତିରେ ଆସିଥିଲା ଲଢୁଆ ବିମାନ ହକ୍ ଜେଟ୍। ପରେ ଚେତକ ହେଲିକପ୍ଟର ଜାତୀୟ ପତାକା ସହ ଭାରତୀୟ ନୌସେନା ଧ୍ୱଜା ଉଡ଼ାଇ ସମୁଦ୍ର ଉପରେ ଉଡ଼ି ଅଭିବାଦନ ଜଣାଇଥିଲା। ବୁଡ଼ାଜାହାଜ ଆଇଏନ୍‌ଏସ୍



ଆତଙ୍କବାଦୀ ଆକ୍ରମଣକୁ ମୁକାବିଲା କରାଯାଉଛି।



ପାରାଚ୍ୟୁଟ୍‌ରେ ତ୍ରିରଙ୍ଗା ।

ସଲ୍‌କି ସମୁଦ୍ରରେ ରଣ କୌଶଳ ପ୍ରଦର୍ଶନ କରିଥିଲା। ବୁଡ଼ାଜାହାଜରୁ ଶତ୍ରୁ ଉପରେ ଆକ୍ରମଣର କୌଶଳ ଥିଲା ଅନନ୍ୟ ଓ ଅଦ୍ଭୁତ। ସେହିପରି ମେରାଇନ କମାଣ୍ଡରଙ୍କ କଳା କୌଶଳ ଆକର୍ଷଣ ରହିଥିଲା। ମେରାଇନ କମାଣ୍ଡୋମାନେ କିଭଳି ସମୁଦ୍ର ପଥରେ ବ୍ୟବସାୟ କରିବାକୁ ଯାଉଥିବା ବ୍ୟବସାୟୀଙ୍କୁ ସୁରକ୍ଷା ଦିଅନ୍ତି ଏବଂ ଲୁଟେରାଙ୍କ କବଳରୁ ରକ୍ଷା କରନ୍ତି ତାହା ପ୍ରଦର୍ଶନ କରାଯାଇଥିଲା। ଆତଙ୍କବାଦୀଙ୍କୁ ମୁକାବିଲା କରିବା ପାଇଁ 'ସି କିଙ୍ଗ୍' ହେଲିକପ୍ଟରର ପରାକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା। ପାଣିଜାହାଜ ଡେଷ୍ଟ୍ରୟର ଆଇଏନ୍‌ଏସ୍ ମହୀଶୂର, ଆଇଏନ୍‌ଏସ୍ ସାହ୍ୟାଦ୍ରି, ଆଇଏନ୍‌ଏସ୍ ଦିଲ୍ଲୀ ଏବଂ ଆଇଏନଏସ୍ ସତପୁରା ହେଲିକପ୍ଟର ଅବତରଣ କରିଥିଲା। ପରେ ଟ୍ୱିନ ଇଞ୍ଜିନ ବିଶିଷ୍ଟ ୬ଟି ଚେତକ ହେଲିକପ୍ଟରର ସନ୍ଧାନ ଓ ଉଦ୍ଧାର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା ଯାହା ରୋମାଞ୍ଚକର ରହିଥିଲା। ଭାରତୀୟ ସ୍ଥଳ ସେନାରେ ନିୟୋଜିତ ବିଏମ୍‌ପି ଟ୍ୟାଙ୍କ ସମୁଦ୍ର ବାଲିରେ ଦ୍ରୁତ ଗତି କରିବା ସହ ଜଳ ଭାଗରେ ଯିବା ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଟ୍ୟାଙ୍କ ଦୁର୍ଗମ ଅଞ୍ଚଳରେ ପ୍ରତି ଘଣ୍ଟା ୬୫ କିଲୋମିଟର ବେଗରେ ଗତି କରିପାରୁଥିବା ବେଳେ ଥରକରେ ୪୫୦ କିଲୋମିଟର ପର୍ଯ୍ୟନ୍ତ ଯିବାର କ୍ଷମତା ରଖିଥାଏ। ଏହା ୪ କିଲୋମିଟର ଦୂର ପର୍ଯ୍ୟନ୍ତ ଶତ୍ରୁ ଉପରେ ଆକ୍ରମଣ କରିପାରିବ। ନୌସେନାର ସ୍ୱତନ୍ତ୍ର ଦଳ ପାରାଚୁଟ୍‌ରେ ବେଳାଭୂମିରେ ଅବତରଣ କରିଥିଲେ। ମିଗ୍ ବିମାନ ଉଡାଣରେ ପ୍ରକମ୍ପିତ ହୋଇଥିଲା ପୁରୀ ଆକାଶ। ଡେମୋନଷ୍ଟ୍ରେଶନରେ ୧୫ଟି ଜାହାଜ ଅଂଶଗ୍ରହଣ କରିଛନ୍ତି। ୧୬ରୁ ଅଧିକ ହେଲିକପ୍ଟର, ୫ରୁ ଅଧିକ ଫାଇଟର ଜେଟ୍ ଆକାଶ ମାର୍ଗରେ ଚକ୍କର କାଟି ବିଭିନ୍ନ ରଣ କୌଶଳ ପ୍ରଦର୍ଶନ କରିଥିଲେ। ପରେ ସେନା ବାହିନୀ ପକ୍ଷରୁ ଡ୍ରିଲ କରାଯାଇଥିଲା। ସମୁଦ୍ର ମଧ୍ୟରେ ଥିବା ଜାହାଜଗୁଡିକ ଆଲୋକ ମାଧ୍ୟମରେ ନିଜର ଉପସ୍ଥିତି ଜାହିର କରିବା ସହ ଫାୟାର ଶୋ' କରିଥିଲେ। ଶେଷରେ ଆଇନେସ୍ ସାବିତ୍ରୀ ପକ୍ଷରୁ ଲେଜର ଶୋ' କରାଯାଇଥିଲା। ଦେଶାତ୍ମବୋଧକ ସଙ୍ଗୀତ ସହ ବିଭିନ୍ନ ସଙ୍ଗୀତର ତାଳେତାଳେ ଲେଜର ଶୋ' ଅନୁଷ୍ଠିତ ହୋଇଥିଲା। ପରେ ଆତସ ବାଜି ଏବଂ ଶେଷରେ ଡ୍ରୋନ ଶୋ ମାଧ୍ୟମରେ ଭାରତ ମାନଚିତ୍ର ଅଙ୍କନ କରାଯାଇଥିଲା। ପରେ ରାଜା ଖାରବେଳଙ୍କ କୃତିତ୍ୱ ଏବଂ ଓଡ଼ିଶାର ବୋଇତ ପରମ୍ପରା ପ୍ରଦର୍ଶନ କରାଯାଇଥିଲା। ସେହିପରି ବିଭିନ୍ନ ଯୁଦ୍ଧ ଜାହାଜ, ବୁଡ଼ାଜାହାଜ, ବିମାନର ଆକୃତି ସମେତ ଅନ୍ୟାନ୍ୟ କଳାକୃତି ପ୍ରଦର୍ଶନ ହୋଇଥିଲା। ଏସବୁକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭିଲିପ୍ସା



@ ସୌମ୍ୟରଞ୍ଜନ



@ ରାକେଶ ରଞ୍ଜନ



@ ଅନୀଲ



@ ଜ୍ୟୋତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ୟାପିଟାଲ ହସ୍ପିଟାଲରେ ପିଲାଚୋରି ଉଦ୍ୟମ

ଭୁବନେଶ୍ୱର, ୨।୧୨ (ବନ୍ଦନା ସେଠୀ)

## ଅଭିଯୁକ୍ତଙ୍କୁ ଧରିଲେ ସୁରକ୍ଷାକର୍ମୀ, ଛାଡ଼ିଦେଲା ପୋଲିସ

ରାଜ୍ୟର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ରୋଗୀ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। କିଛିଦିନ ତଳେ ହସ୍ପିଟାଲ ୱାର୍ଡ ଭିତରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା ମନରୁ ନ ଲିଭୁଣୁ ରବିବାର ବିଳମ୍ବିତ ରାତିରେ ପିଲା ଚୋରି ଭଳି ଆଉଏକ ବଡ଼ ଘଟଣା ଘଟିଛି। ଜଣେ ମହିଳା ଶିଶୁପୁତ୍ରକୁ ଚୋରି କରିନେଉଥିବାବେଳେ ପିଲାଟିର ମା' ଚିତ୍କାର କରିବାରୁ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଶିଶୁଟିକୁ ଉଦ୍ଧାର କରାଯିବା ପରେ କ୍ୟାପିଟାଲ ଥାନା ପୋଲିସ ଜିମା ଦେଇଥିଲେ। ହେଲେ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରି ଛାଡି ଦେଇଥିବା ଜଣାପଡିଛି। ପୋଲିସର ଏଭଳି କାର୍ଯ୍ୟକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ରବିବାର ରାତି ପ୍ରାୟ ୧୧ଟା ବେଳେ ଜଣେ ମହିଳା ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଭିନ୍ନ ୱାର୍ଡରେ ବୁଲୁଥିବା ଦେଖାଯାଇଥିଲା। ମହିଳା ଜଣକ ବିଭିନ୍ନ ୱାର୍ଡରେ ବୁଲି ନବଜାତକଙ୍କ ମା'ମାନଙ୍କ ସହିତ କଥା ହେବା ସହ ପୁଅ କି ଝିଅ ହୋଇଛି ପଚାରି ବୁଝିଥିଲେ। ହସ୍ପିଟାଲର ତୃତୀୟ ମହଲାକୁ ଯାଇ ୱାର୍ଡରେ ଏପରି ପଚରାଉଚରାବେଳେ ସିକ୍ୟୁରିଟି ଗାର୍ଡଙ୍କର ସନ୍ଦେହ ହୋଇଥିଲା। ହେଲେ ସେ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ହସ୍ପିଟାଲ ଆସିଥିବା କହି ଚାଲିଯାଇଥିଲେ। ପରେ ବିଭାଗର ତୃତୀୟ ମହଲାର ବେଡ୍ ନଂ. ୩୭ରେ ଥିବା ଜଣେ ପ୍ରସୂତିଙ୍କ ପାଖକୁ ଯାଇ କଥା ହେବାବେଳେ ପୁଅ ହୋଇଥିବା ଜାଣିବାକୁଥିଲେ। ଏହି ସମୟରେ ଶିଶୁପୁତ୍ରଟି କାନ୍ଦିବାରୁ ଚୁପ୍ କରିବା ବାହାନାରେ ମହିଳା ଜଣକ ତାକୁ ଧରି ଗେଲ କରିବା ସହିତ ଲାଇଟ୍ ବନ୍ଦ କଲେ ପିଲାଟା ଶୋଇପଡିବ ବୋଲି କହିଲେ। ମହିଳାଙ୍କ କଥା ମାନି ଶିଶୁପୁତ୍ରର ମା' ଲାଇଟ୍ ବନ୍ଦ କରିବା କ୍ଷଣି ମହିଳା ଜଣକ ଛୁଆଟିକୁ ନେଇ ଦୌଡ଼ିଥିଲେ। ତେବେ ଶିଶୁଟିର ମା' ଚିତ୍କାର କରିବାରୁ ସିକ୍ୟୁରିଟି ଗାର୍ଡ ତୁରନ୍ତ ମହିଳାଜଣଙ୍କୁ ପିଲା ସହିତ କାବୁ କରିଥିଲେ। ପରେ ପିସିଆର୍ ଡକାଇ ତାଙ୍କ ଜିମା ଦିଆଯାଇଥିଲା। ତେବେ ଘଟଣା ନେଇ ହସ୍ପିଟାଲ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସେହିପରି ଶିଶୁର ମା'ବାପା ମଧ୍ୟ କିଛି ଅଭିଯୋଗ କରି ନାହାନ୍ତି। ଶିଶୁ ସହିତ ମହିଳାଙ୍କୁ ଧରାଯାଇଥିବାରୁ କେବଳ ସନ୍ଦେହରେ ତାଙ୍କୁ ପୋଲିସ ଜିମା ଦିଆଯାଇଥିବା କ୍ୟାପିଟାଲ ଥାନା ଆଇଆଇସି ଦୟାନିଧି ନାୟକ କହିଛନ୍ତି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଘୋଡାଇବାକୁ ଚେଷ୍ଟା କରୁଥିବାବେଳେ ଏଥିରେ ହସ୍ପିଟାଲର ସିକ୍ୟୁରିଟି ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

# ରାସ୍ତାପାର୍ଶ୍ୱ ଜଙ୍ଗଲକୁ ଖସିଲା ବସ୍

ଟାଙ୍ଗୀ/ନିରାକାରପୁର,୨।୧୨ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅଧୀନ କମାଗୁରୁ ପଞ୍ଚାୟତରେ ଥିବା ଏକ କଲେଜ ନିକଟରେ ସୋମବାର ଏକ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିବା ସହ ଜଙ୍ଗଲକୁ ପଶିଯାଇଥିଲା।



ଚାଳକଙ୍କ ସହ କେତେଜଣ ଯାତ୍ରୀ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଟାଙ୍ଗୋଳରୁ କମାଗୁରୁ ଅଭିମୁଖେ ମହିଳା ପାସେଞ୍ଜରଙ୍କୁ ନେଇ ଆସୁଥିବା ଲକ୍ଷ୍ମୀବସ୍ ଭାରସାମ୍ୟ ହରାଇ କଲେଜ ନିକଟ ରାସ୍ତାକଡକୁ ଖସି ଜଙ୍ଗଲରେ ପଶିଯାଇଥିଲା। ଫଳରେ ବସରେ ଥିବା ମହିଳା ଯାତ୍ରୀମାନେ ଚିତ୍କାର କରିବା ସହ କେତେଜଣ ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା କହିଛନ୍ତି, ସମ୍ମୁଖରୁ ଆସୁଥିବା ଏକ ଗାଡିକୁ ସାଇଟ ଦେବା ବେଳକୁ ବସ୍‌ଟି ରାସ୍ତାପାର୍ଶ୍ୱରେ ଥିବା ଓଦା ମାଟିରେ ଫସିଯାଇ ତଳକୁ ଖସିଯାଇଥିଲା। ଏପରିକି ଜଙ୍ଗଲ ଭିତରକୁ ପଶିଯାଇଥିଲା। ଜେସିବି ମାଧ୍ୟମରେ ବସ୍‌ଟିକୁ ଉପରକୁ ଉଠାଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ କହିଛନ୍ତି।

# ସୂଚନା ଅଧିକାର ଫର୍ମ ଚିରିଦେଲେ ଅତିରିକ୍ତ ବିଡିଓ

## ଆବେଦନର ପ୍ରାପ୍ତିପତ୍ର ମାଗିବାରୁ ରାଗିଗଲେ

ତିଗିରିଆ, ୨।୧୨ ( ଜାଫର ଖାଁ )

ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟର ଫର୍ମକୁ ଚିରି ଦେଲେ ଅତିରିକ୍ତ ବିଡିଓ। ସୋମବାର ବିଡିଓଙ୍କ ନିକଟରେ ଏଭଳି ଅଭିଯୋଗ କଟକ ଜିଲା ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତସ୍ଥିତ ପାଞ୍ଚଗାଁ ଗ୍ରାମର ସହଦେବ ପରିଡା ଓ ଅନ୍ୟ କେତେଜଣ ଯୁବକ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକରେ ସୁଭଦ୍ରା ଯୋଜନାର ବୈଠକ, ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ଟଙ୍କା ପ୍ରଦାନ କରାଯାଇଛି ଓ ଏହାକୁ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ଉକ୍ତ ବିଲ୍‌ର ନକଲ ପୈଠ କରିବା ପାଇ ନଭେମ୍ବର ୨୦ରେ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ। ଆବେଦନ କରିବା ପରେ ଏହାର ଏକ ପ୍ରାପ୍ତିପତ୍ର ପାଇଁ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦେଇଥିଲେ। ଆବେଦନ ପତ୍ରରେ ପରିଡାଙ୍କ ମୋବାଇଲ୍ ନମ୍ବର ଥିବାରୁ ପରେ ଫୋନ ଯୋଗେ ଡକାଇ ପ୍ରାପ୍ତିପତ୍ର ପ୍ରଦାନ କରିବେ ବୋଲି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ସେତେବେଳେ କହିଥିଲେ। କିନ୍ତୁ ୩ ଦିନରୁ ଊର୍ଦ୍ଧ୍ୱ ସମୟ ଅତିକ୍ରମ ପରେ ପ୍ରାପ୍ତିପତ୍ର ନ ମିଳିବାରୁ ପରିଡ଼ା ନଭେମ୍ବର୨୫ରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ବିଡିଓ ଗୋଚ୍ଛାୟତଙ୍କୁ ପଚାରିଥିଲେ। ଏହି ସମୟରେ ଗୋଚ୍ଛାୟତ ରାଗରେ ଉକ୍ତ ସୂଚନା ଅଧିକାର ଆଇନର ଫର୍ମକୁ ପରିଡ଼ାଙ୍କ ସମ୍ମୁଖରେ ଚିରି ଫୋପାଡ଼ି ଦେଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏସମ୍ପର୍କରେ ବିଡିଓ ବି. ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ଅଭିଯୋଗ ଅନୁଯାୟୀ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ପ୍ରତିଭା ଆଗରେ ହାର୍ ମାନିଛି ଭିନ୍ନକ୍ଷମତା

## ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଭୁବନେଶ୍ୱର, ୨।୧୨ (ବନ୍ଦନା ସେଠୀ)

ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀକୁ ବଦଳାଇବା, ସେମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଡିସେମ୍ବର ୩କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଉଛି। ତେବେ ସମୟ ସହ ତାଳଦେଇ ଦିବ୍ୟାଙ୍ଗମାନେ ମଧ୍ୟ ବଦଳିବାରେ ଲାଗିଛନ୍ତି। ଏବେ ସେମାନେ ଆଉ ଅକ୍ଷମ ନୁହନ୍ତି, ବରଂ ଭିନ୍ନଭାବେ ସାଧାରଣଲୋକଙ୍କଠାରୁ ଅଧିକ ସକ୍ଷମ ବୋଲି ବାରମ୍ବାର ପ୍ରମାଣିତ କରିଆସିଛନ୍ତି। ସେମାନଙ୍କ ପ୍ରତିଭା ଓ ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁ ବାଧାବିଘ୍ନ ହାର୍ ମାନିଛି। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଏଭଳି କେତେଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

ମୟୂରଭଞ୍ଜ ଜିଲା ଶ୍ରୀଦାମଚନ୍ଦ୍ରପୁର




ଲାବରେଟୋରି ଆଟେଣ୍ଡାଣ୍ଟ ମାଙ୍ଗତ୍ ହେମ୍ବ୍ରମ ଓ ନିଜ ଚିତ୍ରକଳା ସହ ପ୍ରୀତିଲତା ବେହେରା।

ଗ୍ରାମର ଅନନ୍ତ ହେମ୍ବ୍ରମ୍ ଓ ଅନୀତା ହେମ୍ବ୍ରମ୍‌ଙ୍କ ସାନପୁଅ ମାଙ୍ଗତ୍ ହେମ୍ବ୍ରମ। ୨୦୦୦ ମସିହାରେ ଜନ୍ମିତ ମାଙ୍ଗତ୍ ଜନ୍ମରୁ ସୁସ୍ଥ ଥିଲେ। ମାତ୍ର ବୟସ ବଢିବା ସହିତ ତାଙ୍କର ଗୋଟିଏ ଆଖିକୁ ଦେଖାଗଲା ନାହିଁ। ଅର୍ଥାଭାବ ଯୋଗୁ ଆବଶ୍ୟକ ଚିକିତ୍ସା ନ ପାଇବାରୁ ଶେଷରେ ତାଙ୍କର ବାମଆଖି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଗଲା। ଫଳରେ ସମସ୍ତେ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଲେ। ସାଙ୍ଗସାଥୀ ବି ସେତେଟା ମିଶିଲେ ନାହିଁ। ଏସବୁକୁ ଖାତିର୍ ନ କରି ସେ ପାଠପଢା ଜାରି ରଖିଥିଲେ। ୨୦୧୭ରେ କ୍ରିକେଟ୍ ଖେଳିବା ଆରମ୍ଭ କଲେ। ଜିଲାସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଅନେକଥର ଖେଳି ରାଜ୍ୟ ପାଇଁ ଗୌରବ ଆଣିଲେ। ସମୟକ୍ରମେ ସେ କ୍ରିକେଟ୍ ଛାଡି ଫୁଟ୍‌ବଲ୍ ପ୍ରତି ଆକର୍ଷିତ ହେଲେ। ୨୦୨୦ରେ ଯୁକ୍ତ୨ ପାସ୍ କରିବା ପରେ ଆଉ ଆଗକୁ ପଢିବାର ସୁଯୋଗ ପାଇ ନ ଥିଲେ। ତେଣୁ ଖେଳପ୍ରତି ସମ୍ପୂର୍ଣ୍ଣ ମନ ଦେଇଥିଲେ। ପରିବାରର ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ ସକାଳ ସମୟରେ ଖେଳିବା ସହିତ ପୂର୍ବାହ୍ନରେ ଗାଈ ଚରାଉଥିଲେ। ଶେଷରେ କଠିନ ପରିଶ୍ରମର ଫଳସ୍ୱରୂପ ମାଙ୍ଗତ୍ ଏବେ ବାରିପଦା ଏମ୍‌ପିସି ଅଟୋନୋମସ୍ କଲେଜରେ ଲାବରେଟୋରି ଆଟେଣ୍ଡାଣ୍ଟ ଭାବେ ଚାକିରି କରୁଛନ୍ତି। ଏନେଇ ମାଙ୍ଗତ୍ କହିଛନ୍ତି, ମୋର ଗୋଟେ ଆଖିକୁ ବିଲ୍‌କୁଲ୍ ଦେଖାଯାଉନି। ଏଥିପାଇଁ ଅନେକ କଥା ଶୁଣିବାକୁ ପଡିଛି। ମାତ୍ର ମୋ ମା' ବାପା ଓ ଭଉଣୀ ଭାଇଙ୍କ ପ୍ରେରଣା ମତେ ସବୁବେଳେ ଆଗକୁ ବଢିବାରେ ସାହାଯ୍ୟ କରିଛି। ଏଥିପାଇଁ ମୁଁ ସର୍ବଦା ସେମାନଙ୍କ ପାଇଁ କୃତଜ୍ଞ ରହିବି।

ସେହିପରି ଅନ୍ୟଜଣେ ପ୍ରତିଭା ହେଉଛନ୍ତି ପ୍ରୀତିଲତା ବେହେରା। ଜନ୍ମରୁ ମୂକ ଓ ବଧିର ହୋଇଥିଲେ ହେଁ, ତାଙ୍କର ଚିତ୍ରକଳା ଅନେକ କଥାକୁହେ। ମନର ଭାବକୁ ଚିତ୍ର ଦ୍ୱାରା ପ୍ରକାଶିତ କରିପାରନ୍ତି ପ୍ରୀତିଲତା। ୨୦୦୨ରେ ମୟୂରଭଞ୍ଜ ଜିଲାର ନିପଟ ମଫସଲ କେନ୍ଦୁଡ଼ିଆଁ ଗ୍ରାମରେ ତାଙ୍କର ଜନ୍ମ। ଝିଅର ଅକ୍ଷମତା ବାପା ଉପେନ୍ଦ୍ର ବେହେରା ଓ ମାଆ ନୀଳିମା ବେହେରାଙ୍କ ମନକୁ ଆନ୍ଦୋଳିତ କରିଥିଲେ ହେଁ ସେମାନେ ସର୍ବଦା ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ପିଲାଦିନରୁ ସେ ଚିତ୍ର କରିବା, କଣ୍ଢେଇ ତିଆରି କରିବା ଆଦି ସୃଜନଶୀଳ କାମରେ ମନୋନିବେଶ କରିଥିଲେ। ମା'ବାପା ତାଙ୍କ ପ୍ରତିଭାକୁ ଚିହ୍ନି ଛୋଟବେଳୁ ତାଙ୍କୁ ଚିତ୍ରକଳା ଶିକ୍ଷା ଦେଇଥିଲେ। ଏବେ ସେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀ। ସୁନ୍ଦର ଚିତ୍ର ଅଙ୍କନରେ ସେ ସିଦ୍ଧହସ୍ତ। ପିଲାବେଳୁ ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ବହୁ ପ୍ରତିଯୋଗିତାରେ ତାଙ୍କ ଚିତ୍ରକଳା ସ୍ଥାନ ପାଇବା ସହ ପୁରସ୍କୃତ ହୋଇଛି।

# ମୁଖ୍ୟମନ୍ତ୍ରୀ ନ ହେଲେ ବାହ୍ୟ ସମର୍ଥନ

ମୁମ୍ବାଇ,୨।୧୨

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ନୂଆ ସରକାର ଗଠନ ନେଇ ୧୦ ଦିନ ହେଲା ଅଚଳାବସ୍ଥା ଜାରି ରହିଛି। ମୁଖ୍ୟମନ୍ତ୍ରୀ ପଦ ନ ମିଳିଲେ, ଶିବସେନା ବାହାରୁ ସମର୍ଥନ ଦେବ ବୋଲି କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଥିବା ଜଣାପଡ଼ିଛି। ନୂଆ ସରକାର ଗଠନ ନେଇ ସୋମବାର ମହାଯୁତି ନେତାମାନଙ୍କ ବୈଠକ ହେବାକୁ ଥିବାବେଳେ ଶିନ୍ଦେ ଅସୁସ୍ଥତା କାରଣ ଦର୍ଶାଇ ଏହାକୁ ବାତିଲ କରିଦେଇଛନ୍ତି। ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦ ସମ୍ପର୍କରେ ବିଚାର କରିବାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପକ୍ଷରେ ଏନ୍‌ସିପି ନେତା ଅଜିତ ପାୱାର ଭାଜପାର କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରିବା ପାଇଁ ସୋମବାର ଦିଲ୍ଲୀ ଯାଇଛନ୍ତି।

## ବୈଠକ ବାତିଲ କଲେ ଶିନ୍ଦେ



ମହାଯୁତିର କେଉଁ ଦଳକୁ କେଉଁ ବିଭାଗ ମିଳିବ ତାହା ଚୂଡ଼ାନ୍ତ କରିବା ପାଇଁ ସୋମବାର ବୈଠକ ବସିବାକୁ ଥିବାବେଳେ ଗଳା ସଂକ୍ରମଣ ଏବଂ ଜ୍ୱର କାରଣରୁ ଶିନ୍ଦେ ବୈଠକ ବାତିଲ କରିଛନ୍ତି। ସେ ଅପରାହ୍ନରେ

## ଦିଲ୍ଲୀ ଗଲେ ଅଜିତ ପାୱାର



ଠାଣେ ଯାଇଥିବାରୁ ମଙ୍ଗଳବାର ବୈଠକ କରିବାକୁ ସ୍ଥିର ହୋଇଛି। କିଏ ମୁଖ୍ୟମନ୍ତ୍ରୀ ହେବେ, ଏହାକୁ ନେଇ ଜାରି ରହିଥିବା ଉତ୍କଣ୍ଠା ୪ ତାରିଖରେ ଶେଷ ହେବାକୁ ଯାଉଛି। ସେଦିନ ଭାଜପା ବିଧାୟକ ଦଳ ବୈଠକ ବସି ନେତା ନିର୍ବାଚନ କରାଯିବ ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ବିଧାୟକ ଦଳ ବୈଠକ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କୁ ଭାଜପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ବୁଧବାର ସକାଳେ ବିଧାନ ଭବନରେ ବୈଠକ ବସି ମୁଖ୍ୟମନ୍ତ୍ରୀ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି।

ଶିବସେନା ସୂତ୍ର ଅନୁଯାୟୀ, ଗତ ୨୯ ତାରିଖରେ ଶିନ୍ଦେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଆଲୋଚନା ବେଳେ ଏକ ବୁଝାମଣା ସୂତ୍ର ଦେଇଥିଲେ। ସେ କହିଥିଲେ, ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯାଇଥିଲା। ଲାଡଲି ବହେନ ଯୋଜନା, ସଂରକ୍ଷଣ ନିଷ୍ପତ୍ତି ଏବଂ ବିଭିନ୍ନ ସମ୍ପ୍ରଦାୟ ପାଇଁ ସମବାୟ ବୋର୍ଡ ଗଠନ ଯୋଗୁ ମହିଳା ଭୋଟର, ମରାଠା ଏବଂ ଓବିସିମାନେ ମହାଯୁତିକୁ ଭୋଟ ଦେଇଥିଲେ। ସେ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ, ଏହି ଆଶା ରଖି ରାଜ୍ୟବାସୀ ଭୋଟ ଦେଇଥିଲେ। ଯଦି ତାଙ୍କୁ ମୁଖ୍ୟମନ୍ତ୍ରୀ କରା ନ ଯାଏ, ତେବେ ସମାଜର ଏହି ବର୍ଗଗୁଡ଼ିକ ପାଖକୁ ଏକ ଭୁଲ୍ ବାର୍ତ୍ତା ଯିବ। ବିଭିନ୍ନ ସର୍ଭେରେ ତାଙ୍କୁ ଲୋକମାନେ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିବା ଶିନ୍ଦେ ଦର୍ଶାଇଥିଲେ। ଯଦି ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଏ, ତେବେ କ୍ଷମତା ସନ୍ତୁଳନ ପାଇଁ ତାଙ୍କ ଦଳକୁ ଗୃହ, ଅର୍ଥ ଏବଂ ରାଜସ୍ୱ ବିଭାଗ ଦେବା ପାଇଁ ଶିନ୍ଦେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କହିଥିଲେ। ଏହା ପରେ କାହାକୁ ଉପମୁଖ୍ୟମନ୍ତ୍ରୀ କରାଯିବ, ସେନେଇ ଶିନ୍ଦେ ନିଷ୍ପତ୍ତି ନେବେ। ଉପରୋକ୍ତ ୩ ବିଭାଗ ନ ମିଳିଲେ ଶିବସେନା ସରକାରରେ ନ ରହି ବାହାରୁ ସମର୍ଥନ ଦେବ। କେନ୍ଦ୍ରରେ ମଧ୍ୟ ଏହି ଦଳର ୭ ଏମ୍‌ପି ବାହାରୁ ସମର୍ଥନ ଜଣାଇବେ ବୋଲି ଶିନ୍ଦେ କହିଥିବା ଜଣାପଡ଼ିଛି।

# ବାଚସ୍ପତିଙ୍କ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନକୁ ବିଜେଡିର ବିରୋଧ

ଭୁବନେଶ୍ୱର,୨।୧୨(ଅନିଲ ଦାସ)

ବାଚସ୍ପତି ସୁରମା ପାଢ଼ୀ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ବିଜେଡି ସମାଲୋଚନା କରିଛି। ସୋମବାର ବିଧାନସଭା ଶୂନ୍ୟକାଳରେ ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ବାଚସ୍ପତି ଏବଂ ଉପବାଚସ୍ପତି କେଉଁ ଦଳର ନୁହନ୍ତି। ନିରପେକ୍ଷତା ରକ୍ଷାକରିବା ବାଚସ୍ପତିଙ୍କ କର୍ତ୍ତବ୍ୟ। ବାଚସ୍ପତି ଭାଜପା କାର୍ଯ୍ୟାଳୟକୁ ଯିବାର ନ ଥିଲା। ଏକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଉଚିତ ନୁହେଁ। ଏହା ବିଧାନସଭାର ଗରିମା କ୍ଷୁଣ୍ଣ କରୁଛି। ଯଦି ଜାଣି ନାହାନ୍ତି ଜାଣନ୍ତୁ, ଭବିଷ୍ୟତରେ ଏଭଳି ଦୃଷ୍ଟାନ୍ତ ସୃଷ୍ଟି କରା ନ ଯାଉ।

# ହାରିବା ପରେ ଦିଲୀପଙ୍କ ପାଗ ଭିଡ଼ିବା ଚର୍ଚ୍ଚା

ରାଉରକେଲା,୨।୧୨
(ସଙ୍ଗୀତା ଜେନା)


ଦିଲୀପ ରାୟ

୨୦୨୪ ବିଧାନସଭା ନିର୍ବାଚନରେ ରାଉରକେଲା ବିଧାନସଭା କ୍ଷେତ୍ରରୁ ହାରିଯାଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଦିଲୀପ ରାୟ ବର୍ତ୍ତମାନ ରାଉରକେଲାରେ ସକ୍ରିୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। କିଛିଦିନ ତଳେ ସେ ରାଉରକେଲାରେ ପହଞ୍ଚି ହଠାତ୍ ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ଦିଲୀପଙ୍କ ଏଭଳି ତତ୍ପରତା ଦେଖି କେହି କେହି କହୁଛନ୍ତି, ସେ ରାଜନୈତିକ ଭବିଷ୍ୟତକୁ ଅନିଷା କରି ପୁଣି ପାଗ ଭିଡ଼ିବା ଆରମ୍ଭ କଲେଣି।

୨୦୨୪ ବିଧାନସଭା ନିର୍ବାଚନ ବେଳେ ଶେଷ ମୁହୂର୍ତ୍ତରେ ଭାଜପା ଦିଲୀପଙ୍କୁ ରାଉରକେଲା ବିଧାନସଭା ଆସନ ଲାଗି ଟିକେଟ୍ ଦେଇଥିଲା। ହେଲେ ସେ ବିଜେଡିର ସାରଦା ପ୍ରସାଦ ନାୟକଙ୍କଠାରୁ ହାରିଯାଇଥିଲେ। ବିଫଳତାର କାରଣ ଖୋଜିବାକୁ ଯାଇ ତାଙ୍କ ଅନୁଗାମୀଙ୍କ କହିବା ଅନୁସାରେ, ଡେରିରେ ଟିକେଟ ମିଳିବା ତାଙ୍କ ପାଇଁ ବାମ ହେଲା। ଭୋଟ ପ୍ରଚାର ପାଇଁ ସେ ପର୍ଯ୍ୟାପ୍ତ ସମୟ ପାଇ ନ ଥିଲେ। ଅପରପକ୍ଷେ ବିଜେଡି ବର୍ତ୍ତମାନର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଟିକେଟ ପ୍ରଥମରୁ ଚୂଡ଼ାନ୍ତ କରିଥିଲା। ତେଣୁ ସାରଦା ଅଧିକ ସମୟ ପାଇବାରୁ ସ୍ଥିତିରୁ ପାଇଦା ଉଠାଇଥିଲେ।

ରାଉରକେଲାବାସୀଙ୍କ ପାଇଁ ବୃହତ୍ ବାସଗୃହ ପ୍ରକଳ୍ପ ଦାବି ଦୀର୍ଘ ସମୟ ଧରି ରହିଆସିଛି। ତାହାକୁ ଲକ୍ଷ୍ୟ କରି ଦିଲୀପ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ସକାଶେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିବା କହିଛନ୍ତି। ଏପରି କି ଉକ୍ତ ବାସଗୃହ ପ୍ରକଳ୍ପ ପାଇଁ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ଣ୍ଣ ସହଯୋଗ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆର୍‌ଏସ୍‌ପି ଡିଆଇସିଙ୍କ ସହ ସେ ଆଲୋଚନା କରିଛନ୍ତି। ସେହିପରି ସହରରେ ଏୟାରପୋର୍ଟର ଉନ୍ନତୀକରଣ, ଅର୍ଦ୍ଧନିର୍ମିତ କୋଏଲ ସେତୁକୁ ନୂତନ ରୂପରେଖ ଦେବା, ରାଉରକେଲାରେ ମେଡିକାଲ କଲେଜ ଏବଂ ହସ୍ପିଟାଲ ଖୋଲିବା ପାଇଁ ଜମି ଅନ୍ୱେଷଣ, ବେଦବ୍ୟାସରେ ଝୁଲାପୋଲ, ଆର୍‌ଏମ୍‌ସି ବଜାରକୁ କାର୍ଯ୍ୟକ୍ଷମ ଭଳି ୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସମ୍ପର୍କରେ ଦିଲୀପ ପଚାରି ବୁଝିଥିବା ତାଙ୍କ ଅନୁଗାମୀମାନେ କହୁଥିବା ଶୁଣିବାକୁ ମିଳିଛି। ଅନୁରୂପ ଭାବେ ତାଙ୍କ ସକ୍ରିୟତାକୁ ଦେଖି ସମର୍ଥକମାନେ ମଧ୍ୟ ପ୍ରଶାସନିକ କାର୍ଯ୍ୟରେ ଅଧିକ ହସ୍ତକ୍ଷେପ କରୁଥିବା ଆଲୋଚନା ହେଉଛି। ରାଜ୍ୟରେ ଭାଜପା ସରକାର ଥିବାରୁ ପ୍ରଶାସନ ପାଖରେ ଦିଲୀପଙ୍କ ପ୍ରଭାବ ରହୁଥିବା କୁହାଯାଉଛି। ଗତ ୯୦ ଦଶକରେ ଛେଣ୍ଡ୍ କଲୋନି ହେବା ପରେ ରାଉରକେଲାରେ ବୃହତ୍ ବାସଗୃହ ପ୍ରକଳ୍ପ ହୋଇ ନାହିଁ। ଲୋକେ କୁହାକୁହି ହେଉଛନ୍ତି ଯଦି ଦିଲୀପ ଏହି ସମୟରେ ନୂତନ ବାସଗୃହ ପ୍ରକଳ୍ପକୁ ସାକାର କରିବାରେ ସଫଳ ହେବେ ତେବେ ସେ ପୁଣି ଲୋକଙ୍କ ଆସ୍ଥାଭାଜନ ହୋଇପାରନ୍ତି।

# ଭାଜପାରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ, ଯୁବ ବିଜେଡି ସଭାପତି


ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ଓ ତାଙ୍କ ସମର୍ଥକମାନେ ଭାଜପାରେ ଯୋଗ ଦେଉଛନ୍ତି।

ଭୁବନେଶ୍ୱର,୨।୧୨(ଅନିଲ ଦାସ)

ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ରଘୁପତି ମହାନ୍ତି ଓ ତାଙ୍କ ସମର୍ଥକ ସୋମବାର ଭାଜପାରେ ଯୋଗଦେଇଛନ୍ତି। ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରାଙ୍କ ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡ଼ମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ଜଣ ସରପଞ୍ଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଞ୍ଚଙ୍କ ସମେତ ବଡ଼ମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବଡ଼ମ୍ବା ବ୍ଲକର ସମିତି ସଭ୍ୟ ସୀମାରାଣୀ ନାୟକ, ରାଜେଶ ଦଲେଇ, ଲିଲି ସେଠୀ, ବିଭୂତି ଭୂଷଣ ଜେନା ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତାମାନେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଦେବୀ ମିଶ୍ରଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଫଳରେ ତାଙ୍କୁ ବଡ଼ ଝଟକା ଲାଗିଛି। ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରା ବିଜେଡିର ପୂର୍ବତନ ବିଧାୟକଙ୍କ ଉପରେ ବର୍ଷିଥିଲେ। ସେ ଯାହା ଭୁଲ୍ କରିଛନ୍ତି ତାହାର ଫଳ ପାଇଛନ୍ତି। ଏବେ ସେ ପ୍ରାୟଶ୍ଚିତ୍ତ କରିବା ଆବଶ୍ୟକ ବୋଲି ଦଳବେହେରା କହିଛନ୍ତି। ମନମୋହନ କହିଛନ୍ତି ସମାଜରେ ଅନେକ ସମସ୍ୟା ରହିଛି, ଏହାର ସମାଧାନ କରି ଲୋକଙ୍କ ପାଖରେ କିପରି ସରକାରୀ ଯୋଜନାଗୁଡ଼ିକ ସହଜରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନଦେବାକୁ ନୂତନ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ,ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ଜିଲା ସଭାପତି ରାମନାରାୟଣ ମହାନ୍ତି, ଜିଲା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବାଶିଷ ପଣ୍ଡାଙ୍କୁ ଅନ୍ତରୀଣ ସୁରକ୍ଷା

**ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣା**

କଟକ,୨।୧୨
(କାର୍ତ୍ତିକ ସାହୁ)

ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ସୋମବାର ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଦେବାଶିଷ ଗିରଫ ହେବେ ନାହିଁ। ଏଥିସହ କେସ୍ ଡାଏରୀ ଦାଖଲ କରିବା ନିମନ୍ତେ ତଦନ୍ତକାରୀ ସଂସ୍ଥାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଦେବାଶିଷଙ୍କ ନାଁରେ ଥାନାରେ ମାମଲା ହୋଇଥିଲା। ଗିରଫଦାରି ଏଡ଼ାଇବା ନିମନ୍ତେ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଦେବାଶିଷ ହେଉଛନ୍ତି ବିଚିତ୍ରପୁର ପଞ୍ଚାୟତର ସରପଞ୍ଚ। ଏହି ପଞ୍ଚାୟତ ଅଞ୍ଚଳରେ ଆକ୍ରମଣ ଘଟଣା ଘଟିଥିଲା।

**ବିଧାନସଭା ସମାଚାର**

# ବିଧାନସଭା: ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୨।୧୨(ସୁନିତ୍ ମିଶ୍ର)

**ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା**

- ରାଜ୍ୟପାଳଙ୍କ ପୁଅ କଥା କହି ବର୍ଷିଲେ ବିରୋଧୀ
- ପୂର୍ବ ସରକାରଙ୍କ ଦୋଷ ଦର୍ଶାଇ ବିରୋଧୀଙ୍କୁ ଶାସକ ସଦସ୍ୟଙ୍କ ଟାର୍ଗେଟ

ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଆସିଥିବା ଅତିରିକ୍ତ ବଜେଟ ଉପରେ ସୋମବାର ଗୃହରେ ଖର୍ଚ୍ଚ ଦାବି ଆଲୋଚନା ହୋଇଛି। ଉଭୟ ଶାସକ ଏବଂ ବିରୋଧୀ ସଦସ୍ୟମାନେ ଏଥିରେ ଭାଗ ନେଇ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରିଛନ୍ତି। କିଛିଦିନ ତଳେ ରାଜ୍ୟପାଳଙ୍କ ପୁଅ ଜଣେ ଏଏସ୍‌ଓଙ୍କୁ ଆକ୍ରମଣ କରିଥିବା ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ଗତ ବିଧାନସଭା ଅଧିବେଶନ ସମୟରେ ଆଇନ ମନ୍ତ୍ରୀ ୧୫ ଦିନ ଭିତରେ ଜିଲାପାଳଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପର୍ଯ୍ୟନ୍ତ ତା'ର ରିପୋର୍ଟ କାହିଁକି ସାର୍ବଜନୀନ କରାଗଲା ନାହିଁ ଏବଂ ଏହି ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାର କାରଣ କ'ଣ ବୋଲି ବିରୋଧୀ ପ୍ରଶ୍ନ କରିଥିଲେ। ସେହିପରି ଭରତପୁର ଥାନାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କ ସହ ପୋଲିସ କରିଥିବା ଅମାନବୀୟ କାରନାମା ଦେଶରେ ଓଡ଼ିଶାର ଚିତ୍ର ଖରାପ କରିଥିବା ବିଷୟ ନେଇ ମଧ୍ୟ ଗୃହରେ ଶାସକ ଦଳକୁ ବିରୋଧୀ କଡା ସମାଲୋଚନା କରିଛନ୍ତି। ସେହିପରି କୁଚିଣ୍ଡାରେ ନାବାଳିକାଙ୍କୁ ବଳାତ୍କାର ଏବଂ କଟକ ସମେତ ଅନ୍ୟ ସ୍ଥାନରେ ଗତ ୬ ମାସ ମଧ୍ୟରେ ମହିଳାଙ୍କ ବିରୋଧରେ ବଢ଼ିଥିବା ନିର୍ଯାତନା ବିଷୟ ନେଇ ମଧ୍ୟ ଗୃହରେ ପ୍ରବଳ ଯୁକ୍ତିତର୍କ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଶାସକ ଦଳ ସଦସ୍ୟମାନେ ମଧ୍ୟ ବିରୋଧୀଙ୍କୁ ଆକ୍ଷେପ କରିବାକୁ ପଛାଇ ନାହାନ୍ତି। ଗତ ସରକାରରେ ମନ୍ତ୍ରୀମାନେ ସିଧାସଳଖ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା କଥା ଶାସକ ଦଳର ଅନେକ ସଦସ୍ୟ ଉଠାଇଥିଲେ। ଏହାସହ ମମିତା, ପରୀ, ପିହୁ, କୁଦୁଲୀ ନାବାଳିକା ଆତ୍ମହତ୍ୟା ବିଷୟ ନେଇ ମଧ୍ୟ ବିରୋଧୀଙ୍କୁ ଘେରିଛନ୍ତି।

ସୋମବାର ଅପରାହ୍ନରେ ଆଲୋଚନାରେ ଭାଗ ନେଇ ପ୍ରଥମେ ଭାଜପା ସଦସ୍ୟ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ପୋଲିସ ବିଭାଗ ଲୋକଙ୍କ ସହାୟତା ପାଇଁ ଅଛନ୍ତି। ବିରୋଧୀ ଦଳ ସଦସ୍ୟ ସିଧାସଳଖ ପୋଲିସ ଉପରେ ଦୋଷାରୋପ କରିବା ବିଷୟ ବୁଝିହେଉ ନାହିଁ। ଭାଜପା ସରକାର



୫ ବର୍ଷ ଭିତରେ ସାଧାରଣ ପ୍ରଶାସନ ବିଭାଗରେ ଖାଲିଥିବା ଦେଢ଼ ଲକ୍ଷ ପଦବୀ ପୂରଣ କରିବେ। ୧୭,୦୦୦ ପଦବୀ ଗତ ୬ ମାସ ମଧ୍ୟରେ ପୂରଣ କରାଯାଇସାରିଛି। ରାଜ୍ୟର ପୂର୍ବ ସରକାର ଯେଉଁ ଓଏସ୍‌ଡି ବ୍ୟବସ୍ଥାକୁ ଜୋରଦାର ଭାବେ ଚଳାଇଥିଲେ ଭାଜପା ସରକାର ସେହି ଢାଞ୍ଚା ପ୍ରତି ଆଗ୍ରହ ଦେଖାଉନାହାନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, ଭାଜପା ସରକାର ଆସୁ ଆସୁ ରାଜ୍ୟପାଳଙ୍କ ପୁଅ ଜଣେ ଏଏସ୍‌ଓଙ୍କୁ ଆକ୍ରମଣ କଲେ। ଆଇନ ମନ୍ତ୍ରୀ ଗୃହରେ କହିଲେ ୧୦ ଦିନରେ ରିପୋର୍ଟ ଦେବେ। ହେଲେ ୫ ମାସ ହେଲାଣି ଏହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ରାଜ୍ୟପାଳଙ୍କ ପୁଅ କ'ଣ ଆଇନରୁ ଊର୍ଦ୍ଧ୍ୱରେ। ଭରତପୁର ଘଟଣାରେ ସାରା ଦେଶରେ ଓଡ଼ିଶାର ମୁଣ୍ଡ ତଳକୁ ହୋଇଗଲା। ଭାଜପା ସରକାର ଆସିବା ପରେ ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ବଢ଼ିଛି। କୁଚିଣ୍ଡା ଭଳି କେତେଗୁଡ଼ିଏ ସ୍ଥାନରେ ବଳାତ୍କାର ଘଟଣା ସାମ୍ନାକୁ ଆସିଛି। କୁଚିଣ୍ଡାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଗଲା। ଜଣେ ମନ୍ତ୍ରୀଙ୍କ ସମ୍ପର୍କୀୟ ଏହି ଘଟଣାରେ ସମ୍ପୃକ୍ତ। ହେଲେ ତାଙ୍କ ବିରୋଧରେ ପ୍ରଥମେ ମାମଲା ରୁଜୁ କରାଗଲା ନାହିଁ। ପରେ ବିଜେଡି ଟିମ୍ ଯିବାପରେ ମାମଲା ରୁଜୁ ହେଲା। ଏ ପର୍ଯ୍ୟନ୍ତ ଘଟଣାରେ ପୋକ୍ସୋ ଆକ୍ଟ ମଧ୍ୟ ଲଗାଗଲା ନାହିଁ। ଥାନାଗୁଡ଼ିକୁ ଏବେ ଭାଜପାର କାର୍ଯ୍ୟାଳୟରେ ପରିଣତ କରିଦିଆଗଲାଣି ବୋଲି ଧ୍ରୁବ କହିଛନ୍ତି। ବିଧାୟକ ସାରଦା ପ୍ରଧାନ କହିଛନ୍ତି, ଆମ ଅଞ୍ଚଳବାସୀ ବହୁତ ଖୁସି ଏଥର ନିର୍ବାଚନରେ ବିନା ଗଣ୍ଡଗୋଳରେ ଗୋଟେ ସରକାର ରାଜ୍ୟରୁ ଚାଲିଗଲା। ବିରୋଧୀ ଆଉ ୬ ମାସରୁ ଏକ ବର୍ଷ ଅପେକ୍ଷା କରନ୍ତୁ ତା'ପରେ ଯାଇ ରାଜ୍ୟରେ ଅପରାଧ କମୁଛି ନା ନାହିଁ ଦେଖନ୍ତୁ। ଆଇନ ମନ୍ତ୍ରୀ କେଉଁଠି ଅପରାଧ କରନ୍ତି କେବେହେଲେ ଜୀବନରେ ଦେଖି ନ ଥିଲି। ହେଲେ ଆମ ନିର୍ବାଚନମଣ୍ଡଳୀର ବିଧାୟକ ହୋଇଥିବା ଏବଂ ପୂର୍ବତନ ଆଇନ ମନ୍ତ୍ରୀ ନିଜେ ସିଧାସଳଖ ଅପରାଧରେ ସଂଶ୍ଳିଷ୍ଟ। ଗତ ସରକାରରେ ଥାର୍ଡ ଫ୍ଲୋର ନିର୍ଦ୍ଦେଶ ନ ଦେଲେ ଥାନାରେ ମାମଲା ରୁଜୁ ହୁଏ ନାହିଁ। କଂଗ୍ରେସ ସଦସ୍ୟ ସି.ଏସ୍ ରାଜନ୍ ଏକ୍କା କହିଛନ୍ତି, ରାଜ୍ୟରେ ଅପରାଧ ବହୁତ ପରିମାଣରେ ବଢ଼ିଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ।

ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ କହିଛନ୍ତି, ନଗଦ ଖବର ଆସୁଛି କୁଚିଣ୍ଡାରେ ପ୍ରେମିକ ଆଗରେ ପ୍ରେମିକାକୁ ଗଣବଳାତ୍କାର କରାଯାଇଛି। ଏହା ହେଉଛି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି। ଏବେ ଭାଜପା ସରକାରରେ ପୋଲିସର ମନୋବଳ ଭାଙ୍ଗି ଦିଆଯାଉଥିବା ଆଇଆଇସିମାନେ କହିଲେଣି ବୋଲି ଗୌତମ କହିଛନ୍ତି। ଅପରପକ୍ଷେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ ପଏଣ୍ଟ ଅଫ ଅର୍ଡର ଆଣି କହିଥିଲେ, ମନ୍ତ୍ରୀଙ୍କ ସମ୍ପର୍କୀୟ ଅପରାଧ ଘଟାଇ ଗିରଫ ହୋଇଛନ୍ତି ବୋଲି ବିଜେଡି ସଦସ୍ୟ ଅଭିଯୋଗ ଉଠାଇଛନ୍ତି। ସେ ଗୃହରେ ସ୍ପଷ୍ଟ କରନ୍ତୁ କେଉଁ ମନ୍ତ୍ରୀଙ୍କ ସମ୍ପର୍କୀୟ କିଏ ଅପରାଧ ଘଟାଇଛନ୍ତି। ଏକଥାକୁ ସେ ଗୃହରେ ପ୍ରମାଣ କରନ୍ତୁ ନ ହେଲେ ସମସ୍ତଙ୍କ ସାମ୍ନାରେ ଗୃହରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଟଙ୍କଧର ଦାବି କରିଥିଲେ। ଭାଜପା ସଦସ୍ୟ ବାବୁ ସିଂ କହିଛନ୍ତି, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କିଛିଦିନ ତଳେ କହିଲେ ଭାଜପା କର୍ମୀ ପାନଖିଆ, ଛେଚେଲା ପାଟିଆ। ସିଏ ଜାଣିବା ଦରକାର ବିଜେଡିରେ ସମସ୍ତେ କର୍ମୀ ହେଲେ ଭାଜପାରେ ସମସ୍ତେ କାର୍ଯ୍ୟକର୍ତ୍ତା ଅଟନ୍ତି। ଏଠାରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତେ କାର୍ଯ୍ୟକର୍ତ୍ତା। ଦେଶର ପ୍ରଧାନମନ୍ତ୍ରୀ ୨ ଦିନ ତଳେ ଆସି ଭାଜପାର ସାଧାରଣ କାର୍ଯ୍ୟକର୍ତ୍ତାଙ୍କ ସହ ମଧ୍ୟ ଆଲୋଚନା କଲେ। ଅରୁଣ ସାହୁ କୁହନ୍ତୁ ଛବି ବର୍ଦ୍ଧନ ନାମକ ଜଣେ ବିଜେଡି କର୍ମୀଙ୍କୁ ତାଙ୍କ ଘରେ ଆତ୍ମହତ୍ୟା ନା ହତ୍ୟା କରାଗଲା। ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

# ୬ ମାସରେ ୧୨୫୦ ବଳାତ୍କାର ମାମଲା : ବିଜେଡି

ଭୁବନେଶ୍ୱର,୨।୧୨(ଅନିଲ ଦାସ)

**ସ୍ୱରାଷ୍ଟ୍ର ବିଭାଗ ଆଲୋଚନା**

- ଆଦିବାସୀଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି: କଂଗ୍ରେସ
- ପୋଲିସକୁ ଅପବ୍ୟବହାର କରାଯାଉଥିଲା: ଭାଜପା

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୋରି ଓ ଡକାୟତିରେ ଭୁବନେଶ୍ୱର ୧ ନମ୍ବର ଥିବାବେଳେ ମୟୂରଭଞ୍ଜ ବଳାତ୍କାରରେ ୧ ନମ୍ବର ରହିଛି। ଅପରାଧୀଙ୍କର ପୋଲିସ ପ୍ରତି ଭୟ ରହୁନାହିଁ। ନିରୀହ ଆଦିବାସୀଙ୍କୁ ଜେଲ ହାଜତରେ ପୂରାଯାଉଛି। ଦୋଷୀ ଖୋଲାଖୋଲି ବୁଲୁଛନ୍ତି। ଭାଜପାରେ ଯେଉଁମାନେ ଯୋଗଦେଉଛନ୍ତି ସେମାନଙ୍କ ବିରୋଧରେ ହେଉଥିବା ସିବିଆଇ ତଦନ୍ତ ବନ୍ଦ ହେଉଛି । ଟ୍ରାଫିକ୍‌ଠାରୁ ଆରମ୍ଭକରି ଆଇନ ଶୃଙ୍ଖଳା ସବୁକିଛି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସୋମବାର ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ବେଳେ ବିରୋଧୀ ଦଳ ଏଭଳି ପୁଳାପୁଳା ଅଭିଯୋଗ କରିଛନ୍ତି। ବିଜେଡି ସଭ୍ୟ ବ୍ୟୋମକେଶ ରାୟ ଆଲୋଚନା ଆରମ୍ଭ କରି କହିଛନ୍ତି, ଗତ ୬ ମାସରେ ରାଜ୍ୟରେ ୧,୨୫୦ ବଳାତ୍କାର ହୋଇଥିବା ବେଳେ ୫୫୬ ହତ୍ୟାକାଣ୍ଡ ଘଟିଛି। ଭୁବନେଶ୍ୱର ଚୋରି ଓ ଛିନ୍ତାଇରେ ୧ ନମ୍ବର ହୋଇଥିବା ବେଳେ ମୟୂରଭଞ୍ଜ ବଳାତ୍କାରରେ ୧ ନମ୍ବର ହୋଇଛି। ମୟୂରଭଞ୍ଜରେ ୪୬ ଜଣଙ୍କୁ ବଳାତ୍କାର କରାଯାଇଛି। ୬୫ଟି ଆପାର୍ଟମେଣ୍ଟରେ ଚୋରି ହୋଇଛି। ବିଧାୟକମାନେ ଅପରାଧ କଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଯେଉଁମାନେ ଅନ୍ୟ ଦଳରେ ଥିଲେ ସେମାନଙ୍କ ବିରୋଧରେ ଇଡି ଓ ସିବିଆଇ ମାମଲା ଚାଲୁଥିଲା। ଭାଜପାରେ ମିଶିବା ପରେ ତାହା ବନ୍ଦ ହୋଇଯାଉଛି। ଓଡ଼ିଶାରେ ମଧ୍ୟ ସେହି ଧାରା ଚାଲିଛି। ପ୍ରଶାନ୍ତ ଜଗଦ୍ଦେବ, ପ୍ରଦୀପ ପାଣିଗ୍ରାହୀ, ଜୟରାମ ପାଙ୍ଗୀଙ୍କୁ ବିଜେଡି ଦଳରୁ ବହିଷ୍କାର ପରେ ଭାଜପା ସେମାନଙ୍କୁ କୋଳେଇ ନେଇଛି। ନବୀନବାବୁଙ୍କ ସମୟରେ ଯଦି କିଛି ଭୁଲ୍ ହୋଇଛି ତେବେ ଏବେ ଅପରାଧୀଙ୍କୁ ବାନ୍ଧନ୍ତୁ ବୋଲି ବ୍ୟୋମକେଶ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ଅପରାଧ ବେଳକୁ ବେଳ ବଢ଼ି ଚାଲିଛି। ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିଛି। ନିରୀହଙ୍କ ନାମରେ କେସ୍ କରାଯାଉଛି। ଅପରାଧୀ ବୁଲୁଛନ୍ତି। ଭୁବନେଶ୍ୱରରେ ମଧ୍ୟ ଅପରାଧ ବଢ଼ି ଚାଲିଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ବିଜେଡି ସରକାର ସମୟରେ ପୋଲିସକୁ ଅପବ୍ୟବହାର କରାଯାଉଥିଲା। ପ୍ରାୟୋଜିତ ଦଙ୍ଗା କରାଯାଉଥିଲା। ଗତ ୨୪ ବର୍ଷରେ ଯାହା ହୋଇ ନ ଥିଲା ତାହା ହେବାକୁ ଯାଉଛି। ଲୋକମାନେ ପୋଲିସ ପାଖକୁ ଯାଇ ଅଭିଯୋଗ କରିପାରୁଛନ୍ତି। ଅତିରିକ୍ତ ବଜେଟ୍‌ରେ ଥାନାକୁ ଅତିରିକ୍ତ ଗାଡ଼ି ଦିଆଯିବା ସାଙ୍ଗକୁ ୨,୮୩୨ଟି ମୋଟର ସାଇକେଲ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା ହୋଇଛି। କଂଗ୍ରେସ ସଭ୍ୟ ଅଶୋକ ଦାସ କହିଛନ୍ତି, ଗୃହ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜ୍ୟରେ ଆପରାଧିକ କାର୍ଯ୍ୟକ୍ରମ ହୁ ହୁ ହୋଇ ବଢ଼ି ଚାଲିଛି। ଥାନା ଗାଡ଼ିରେ ତେଲ ପକାଇବାକୁ ପଇସା ନାହିଁ। କର୍ମଚାରୀ ଅଭାବ ରହିଛି। ରାତିରେ ଥାନାରେ ଜଣେ ଜଣେ ରହୁଛନ୍ତି। ଗତ ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ୧,୨୪୩ ବଳାତ୍କାର ଘଟଣା ଘଟିଛି। ଖାଲି ପରସ୍ପରକୁ ଦୋଷ ହେଲେ ହେବ ନାହିଁ। ସରକାର ସାଧାରଣ ଲୋକଙ୍କୁ ନ୍ୟାୟଦେବା ପାଇଁ କାର୍ଯ୍ୟ କରିବା ଦରକାର ବୋଲି ଦାସ କହିଛନ୍ତି।

# ୩ ବର୍ଷରେ ୧୨୫ କୋଟି ଚଳୁକଲେ ସାଇବର ଲୁଟେରା

**ଲୁଟ୍ ୪୭.୯୦ କୋଟିରୁ ୨.୫୨ କୋଟି ଟଙ୍କା ଫେରସ୍ତ**

ରାଜ୍ୟରେ ସାଇବର ଲୁଟେରାଙ୍କ ପ୍ରାଦୁର୍ଭାବ ବର୍ଷକୁ ବର୍ଷ ବଢ଼ି ଚାଲିଛି। ବିଗତ ୩ ବର୍ଷରେ ସାଇବର ଲୁଟେରା ରାଜ୍ୟର ବିଭିନ୍ନ ଲୋକଙ୍କଠାରୁ ୧୨୫ କୋଟି ଚଳୁ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧,୩୮୮ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୋମବାର ବିଧାନସଭାରେ ବିଜେଡି ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଚେତନତା ଅଭାବରୁ ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି। ଏନେଇ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୬,୩୬୮ ମାମଲା ରୁଜୁ ହୋଇଛି। ଅଭିଯୋଗ ଆଧାରରେ ୧,୩୮୮ ଜଣ ଲୁଟେରାଙ୍କୁ ଗିରଫ କରାଯାଇ ମାମଲା ଚାଲୁ ରହିଛି। ରାଜ୍ୟରେ ମୋଟ ୪୭ କୋଟି ୯୪ ଲକ୍ଷ ଟଙ୍କା ସାଇବର ଅପରାଧୀଙ୍କ ଦ୍ୱାରା ଲୁଟ୍ ହୋଇଛି । ଲୁଟ୍ ହୋଇଥିବା ଲୋକଙ୍କର ୨ କୋଟି ୫୨ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ୨୦୨୩ରେ ଦାଏର ହୋଇଥିବା ୨,୩୪୮ଟି ମାମଲା ଆଧାରରେ ୫୨୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ଏପରି ଘଟଣାକୁ କିପରି ରୋକି ହେବ ଏବଂ ଲୋକଙ୍କୁ ସଚେତନ କରାଯିବ ତା'ଉପରେ ତର୍ଜମା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପାରିଶ୍ରମିକ ରାଶି ବୃଦ୍ଧି, ବକେୟା ପ୍ରଦାନ ଦାବି

■ ଜିଲା ଡିଲର୍ସ ଫେଡେରେଶନ୍ ପକ୍ଷରୁ ବିକ୍ଷୋଭ
■ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)




ସର୍ବଭାରତୀୟ ଡିଲର୍ସ ଫେଡେରେଶନ୍ ଓଡ଼ିଶା ଶାଖା ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସୋମବାର ୭ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପାରିଶ୍ରମିକ ରାଶି ବୃଦ୍ଧି, ବକେୟା ପାରିଶ୍ରମିକ ରାଶି ପ୍ରଦାନ, ନିର୍ଦ୍ଧାରିତ ଓଜନର ଖାଉଟି ସାମଗ୍ରୀ ପ୍ରଦାନ, ଇ-କେୱାଇସି ବାବଦକୁ ପାରିଶ୍ରମିକ ଅର୍ଥ ପ୍ରଦାନ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁଯାୟୀ ବିକ୍ରେତାମାନଙ୍କୁ ଅଗ୍ରିମ ପାରିଶ୍ରମିକ ପ୍ରଦାନ ଆଦି ଦାବି ରହିଛି। ଜିଲା ଶାଖା ସଭାପତି ନଗେନ୍ଦ୍ର ନାଥ ଜେନା, ସମ୍ପାଦକ ସୟଦ୍ ଏକ୍ରାମ ହୁସେନଙ୍କ ନେତୃତ୍ୱରେ ଏକାଧିକ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୭ଦଫା ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଖୁଚୁରା ବ୍ରିକେତାମାନେ ସାମଗ୍ରୀ ଗ୍ରହଣ ଓ ବଣ୍ଟନ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ଖୁଚୁରା ବିକ୍ରେତାମାନେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ପଡି କାର୍ଡଧାରୀମାନଙ୍କୁ ସାମଗ୍ରୀ ସୁଚାରୁଭାବେ ବଣ୍ଟନ କରିଆସୁଛନ୍ତି। ସାମଗ୍ରୀ ବଣ୍ଟନ ବାବଦରେ ଦିଆଯାଉଥିବା ପାରିଶ୍ରମିକରେ ଦୋକାନ ଘର ଭଡ଼ା, ପିଓଏସ୍ ମେଶିନ ପାଇଁ ଆବଶ୍ୟକ ଇଣ୍ଟରନେଟ, ବିଦ୍ୟୁତ୍ ତଥା ନିଯୁକ୍ତ ସହାୟକମାନଙ୍କୁ ପାରିଶ୍ରମିକ ସହ ପରିବାର ପ୍ରତିପୋଷଣ କରୁଛନ୍ତି। କରୋନା ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ରହିଥିବା ବକେୟା ପାରିଶ୍ରମିକ ଦିଆଯାଇନାହିଁ। ଫଳରେ ଖୁଚୁରା ବିକ୍ରେତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଗତ ଅକ୍ଟୋବର ମାସ କଟକରେ ଘୋଷଣା କରିଥିଲେ ଖୁଚୁରା ବିକ୍ରେତାମାନଙ୍କ ବକେୟା ପାରିଶ୍ରମିକ ଆସନ୍ତା ସପ୍ତାହରେ ଦିଆଯିବ। ତେବେ ତାହା କାର୍ଯ୍ୟକାରୀ କରାଯାଇନାହିଁ। ଖାଉଟି ସାମଗ୍ରୀ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ମନ୍ତ୍ରୀ ଜିପିଏସ୍ ଲଗାଇବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକାରୀ ନ ହେବାରୁ ଠିକାଦାରମାନେ ପୁରାତନ ବ୍ୟବସ୍ଥାରେ ବିନା ମାପ ଓଜନରେ କମ୍ ପରିମାଣ ସାମଗ୍ରୀ ଖୁଚୁରା କେନ୍ଦ୍ରକୁ ଯୋଗାଉଛନ୍ତି। ଖାଉଟି ସାମଗ୍ରୀ ବଣ୍ଟନ ସରଳୀକରଣକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିବା ବେଳେ ନେଟୱାର୍କ ସମସ୍ୟା, ସର୍ଭର ଡାଉନ ଲିଙ୍କ ଫେଲ ସମସ୍ୟା ଏଥିରେ ବାଧକ ସାଜିଛି। ଖୁଚୁରା ବିକ୍ରେତାଙ୍କ ସମସ୍ୟା ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବାରୁ ପଡି କାର୍ଡଧାରୀଙ୍କ ରୋଷର ଶିକାର ହେଉଛନ୍ତି।

## ନାଜିରଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସିଭିଲ କୋର୍ଟ ନାଜିର ଅସୀମ କୁମାର ବେହେରାଙ୍କୁ ଆକ୍ରମଣ ଘଟଣାରେ ଟାଉନ୍ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜରିପୁଟ ଅଞ୍ଚଳର ହାଡୁ ଓରଫ ଧଡୁ ଓରଫ କାର୍ତ୍ତିକ ରାଣା(୫୦)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଗତ ଅକ୍ଟୋବର ୨୩ ତାରିଖ ସନ୍ଧ୍ୟା ୭ଟାରେ ଜେଏମ୍ଏଫ୍ସି ଏବଂ ଅନ୍ୟ କର୍ମଚାରୀଙ୍କ ଗାଡି ବାହାରକୁ ବାହାରିବା ସମୟରେ ମୁଖ୍ୟ ଫାଟକ ନିକଟରେ ଦୁଇ, ଚାରି ଚକିଆ ଗାଡି ଗୁଡିକ ଅବରୋଧ କରି ରଖାଯାଇଥିଲା। ଅସୀମ ଏବଂ ନାଏବ ନାଜିର ଗାଡ଼ିଗୁଡିକୁ ପାର୍ଶ୍ୱକୁ ସାଇଡ୍ କରିଥିଲେ। ଏହି ସମୟରେ ୪ରୁ ୫ଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ଗାଲିଗୁଲଜ ସହ ଧକ୍କା ମାରିଥିଲେ। ଏହାର ପ୍ରତିବାଦ କରିବାରୁ ମଦ ବୋତଲ ଫୋପାଡିବା ସହ ଜଣେ ମାଡ଼ ମାରିଥିଲା। ଏହି ସମୟରେ କୋର୍ଟ ପରିଚୟପତ୍ରକୁ ଫୋପାଡି ଦେବା ସହ ସୁନାଚେନକୁ ଛଡାଇ ନେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଥାନାରେ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୯୩/୨୪)ରୁଜୁ କରି ତଦନ୍ତ ଚଳାଇଥିଲା।

## ଶିଶୁ ଅନନ୍ତଙ୍କ ଜୟନ୍ତୀରେ ସମ୍ବର୍ଦ୍ଧିତ ହେବେ ୭ ପ୍ରତିଭା

ବାଲିପାଟଣା,୨।୧୨(ଅଭିମନ୍ୟୁ ନାୟକ): ଆସନ୍ତା ୧୪ ତାରିଖରେ ଶିଶୁ ଅନନ୍ତଙ୍କ ଜୟନ୍ତୀ ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ଅନୁଷ୍ଠିତ ହେବ। ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବରେ ସାହିତ୍ୟ, ସମାଜସେବା, ଆଧ୍ୟାତ୍ମିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂସଦ ସମ୍ପାଦିକା ବିଶିଷ୍ଟ ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀ ପ୍ରେସ ବିବୃତିରେ ଜଣାଇଛନ୍ତି। ପ୍ରଫେସର ଉଦୟନାଥ ସାହୁ, ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ, ଗୋପାଳ କୃଷ୍ଣ ମହାପାତ୍ର, କୃଷ୍ଣ ଚନ୍ଦ୍ର ରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗୀତିକବି ବିପିନ ମହାନ୍ତି ଏବଂ ଅରୁଣ ଚନ୍ଦ୍ର ମହାନ୍ତିଙ୍କୁ ପ୍ରଦାନ କରାଯିବ।

## ଘରେ ପଶି ମହିଳାଙ୍କୁ ଆକ୍ରମଣ, ୨ ଗିରଫ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ): ଘରେ ପଶି ମହିଳାଙ୍କୁ ଆକ୍ରମଣ ଏବଂ ହତ୍ୟା ଧମକ ଘଟଣାରେ ଟାଉନ୍ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ କାମନାବର ସାହିର କାଳିଆ ଓରଫ ମିଥୁନ ନାୟକ(୨୫) ଏବଂ ଶିଶିର ନାୟକ(୨୫)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, କାମନାବର ସାହିର ଜଣେ ମହିଳାଙ୍କ ସ୍ୱାମୀ ଏକ ଦୁର୍ଘଟଣାର ଶିକାର ହୋଇ ଚନ୍ଦକା ରୋଡ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଖବରପାଇ ସାନଭଉଣୀ ଓ ଜ୍ୱାଇଁ ଆସି ଘରେ ପହଞ୍ଚିଥିଲେ। କୌଣସି କାରଣ ନେଇ ଅଭିଯୁକ୍ତମାନେ ଘରେ ପଶି ସ୍ୱାମୀଙ୍କ ନାକ, ଗଳାରେ ଲାଗିଥିବା ପାଇପ ଭିଡାଭିଡି କରିବାରୁ ପ୍ରତିବାଦ କରିବାରେ ଗାଳିଗୁଲଜ ସହ ସମ୍ପୃକ୍ତ ମହିଳା, ଜ୍ୱାଇଁ, ଦିଅରଙ୍କୁ ଆକ୍ରମଣ କରିଥିଲେ। ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ସ୍ୱାମୀଙ୍କ ଜୀବନପ୍ରତି ବିପଦ ଥିବାରୁ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ୪୪୩/୨୪) ରୁଜୁକରି ତଦନ୍ତ ଚଳାଇଥିଲା।

## କାଳିଜାଈ ପୀଠରେ ସଫେଇ



କୃଷ୍ଣପ୍ରସାଦ,୨।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ): ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈଙ୍କ ପୀଠ ପରିସର ସଫେଇ କରାଯିବା ସହ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପକାଇବା ପାଇଁ ଡଷ୍ଟବିନ ସ୍ଥାପନ କରାଯାଇଛି। କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ପଞ୍ଚାୟତ ପକ୍ଷରୁ ଏହି ସଫେଇ ଅଭିଯାନ କରାଯାଇଛି। କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରଭାବେ କରାଯାଇଥିଲା। କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା ଏବଂ ସରପଞ୍ଚ ଇତିଶ୍ରୀ ସିଂହଙ୍କ ଏଭଳି ମହତ୍ୱ ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ନିୟମିତ ନିଯୁକ୍ତିରୁ ବଞ୍ଚିତ ୮୧ ବହୁଭାଷୀ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ): ଡିଏଲ୍ଇଡି ତାଲିମ ପାଇ ନ ଥିବାରୁ ୮୧ଜଣ ବହୁଭାଷୀ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ନିୟମିତି ହୋଇପାରୁନାହିଁ। ଅଣତାଲିମପ୍ରାପ୍ତ ଏହି ବହୁଭାଷୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଡିଏଲ୍ଇଡି ପ୍ରଶିକ୍ଷଣ ପାଇଁ ସରକାରୀ ଏଲିମେଣ୍ଟାରି ଲେବୁଲ ଭି(ଏ) ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ବିଦ୍ୟାଳୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସଚିବଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ୨୦୧୫ରେ ବହୁଭାଷୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଚିଠି କରାଯାଇଥିଲା। ଫଳରେ ଅଧିକାଂଶ ବହୁଭାଷୀ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷିତ ହୋଇ ପରବର୍ତ୍ତୀ ସମୟରେ ଓଟିଇଟି ଉତ୍ତୀର୍ଣ୍ଣ ହୋଇ ନିୟମିତ ଶିକ୍ଷକର ମାନ୍ୟତା ପାଇଥିଲେ। ମାତ୍ର ବିଭିନ୍ନ କାରଣରୁ ୮୧ଜଣ ବହୁଭାଷୀ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷିତ ହୋଇପାରିଲେ ନାହିଁ। ଦୀର୍ଘଦିନ ଧରି ଓସେପା ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଶିକ୍ଷୟିତ୍ରୀଶିକ୍ଷକ ଗଭୀର ମାନସିକ ଚାପ ଓ ଯନ୍ତ୍ରଣାରେ ରହୁଥିବା ସଂଘ ସଭାପତି କହ୍ନାଇ ଚରଣ ଠାକୁର ଏବଂ ସାଧାରଣ ସମ୍ପାଦକ ବିବେକାନନ୍ଦ ବେହେରା ପ୍ରମୁଖ କହିଛନ୍ତି।

## ଗୋଶାଳାକୁ ଆର୍ଥିକ ସହାୟତା ଦିଆଯାଉ

ଖୋର୍ଦ୍ଧା,୨।୧୨(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଉପକଣ୍ଠ ପୁରୁସାହି ଠାରେ ରହିଛି ଶ୍ରୀରାମକୃଷ୍ଣ ଗୋ ସେବା କେନ୍ଦ୍ର। ଗୋରୁଙ୍କ ସେବା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଏହି କେନ୍ଦ୍ରର ଗୋସେବକମାନେ ଲିଖିତ ଭାବେ ଜଣାଇଛନ୍ତି। ଦୁର୍ଘଟଣାରେ ଆହତ, ରାସ୍ତାକଡ଼ର ଅସହାୟ ରୋଗାକ୍ରାନ୍ତ ଗୋରୁଗାଈଙ୍କ ପାଇଁ ଥଇଥାନ କେନ୍ଦ୍ର ପାଲଟିଛି ଏହି ଗୋସେବା କେନ୍ଦ୍ର। ଏଠାରେ ୯୦ରୁ ଊର୍ଦ୍ଧ୍ୱ ଗୋରୁ ରହୁଛନ୍ତି। ଏକାଧିକ ଗୋରୁ ଗୁରୁତର ରୋଗରେ ଆକ୍ରାନ୍ତ ଅଛନ୍ତି। ଏମାନଙ୍କ ଗୋଖାଦ୍ୟ, ପାଣି ପାଇଁ ମାସିକ ୧ଲକ୍ଷ ୨୦ହଜାର ଟଙ୍କା ଏବଂ ଚିକିତ୍ସା ବାବଦରେ ୬୦ହଜା ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ବାବଦକୁ ୨୦ହଜାର ଟଙ୍କା ଖର୍ଚ୍ଚକୁ ମିଶାଇ ମାସିକ ୨ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହି ଗୋସେବା କେନ୍ଦ୍ର ଟ୍ରଷ୍ଟ ଆକ୍ଟରେ ପଞ୍ଜୀକୃତ ହୋଇଛି। ଏହି ଗୋସେବା କେନ୍ଦ୍ରେ ପାଇଁ ଏମ୍ପି ଏବଂ ବିଧାୟକଙ୍କ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଏହି ମଞ୍ଜୁର ଅର୍ଥ ସହ ଗୋରୁଗାଈଙ୍କ ପାଇଁ ଗୋଖାଦ୍ୟ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପାଇଁ ଦାବି ହୋଇଛି।


### ସର୍ବସାଧାରଣ ବିଜ୍ଞପ୍ତି

ଆମେ ମେସର୍ସ ଦୁର୍ଗେଶ୍ୱରୀ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଲଜିଷ୍ଟିକ୍ସ ପାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ (ସିଆଇଏନ: ୟୁ୪୫୩୦୯ଏମ୍ଏଚ୍୨୦୨୩ପିଟିସି୩୯୭୨୮୫) (ମେସର୍ସ ଟିଭିଏସ୍ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଲଜିଷ୍ଟିକ୍ସ ପାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ର ୧୦୦% ସହାୟକ କମ୍ପାନୀ) ("ସ୍ୱତ୍ୱାଧିକାରୀ"), ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ: ୯ମ ମହଲା (ଆଂଶିକ), ଆଇକନିକ୍ ବିଲ୍ଡିଂ, ଉର୍ମି ଇଷ୍ଟେଟ, ୯୫, ଗଣପତରାଓ କଦମ ମାର୍ଗ, ଲୋୟର ପରେଲ (ପଶ୍ଚିମ), ମୁମ୍ବାଇ-୪୦୦୦୧୩ର ମାଲିକାନାକୁ ତଦନ୍ତ କରୁଅଛୁ, ଯିଏକି ସମ୍ପୃକ୍ତ ଜମି ଏବଂ ତାହା ଉପରେ ନିର୍ମିତ ଢାଞ୍ଚାଗୁଡ଼ିକ ମାଲିକ ଅଟନ୍ତି, ଯାହାକୁ ଅଧିକ ବିଶଦ ଭାବେ ତଳେ ("ଅନୁସୂଚିତ ସମ୍ପତ୍ତି") ଭାବେ ଉଲ୍ଲିଖିତ ଅନୁସୂଚୀରେ ବର୍ଣ୍ଣନା କରାଯାଇଛି।

ଅନୁସୂଚିତ ସମ୍ପତ୍ତି କିମ୍ବା ତାହାର କୌଣସି ଅଂଶରେ ଯଦି କୌଣସି ବ୍ୟକ୍ତିବିଶେଷ/ଗଣ ଅଥବା ସତ୍ତା(ଗୁଡ଼ିକ)ର ହସ୍ତାନ୍ତର, ବିନିମୟ, ସମର୍ପଣ, ରାଜିନାମା, ଚୁକ୍ତି, ବିକ୍ରୟ, ବହିର୍ଗାମୀ, ବିକାଶ ଅଧିକାର, ଇଜ୍ଜାପତ୍ର, ଖଲାସ, ପରିତ୍ୟାଗ, କୌଣସି ଆଇନ ଅଦାଲତର ଡିକ୍ରି କିମ୍ବା ଆଦେଶ, ବନ୍ଧକ (ନ୍ୟାୟୋଚିତ କିମ୍ବା ଅନ୍ୟଥା), ଲିଜ୍, ଧାରଣାଧିକାର, ଚାର୍ଜ, ରକ୍ଷଣାବେକ୍ଷଣ, ଲାଇସେନ୍ସ, ଉପହାର, ଉତ୍ତରାଧିକାର, ଅନୁକ୍ରମ, ଦୃଷ୍ଟିବନ୍ଧକ, ଅବିଭାଜିତ ଭାଗ, ଦଖଲ, ନ୍ୟାସ, ଇଚ୍ଛାଦାନ, ଉପ-ଲିଜ୍, ଅଣ୍ଡର-ଲିଜ୍, ପ୍ରକାସ୍ୱତ୍ୱ, ଉପ-ପ୍ରକାସ୍ୱତ୍ୱ, ତ୍ୟାଗ ଓ ଲାଇସେନ୍ସ, ଯାତାୟାତ ଅଧିକାର, ବିକଳ୍ପ, ପ୍ରଥମ ପ୍ରତ୍ୟାଖ୍ୟାନର ଅଧିକାର କିମ୍ବା ପ୍ରଥମ ଯାଚନାର ଅଧିକାର କିମ୍ବା ଯେକୌଣସି ପ୍ରକୃତିର ଅଗ୍ରକ୍ରୟ କିମ୍ବା ଋଣଭାର, କରାରନାମା କିମ୍ବା ସର୍ତ୍ତ, ଭାଗୀଦାରି, ନ୍ୟାସ, ପାରିବାରିକ ବନ୍ଦୋବସ୍ତ/ମୀମାଂସା କିମ୍ବା ଅନ୍ୟାନ୍ୟ ସ୍ଥିତି ଆକାରରେ, ଅଧୀନରେ କିମ୍ବା ପ୍ରକୃତିର ଅଥବା କୌଣସି ଆଇନ ଅଦାଲତ କିମ୍ବା ନ୍ୟାୟାଧିକରଣ କିମ୍ବା ରାଜସ୍ୱ କିମ୍ବା ବୈଧାନିକ କର୍ତ୍ତୃପକ୍ଷ କିମ୍ବା ମଧ୍ୟସ୍ଥତା କିମ୍ବା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ବିଚାରାଧୀନ ମକଦ୍ଦମା, ନିଷେଧାଦେଶ, କୋରଖ, ଡିଗ୍ରୀ କିମ୍ବା ଆଦେଶ କିମ୍ବା ରାୟ ଅଧୀନରେ କିମ୍ବା କୌଣସି ରାଜିନାମା, କବଲା, ଦସ୍ତାବିଜ କିମ୍ବା କ୍ଷମତାପତ୍ର ଅଧୀନରେ କୌଣସି ଅଧିକାର, ସ୍ୱତ୍ୱ, ଦାବିଦାରୀ, ଲାଭ, ଧାରଣାଧିକାର, ଡିମାଣ୍ଡ କିମ୍ବା ସ୍ୱାର୍ଥ ଅଥବା ଦାବି ରହିଥାଏ କିମ୍ବା କୌଣସି ପ୍ରକାର ଆପତ୍ତି/ମାନ ରହିଥାଏ, ତେବେ ଏହି ବିଜ୍ଞପ୍ତି ତାରିଖରୁ ୧୪ (ଚଉଦ) ଦିନ ମଧ୍ୟରେ ନିମ୍ନଦର୍ଶିତ ଠିକଣାରେ ତାହା ସପକ୍ଷରେ ପ୍ରାମାଣିକ ତଥ୍ୟର ନୋଟାରୀକୃତ/ପ୍ରମାଣିତ ଅବିକଳ ନକଲ ସହିତ ଲିଖିତ ଆକାରରେ ସୂଚିତ କରାଯିବା ଆବଶ୍ୟକ, ଅନ୍ୟଥା ଏହା ଧରିନିଆଯିବ ଯେ, ଅନୁସୂଚିତ ସମ୍ପତ୍ତି ସଂକ୍ରାନ୍ତରେ ସମ୍ପୃକ୍ତ ମାଲିକଙ୍କ ସ୍ୱତ୍ୱାଧିକାର ସ୍ପଷ୍ଟ, ବୈଧ ଏବଂ ବିପଣନଯୋଗ୍ୟ ଅଟେ ଏବଂ ତାହା ଉପରେ ଅନ୍ୟ କାହାର କୌଣସି ପ୍ରକାର ଅଧିକାର/ ସ୍ୱତ୍ୱାଧିକାର/ ସ୍ୱାର୍ଥ/ ଦାବିଦାରୀ/ ଡିମାଣ୍ଡ ନାହିଁ। ସମର୍ଥିତ ଦସ୍ତାବିଜ ବିନା କରାଯାଇଥିବା କୌଣସି ଦାବିକୁ ପ୍ରଶ୍ରୟ ଦିଆଯିବ ନାହିଁ।

ଅନୁସୂଚିତ ସମ୍ପତ୍ତି
(ଅନୁସୂଚିତ ସମ୍ପତ୍ତିର ବର୍ଣ୍ଣନା)

ଉପ-ନିବନ୍ଧକ, ଖଣ୍ଡଗିରିଙ୍କ କ୍ଷେତ୍ରାଧିକାର ଅଧୀନରେ ଖୋର୍ଦ୍ଧା ଜିଲ୍ଲା, ଓଡ଼ିଶାରେ ଭୁବନେଶ୍ୱର ତହସିଲ, ଥାନା- ଚନ୍ଦକା, ଥାନା ନଂ. ୨୬ ଅନ୍ତର୍ଗତ ମୌଜା- କଣ୍ଟାବାଡ଼ଠାରେ ଅବସ୍ଥିତ ଏ.୧୦.୬୪୭ ଡେସିମିଲ ପରିମାପର ଜମି ସହିତ ତାହା ଉପରେ ନିର୍ମିତ ସମସ୍ତ ଢାଞ୍ଚା। ଜମିର ସବିଶେଷ ବିବରଣୀ ତଳେ ଦର୍ଶାଗଲା:

| ଖାତା ନଂ. | ପ୍ଲଟ୍ ନଂ. | ବର୍ଗୀକରଣ | ରକବା |
|---|---|---|---|
| ୨୫୩/୧୦୦ | ୧୨୧/୧୨୭୭ | ପୁରାତନ ପତିତ | ଏ.୦.୬୪୭ ଡେସିମିଲ୦/ ୦ଏ.୦.୭୯୭ ଡେସିମିଲ |
| ୨୫୩/୧୦୦ | ୧୨୧/୧୨୭୭/୨୨୬୫ | ଘରବାରି | ଏ.୧୦.୦୦୦ ଡେସିମିଲ |
| ମୋଟ: ଗୋଟିଏ ଖାତା, ଦୁଇଟି ପ୍ଲଟ୍, ରକବା: ଏ.୧୦.୬୪୭ ଡେସିମିଲ | | | |

ଆପଣଙ୍କ ଲଫାପାର ଉପରିଭାଗରେ ଦୟାକରି ନିମ୍ନଲିଖିତ ଉଲ୍ଲେଖ କରନ୍ତୁ
ଧ୍ୟାନାର୍ଥେ: ତାରିଣୀ ପ୍ରସାଦ ନନ୍ଦ, ଆଡ୍ଭୋକେଟ
ଠିକଣା: ପ୍ଲଟ୍ ନଂ. ୧୩-ସି, ଜୟଦୁର୍ଗା ନଗର, ବମିଖାଲ, ଭୁବନେଶ୍ୱର - ୭୫୧୦୦୬
ବିଷୟ: ଭୁବନେଶ୍ୱର ସମ୍ପତ୍ତି
ସ୍ୱା./-
ତା୦୨।୧୨।୨୦୨୪ରିଖ [ତାରିଣୀ ପ୍ରସାଦ ନନ୍ଦ]

### STAFF RECRUITMENT

Seva Samaj is a State Level NGO invites application for various posting to be filled in the projects:- Child Care Institutions (Girls CCI) in Rayagada District for more details please go through the Website:- www.sevasamaj.org.in. The interested candidates may apply through online with 20 days from date of publications of this advertisement.
**Secretary, Seva Samaj**

### THE ASKA CO-OPERATIVE SUGAR INDUSTRIES LTD.

P.O.: Nuagam, (Aska)-761111, Dist-Ganjam, State-Odisha
Email Id:askasugar@yahoo.co.in, GSTIN:21AAAAT5989LIZO

**SHORT TENDER CALL NOTICE**

Reference Letter No.:/1767/1770/1773/1776/1778/1780/1782/1784/1786
Dated:02.12.2024

Sealed Tenders are invited from licensed labour Contractors/ Organisations etc. for 1) Sugar bags sealing, bagging, weighting, stitching and numbering, 2) sugar stacking, vehicle loading, 3) Removal of filter cake, 4) Supply of Labours, 5) Bagasses Handling, 6) Scrap Sugar and Semi processed sugar reprocess,7) Lifting of Process Chemicals, 8) Preparation of Milk Lime and 9) Removal of Boiler Ash for the crushing season 2024-25. Please visit our website: www.askasugar.com and any future addition/ corrigendum will be published only in our website.
**Sd./- Managing Director**

See Career Appointment on every Wednesday & Saturday

### ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ
କଟକ ସହରାଞ୍ଚଳ

ପ୍ରାପ୍ତେଷୁ,
ଶ୍ରୀମତୀ ସନ୍ତୋଷିନୀ ମହାରଣା
ଅଙ୍ଗନବାଡ଼ି ସହାୟିକା, ଗାନ୍ଧୀପଲ୍ଲୀ-୧

ଆପଣ ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ ୫ବର୍ଷ ଧରି ଅନୁପସ୍ଥିତ ଥିବାରୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ତା୦୬।୧୨।୨୦୨୪ରିଖ ସୁଦ୍ଧା କାର୍ଯ୍ୟରେ ଯୋଗ ନ ଦେଲେ ଆପଣଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବ।
ସ୍ୱା./- ଶିଶୁ ବିକାଶ ଯୋଜନା ଅଧିକାରୀ
କଟକ ସହରାଞ୍ଚଳ

### GOVERNMENT OF ODISHA No.-B-690
### OFFICE OF THE SUPERINTENDING ENGINEER, SAMBALPUR (R&B) DIVISION-I, SAMBALPUR

E-mail - exeengsbp@rediffmail.com

**e-procurement Notice**

Bid Identification No : SE / R and B / SBP / 16 /2024-25
Order No. 7592 Dtd. 27.11.2024

| | | |
|---|---|---|
| 1 | The **Addl. Chief Engineer (Civil), Sambalpur (R&B) Division No.-I, Sambalpur** on behalf of Governor of Odisha, invites **Percentage Rate** bids in **Double Cover System** in **ONLINE MODE** for **Building** (Civil+EI+PH) as detailed in the **DTCN** from the eligible Class of Contractors | |
| 2 | No. of works | 02 (Two) (Building) |
| 3 | Tender Cost | Rs. 10,000/- (On Line) |
| 4 | Class of Contractor | "B" Class Contractor |
| 5 | Date and time available in Website & receipt of Bids | **11.00 Hrs. 04.12.2024 to 16.00 Hrs. of 10.12.2024** |
| 6 | Date of Opening of Tender | **10.12.2024 at 17.00 Hrs** |
| 7 | The Bidders have to participate in ONLINE bidding only. Further details can be seen from the Website | |
| 8 | Any Corrigendum / Addendum will be displayed in the website **www.tendersodisha.gov.in** only | |

Sd./- Addl. Chief Engineer (Civil)
Sambalpur (R&B) Division-I
OIPR-34112/11/0004/2425

### GOVERNMENT OF ODISHA No. B-714
### OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI

Phone: 06842-254004, Email: sernbphulbani@gmail.com

**INVITATION FOR BIDS (IFB)**

Bid Identification No. CCE_R and B_PLB_08 of 2024-25
No. 1902 Dated: 29.11.2024

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | |
| 2 | Nature of work | Building Works |
| 3 | No. of Tenders | One No. |
| 4 | Tender Cost | Rs.10,000/- (through online) only |
| 5 | Class of Contractor | B & A Class |
| 6 | Date & Time of sale & receipt of bids | 10.00 A.M. of 10.12.2024 to 5.00 P.M. of 24.12.2024 |
| 7 | Date of Opening of Bid | 11.00 A.M. of 26.12.2024 |
| 8 | The bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0011/2425

### No. B-704
### OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

Email: eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SEDKL (R&B) 23/2024-25
**Invitation for Bids**

| | | |
|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Single Cover System in ONLINE Mode only, for construction of Building work as detailed below. | |
| 2 | Nature of work | 01 No. Building Work |
| 3 | No. of Work | 01 No. |
| 4 | Bid Cost | Rs.6,000/- |
| 5 | Class of Contractor | 'C' & 'B' Licence |
| 6 | Availability of Bid Documents in the website | From 10.00 A.M. of 06.12.2024 to 5.00 P.M. of 20.12.2024 |
| 7 | Date of Opening of Bid | Dt.21.12.2024 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34132/11/0020/2425

### सीएसआइआर-खनिज एवं पदार्थ प्रौद्योगिक संस्थान, भुवनेश्वर
### CSIR - INSTITUTE OF MINERALS & MATERIALS TECHNOLOGY, BHUBANESWAR - 751013

**Advt. No. 05/2024 (Pointer) Dt.28.11.2024**

CSIR-IMMT, Bhubaneswar invites online applications from Indian Nationals for filling up of **01 (UR) post of Security Assistant/Watch & Ward Assistant in Pay Level-6 (₹35400 - 1,12,400).** For further details regarding essential qualification, experience, job requirement, application fee, age relaxations, terms and conditions and instructions, candidates must refer to the detailed advertisement available on the Institute website from **02.12.2024 to 31.12.2024 (05.00 P.M.).** Interested candidates may visit the Institute website **www.immt.res.in** and apply online on or before the last date.
**Sd./- Administrative Officer**

### OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.II, BHUBANESWAR

eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

Bid Identification No. C.C. (R&B) - 02
e-Procurement Notice No. 27 of 2024-25

No. B-713: The Superintending Enigineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for **One** Number works to be received in online bidding, **Single** Cover System as detailed in: **https://tendersorissa.gov.in**. The details of bid documents will be available in the above website from **06.12.2024 to 5.00 P.M. of 20.12.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 21.12.2024** in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/corrigendum, if required, will be available only in the website.

Sd./- Superintending Engineer
OIPR-34088/11/0010/2425 BBSR (R&B) Division No.II, BBSR

### ZILLA PARISHAD, KANDHAMAL

Panchayati Raj & Drinking Water Department
TCN No. 4348/2024-25 XLVIII-07/24 Dated: 29.11.2024

**TENDER CALL NOTICE**

No. i-327: Sealed tender (Percentage Rate) are invited from the interested "C" & "D" Class Contractors registered with the Govt. for execution of civil works under Zilla Parishad, Kandhamal, Phulbani. The detail notification is available at official website **kandhamal.odisha.gov.in**. Interested contractors fulfilling the eligibility criteria may submit their proposal(s) with EMD, Tender Paper Cost and document as per tender call notice. The bidders have to submit their proposal(s) at the Zilla Parishad, Kandhamal, Phulbani. Proposal(s) complete in all respect should reach the undersigned on or before **05.00 P.M. of 17.12.2024** through Regd./Speed Post and the same will be opened on 18.12.2024 at 3.00 P.M. The undersigned reserves the right to reject any or all the tenders without assigning any reason thereof.

Sd./- C.D.O.-cum-E.O.,
Zilla Parishad, Kandhamal,
Phulbani
OIPR-19273/11/0001/2425

### OFFICE OF THE NOTIFIED AREA COUNCIL, KHARIAR ROAD

Executive Officer - 9437477262, Email : nackhrd@rediffmail.com
At/PO - Khariar Road, Dist - Nuapada, Pin - 766104
No.C-1146
**Letter No. 2915/Date : 28.11.2024**

**Expression of Interest (EOI) for Implementation of Urban Infra Projects Under NAC, Khariar Road**

**Invitation Details :**
The Notified Area Council (NAC), Khariar Road, invites sealed Expression of Interest (EOI) from eligible Mission Shakti Groups (MSG) and Slum Dwellers Associations (SDA) for the implementation of various Urban Infrastructure Projects. The projects and associated terms are detailed below.
1. Construction of Paver Road from Jai Kosle House to Damodar Jhankar House in Ahir Colony, Ward No. 19
2. Beautification work of Mundagaon Pond, Ward No.2
3. Beautification of Jonk Shanti Udyan, Ward No.9
4. Beautification of Garden at Patel Nagar, Ward No.15
5. Beautification of Smart Park at Banka, Ward No.01
6. Beautification of Banka Pond at Ward No.01
7. Beautification of Mongrapali Pond at Ward No.17

**Eligibility Criteria :**
1. Membership in Mission Shakti Groups (MSG) or Slum Dwellers Association (SDA) recognized by NAC, Khariar Road.
2. The Mission Shakti Group/SDA shall must have completed 2 years of existence.
3. Active bank account with regular monthly savings by MSG members.
4. The MSG/SDA must have an active Bank Account with regular monthly savings by members.
5. The MSG/SDA must follow "Panchasutra".

**Required Documents :**
1. Proof of membership (Registration Certificate) of MSG or SDA.
2. Aadhaar Card with Contact details of the authorized representative (i.e.President/Secretary).
3. Photocopy of the Formation Resolution of MSG/SDA.
4. Photocopy of Last meeting Resolution of the MSG/SDA to execute the work of the listed projects.
5. Photocopy of the bank passbook (first and last update page).
6. Minimum bank balance of Rs. 50,000 as of the document submission date.

**Terms and Conditions :**
1. The WSHG/SDA group shall provide the required labour for the implementation/construction of the project.
2. The work must be completed within the stipulated period as assigned upon selection.
3. Maintain a daily Muster Roll on site.
4. Procure required materials from own funds.
5. No advance payment will be made ; payments will be based on the work done.

**Submission Details :**
- Deadline : 07.12.2024 by 5 P.M.
- Submission Method : Sealed covers containg the EOI in the prescribed application form along with all relevant documents must be submitted to the Executive Officer, NAC, Khariar Road, through Registered/Speed Post only on or before 07.12.2024 by 5 P.M.
- Opening Date : The sealed covers will be opened on 09.12.2024 at 4 P.M. in the office chamber of the undersigned by the Tender Committee in the presence of the participants or their authorized representatives.

The sealed envelope should be superscribed with "EOI for Implementation of Urban Infrastructure Projects under NAC, Khariar Road".
The undersigned reserves the right to reject any or all the proposals without assigning any reason thereof.
For detailed terms and conditions and project list, please visit our website : http://nuapada.nic.in.

OIPR-13136/11/0022/2425 Sd./- Executive Officer

## ଜନ୍ମଦିନର ଶୁଭେଚ୍ଛା

ନାମ: .................................

ବୟସ:.................................

ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ସୁଦ୍ଧା ଆମଦାନୀ ୧୦ ନିୟୁତ ଟନ୍ ଛୁଇଁବ

## ନୂଆ ଆଣ୍ଟି ଡମ୍ପିଂ ଶୁଳ୍କରୁ ଡାଉନଷ୍ଟ୍ରିମ ଆଲୁମିନିୟମ କମ୍ପାନୀଗୁଡ଼ିକୁ ଲାଭ ମିଳିବ

**ନୂଆଦିଲ୍ଲୀ,୨।୧୨**

ଦୀର୍ଘଦିନର ଦାବି ଓ ପ୍ରୟାସକୁ ନିକଟରେ କେନ୍ଦ୍ର ସରକାର ସମ୍ମତି ଜଣାଇବା ସହିତ ଚାଇନାରୁ ଆମଦାନୀ କରାଯାଉଥିବା ତଥା ସୋଲାର ପ୍ୟାନେଲ ପାଇଁ ପ୍ରମୁଖ ଉପାଦାନଗୁଡିକ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲଗାଯାଇଛି। ଏପରିକି ସୋଲାର ପ୍ୟାନେଲ ଓ ମଡ୍ୟୁଲ ପାଇଁ ଆନାଡାଇଜଡ ଆଲୁମିନିୟମ ଫ୍ରେମ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବା ନିଷ୍ପତ୍ତିକୁ ଆଲୁମିନିୟମ ଆସୋସିଏଶନ ଅଫ ଇଣ୍ଡିଆ (ଏଏଆଇ) ସ୍ୱାଗତ କରିଛି। ଯେହେତୁ ଏହା ବ୍ୟାପକ ଘରୋଇ ବଜାର ପ୍ରବେଶ ସହିତ ସେମାନଙ୍କୁ ଆଲୁମିନିୟମ ଉଦ୍ୟୋଗ ଲାଗି ସହାୟତା ପ୍ରଦାନ କରିବ।

୨୦୨୫ ବଜେଟ ରନଅପରେ ଆମଦାନୀରୁ ଅଧିକ ଶକ୍ତିଶାଳୀ ବଜାର ପ୍ରବେଶକୁ ସୁଗମ କରିବାରେ ଆଲୁମିନିୟମ ଶିଳ୍ପ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ନୂଆ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି, ଏମ୍‌ଏସ୍‌ଏମଇ ଅଭିବୃଦ୍ଧି ଓ ସାମାଜିକ ଅର୍ଥନୈତିକ ବିକାଶରେ ସହାୟକ ହେବ।

ଘରୋଇ ଆଲୁମିନିୟମ ଶିଳ୍ପ, ଆଲୁମିନିୟମ ଆମଦାନୀରେ ବହୁଳ ଭାବେ ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦକୁ ବଜାରରେ ବୈଦେଶିକ ସ୍କ୍ରାପ ଗଠନ କରୁଥିବାବେଳେ ଏହି ପ୍ରସଙ୍ଗରେ ପ୍ରତିନିଧିତ୍ୱ ଦାଖଲ କରାଯାଇଛି। ଏପରିକି ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦ ଉପରେ ୭.୫% ରୁ



୧୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଓ ଅଧିକ ଗୁଣାତ୍ମକ ସୁରକ୍ଷା ପାଇଁ ଆଲୁମିନିୟମ ସ୍କ୍ରାପ ଉପରେ ୭.୫% ସମାନ ଡ୍ୟୁଟି ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି। ଅତ୍ୟଧିକ ଆମଦାନୀ କ୍ଷତିକାରକ ପ୍ରଭାବକୁ ଚିହ୍ନଟ କରି ଅର୍ଥ ମନ୍ତ୍ରଣାଳୟ ଏହି ନୂଆ ବିଜ୍ଞପ୍ତିରେ ଆଣ୍ଟି ଡମ୍ପିଂ ଡ୍ୟୁଟିନୋଟ ଘୋଷଣା କରିଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ପ୍ରଭାବଶାଳୀ ଓ ଏହା ୫ ବର୍ଷ ପାଇଁ କାର୍ଯ୍ୟ କରିବ। ଏହାର ଚାହିଦା ବୃଦ୍ଧି ସହ ୨୦୩୦ ସୁଦ୍ଧା ୧୦ ନିୟୁତ ଟନ ଛୁଇଁବ ବୋଲି ଆଶା କରାଯାଉଛି।

ଆଲୁମିନିୟମ ଆମଦାନୀ ବର୍ତ୍ତମାନ ଭାରତର ମୋଟ ଚାହିଦାର ୫୪% ରହିଥିଲାବେଳେ ଏହା ୫୬.୨୯୧ କୋଟି ବା ଭାରତର ମୋଟ ଆମଦାନୀ ବିଲର ୧% ଏକ ଫୋରେକ୍ସ ଆଉଟଗୋକୁ ପ୍ରତିନିଧିତ୍ୱ କରୁଛି। ଉଦାହରଣ ସ୍ୱରୂପ ଆଲୁମିନିୟମ ଆମଦାନୀ ଉପରେ ୟୁଏସ ପୂର୍ବରୁ ୧୦% ଶୁଳ୍କ ଲାଗୁ କରିଥିଲାବେଳେ ଚାଇନା ଆମେରିକାରୁ ଆଲୁମିନିୟମ ସ୍କ୍ରାପ ଆମଦାନୀ ଉପରେ ୨୫% ଶୁଳ୍କ ଲାଗୁ କରିଛି, ଏଥିରେ ଅତିରିକ୍ତ ପ୍ରତିବନ୍ଧକ ମଧ୍ୟ ରହିଛି। ଭାରତ ସର୍ବବୃହତ ଆଲୁମିନିୟମ ସ୍କ୍ରାପ ଆମଦାନୀକାରୀ ଭାବେ ଚାଇନାକୁ ଅତିକ୍ରମ କରିଛି, ଯାହା ଘରୋଇ ଆଲୁମିନିୟମ ଶିଳ୍ପ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

ଏ ନେଇ ଆଲୁମିନିୟମ ସଂଘ କହିଛି, ଏହା ଲାଗୁ କରିବା ଲାଗି ଅନେକ ପ୍ରୟାସ କରାଯାଇଥିଲା। ଏପରିକି ଭାରତରେ ଏକ ଆତ୍ମନିର୍ଭରଶୀଳ ତଥା ପ୍ରତିଯୋଗୀ ଆଲୁମିନିୟମ ଶିଳ୍ପ ପ୍ରତିପାଦନ କରିବା ସହିତ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଆଗାମୀ ବଜେଟରେ ଘରୋଇ ଆଲୁମିନିୟମ ଶିଳ୍ପକୁ ସଶକ୍ତ କରିବା ଲାଗି ସେମାନେ ଆଶାବାଦୀ ଅଛନ୍ତି, ସେମାନଙ୍କ ଚାହିଦା ପୂରଣ ଓ ସେମାନଙ୍କୁ ଅତିରିକ୍ତ କ୍ଷମତା ବିନିଯୋଗ କରିବାକୁ ମଧ୍ୟ ଉତ୍ସାହିତ କରିବ। ନୂଆ କରି ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ଆଲୁମିନିୟମର ମୂଲ୍ୟଯୋଗକୁ ପ୍ରୋତ୍ସାହିତ କରିବ। ଏପରିକି ଏକ ବିକଶିତ ଭାରତ ଗଠନ ଦିଗରେ ସରକାରଙ୍କ ସକାରାତ୍ମକ ପଦକ୍ଷେପ ଗ୍ରହଣ ବହୁତ ଜରୁରୀ ବୋଲି ସଂଘ ମତ ପ୍ରକାଶ କରିଛି।

# ୭ରୁ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ

**ଭୁବନେଶ୍ୱର,୨।୧୨**

ରାଜ୍ୟର ସର୍ବବୃହତ୍ ମେଣ୍ଟର-ନିବେଶ ସମ୍ପର୍କ ଉତ୍ସବ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ-୨୦୨୪ର ତୃତୀୟ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରିକି ୨୦୨୪ ଡିସେମ୍ବର ୭ ରୁ ୨୧ ପର୍ଯ୍ୟନ୍ତ ଏହି ୧୫ ଦିନିଆ ଉତ୍ସବ ଏଆଇସି-ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟୋଗୀମାନଙ୍କୁ ପ୍ରମୁଖ ଅଂଶୀଦାରଙ୍କ ସହ ଯୋଡ଼ି ଓଡ଼ିଶାର ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଏବଂ ଉଦ୍ଭାବନ, ସହଯୋଗ ଓ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଷ୍ଟାର୍ଟଅପଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା କାର୍ନିଭାଲ୍ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଉଦ୍ୟୋଗକୁ ବ୍ୟାପକ କରିବା, ପାଣ୍ଠି ହାସଲ କରିବା ଏବଂ ସେମାନଙ୍କ ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଆବଶ୍ୟକ ଜ୍ଞାନ, ସମ୍ବଳ ଏବଂ ନେଟୱର୍କ ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ କର୍ମଶାଳା ଏବଂ ନେଟୱର୍କିଂ ସୁଯୋଗର ଜୀବନ୍ତ ମିଶ୍ରଣ ସହିତ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ-୨୦୨୪ ଷ୍ଟାର୍ଟଅପ୍ ସମୁଦାୟ ପାଇଁ ଏକ ପରିବର୍ତ୍ତନଶୀଳ ଅନୁଭୂତି ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ଉଦ୍ୟୋଗୀମାନଙ୍କ ଉଲ୍ଲେଖନୀୟ




ଅବଦାନକୁ ସମ୍ମାନ ଓ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏହି କାର୍ନିଭାଲ ପକ୍ଷରୁ ୨୦୨୪ ଡିସେମ୍ବର ୨୧ରେ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍ ଆୱାର୍ଡ-୨୦୨୪ର ଆୟୋଜନ କରାଯିବ। ରାଜ୍ୟରେ ଥିବା ବିବିଧ ପ୍ରତିଭାକୁ ପ୍ରତିଫଳିତ କରୁଥିବା ଶ୍ରେଷ୍ଠ ପ୍ରଯୁକ୍ତି ନବସୃଜନକାରୀ, ଶ୍ରେଷ୍ଠ ମହିଳାଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଏବଂ ଶ୍ରେଷ୍ଠ ବଢୁଥିବା ଷ୍ଟାର୍ଟଅପ୍ ଭଳି ବର୍ଗକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏପରିକି ଷ୍ଟାର୍ଟଅପଗୁଡିକ କାର୍ନିଭାଲର ଅଫିସିଆଲ୍ ୱେବସାଇଟ୍ ଜରିଆରେ ନିଜକୁ ମନୋନୀତ କରିପାରିବେ। ଏହି କାର୍ଯ୍ୟକ୍ରମରେ କ୍ୟାମ୍ପସ ଏଣ୍ଟ୍ରେପ୍ରେନ୍ୟୁରଶିପ୍ କନକ୍ଲେଭ୍ ଏବଂ ମହିଳା ଉଦ୍ୟୋଗୀ ସମ୍ମିଳନୀ ସହିତ ମିଟ୍ ୟୋର ମେଣ୍ଟରର ସିରିଜ୍ ରହିଛି, ଯାହା ବ୍ୟବସାୟ ବୃଦ୍ଧି, ପାଣ୍ଠି ସଂଗ୍ରହ ଏବଂ ବଜାର ପ୍ରବେଶ ଉପରେ ବ୍ୟବହାରିକ ମାର୍ଗଦର୍ଶନ ପ୍ରଦାନ କରିବ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨।୧୨**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୪୪୫ (୪୪୫.୨୯) ପଏଣ୍ଟ ବଢ଼ି ୮୦,୨୪୮ (୮୦,୨୪୮.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୪୫ (୧୪୪.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୭୬ (୨୪,୨୭୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଫୋନ୍ ପେ'ର ନୂତନ ବୀମା ଯୋଜନା

**ନୂଆଦିଲ୍ଲୀ,୨।୧୨**

ଫୋନ୍ ପେ'ର ନୂତନ ବୀମା ଯୋଜନା ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ବାର୍ଷିକ ୫୯ ଟଙ୍କାରୁ ଆରମ୍ଭ ହେଉଥିବା ଏହି ନୂଆ ବୀମା ଯୋଜନା ଡେଙ୍ଗୁ ଓ ମ୍ୟାଲେରିଆ ଲାଗି ଆରମ୍ଭ ହୋଇଛି। ଏହି ସୁଲଭ ସ୍ୱାସ୍ଥ୍ୟ କଭରେଜ ପ୍ଲାନ ସମ୍ବାହକ ଓ ବାୟୁ ଦ୍ୱାରା ହେଉଥିବା ରୋଗଗୁଡିକ ସମ୍ପର୍କିତ ଚିକିତ୍ସା ଖର୍ଚ୍ଚ ପାଇଁ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କଭରେଜ ଦେଉଛି। ବିଶେଷ କରି ଟିୟର ୨ ଓ ୩ ସହରଗୁଡିକରେ ଉପଭୋକ୍ତାମାନେ ଯେପରି ଏଭଳି ଅସୁସ୍ଥତାଗୁଡିକ ଯୋଗୁ ଅପ୍ରତ୍ୟାଶିତ ଚିକିତ୍ସା ଖର୍ଚ୍ଚ ବିରୋଧରେ ଆର୍ଥିକ ରୂପେ ସୁରକ୍ଷିତ ରହିବେ ଏହି ବୀମା କଭର ତାହା ସୁନିଶ୍ଚିତ କରୁଛି। ଏହି ପ୍ଲାନ ଫୋନ୍ ପେ ଉପଭୋକ୍ତାଙ୍କୁ ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଫିଲାରିଆସିସ୍, ଜାପାନିଜ୍ ଏନ୍‌ସେଫାଲାଇଟିସ୍, ସ୍ୱାଇନ ଫ୍ଲୁ, ବାର୍ଡ ଫ୍ଲୁ, ଟାଇଫଏଡ, ପଲ୍‌ମୋନାରୀ ଟ୍ୟୁବରକ୍ୟୁଲୋସିସ୍ ଓ ମେନିନଜାଇଟିସ୍ ଭଳି ୧୦ରୁ ଅଧିକ ସମ୍ବାହକ ଓ ବାୟୁ ଦ୍ୱାରା ହେଉଥିବା ରୋଗଗୁଡିକ ବିରୋଧରେ ବିସ୍ତୃତ କଭରେଜ ପ୍ରଦାନ କରୁଛି। ଉପଭୋକ୍ତାମାନେ ଫୋନ୍ ପେ ଆପ୍ ମାଧ୍ୟମରେ ୧୦୦% ଡିଜିଟାଲ ଦାବି ପ୍ରକ୍ରିୟା ସହିତ ତତ୍କାଳ ଏହି ବୀମାକୁ କ୍ରୟ, ପରିଚାଳନା ଓ ଦାବି କରିପାରିବେ, ଯାହା ଦ୍ରୁତ ଦାବି ସମାଧାନ ଓ ଏକ ବାଧାହୀନ ଉପଭୋକ୍ତା ଅନୁଭୂତି ସୁନିଶ୍ଚିତ କରୁଛି। ପେସାଦାର ବ୍ୟକ୍ତିମାନେ ମଧ୍ୟ ଏହି କଭରକୁ ଉପଯୋଗ କରିପାରିବେ। ଏ ସମ୍ପର୍କରେ ଫୋନ୍‌ପେ ଇନ୍‌ସୁରାନ୍ସ ବ୍ରୋକିଂ ସର୍ଭିସେସ୍‌ର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଫୋନ୍ ପେ'ରେ ଆମେ ବୀମାକୁ ସମସ୍ତଙ୍କ ପାଇଁ ସୁଲଭ ଓ ପହଞ୍ଚଯୋଗ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ଜିନ୍ଦଲ ଷ୍ଟେନ୍‌ଲେସକୁ ସ୍ୱର୍ଣ୍ଣ ପୁରସ୍କାର

**ନୂଆଦିଲ୍ଲୀ,୨।୧୨(ଅଭୟ ଦାଶ)**



ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଦଶମ ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେଞ୍ଜ (ଆଇଜିଏମ୍‌ସି) କାର୍ଯ୍ୟକ୍ରମରେ ଜେଏସ୍‌ଏଲ୍‌ର ହିସାର ୟୁନିଟକୁ ସମ୍ମାନଜନକ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଆଇଟିସି ମରାଠାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଜିନ୍ଦଲ ଷ୍ଟେନ୍‌ଲେସକୁ ସ୍ୱର୍ଣ୍ଣ ପୁରସ୍କାର ଦିଆଯାଇଛି।

ବିଶେଷକରି ଏହା ପରିବେଶ ଉପରେ କୁପ୍ରଭାବକୁ ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଅଭ୍ୟାସକୁ ଆପଣାଇବା ଦିଗରେ ଜିନ୍ଦଲ ଷ୍ଟେନ୍‌ଲେସର ପ୍ରତିବଦ୍ଧତାକୁ ଦର୍ଶାଉଛି।

ସେହିଭଳି ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେଞ୍ଜ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଏବଂ ସବୁଜ ଅଭ୍ୟାସ ଗ୍ରହଣ କରି ଉତ୍ତମ ପ୍ରଦର୍ଶନ କରିଥିବା କମ୍ପାନୀଗୁଡିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏପରିକି କମ୍ପାନୀଗୁଡିକ ଆଇଜିଏମସି ପ୍ଲାଟଫର୍ମ ମାଧ୍ୟମରେ ସଷ୍ଟେନେବିଲିଟି ପ୍ରୟାସରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ତାଲିମ, ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ମାଧ୍ୟମରେ ନିରନ୍ତର ଉନ୍ନତି କରିବା ପାଇଁ ଚେଷ୍ଟା କରିଥାନ୍ତି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସମ୍ମାନଜନକ ସଷ୍ଟେନେବିଲିଟି ପୁରସ୍କାର ପାଇ ଆମେ ଗର୍ବିତ, ଏହା ପରିବେଶ ପରିଚାଳନା ଦାୟିତ୍ୱ କ୍ଷେତ୍ରରେ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ । ସ୍ୱର୍ଣ୍ଣ ପଦକ ବ୍ୟତୀତ ଜିନ୍ଦଲ ଷ୍ଟେନ୍‌ଲେସ୍ ମଧ୍ୟ ୧୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକମାତ୍ର କମ୍ପାନୀ, ଯିଏକି ନେଟ୍ ଜିରୋ ଟର୍ଚ୍ଚ ବିଅରର୍ସ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର 'ଏକ୍ସେଲସିଅର' ବର୍ଗ ମାନ୍ୟତା ହାସଲ କରିଛି। ଏହି ସ୍ୱୀକୃତି ମୋଟ ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ଦିଗରେ କମ୍ପାନୀଗୁଡିକୁ ଉତ୍ସାହିତ କରିଥାଏ। ସେହିପରି ହିସାର ୟୁନିଟର ବରିଷ୍ଠ ଉପାଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନଲେସ୍ ହିସାର୍ ଉତ୍ପାଦନ ୟୁନିଟର ମୁଖ୍ୟ ବିଜୟ କୁମାର ବିଦ୍ଧଲିଶ କହିଥିଲେ, ଏହି ମାନ୍ୟତା ପାଇବା ଆମ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସବୁଜ ଉତ୍ପାଦନରେ ପଥ ପ୍ରଦର୍ଶକ ସାଜିବା ଦିଗରେ ଏହା ଆମର ସାମୂହିକ ପ୍ରୟାସ ଏବଂ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରିଛି। ଏପରିକି ଶିଳ୍ପ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥିର କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ, ଏହା ପ୍ରମାଣ କରେ ଯେ ଉଚ୍ଚାଭିଳାଷୀ ସଷ୍ଟେନେବିଲିଟି ଲକ୍ଷ୍ୟ କେବଳ ହାସଲଯୋଗ୍ୟ ନୁହେଁ, ବରଂ ସବୁଜ ଭବିଷ୍ୟତ ପାଇଁ ମଧ୍ୟ ଜରୁରୀ ଅଟେ। ଏହିସବୁ ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଭାରତରେ ସ୍ଥାୟୀ ଉତ୍ପାଦନର ଭବିଷ୍ୟତ ନିର୍ମାଣ କରୁଛି ଏବଂ ଦେଶର ସବୁଜ ଲକ୍ଷ୍ୟରେ ଯୋଗଦାନ କରିବା ସହ ଶିଳ୍ପ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସୃଷ୍ଟି କରୁଛି।


# Classified Everyday

**0674-2580101, 9692975378**



REAL ESTATE

**SALE**

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

**Gharabari converted plots available near Hitech Square, Sundarpada, Bhubaneswar. For more details contact- 7978874990, 9777554170.** D-2133

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-2132

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127




Newly open health benefits SPA by expert therapist. Contact- 8280961126. D-76175

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 21.03.2024, I, Ranjan Naik, Vill.- Musapada, P.O.- Brahmanideo, P.S.- Patna, Dist.- Keonjhar, PIN- 758030, Odisha have changed my name from Ratikanta Nayak to Ranjan Naik. Henceforth, I shall be known as Ranjan Naik for all purposes. D-2126

I, Nirmala Pothal (59 yrs), W/o Prafula Chandra Pothal, Vill.- Baniapatana, P.O.- Malikapur, P.S.- Mangalpur, Dist.- Jajpur, declare that I have changed my name in my LIC Policy bearing No.- 587377994 from Pramila Pothal to Nirmala Pothal. D-2136

By virtue of an affidavit sworn before Notary Public, Bhubaneswar dated 02.12.2024, I, Shubham Jena, Address At/P.O.- Mahakalapada, P.S.- Bari, Ramachandrapur, Dist.- Jajpur, Odisha, Pin- 754214 declare that I have changed my name from Sagar Jena to Shubham Jena. Henceforth, I shall be known as Shubham Jena for all purposes. D-2125

I, "Yogendra Birua" or/ and "Yogendra Birua urf Yugdu Birua", S/o Late Guru Charan Birua, resident of At- B-406, Sri Ram Vihar Apartment, Nayapalli, Bhubaneswar – 751012 shall henceforth be known as Yugdu Birua vide affidavit sworn before the Notary Public, Bhubaneswar dated 19.11.2024. D-2124

By virtue of an affidavit sworn before the Executive Magistrate, Chandabali, dated 19.09.2024, I, Chandrakanta Mohanty, address Vill.- Mousudha, P.O.- Mousudha Bazaar, P.S.- Bansada, Dist.- Bhadrak, Pin- 756132, declare that I have changed my daughter's name from Subhalaxmi Mohanty to Shradha Mohanty. Henceforth, she shall be known as Shradha Mohanty for all purposes. D-2128

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Bikram Pradhan, S/o Iswar Pradhan, At- Brundabanpur, P.O.- Badasireipur, P.S.- Banapur, Dist.- Khordha, PIN 752031. Banapur Executive Magistrate vide No. 3342/24 declared that Bikas Pradhan and Bikram Pradhan both the name same and one person for future all purposes. D-2135

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶ୍ୟାମ ସୁନ୍ଦର ସାହୁ**

ଆଜି ତୁମର ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ : ସ୍ତ୍ରୀ - ଶକୁନ୍ତଳା ସାହୁ, ପୁତ୍ର - ଅମୂଲ୍ୟ ସାହୁ, ଗଣେଶ ସାହୁ, ଝିଅ - ସବିତା ସାହୁ, ନାତି - ଆଦିତ୍ୟ ସାହୁ, ନାତୁଣୀ ଓ ବନ୍ଧୁ ପରିବାରବର୍ଗ

D-2130

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**୰ଉଷାକିରଣ ମହାନ୍ତି**

ଆବିର୍ଭାବ- ୧୦।୮।୧୯୪୪
ତିରୋଧାନ- ୧।୧୨।୨୦୧୬
(ମାର୍ଗଶିର ମାସ ଶୁକ୍ଳପକ୍ଷ ଦ୍ୱିତୀୟା)
ମାଉସୀ ମା' ଛକ, ଭୁବନେଶ୍ୱର

ବୋଉଲୋ, ତୋର ସ୍ମୃତି ଆମମାନଙ୍କର ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି। ପ୍ରତ୍ୟେକ ମୁହୂର୍ତ୍ତରେ ଏ ଘର ଓ ତୋ ଠାକୁରଘର ତୋତେ ଖୋଜୁଛି। ତୋର ଅନାବିଳ ସ୍ନେହ ଓ ପରୋପକାର ଆମ ପଥପ୍ରଦର୍ଶକ ହେଉ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋ ଆତ୍ମାକୁ ଶାନ୍ତି ଦିଅନ୍ତୁ।

ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତୁଣୀମାନେ।

ଧ-୨୧୩୧

**ଏକାଦଶାହ ଉପଲକ୍ଷେ**




**୰ଦିଲୀପ ବରାଳ**

ଜେନାପୁର, ଯାଜପୁର
ଆବିର୍ଭାବ- ୨୭।୦୪।୧୯୬୯
ତିରୋଧାନ- ୨୩।୧୧।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ବଡ଼ଭାଇ ପ୍ରକାଶ ଚନ୍ଦ୍ର ବରାଳ, ସାନଭାଇ ଜିତେନ୍ଦ୍ର କୁମାର ବରାଳ, ପୁତ୍ର- ଅମ୍ଳାନଜ୍ୟୋତି, ସାଇ ପ୍ରୀତମ, ପରିବାର, ଆତ୍ମୀୟସ୍ୱଜନ ଏବଂ ବନ୍ଧୁବାନ୍ଧବ ।

ଧ-୨୧୩୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ବିଚିତ୍ରାନନ୍ଦ ନାୟକ**

ନପଙ୍ଗ, ଭଣ୍ଡାରିପୋଖରୀ
ଆବିର୍ଭାବ : ୦୨.୦୪.୧୯୩୭
ତିରୋଧାନ : ୨୩.୧୧.୨୦୨୪

ଶୋକସନ୍ତପ୍ତ
କୁସୁମ, ସୁବାସ, ରମେଶ, ପଙ୍କଜିନୀ, ବିକାଶ, ଶୁଭଦର୍ଶିନୀ, ମୋନାଲିସା, ନିହାର ରଞ୍ଜନ, ସାବିତ୍ରୀ, ସୋନାଲିସା, ଆଲିସା ଓ ପରିବାରବର୍ଗ

D-2138

**ଜାତୀୟ/ଅନ୍ତର୍ଜାତୀୟ**

# ଆଲେପ୍ପୋ ପରେ ଅନ୍ୟ ଅଞ୍ଚଳରେ ସିରିଆ ବିଦ୍ରୋହୀଙ୍କ ଆକ୍ରମଣ



**ଡମାସ୍କସ୍/ଆଙ୍କାରା,୨।୧୨**

ସିରିଆ ବିଦ୍ରୋହୀମାନେ ଦେଶର ଦ୍ୱିତୀୟ ବୃହତ୍ ସହର ଆଲେପ୍ପୋର ଅଧିକାଂଶ ଅଞ୍ଚଳକୁ ଦଖଲକୁ ନେବା ପରେ ଦେଶର ଦକ୍ଷିଣ ଦିଗରେ ଅଗ୍ରସର ହେଉଛନ୍ତି। ସୋମବାର ଆଲେପ୍ପୋର ବିସ୍ତୀର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଥିବା ଜଣେ ବିଦ୍ରୋହୀ ଅଧିକାରୀ କହିଛନ୍ତି। ସିରିଆ ସରକାରୀ ସେନା ପୁଣିଥରେ ଏକାଠି ହୋଇ ପ୍ରତିଆକ୍ରମଣ ଆରମ୍ଭ କରିଛି। ସିରିଆ କୁର୍ଦ୍ଦିଶ ବିଦ୍ରୋହୀ ଗ୍ରୁପ୍ କମାଣ୍ଡର ଜେନେରାଲ ମଜଲୌମ କୋବାନେ ଆବ୍ଦି କହିଛନ୍ତି, ସିରିଆର ସମସ୍ତ ସେକ୍ଟର ସହ ତାଙ୍କ ସେନା ଯୋଗାଯୋଗରେ ଅଛନ୍ତି। ଆଲେପ୍ପୋରୁ ସାଧାରଣ ନାଗରିକ ଓ ଯୋଦ୍ଧାମାନଙ୍କୁ ନିରାପଦରେ କୁର୍ଦ୍ଦିଶ ନିୟନ୍ତ୍ରିତ ଅଞ୍ଚଳକୁ ନେବା ଲାଗି ଉଦ୍ୟମ ଜାରି ରହିଛି। ଇଡ୍‌ଲିବ୍ ପ୍ରଦେଶର ଇସ୍‌ଲାମୀୟ ଗୋଷ୍ଠୀ ହୟାତ ତହରିର ଅଲ୍-ଶାମା ସରକାରଙ୍କ ବିରୋଧରେ ଆକ୍ରମଣର ନେତୃତ୍ୱ ନେଉଛି। ଫଳରେ ରାଷ୍ଟ୍ରପତି ବଶର ଅଲ୍ ଅସାଦଙ୍କ ଶାସନ ପ୍ରତି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସୋମବାର ସିରିଆ ସେନା ଇଡ୍‌ଲିବ୍ ଏବଂ ଆଲେପ୍ପୋରେ ଏୟାରଷ୍ଟ୍ରାଇକ୍ କରିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୪୨ ଜଣ ଆହତ ହୋଇଛନ୍ତି। ସିରିଆ ସୈନ୍ୟଙ୍କୁ ରୁଷିଆ ଏବଂ ଇରାନ ସହାୟତା କରୁଛନ୍ତି। ରାଷ୍ଟ୍ରପତି ଅସାଦ ତୁରନ୍ତ ବିରୋଧୀମାନଙ୍କ ସହ ଆଲୋଚନା କରିବାକୁ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସିରିଆରେ ଶାନ୍ତି ଫେରାଇ ଆଣିବା ପାଇଁ ତୁର୍କୀ, ଇରାନ ଏବଂ ରୁଷିଆ କୂଟନୈତିକ ଉଦ୍ୟମ ଆରମ୍ଭ କରିବାକୁ କହିଛନ୍ତି।

# ଓଭରବ୍ରିଜରେ ଝୁଲିଲା ଲକ୍ଷ୍ମୀ ବସ୍



**ବାଲେଶ୍ୱର(ବାଞ୍ଛାନିଧି ଦେ)/ରେମୁଣା(ରବୀନ୍ଦ୍ର ମହାକୁଡ), ୨।୧୨**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଫାଣ୍ଡି ଛକ ଓଭରବ୍ରିଜରେ ସୋମବାର ରାତିରେ ଲକ୍ଷ୍ମୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ବ୍ରିଜର ସାଇଡ ୱାଲକୁ ଧକ୍କା ଦେଇ ବ୍ରିଜ ଉପରେ ଝୁଲି ରହିଥିଲା। ବସ୍‌ରେ କେହି ଯାତ୍ରୀ ନ ଥିବାରୁ ଏକ ବଡ଼ ଧରଣର ଅଘଟଣ ଟଳିଯାଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀ ବସ୍ (ନଂ.ଓଡି୦୧-ଏଡବ୍ଲ୍ୟୁ୨୬୩୨) ଚାନ୍ଦିପୁରରୁ ବାଲେଶ୍ୱର ଆସୁଥିଲା। ଫକୀରମୋହନ ଗୋଲେଇରୁ ବସ୍‌ଷ୍ଟାଣ୍ଡ ଯାଉଥିବା ବେଳେ ଫାଣ୍ଡି ଛକ ଓଭରବ୍ରିଜ ଉପରେ ଏହି ଦୁର୍ଘଟଣା ଘଟିଥିଲା। ବସ୍‌ଟି ଦୀର୍ଘସମୟ ଧରି ଝୁଲି ରହିଥିବା ଦେଖିବାକୁ ମିଳିଥିଲା। ବସ୍‌ରେ କେହି ଯାତ୍ରୀ ନ ଥିଲେ। ଡ୍ରାଇଭର କୌଶଳକ୍ରମେ ବସ୍‌ରୁ ବାହାରି ପଳାଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା, ଡେପୁଟି ଫାୟାର ଅଫିସର, ଏମ୍‌ଭିଆଇ, ଆରଟିଓଙ୍କ ସମେତ ଓଡ୍ରାଫ ଟିମ ଓ ଅଗ୍ନିଶମ ବାହିନୀ ପହଞ୍ଚି ଝୁଲନ୍ତା ବସ୍‌କୁ ବ୍ରିଜ ଉପରକୁ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ବ୍ରିଜ ଉପରେ ଯାତାୟାତ ବନ୍ଦ ରଖାଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଶୋଭାରାମପୁର ବ୍ରିଜ ଦେଇ ଯାନବାହନ ଚଳାଚଳ ଚାଲୁ ରହିଥିଲା। ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯାଇଥିଲା।

## ଦୋସଉତୁଣୀ ଗାଁରେ କଙ୍ଗାରୁ କୋର୍ଟ

### ପରିବାରକୁ ନିଆଁ, ପାଣି ବନ୍ଦ

**ରାଜକନିକା,୨।୧୨(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଦୋସଉତୁଣୀ ଗାଁରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଛି। ଏହାର ନିଷ୍ପତ୍ତି କ୍ରମେ ରବିବାର ରାତିରୁ ଗୋଟିଏ ପରିବାରକୁ ନିଆଁ, ପାଣି ବନ୍ଦ କରାଯାଇଛି। ଗାଁ ମୁଖିଆଙ୍କୁ ନ ଜଣାଇ ଥାନାକୁ ସାକ୍ଷୀ ଦେବାକୁ ଯିବା ଏବଂ ଗାଁ ସଭାପତିଙ୍କ ୫ ହଜାର ଟଙ୍କା ଜରିମାନାକୁ ହୃଦାନନ୍ଦ ନାୟକ ମାନି ନ ଥିଲେ। ତେଣୁ ତାଙ୍କ ପରିବାରକୁ ଦଣ୍ଡିତ କରାଯାଇଥିବା ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପତି (୩୫) ଥାନାରେ ଅଭିଯୋଗ କରିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏମ୍‌ଇ/ୱାଗନ/କେଜିପିଡବ୍ଲ୍ୟୁ/ଏସ୍‌ଇଆର୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ନଂ. ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ସିଏମ୍‌ସି-ଏସ୍‌ଡବ୍ଲ୍ୟୁଏଲ୍-୧୫ଏଲ୍‌ଡବ୍ଲ୍ୟୁ-୨୪ ବାବଦରେ ଏକକ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ଅପ୍‌ଲୋଡିଂ ତାରିଖ:** ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ସିଏମ୍‌ସି-ଏସ୍‌ଡବ୍ଲ୍ୟୁଏଲ୍-୧୫ଏଲ୍‌ଡବ୍ଲ୍ୟୁ-୨୪ । ତାରିଖ: ୨୯।୧୧।୨୦୨୪। **କାର୍ଯ୍ୟର ନାମ:** ଏକକ ଟେଣ୍ଡର ଭିତ୍ତିରେ ଓଇଏମ୍ ମାଧ୍ୟମରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ "ସିଏନ୍‌ସି ସର୍ଫେସ୍ ହ୍ୱିଲ୍ ଲେଦ୍ ମେଶିନ୍ (୧୫ ଏଲ୍‌ଡବ୍ଲ୍ୟୁ), ଗଠନ-ଏଚ୍‌ୱାଇଟି ଇଞ୍ଜିନିୟରିଂ କମ୍ପାନୀ ପ୍ରା. ଲିଃ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ସିଏଏମ୍‌ସି)" । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨,୩୦,୬୬,୬୧୦.୫୦/- ଜିଏସ୍‌ଟି@୧୮% ସମେତ । **ଅମାନତ ରାଶି:** ₹୨,୬୫,୩୦୦.୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୧୨।୨୦୨୪ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଏବଂ ବିବରଣୀ:** www.ireps.gov.in । ବିଡରମାନେ କେବଳ ବନ୍ଦ ହେବାର ତାରିଖ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। (PR-856)

# ପୁଅଙ୍କୁ କ୍ଷମା କଲେ ବାଇଡେନ୍



ପୁଅ ହଣ୍ଟରଙ୍କ ସହ ଜୋ ବାଇଡେନ୍

**ୱାଶିଂଟନ, ୨।୧୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ କାର୍ଯ୍ୟକାଳ ପୂରା ହେବାର ଠିକ୍ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବେଆଇନ ଭାବରେ ବନ୍ଧୁକ ରଖିବା ଏବଂ ଟିକସ ଚୋରି ମାମଲାରେ ଦୋଷୀ ଥିବା ପୁଅ ହଣ୍ଟର ବାଇଡେନ୍‌ଙ୍କୁ ସେ ବିନା କୌଣସି ସର୍ତ୍ତରେ କ୍ଷମା ପ୍ରଦାନ କରିଛନ୍ତି। ତେବେ ପରିବାରକୁ ଲାଭ ପହଞ୍ଚାଇବା ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ନିଜ ଶକ୍ତିର ବ୍ୟବହାର କରିବେ ନାହିଁ ଏବଂ ପୁଅ ହଣ୍ଟରଙ୍କ ବିରୋଧରେ ଚାଲିଥିବା ମାମଲାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିରୁ ବାଇଡେନ୍ ଓହରି ଯାଇଛନ୍ତି। ସେ ଏକ ବୟାନ ଜାରି କରି କହିଛନ୍ତି, ପୁଅ ହଣ୍ଟରଙ୍କ କ୍ଷମାପତ୍ରରେ ସ୍ୱାକ୍ଷର କରିଛି। ପୂର୍ବରୁ ଆମେରିକା ନ୍ୟାୟ ବିଭାଗର ନିଷ୍ପତ୍ତିରେ ଦଖଲ ଦେବି ନାହିଁ ବୋଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲି। ୪ ବର୍ଷ ଧରି ଏହି ପ୍ରତିଶ୍ରୁତିକୁ ପାଳନ ମଧ୍ୟ କରିଛି। ତେବେ ହଣ୍ଟରଙ୍କୁ ସମ୍ପ୍ରତି ଅଯଥା ଟାର୍ଗେଟ୍ କରାଯାଉଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇ ମାମଲା ରୁଜୁ ହୋଇଛି। ଜଣେ ବାପା ଏବଂ ଜଣେ ରାଷ୍ଟ୍ରପତି ଏପରି ନିଷ୍ପତ୍ତି ନେବାକୁ କାହିଁକି ବାଧ ହେଲେ ତାହା ଆମେରିକାବାସୀ ବୁଝିବେ ବୋଲି ବାଇଡେନ୍ ଆଶା ପ୍ରକଟ କରିଛନ୍ତି। ପ୍ରକାଶ ଯେ, ଆସନ୍ତା ଜାନୁୟାରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଶପଥ ନେବେ।

## ପୋଲିଂ ବୁଥ୍‌ରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି: ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୧୨**

ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରଙ୍କ ଅଧିକତମ ସଂଖ୍ୟା ୧୨୦୦ରୁ ବଢ଼ାଇ ୧୫୦୦ କରିବା ନେଇ ନିର୍ବାଚନ ଆୟୋଗ(ଇସି)ଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଥିଲା। ସୋମବାର ସର୍ବୋଚ୍ଚ ଅଦାଲତ ଏହି ମାମଲାର ଶୁଣାଣି କରିଛନ୍ତି। ପୋଲିଂ ବୁଥରେ ମତଦାତାଙ୍କ ସଂଖ୍ୟାକୁ ବଢ଼ାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିବା ସହ ଏହାର



ଜବାବ ରଖିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, କୌଣସି ପୋଲିଂ ବୁଥ୍‌ରେ ୧୫୦୦ ଭୋଟର ରହିଲେ ମତଦାନ ଠିକ୍ ସମୟରେ ସମ୍ପନ୍ନ ହୋଇପାରିବ କି ନାହିଁ ସେନେଇ ଇସି ଉତ୍ତର ଦେବାର ଆବଶ୍ୟକତା ରହିଛି। ଯଦି ଅଧିକାଂଶ ଭୋଟର ମତଦାନ କେନ୍ଦ୍ରକୁ ଅପରାହ୍ନରେ ଯିବା ପାଇଁ ସ୍ଥିର କରିବେ, ତେବେ ସ୍ଥିତିକୁ କିପରି ନିୟନ୍ତ୍ରଣ କରାଯିବ ସେନେଇ ପ୍ରଶ୍ନ ସୃଷ୍ଟି ହେଉଛି। ୩ ସପ୍ତାହ ମଧ୍ୟରେ ଆଫିଡେଭିଟ ଦାଖଲ କରି ଏହାର ଜବାବ ରଖିବାକୁ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଆଗାମୀ ଶୁଣାଣି ଆସନ୍ତା ଜାନୁଆରୀ ୨୭ରେ ହେବ।

# ଚାଇନାର ୧୪୦ କମ୍ପାନୀ ଉପରେ କଟକଣା ଲଗାଇବ ଆମେରିକା

**ୱାଶିଂଟନ, ୨।୧୨**

ସେମିକଣ୍ଡକ୍ଟର ଟେକ୍ନୋଲୋଜିକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଏକ ଆମେରିକୀୟ ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁଯାୟୀ, ୩ ବର୍ଷ ମଧ୍ୟରେ ଚାଇନାର ସେମିକଣ୍ଡକ୍ଟର ଇଣ୍ଡଷ୍ଟ୍ରି ଉପରେ ତୃତୀୟ ଥର ପାଇଁ କଟକଣା ଲଗାଇବାକୁ ଆମେରିକା ପ୍ରସ୍ତୁତି କରୁଛି। ଏହାଦ୍ୱାରା ଚିପ୍ ଉପକରଣ ନିର୍ମାତା କମ୍ପାନୀ ନୌରା ଟେକ୍ନୋଲୋଜି ଗ୍ରୁପ୍ ସମେତ ୧୪୦ରୁ ଅଧିକ ଚାଇନା କମ୍ପାନୀ ଉପରେ କଟକଣା ଲାଗୁ ହେବ। ଚାଇନାର ଆଡଭାନ୍ସ ଚିପ୍ସ ବିକାଶ କରିବାର ଦକ୍ଷତାକୁ ଦୁର୍ବଳ କରିବା ପାଇଁ ଆମେରିକା ପକ୍ଷରୁ ଏହି କଟକଣା ଲାଗୁ କରାଯିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

# ବିହାରରେ ପ୍ରଶ୍ନପତ୍ର ଲିକ୍: ୩୭ ଗିରଫ

**ପାଟନା,୨।୧୨**

ବିହାରରେ ପ୍ରଶ୍ନପତ୍ର ଲିକ୍ ହେବା କିଛି ନୂଆ କଥା ନୁହେଁ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ) ପଦବୀରେ ନିଯୁକ୍ତି ଲାଗି ରବିବାର ଅନୁଷ୍ଠିତ ଅନ୍‌ଲାଇନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ରାଜ୍ୟ ହେଲ୍‌ଥ ସୋସାଇଟି ସୋମବାର ଉକ୍ତ ପରୀକ୍ଷାକୁ ବାତିଲ କରିଦେଇଛି। ପ୍ରଶ୍ନପତ୍ର ଲିକ୍‌ରେ ଏକ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ସୂଚନା ପାଇ ବିହାର ପୋଲିସ୍‌ର ଆର୍ଥିକ ଅପରାଧ ଶାଖା (ଇଓୟୁ) ଚଢ଼ାଉ କରି ୩୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୱି ସାଇନ୍ ଟେକ୍ ପ୍ରା.ଲିଃ ସହ ସମ୍ପୃକ୍ତ ବ୍ୟକ୍ତି, ଅନ୍‌ଲାଇନ ପରୀକ୍ଷା କେନ୍ଦ୍ରଗୁଡ଼ିକର ମୁଖ୍ୟ, ଆଇଟି ମ୍ୟାନେଜର, ପରୀକ୍ଷା କୋଅର୍ଡିନେଟର, ଆଇଟି ସପୋର୍ଟ ଷ୍ଟାଫ୍ ରହିଛନ୍ତି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଇଓୟୁ ଡିଆଇଜି ମାନବଜିତ ସିଂ ଧିଲୌଁ କହିଛନ୍ତି।

# ଏବର୍ଷ କମ୍ ଶୀତ

**ନୂଆଦିଲ୍ଲୀ,୨।୧୨(ପି.ଟି.)**

ଚଳିତ ଶୀତଋତୁରେ କମ୍ ଶୀତ ଅନୁଭୂତ ହେବା ସହ ଶୀତଲହରୀ ଦିବସ ସଂଖ୍ୟା କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୋମବାର କହିଛି। ଶୀତଦିନେ ହାରାହାରି ସର୍ବାଧିକ ତାପମାତ୍ରା ୨୯.୩୭ ଡିଗ୍ରୀ ସେଲ୍‌ସିୟସ୍ ରହିବ, ଯାହାକି ଏହି ଋତୁର ସ୍ୱାଭାବିକ ତାପମାତ୍ରା ୨୮.୭୫ ଡିଗ୍ରୀଠାରୁ ୦.୬୨୩ ଡିଗ୍ରୀ ଅଧିକ। ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସାଧାରଣ ଭାବେ ଶୀତଲହରି ଦିନସଂଖ୍ୟା ୫ରୁ ୬ ରହୁଥିବାବେଳେ ଏଥର ତା'ଠାରୁ କମ୍ ଅର୍ଥାତ୍ ୨ରୁ ୪ ଦିନ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଦକ୍ଷିଣ ଭାରତର କେତେକ ଅଞ୍ଚଳକୁ ବାଦ୍ ଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ସର୍ବାଧିକ ତାପମାତ୍ରାଠାରୁ ଅଧିକ ଉତ୍ତାପ ରହିବ ବୋଲି ମହାପାତ୍ର କହିଛନ୍ତି।

**BOARD OF SECONDARY EDUCATION, ODISHA, CUTTACK**
**ENTRANCE TEST FOR ADARSHA VIDYALAYAS (OAVET & OMAVET), 2025**
NOTIFICATION NO. 1637 / OAVs/ DT. 02.12.2024

No.N-140: It is hereby informed to all concerned that the OAV Entrance Test, 2025 for class- VI, VII,VIII & IX and OMAV Entrance Test for Class- VI will be held on 07/01/2025.The number of questions, maximum marks for each examination with the timings of conduct of examination are given below.

| Sl.No | Exam. Class. | Timings | No. of MCQs. | Maximum Marks |
|---|---|---|---|---|
| 1. | Class VI | 9.00 am to 11.00 am | 60 | 60 |
| 2. | Class VII, VIII & IX | 9.00 am to 12 Noon | 100 | 100 |

The admit cards will be available in the website www.bseodisha.ac.in from 30/12/2024, which can be downloaded by the candidates by logging in with their Name, Father's name & Class.

OIPR-27004/11/0050/2425 — Sd./- Secretary

**Government of Odisha, e-Procurement Notice**
**INVITATION FOR BIDS (IFB)**
Bid Identification No. C.C.E.Dkl. (R&B) 12/2024-25
Email Id - sedklpwd@gmail.com
Letter No. 2352/Dt. 29.11.2024

No.B-710 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Repair & Rehabilitation of Bridge works as detailed below :

1 Name of the work : Repair & Rehabilitation of Bridge works
2 No. of works : 02 (Two) Nos.
3 Estimated cost : Rs. 1.34 Crore to 5.66 Crore (as given in column No. 03 of table)
4 Cost of tender paper : Rs. 10,000.00
5 Class of contractor : 'A' Class & 'B' Class (as given in column No. 07 of table)
6 Period of completion of work : 05 (Five) to 07 (Seven) (as given in column No. 08 of table)
7 Date and time of availability of bid document in the website : From Dt. 06.12.2024 to 05.00 P.M. of Dt. 20.12.2024
8 Date of opening of bid : Dt. 21.12.2024 at 11.00 A.M.

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0021/2425

No.O-739
**Government of Odisha**
**Office of the Superintending Engineer**
**R.W.S & S Division, Bhadrak**
E-mail : rwssdivisionbhadrak@gmail.com
**"e" PROCUREMENT NOTICE**
Bid Identification No. RWSS (BDK) : 03/2024-25

1. Name of the Work : Execution of 02 Nos. of RPWS scheme 1. Samaraipur and 2. Retrofitting RPWS scheme to village Gujidarada under Bhadrak Block. 2. Total Number of Work : 02 Nos. (Two).
3. Estimated Cost : Rs.450.02 Lakhs to Rs. 776.67 Lakhs. 4. Class of Contractor : A & Special.
5. Period of Completion : 11 Months.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| Superintending Engineer RWSS Division, Bhadrak | RWSS (BDK) :- 03/2024-25 | 06.12.2024 (From - 10.00 A.M.) | 20.12.2024 (upto 17.00 P.M.) |

Further details can be seen from the e-procurement portal "www.tendersodisha.gov.in". Subsequent corrigendum, if required shall be appeared in the website only.

Sd./- Superintending Engineer,
R.W.S&S Division , Bhadrak
OIPR-25020/11/0003/2425

No.B-693
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM [R&B] DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
**"e" Procurement Notice**
Bid Identification No.SE R&B Divn.No.I Bam. 17 /2024-25 Lr. No. 9204 dtd.22.11.2024

| | | |
|---|---|---|
| Name of work | : | Building works |
| No. of works | : | 02 (Eleven) Nos. |
| Estimated cost | : | Approximately Rs.57.89 to Rs.73.84 lakh |
| Period of completion | : | Six calendar months |
| Date and time of availability of bid document in the portal | : | From 10.00 hours of 04.12.2024 to 16.00 hours of 12.12.2024 |
| Last date/time for receipt of bids in the portal | : | Upto 16.00 hours of 12.12.2024 |
| Name & address of the Officer Inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam(R&B) Division No.I,
Berhampur
OIPR-34109/11/0011/2425

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज**
अति अल्पकालीन ई0–निविदा आमंत्रण सूचना
ई– निविदा सूचना संख्या – **RDD/SD/SAHIBGANJ /13/2024-25**
1.कार्य की विस्तृत विवरणीः

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के पतना प्रखण्ड अंतर्गत पंचायत शहरी में सुगनीवासा एवं बारूटोला के बीच करनी नाला पर पुल निर्माण। | 328.86000 लाख रूपये | 6,58,000/- रूपये | 10,000.00 रूपये | 18 माह |
| 2 | साहेबगंज जिला के राजमहल प्रखण्ड के दरला पंचायत अंतर्गत डहरू कुमार जर्जर पुल के स्थल पर पुल निर्माण। | 476.99100 लाख रूपये | 9,54,000/- रूपये | 10,000.00 रूपये | 18 माह |

2. वेबसाइट में निविदा प्रकाशन की तिथि – 03.12.2024
3. ई–निविदा प्राप्ति की तिथि एवं समय– दिनांक 03.12.2024 से दिनांक 10.12.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 12.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,साहेबगंज
PR 340913 Rural Development(24-25).D

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
No.C-1153
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
Invitation for Bids (IFB) Dtd.30.11.2024

| | | | |
|---|---|---|---|
| 1 | Nos. of works | : | 07 Nos. (Seven Nos.) |
| 2 | Estimate cost | : | Rs. 7.64 Lakhs to Rs. 134.69 Lakhs |
| 3 | Period of completion | : | 02 (Two) & 01 (One) Months |
| 4 | Class of contractor | : | D, C, B & A Class |
| 5 | Date & Time of availability of bid document in the portal | : | From 11.00 A.M. of Dt. 05.12.24 to 5.00 P.M. of 20.12.2024 |
| 6 | Last date / time of receipt of bids in the portal | : | 5.00 P.M. of 20.12.2024 |
| 7 | Last date & time of seeking clarification | : | 5.00 P.M. of 10.12.2024 |
| 8 | Date & time of opening of bids | : | At 12.30 P.M. of 21.12.2024 |
| 9 | Name and adress of the Officer Inviting Bid | : | General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- General Manager
Watco Division-II, Bhubaneswar
OIPR-13089/11/0015/2425

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, देवघर**
पुनः अति अल्पकालीन ई–निविदा आमंत्रण सूचना
पुनः ई– निविदा सूचना संख्या – RDD/SD/DEOGHAR/31/RE1/2024-25
1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राषि | अग्रधन की राषि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिलान्तर्गत मोहनपुर अंचल के मौजा– कटहरा में इण्डोर स्टेडियम (04 कोर्ट) निर्माण। | 39946600.00 | 799000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 04.12.2024
3. ई–निविदा प्राप्ति की तिथि एवं समय – दिनांक 04.12.2024 से दिनांक 10.12.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, देवघर
5. ई–निविदा खोलने की तिथि एवं समय – 12.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, देवघर
7. ई–निविदा प्रकोष्ठ का दूरभाष सं० – 7004899141 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी। विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 340967 Deoghar(24-25)D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, जामताड़ा**
ई–प्रोक्योरमेंट सूचना सं0 –03 / 2024–25
**शुद्धि पत्र**

ई–प्रोक्योरमेंट सूचना सं0–03 / 2024–25 (PRNo.-340546 Road (24-25)-D के द्वारा कार्य – पथ प्रमंडल, जामताड़ा अंतर्गत दुमका – मसलिया –कुण्डहित – नाला पथ के कि0मी0 20.00 से 53.355 कि0मी0 तक (कुल लंबाई–33.355 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य वर्ष 2024–25 हेतु निकाली गई निविदा में तकनीकी कारणों से ई–निविदा का बेवसाईट पर प्रकाशन की तिथि 30.11.2024 के स्थान पर 05.12.2024 एवं ई–निविदा प्राप्त करने की अंतिम तिथि 24.12.2024 के स्थान पर 30.12.2024 संशोधित की जाती है। शेष शर्ते यथावत रहेंगें।

कार्यपालक अभियंता,
पथ निर्माण विभाग,
पथ प्रमंडल, जामताड़ा
PR 340961 (Road) 24-25 (D)

## ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ, ଝିଅ, ଭଣଜା ଗୁରୁତର

ପାଟକୁରା,(ରବୀନ୍ଦ୍ରନାଥ ବାରିକ) : କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ କୁଦାନଗରୀ ଥାନା ଗଉଡଗାଁ ଗ୍ରାମରେ ପାରିବାରିକ କଳହରୁ ସୋମବାର ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ, ଝିଅ ଓ ଭଣଜା ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ୩ ଜଣଙ୍କ ବେକ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅଭିଯୁକ୍ତ ସ୍ୱାମୀ ହେଉଛନ୍ତି ରମେଶ ମହାନ୍ତି।



## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ପରଜଙ୍ଗ,୨।୧୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ପାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ଗତ ୨୪ ତାରିଖରେ ଦୁର୍ଘଟଣାର ଶିକାର ହୋଇଥିଲେ। କଟକରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ପରିବାର ଲୋକେ ସେଠାରେ ଅଛନ୍ତି। ଘରେ କେବଳ ତାଙ୍କର ଜଣେ ୧୩ ବର୍ଷର ଝିଅ ଅଛନ୍ତି। ଏହାର ସୁଯୋଗ ନେଇ ଫାଣ୍ଡି ଅଞ୍ଚଳର ଜଗନ୍ନାଥ ନାଏକ (୨୨) ୩ ଦିନ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରବିବାର ପରିବାର ଲୋକେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପରେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ପୋଲିସ ପ୍ରକାଶ କରିଛି।

# ଆକ୍ରମଣ ପରେ ନଦୀପଠାରେ ଫିଙ୍ଗିଦେଲେ ଦୁର୍ବୃତ୍ତ

## କାରଣ ଅସ୍ପଷ୍ଟ, ଏସ୍‌ସିବିରେ ଭର୍ତ୍ତି

ବାରଙ୍ଗ/ଭୁବନେଶ୍ୱର,୨।୧୨(ଲିଙ୍ଗରାଜ ରାଉତ/ସୂର୍ଯ୍ୟକାନ୍ତ ବେହେରା)

ଜଣେ ବ୍ୟକ୍ତିଙ୍କୁ ମାଡ଼ମାରିବା ସହ ମାରଣାସ୍ତ୍ରରେ ଗୋଡ଼କୁ କଣା କରି ରକ୍ତାକ୍ତ ପରେ ନଦୀ ପଠାରେ ଫିଙ୍ଗି ଦେଲେ। ରାଜଧାନୀ ଉପକଣ୍ଠ ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ନଦୀପଠାରେ ଏଭଳି ଘଟଣା ଘଟିଛି। ଗୁରୁତର ଆହତ ବ୍ୟକ୍ତି ହେଲେ ବରିମୁଣ୍ଡ ଗ୍ରାମର ସନ୍ତୋଷ କୁମାର ପଣ୍ଡା(୪୮)। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ତେବେ ସନ୍ତୋଷଙ୍କୁ କିଏ ଓ କାହିଁକି ମାରିଲେ ତାହାର କାରଣ ଜଣାପଡ଼ି ନ ଥିବାବେଳେ ଜମିବାଡ଼ି କିମ୍ବା ବ୍ୟକ୍ତିଗତ ଆକ୍ରୋଶରୁ ଏଭଳି ଆକ୍ରମଣ ହୋଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସନ୍ତୋଷଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ ଗୁଳିମାଡ଼ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଥିଲା। ତେବେ ପରେ ଏହା ଗୁଳି ମାଡ଼ ନୁହେଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶାବଳ କିମ୍ବା କୌଣସି ଏକ ଧାରୁଆ ମୁନିଆ ଅସ୍ତ୍ରରେ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଥିବା ପୋଲିସ କହିଛି।



ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ଜରିପାଟଣା ଛକ ନିକଟରେ ସନ୍ତୋଷ ଠିଆ ହୋଇଥିଲେ। ଏହି ସମୟରେ ଏକ ନମ୍ବର ବିହୀନ କାର୍‌ରେ ୪ଜଣ ଯୁବକ ଆସି ତାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। କିଛି ଦୂର ଯିବାପରେ ଗଣ୍ଡରପୁର ନଦୀପଠାକୁ ନେଇ ତାଙ୍କୁ ନିର୍ଦ୍ଧୂମ ମାଡ଼ ମାରିବା ସହ ଗୋଡ଼କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ଚିତ୍କାର ଶୁଣି ନଦୀପଠାରେ ଶୌଚ ପାଇଁ ଯାଇଥିବା ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ସେମାନଙ୍କୁ ଦୁର୍ବୃତ୍ତମାନେ ଏକ ବନ୍ଧୁକ ଦେଖାଇ ଫେରାର ହୋଇଯାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ପ୍ରାଥମିକ ତଦନ୍ତରୁ ଜମିଜମାକୁ ନେଇ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ସେହିପରି ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସନ୍ତୋଷ ଜମିବାଡ଼ି କାରବାର କରନ୍ତି। ତେବେ କଲ୍ୟାଣପୁରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ପ୍ରାୟ ୫କୋଟି ଟଙ୍କାର ସମ୍ପତ୍ତିକୁ କେହି ଜାଲିଆତି କରି ହାତେଇ ନେଇଛନ୍ତି। ଏହା ଜଣାପଡ଼ିବା ପରେ ଏଥିରେ ସନ୍ତୋଷ ମୁଣ୍ଡ ପୂରାଇଥିଲେ। ଏନେଇ କୋର୍ଟରେ ମାମଲା ମଧ୍ୟ ଦାଏର କରିଥିଲେ। ଏହାକୁ ନେଇ ବିରୋଧୀ ଗୋଷ୍ଠୀ ତାଙ୍କୁ ଏଥିରେ ମୁଣ୍ଡ ନ ଖେଳାଇବାକୁ ଧମକ ମଧ୍ୟ ଦେଇଥିଲେ। ଏପରିକି ତାଙ୍କୁ କିଛି ଟଙ୍କା ନେଇ ଚୁପ ବସିବାକୁ ମଧ୍ୟ କହିଥିଲେ। ଏହି ଘଟଣାକୁ ନେଇ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି।

# ମନ୍ତ୍ରୀଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଯୁବକଙ୍କ ଝୁଲନ୍ତା ମୃତଦେହ

ଭୁବନେଶ୍ୱର,୨।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖାରବେଳନଗର ଥାନା ନିକଟସ୍ଥ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ସକାଳେ ମିଳିଛି। ମୃତକ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ଜଳେଶ୍ୱରପୁର ଅଞ୍ଚଳର ଚିତ୍ତରଞ୍ଜନ ମହାରଣା(୩୫)। ଚିତ୍ତରଞ୍ଜନ ଜଣେ ମୂର୍ତ୍ତି କାରିଗର ଥିଲେ। ତାଙ୍କ ମୁହଁରେ ଏକ ବିଷ୍ଠା ମରା ହୋଇଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ତା'ର କାରଣ ଜାଣିବା ପାଇଁ ଖାରବେଳନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଅନ୍ୟପଟେ ଚିତ୍ତରଞ୍ଜନ ୨୦୧୯ରୁ ଘରୁ ରାଗି ପଳାଇ ଆସି କେଉଁଠାରେ ରହୁଥିଲେ, କ'ଣ କରୁଥିଲେ ତାହାର କୌଣସି ତଥ୍ୟ ପରିବାର ଲୋକ ଜାଣି ନ ଥିବାରୁ କୌଣସି ଗୁରୁତର ଅଭିଯୋଗ ଆଣି ନାହାନ୍ତି। ଘଟଣାର ଠିକ୍ ତଦନ୍ତ ପାଇଁ ଏକ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଚିତ୍ତରଞ୍ଜନ କେଉଁଠାରେ ରହୁଥିଲେ ତାହାର ଖୋଳତାଡ଼ ଚଳାଇଛି। ମୃତଦେହ ପାଖରୁ ଏକ ବ୍ୟାଗ୍ ମିଳିଛି, ଯେଉଁଥିରେ ଏକ ହାତଲେଖା ଚିଠି ରହିଛି। ଚିଠିଟି ଚିତ୍ତରଞ୍ଜନ ତାଙ୍କ ବାପାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। ସେଥିରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ରହିବା ସହ କେଉଁ ଆକାଉଣ୍ଟରେ କେତେ ଟଙ୍କା ରହିଛି ସେନେଇ ଉଲ୍ଲେଖ ରହିଛି। ଏପରି କି ଉକ୍ତ ଆକାଉଣ୍ଟରେ ଥିବା ଟଙ୍କାକୁ ଉଠାଇ ନେବାକୁ ବାପାଙ୍କୁ ଚିତ୍ତରଞ୍ଜନ ଲେଖିଥିବା ଜାଣିବାକୁ ମିଳିଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ ମାମଲା

ଭୁବନେଶ୍ୱର,୨।୧୨(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ମଡେଲ୍ ଥାନା ଅନ୍ତର୍ଗତ ଏକ ଗାଁରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା ଉଦ୍ୟମ ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ତଥା ଚିଲିଡ୍ରେନ୍ସ କୋର୍ଟରେ ସୋମବାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ସୂର୍ଯ୍ୟକାନ୍ତ ଗଜେନ୍ଦ୍ର ଓରଫ ରିଙ୍କୁ(୨୯)ଙ୍କୁ ବିଚାରପତି ପ୍ରଦୀପ କୁମାର ବେହେରା ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସୂର୍ଯ୍ୟକାନ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ପ୍ରଦୀପ କୁମାର ବେହେରା ତାଙ୍କ ରାୟରେ ଶୁଣାଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁଲାଇ ୧୯ରେ ସୂର୍ଯ୍ୟକାନ୍ତ ଏହି ଅପରାଧ ଘଟାଇଥିବାବେଳେ ପୀଡ଼ିତା ନାବାଳିକାଙ୍କୁ ମାତ୍ର ୧୨ବର୍ଷ ହୋଇଥିଲା। ଅଭିଯୁକ୍ତ ଏବଂ ପୀଡ଼ିତା ଉଭୟେ ଗୋଟିଏ ସାହିର। ପୀଡ଼ିତାଙ୍କ ଘରକୁ ସୂର୍ଯ୍ୟକାନ୍ତ ଅଧିକାଂଶ ସମୟରେ ଯିବାଆସିବା କରୁଥିଲେ। ତେବେ ଘଟଣା ଦିନ ପୀଡ଼ିତା ତାଙ୍କ ଘର ଖଟ ଉପରେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ ତାଙ୍କୁ ମୋବାଇଲରେ ଅଶ୍ଳୀଳ ଫଟୋ ଦେଖାଇଥିଲେ। ଏଥିସହ ନାବାଳିକାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ବିରୋଧ କରିବାକୁ ସୂର୍ଯ୍ୟକାନ୍ତ ତାଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ନାବାଳିକାଙ୍କ ଜେଜେ ମା', ବାପା ଓ ମା' ରୁମ୍‌କୁ ଦୌଡ଼ି ଆସିଥିଲେ। ସେହି ସମୟରେ ସୂର୍ଯ୍ୟକାନ୍ତ ସେଠାରୁ କୌଶଳକ୍ରମେ ଖସି ପଳାଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଏତଲା ହେବା ପରେ ମଡେଲ ଥାନା ପକ୍ଷରୁ ଆଇପିସି ଦଫା ୩୭୬(୨)(ଏଫ୍)(୩)(ଏବି), ୩୦୭ ସହ ପୋକ୍ସୋ ଆକ୍ଟର ସେକ୍ସନ୍ ୩ରେ ଏକ ମାମଲା (ନଂ.୨୫୦/୨୦୨୦) ରୁଜୁ କରାଯାଇ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରାଯାଇଥିଲା। ତେବେ ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ୧୩ଜଣଙ୍କ ସାକ୍ଷ୍ୟ ଓ ୪୮ ଦସ୍ତାବିଜ୍‌କୁ କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

# ଖଣି ଅଧିକାରୀ, କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

## ୬ ଅଟକ, ଏକ ବ୍ରିଜା ଗାଡ଼ି ଜବତ

ଘସିପୁରା,୨।୧୨(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ଉପରେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଖଣି ବିଭାଗର କନିଷ୍ଠ ମାଇନିଂ ଅଫିସର ସୁରଜ ହେମ୍ବ୍ରମଙ୍କ ସହ ୩ ସୁରକ୍ଷା କର୍ମୀ ଓ ଗାଡ଼ି ଚାଳକ ଆହତ ହୋଇଛନ୍ତି। ଘଟଣାରେ ଘସିପୁରା ପୋଲିସ ମାମଲା ରୁଜୁ କରି ୬ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ବୈତରଣୀରୁ ବେଆଇନ ବାଲି ଚୋରାଚାଲାଣ ହେଉଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ଅଭିଯୋଗ ଆଧାରରେ ରବିବାର ରାତିରେ ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ ପାଇଁ ଯାଇଥିଲା। ପ୍ରଥମେ କେନ୍ଦୁଝର ହରିଚନ୍ଦନପୁର ଅଞ୍ଚଳରେ ଅନୁଧ୍ୟାନ କରିଥିଲେ। ସେଠାରୁ ଫେରିବା ସମୟରେ ୨ ଗାଡ଼ି ତାଙ୍କୁ ପିଛା କରିଥିବା ଖଣି ବିଭାଗ କନିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଟିମ୍ ଆନନ୍ଦପୁରରେ ପହଞ୍ଚିବା ପରେ ବୈତରଣୀ ନଦୀ ପାରହୋଇ ଆନନ୍ଦପୁର କଲେଜ ଅଭିମୁଖେ ଆସିଥିଲେ। କଲେଜ ନିକଟରୁ ଗାଡ଼ି ଫେରି ଆନନ୍ଦପୁର ବସ୍‌ଷ୍ଟାଣ୍ଡ ପରେ ଘସିପୁରା ଅଭିମୁଖେ ଆସିବା ସମୟରେ ଆନନ୍ଦପୁର ବ୍ରିଜ୍‌ଛକଠାରେ ଥିବା ୫ରୁ ୬ଟି ଚାରିଚକିଆ ଗାଡ଼ିରେ କେତେଜଣ ଲୋକ ତାଙ୍କୁ ପିଛା କରିଥିଲେ। ଆନନ୍ଦପୁର ବ୍ରିଜ୍‌ଛକ ପାର୍ଶ୍ୱରୁ ଖଣି ବିଭାଗର ଗାଡ଼ି ବୈତରଣୀ ସେତୁ ଅତିକ୍ରମ କରିବା ପରେ ପିଛାକରି ଆସୁଥିବା ଗାଡ଼ି ତାଙ୍କୁ ଘସିପୁରା ଥାନା ସିଂହସାହି ଛକ ନିକଟ ହମ୍ପସ୍ଠାରେ ଅଟକାଇଥିଲେ। କେତେଜଣ ଗାଡ଼ିରୁ ବାହାରି ଲୁହା ପାଇପ୍ ସାହାଯ୍ୟରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଗାଡ଼ି କାଚ ଭାଙ୍ଗିଦେଇଥିଲେ। ଖଣି ବିଭାଗ କନିଷ୍ଠ ଅଫିସର ଏବଂ ସୁରକ୍ଷା କର୍ମୀ ବିରୋଧ କରିବାକୁ ତାଙ୍କୁ ଅତର୍କିତ ଆକ୍ରମଣକରି ଲହୁଲୁହାଣକରି ପଳାଇଥିଲେ। ସମସ୍ତେ ଚାଲିଚାଲି ଥାନାକୁ ଯାଇଥିଲେ। ପୋଲିସ ସମସ୍ତଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା। ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଖଣି ବିଭାଗ କନିଷ୍ଠ ଅଧିକାରୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୪୨୩/୨୪)ରୁଜୁ ହୋଇଛି। ଏକ ବ୍ରିଜା ଗାଡ଼ି ଜବତ କରାଯିବା ସହ ୬ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରାଯାଉଛି।



ଆହତ ସୁରକ୍ଷା କର୍ମୀମାନେ।

# ଗୁଗଲ୍‌କୁ ଚିଠି ଲେଖିଲା କ୍ରାଇମ୍‌ବ୍ରାଞ୍ଚର ସାଇବର ୟୁନିଟ୍

## ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଧମକ ମାମଲା

ଭୁବନେଶ୍ୱର,୨।୧୨
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ ଡିଜିପି-ଆଇଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କ ଧମକପୂର୍ଣ୍ଣ ଭିଡିଓ ବାର୍ତ୍ତା ଓ ମେଲ୍‌କୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତେବେ କେଉଁ ଆଇପି ଆଡ୍ରେସରୁ ପନ୍ନୁଙ୍କ ଅଡିଓ ଓ ମେଲ୍ ଆସିଥିଲା ସେ ବାବଦରେ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚର ସାଇବର ୟୁନିଟ୍ ପକ୍ଷରୁ ଗୁଗଲ୍‌କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଧମକର ଦୁଇଦିନ ପୂର୍ବରୁ ଉକ୍ତ ୱେବ୍‌ସାଇଟର ଡୋମେନ୍ ତିଆରି କରାଯାଇଥିବା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ କହିଛନ୍ତି। ଗୁଗଲ ତରଫରୁ ରିପୋର୍ଟ ଦେବା ପରେ ଘଟଣାର ସତ କ'ଣ ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନାନୁସାରେ ଭୁବନେଶ୍ୱରରେ ଡିଜିପି ଓ ଆଇଜିପି ସମ୍ମିଳନୀକୁ ଭଣ୍ଡୁର କରିବା ପାଇଁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ପନ୍ନୁ ଟାର୍ଗେଟ କରିଥିଲେ। ପନ୍ନୁଙ୍କ ନାଁରେ ଖବରଦାତା ଅକ୍ଷୟ ସାହୁଙ୍କ ପାଖକୁ ଉଭୟ ଇଂଲିଶ୍ ଓ ଓଡ଼ିଆରେ ଆସିଥିବା ଧମକପୂର୍ଣ୍ଣ ଇ-ମେଲ୍‌କୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏପରି କି ଗତ ୧ତାରିଖରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଉଡ଼ାଣ ନ ଭରିବାକୁ ଚେତାବନୀ ଦେଇଥିଲେ, ଯାହାକୁ ନେଇ ନାନା ଚର୍ଚ୍ଚା ଲାଗି ରହିଥିଲା।

# ପୋଲିସ କବ୍‌ଜାରେ ୯ ଡକାୟତ

## ମୃତଦେହକୁ ଅପେକ୍ଷା ବେଳେ ଡକାୟତି ଘଟଣା

ଅନୁଗୋଳ.୨।୧୨(ମାନସ ବିଶ୍ୱାଳ)/(ଜ୍ୟୋତିରଞ୍ଜନ ସାହୁ)/ ବଇଣ୍ଡା (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ଗତ ୨୫ ତାରିଖରେ ଟ୍ରାକ୍ଟର ଚାଳକ ବିଜୟ କୁମାର ସାହୁଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ମୃତଦେହକୁ ପରିବାର ଲୋକେ ଅପେକ୍ଷା କରିଥିବା ବେଳେ ରାତିରେ ତାଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଥିଲା। ଏହିଘଟଣାରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ୯ ଡକାୟତଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ୧୫ ମୋବାଇଲ, ଏକ କାର୍ (ନଂ. ଓଡି ୦୨ସିଜେ ୨୯୨୪), ମୋଟର ସାଇକେଲ (ନଂ. ଓଡି ୧୯ ଜେଡ୍ ୦୧୫୭), ୧୦ଟି କାନଫୁଲ, ଗୋଟିଏ ମଙ୍ଗଳସୂତ୍ର, ବ୍ରେସଲେଟ, ୩୦ ହଜାର ଟଙ୍କା, କଟରା, ଟାଙ୍ଗିଆ ଆଦି ଜବତ କରାଯାଇଛି। ତେବେ ଡକାୟତମାନେ ଲୁଟିଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଚାଇବାକୁ ଢେଙ୍କାନାଳ ଜିଲାର ଏକ ଘରୋଇ ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଆଣିବାର ଅଭିନବ ପ୍ରୟାସ କରିଥିବା ସୋମବାର ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ପରଜଙ୍ଗ,୨।୧୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ମଝିକା ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀ ଝୁମୁରୀ ଦେହୁରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ଜଗା ଦେହୁରୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ବିଳମ୍ବିତ ରାତିରେ କୌଣସି କାରଣରୁ ଜଗା ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀ ଝୁମୁରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏପରି କି ମୃତଦେହ ଘର ପାଖ ଜଙ୍ଗଲକୁ ନେଇ ଗାତଖୋଳି ପୋତିଦେବା ପାଇଁ ଉଦ୍ୟମ କରିଥିଲେ। ହେଲେ ଗ୍ରାମବାସୀ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଜଗାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟିଲି କଳମ୍ବ ଧୋଇଲି ଶାଗ**
**ମୋଠେଇଁ ରଖିଛ ପୁରୁଣା ରାଗ।**

ଯେଉଁଠି ସମ୍ପର୍କ ଥାଏ ସେଇଠି ରାଗ, ରୋଷ, ମାନ, ଅଭିମାନ ରହିଥାଏ। ପରନ୍ତୁ ଏହାର ମାତ୍ରା ଅଧିକ ହୋଇଗଲେ ସମ୍ପର୍କର ମଧୁରତା ନଷ୍ଟ ହୋଇଯାଇଥାଏ। ଏପରିସ୍ଥଳେ ପୁରୁଣା କଥାକୁ ନେଇ ମନରେ କୌଣସି ରାଗ ଅଭିମାନ ନ ରଖିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର କିଛି ଯିବ ନାହିଁ**
**ମରିବ ବୈଷ୍ଣବ ଗୋସାଇଁ।**

ଯେଉଁମାନେ ସତପଥରେ ଚାଲନ୍ତି, ନୀତିନିୟମ ମାନି ଚଳନ୍ତି ସେମାନଙ୍କୁ ଅନ୍ୟମାନେ ବେଶି ହଇରାଣ ହରକତ କରିଥାନ୍ତି, ଖାଲରେ ପକେଇବାକୁ ଚେଷ୍ଟା କରିଥାନ୍ତି। କୌଣସି ବିଷୟରେ ଲିପ୍ତ ଥିବା ସମସ୍ତ ବ୍ୟକ୍ତି ଖସିଯାଇ ଜଣେ ନିର୍ଦ୍ଦୋଷ ଧରାପଡ଼ି ଦଣ୍ଡ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ସୁରକ୍ଷା ବାହିନୀଙ୍କ ଦ୍ୱାରା ୪ ଆଇଇଡି ନିଷ୍କ୍ରିୟ

ମାଲକାନଗିରି,୨।୧୨
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ସୁରକ୍ଷା ବାହିନୀ ୪ ଆଇଇଡି ବୋମା ଠାବକରି ନିଷ୍କ୍ରିୟ କରିଛନ୍ତି। ପ୍ରଥମଥର ପାଇଁ ମାଓବାଦୀମାନେ ୧୦ କି.ଗ୍ରା. ଶକ୍ତିଶାଳୀ ଆଇଇଡି ବୋମା ଲଗାଇଥିଲେ। ବିଜାପୁର ଡିଆର୍‌ଜି ବିଡିଏସ୍ ମିଳିତ ଭାବେ ଗୋରନା, ମନକେଲି ଓ କଶୁଲନା ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚଳାଇଥିବା ବେଳେ ଗୋରନା, ମନକେଲି ଅଞ୍ଚଳରେ ବି.ମାଇନିଂ ବେଳେ ୫ କି.ଗ୍ରା.ର ୩ ଆଇଇଡି ବିଜାପୁର ବିଡିଏସ୍ ଦ୍ୱାରା ଜବତ କରାଯାଇଥିଲା। ଏହି ଆଇଇଡି ରାସ୍ତାରେ ଖଞ୍ଜି ପ୍ରେସର ସୁଇଚ୍ ଯୋଡ଼ିଥିଲେ।



ଜବତ ଆଇଇଡି ବୋମା ।

ସେହିପରି ଅକ୍କଦୂର ରାସ୍ତାରେ ଏକ ୧୦ କି.ଗ୍ରା. ଆଇଇଡି ଲଗାଇଥିଲେ। ପ୍ରଥମ ଥର ପାଇଁ ୧୦ କି.ଗ୍ରା. ଆଇଇଡି ସହ ଏକ ଅଫୁଟା ଏଚ୍‌ଇ ବୋମା ଯୋଡ଼ିଥିଲେ, ଯାହା ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ଡିଆର୍‌ଜି ଏବଂ ବିଜାପୁରର ବିଡିଏସ୍ ଦଳ ମାଓବାଦୀଙ୍କ ଏହି ଯୋଜନାକୁ ଭଣ୍ଡୁର କରିଥିବା ବେଳେ ସତର୍କତାର ସହ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି,୨।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ରବିବାର ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ବିଜାପୁର ଜିଲା ଭୈରମଗଡ଼ ଥାନା ତାଲେର ଗ୍ରାମ ନିବାସୀ କୁମ୍ମେଶ କୁଜାମ। ଏହାପରେ ମୃତଦେହକୁ ଚିହିକା-ଚିଣ୍ଡୋଡି ରାସ୍ତାରେ ଫିଙ୍ଗିଦେଇଛନ୍ତି। ଘଟଣାସ୍ଥଳରୁ ଭୈରମଗଡ଼ ଏରିଆ କମିଟି ଦ୍ୱାରା ଜାରି କରାଯାଇଥିବା ପାମ୍ଫଲେଟ୍ ପୋଲିସ ମୃତଦେହ ନିକଟରୁ ଜବତ କରିଛି; ଯେଉଁଥିରେ ମୃତ ଗ୍ରାମବାସୀ ପୋଲିସ ସୂଚନାଦାତା ବୋଲି ସନ୍ଦେହକରି ତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି। ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇଛି।





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ବିଅର ବୋତଲରେ ଆକ୍ରମଣ କରି ଲୁଟିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨।୧୨(ସୂର୍ଯ୍ୟକାନ୍ତ ବେହେରା)– ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ମୋ ବସ୍ ଟର୍ମିନାଲ ପାଖରେ ଜଣେ ଯାତ୍ରୀଙ୍କୁ ୨ଜଣ ଦୁର୍ବୃତ୍ତ ବିଅର ବୋତଲରେ ଆକ୍ରମଣ କରି ଲୁଟି ନେଇଛନ୍ତି। ଆହତ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେ ଦୁର୍ବୃତ୍ତଙ୍କ କବଳରୁ କୌଣସି ମତେ ଖସି ଆସି ସ୍ଥାନୀୟ ମୋ ବସ୍ ଟର୍ମିନାଲ ସମ୍ମୁଖରେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ପିସିଆର୍ ଘଟଣା ସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ବୋତଲ ମାଡ଼ରେ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନ କଟିଯାଇ ପ୍ରବଳ ରକ୍ତସ୍ରାବ ହେବାରୁ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

# ୭ମ ଅଭିଯୁକ୍ତ ବିଶାଖାପାଟଣାରୁ ଗିରଫ

## କଟକରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

କଟକ,୨।୧୨ (କାର୍ତ୍ତିକ ସାହୁ)

କଟକରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ସପ୍ତମ ଅଭିଯୁକ୍ତଙ୍କୁ ପୋଲିସ ବିଶାଖାପାଟଣାରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ନୟାଗଡ଼ ଜିଲାର ବାଦଲ ସାହୁ(୨୬)। ସେ ବିଶାଖାପାଟଣାରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଠାବ ପରେ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ପୀଡ଼ିତା ଛାତ୍ରୀଙ୍କୁ ବାରଙ୍ଗରେ ବଳାତ୍କାର କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, କଟକର ଏକ କଲେଜରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବାଣିଜ୍ୟ ପଢୁଥିବା ପୀଡ଼ିତା ଛାତ୍ରୀଙ୍କ ଜନ୍ମଦିନରେ ପ୍ରଥମେ ତାଙ୍କ ପୁରୁଷ ବନ୍ଧୁ ତାଙ୍କୁ ବଳାତ୍କାର କରିଥିଲେ। ଜନ୍ମଦିନ ପାଳନ ବାହାନାରେ ପୁରୀଘାଟ ଅଞ୍ଚଳରେ ଥିବା ଏକ କାଫେରେ ତାଙ୍କ ପୁରୁଷ ବନ୍ଧୁ ଏଭଳି କାଣ୍ଡ ଘଟାଇଥିଲେ, ଯାହାର ଭିଡିଓ ଗୁପ୍ତରେ ଉତ୍ତୋଳନ କରି ତାଙ୍କୁ ବ୍ଲାକମେଲ କରିବା ସହ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ପୁରୁଷ ବନ୍ଧୁ ଜଣକ ହେଲେ ବାଦାମବାଡ଼ି ଥାନା ଝାଞ୍ଜିରୀମଙ୍ଗଳା ଅଞ୍ଚଳର ଶଙ୍କର ଓରଫ ଆଶିଷ ଓରଫ ଆଶୁତୋଷ ବେହେରା। ଅନ୍ୟ ୬ ଜଣ ସହଯୋଗୀ ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ବାରଙ୍ଗ ଅଞ୍ଚଳରେ ଗଣବଳାତ୍କାର କରିଥିଲେ। ସେମାନେ ହେଉଛନ୍ତି ବାଦାମବାଡ଼ି ଥାନା ଝାଞ୍ଜିରୀମଙ୍ଗଳାର ସୁଶୀଲ ପ୍ରସାଦ ଓରଫ ଲକି, ଲୁଣିଆ ସାହିର ପପୁନି ଓରଫ ପପୁଲ ବେହେରା, ନୟାଗଡ଼ ଜିଲା ସଦର ଥାନା ବାଲୁଗାଁ ତେଲିସାହିର ପୀତବାସ ସାହୁ ଓରଫ କାଳିଆ, ବାରଙ୍ଗ ଥାନା ବେଲଗଛିଆର ସୌମ୍ୟରଞ୍ଜନ ସାହୁ ଓରଫ ଚନ୍ଦନ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ନାବାଳକ ଅଛନ୍ତି। ବାରଙ୍ଗରେ ଥିବା ସୌମ୍ୟଙ୍କର ଏକ ଅର୍ଦ୍ଧନିର୍ମିତ କୋଠାରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ପୀଡ଼ିତା ଛାତ୍ରୀ ବାଦାମବାଡ଼ି ଥାନାରେ ନଭେମ୍ବର ୪ରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ୭ ଜଣଙ୍କ ମଧ୍ୟରୁ ୫ ତାରିଖରେ ୩ଜଣ ଗିରଫ କରିଥିବାବେଳେ ୬ ତାରିଖରେ ଆଉ ୩ଜଣ ଗିରଫ ହୋଇଥିଲେ। ହେଲେ ସପ୍ତମ ଅଭିଯୁକ୍ତ ବାଦଲ ଫେରାର ହୋଇ ବିଶାଖାପାଟଣାର ଗିଦ୍‌ଲୁରରେ ଲୁଚିଥିଲେ। ସେ ସେଠାରେ ଏକ ଚା ଦୋକାନରେ ରହି କାମ କରୁଥିଲେ। ପୋଲିସ ବାଦଲଙ୍କୁ ଧରିବା ପାଇ ବିଭିନ୍ନ ଆଡ଼େ ଖୋଜୁଥିଲା। ଏଥିସହ ବାଦଲଙ୍କ ମୋବାଇଲକୁ ମଧ୍ୟ ପୋଲିସ ଟ୍ରାକିଂ କରିଚାଲିଥିଲା। ସେ ବିଶାଖାପାଟଣାର ଉକ୍ତ ସ୍ଥାନରେ ଥିବା ଖବର ବାଦାମବାଡ଼ି ଥାନା ପୋଲିସକୁ ମିଳିଥିଲା। ବାଦାମବାଡ଼ି ଥାନାର ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ବାଦଲଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବାଦଲ ହେଉଛନ୍ତି ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଆଶିଷଙ୍କ ବନ୍ଧୁ।

# ଅଗ୍ନିଶମ, ପୋଲିସ ବିଭାଗ ନିଯୁକ୍ତିକୁ ନେଇ ବିଜେଡି-ଭାଜପା କଥା କଟାକଟି

ଭୁବନେଶ୍ୱର, ୨।୧୨ (ସୁନିତ୍ ମିଶ୍ର)

ବିଧାନସଭାରେ ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ଚାଲିଥିବା ସମୟରେ ନିକଟରେ ଅଗ୍ନିଶମ ଏବଂ ଜରୁରୀ ସେବା ବିଭାଗ ଏବଂ ପୋଲିସ ବିଭାଗରେ ନିକଟରେ ହୋଇଥିବା ନିଯୁକ୍ତିକୁ ନେଇ ଶାସକ-ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ପ୍ରଥମେ ଏହି କଥାକୁ ଉଠାଇଥିବା ବେଳେ ଏହା ଉପରେ ବିଧାୟକ ସାରଦା ପ୍ରଧାନ ଦେଇଥିବା ମନ୍ତବ୍ୟ ଗୃହକୁ ଆହୁରି ସରଗରମ କରିଥିଲା।

ଧ୍ରୁବ ସାହୁ କହିଥିଲେ, ଏହି ପଦବୀ ନିଯୁକ୍ତି ସମୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସନ୍ଦେହ କରାଯାଉଛି। ଏଥିରେ ଗୁଜରାଟ କମ୍ପାନୀର ସମ୍ପୃକ୍ତିରେ ଦୁର୍ନୀତି କରାଯାଇଛି। ଓଡ଼ିଆ ଅସ୍ମିତାର ଦ୍ୱାହିଦେଇ ସରକାରକୁ ଆସିଥିବା ଭାଜପା ହଜାର ହଜାର ଓଡ଼ିଆ ଯୁବତୀ,ଯୁବକଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଛି। ରାଜ୍ୟରେ ନିକଟରେ ଉପରୋକ୍ତ ପଦବୀରେ ନିଯୁକ୍ତି ଦିଆଯାଇଛି। ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଏହି ପଦବୀ ପୂରଣ ଲାଗି ପରୀକ୍ଷା କରିବା ପାଇଁ ଟେଣ୍ଡର ଡାକିଥିଲା। କେନ୍ଦ୍ର ପିଏସୟୁ ଆଇଟିଆଇ ଲିଃ ଏହି ଟେଣ୍ଡର ପାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି କାମ ଗୁଜରାଟର ଏକ କମ୍ପାନୀ ରିଚ୍ ମାଇଣ୍ଡସକୁ ଦିଆଗଲା। ଯଦି ପ୍ରଥମେ ଗୋଟିଏ କମ୍ପାନୀ ଏହି ଟେଣ୍ଡର ପାଇଥିଲା ପରବର୍ତ୍ତୀ ସମୟରେ କାହିଁକି ଏକ ଗୁଜରାଟ କମ୍ପାନୀକୁ ଉକ୍ତ ପରୀକ୍ଷା କରାଇବା କାମ ଦିଆଗଲା। ଏବେ ଏହି ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ ବହୁ ଯୁବତୀ ଯୁବକ ଅଭିଯୋଗ କରିଛନ୍ତି। ଏବେ ଏହି ଘଟଣାରେ ପିଲାମାନେ ହାଇକୋର୍ଟ ଯିବାକୁ ବାହାରିଲେଣି। ନିଯୁକ୍ତି ଦେବା ନାଁରେ ପିଲାଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ହୋଇଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ଯେଉଁ ଦୁଇଟି କମ୍ପାନୀ ସମ୍ପୃକ୍ତ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଯଦି ପରୀକ୍ଷାରେ ଦୁର୍ନୀତି ହୋଇଥିବା ନେଇ ସନ୍ଦେହ ଆସୁଛି ଏହାର ତଦନ୍ତ ହୋଇ ଉଭୟ କମ୍ପାନୀକୁ ବ୍ଲାକଲିଷ୍ଟେଡ କରାଯାଉ ବୋଲି ସେ ଦାବି କରିଛନ୍ତି।

ତେବେ ଧ୍ରୁବ ସାହୁଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମାହାଙ୍ଗା ବିଧାୟକ ସାରଦା ପ୍ରଧାନ କହିଥିଲେ, ରାଜ୍ୟରେ ୧୫୦୦ ପଦବୀ ପୂରଣ ହୋଇସାରିଛି। ଜିରୋ ପଦବୀ ପୂରଣ ହେଉଥିଲା ଯଦି କେମିତି ବି ହେଉ ଏତେ ପିଲା ଚାକିରି ପାଇଗଲେ ଭଲ କଥା। ତୁମ ଦଳ ଲୋକ ନିଯୁକ୍ତି ପାଇଥାଆନ୍ତେ ନ ହେଲେ ଆମ ଦଳ ଲୋକ ପାଇଗଲେ। ଯାହା ହେଉ ପଛେ ଓଡ଼ିଶାର ୧୫୦୦ ପିଲା ଚାକିରି ପାଇଗଲେ ଭଲ କଥା। ଚୋରି କରିକି ହେଉ ବା ଯିଏ ଟଙ୍କା ନଉ କି ନ ନେଉ ପିଲା ଚାକିରି ପାଇଯିବା ଦରକାର। ଧ୍ରୁବ ଭାଇ ଆଇନ ଶୃଙ୍ଖଳା କଥା କହୁଛନ୍ତି କିନ୍ତୁ ସେ ଯେଉଁ ଏସ୍‌ପିଙ୍କୁ କେନ୍ଦ୍ରାପଡ଼ାକୁ ନେଇଥିଲେ ଏବେ ମଧ୍ୟ ସେ ଦାୟିତ୍ୱରେ ଅଛନ୍ତି ବୋଲି ସେ କହିଛନ୍ତି। ତେବେ ସାରଦା ପ୍ରଧାନଙ୍କ ଏହି କଥାକୁ ନେଇ ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ବର୍ଷିଥିଲେ। ସେ କହିଥିଲେ, ଜଣେ ବିଧାୟକ ଗୃହ ଭିତରେ ସିଧାସଳଖ କହୁଛନ୍ତି, ଚୋରି କରିକି ହେଉ ପଛେ ଚାକିରି ହେଉଯାଉ। ବିଧାନସଭା ଭିତରେ ଏକଥା କହିବାକୁ ତାଙ୍କର ଏତେ ସାହସ କେଉଁଠୁ ଆସୁଛି। କାହା ବଳରେ ସେ ଏଭଳି କଥା କହିବାକୁ ସାହସ କରୁଛନ୍ତି। ଏହି କଥାରେ ଥାନାରେ ଆମେ ଏତଲା ମଧ୍ୟ ଦେଇପାରିବୁ ବୋଲି ସେ କହିଛନ୍ତି।

# ମୃତଦେହ ରଖି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଢେଙ୍କାନାଳ, ୨।୧୨ (ରତନ ନାୟାର)



ମୃତଦେହ ରଖି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ୫୦ ହଜାର ଜରିମାନା ଶୁଣି ବିଷ ପିଇଥିଲେ ଦମ୍ପତି

## ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଚୋରା ବିଦ୍ୟୁତ୍ ସଂଯୋଗ ଧରପଗଡ଼ ବେଳେ ୫୦ ହଜାର ଟଙ୍କା ଜରିମାନା ଦେବାକୁ ବିଦ୍ୟୁତ୍ କର୍ମଚାରୀଙ୍କ ଚେତାବନୀରେ ଭୟଭୀତ ହୋଇ ଏକ ଦମ୍ପତି ବିଷ ପିଇଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ୱାମୀ ଗୋକୁଳ ରାଉଳ(୫୩)ଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁଲୁରୀ ରାଉଳ(୪୯) ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆ ଗ୍ରାମରେ ଘଟିଥିବା ଏହି ଘଟଣାର ପ୍ରତିବାଦରେ ପରିବାର ଲୋକେ ଓ ଗ୍ରାମବାସୀ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ।

ପରିବାର ଲୋକେ ଅଭିଯୋଗ କରିଛନ୍ତି, ଗତ ନଭେମ୍ବର ୨୭ ତାରିଖରେ ବିଦ୍ୟୁତ୍ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଗୋକୁଳଙ୍କ ଘରେ ଚଢ଼ାଉ କରିଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଗୋକୁଳ ଓ ତାଙ୍କ ସ୍ତ୍ରୀ ଗୁଲୁରୀଙ୍କୁ ୫୦ ହଜାର ଟଙ୍କା ଜରିମାନା କରିଥିଲେ। ଏହି ଅର୍ଥ ୨୯ ତାରିଖରେ ନ ଦେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଚେତାବନୀ ଶୁଣି ଗୋକୁଳ ଓ ତାଙ୍କ ସ୍ତ୍ରୀ ଗୁଲୁରୀ ମାନସିକ ଚାପରେ ବିଷ ପିଇ ଦେଇଥିଲେ। ଅପରପକ୍ଷରେ ଗୋକୁଳ ଚୋରାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ବିଷ ପିଇଥିବା ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ବିଳମ୍ବିତ ରାତିରେ ଗୋକୁଳଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁଲୁରୀଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣାର ପ୍ରତିବାଦରେ ପରିବାର ସଦସ୍ୟ ଓ ଗ୍ରାମବାସୀ ସୋମବାର ଆମ୍ବୁଲାନ୍ସରେ ମୃତଦେହ ଆଣି ଢେଙ୍କାନାଳ ଆନନ୍ଦ ନଗରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ରଖି ଅପରାହ୍ଣ ୪ଟାରେ ଧାରଣା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଓ ପରିବାର ସଦସ୍ୟମାନେ ଗୋକୁଳଙ୍କ ୨୧ ବର୍ଷର ଏକମାତ୍ର ପୁଅକୁ କର୍ମସଂସ୍ଥାନ ଯୋଗାଇଦେବା, ମୃତଦେହ ଅନ୍ତିମ ସଂସ୍କାର ପାଇଁ ସହାୟତା, ଗୁଲୁରୀଙ୍କ ଚିକିତ୍ସା ଲାଗି ସହାୟତା ରାଶି ପ୍ରଦାନ ଏବଂ ଚଢ଼ାଉ ସମୟରେ କୌଣସି ପ୍ରକାର ଦୁର୍ବ୍ୟବହାର କରା ନ ଯିବା ପାଇଁ ଦାବି କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ପ୍ରଧାନ ଓ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏ ସଂକ୍ରାନ୍ତରେ ଟିପିସିଓଡିଏଲ୍ ନିର୍ବାହୀଯନ୍ତ୍ରୀ ବେଣୁଧର ଦାସ କହିଛନ୍ତି, ଘଟଣାର ତଦନ୍ତ ପୋଲିସ କରୁଛି। ତଦନ୍ତ ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

# ମାର୍ଚ୍ଚ ସୁଦ୍ଧା ବିଭାଗୀୟ ଖର୍ଚ୍ଚ ଶତ ପ୍ରତିଶତ ହେବ: ଆଇନମନ୍ତ୍ରୀ

ଭୁବନେଶ୍ୱର, ୨।୧୨ (ଅନିଲ ଦାସ)

ଗତବର୍ଷ ଅକ୍ଟୋବର ତୁଳନାରେ ଏ ବର୍ଷ ଅକ୍ଟୋବରରେ ମାତ୍ର ୩ ପ୍ରତିଶତ କମ୍ ବଜେଟ ଅର୍ଥ ଖର୍ଚ୍ଚ ହୋଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ବିଭିନ୍ନ ବିଭାଗ ପାଇଁ କରାଯାଇଥିବା ବ୍ୟୟବରାଦର ୧୦୦ ପ୍ରତିଶତ ଖର୍ଚ୍ଚ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ହୋଇଥିବା ବ୍ୟୟବରାଦର ଖର୍ଚ୍ଚକୁ ନେଇ ବିରୋଧୀ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ବଜେଟ୍ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇ ପାରିବ ନାହିଁ ବୋଲି ବିଜେଡି ସଦସ୍ୟମାନେ ଅଭିଯୋଗ କରିଥିଲେ। ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ରମେଶ ବେହେରା ପଚାରିଥିଲେ ଯେ ଚଳିତ ଆର୍ଥିକବର୍ଷରେ କେଉଁ ବିଭାଗକୁ କେତେ ଅର୍ଥ ଦିଆଯାଇଥିଲା। ସେଥିରୁ କେଉଁ ବିଭାଗ ଏ ପର୍ଯ୍ୟନ୍ତ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି। ଏହାର ଜବାବରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀଙ୍କ ବଦଳରେ ଆଇନ ମନ୍ତ୍ରୀ କହିଛନ୍ତି, ଗତ ୫ ମାସରେ ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ସେ ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୫ ମାସରେ ୯୦ ଦୁର୍ନୀତିଖୋର ବାବୁଙ୍କ ବିରୋଧରେ ମାମଲା

ଭୁବନେଶ୍ୱର, ୨।୧୨ (ଅନିଲ ଦାସ)

ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ହୋଇଛନ୍ତି। ଗତ ୫ ମାସରେ ୯୦ ବାବୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ବିଜେଡି ସଭ୍ୟ ପ୍ରତାପ ଦେବଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୪ ଜୁନ୍‌ରୁ ଅକ୍ଟୋବର ମାସ ମଧ୍ୟରେ ରାଜ୍ୟ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ୫ ମାସ ମଧ୍ୟରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ସରକାର ଶୂନ୍ୟ ଦୁର୍ନୀତିକୁ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ରୁଜୁ ହୋଇଥିବା ମାମଲା ମଧ୍ୟରେ ରାଜସ୍ୱ ବିଭାଗରେ ସର୍ବାଧିକ ୨୦ ଅଧିକାରୀ ଅଛନ୍ତି। ସେହିପରି ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରଥକାଠ ଅନୁକୂଳ ପାଇଁ ଦିନ ନିର୍ଘଣ୍ଟ

ଗଣିଆ, ୨।୧୨
(ସନ୍ତୋଷ କୁମାର ପ୍ରଧାନ)

ବିଶ୍ୱ ପ୍ରସିଦ୍ଧ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦୨୫ ରଥଯାତ୍ରା ନିମିତ ରଥକାଠ ଅନୁକୂଳ ପାଇଁ ଶୁଭଦିନ ଗଣନା କରାଯାଇଛି। ସୋମବାର ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଗଣିଆରେ ପହଞ୍ଚି ପୁରୋହିତ ପ୍ରସନ୍ନ କୁମାର ଦାଶ ଓ ଦଶପଲ୍ଲାର ଗଣକ ତଥା ଅବସରପ୍ରାପ୍ତ ବନପାଳ ପ୍ରଫୁଲ୍ଲ କୁମାର ଦାଶଙ୍କ ଦ୍ୱାରା ପଞ୍ଜିକା ଆଧାରରେ ରଥକାଠ ଅନୁକୂଳ ପାଇଁ ଶୁଭଦିନ ନିର୍ଘଣ୍ଟ କରିଛନ୍ତି। ଗଣନା ଅନୁଯାୟୀ, ଆସନ୍ତା ୧୭ ଓ ୨୪ ତାରିଖ ରଥକାଠ ଅନୁକୂଳ ପୂଜା ପାଇଁ ଶୁଭଦିନ ବୋଲି ଗଣକ ସୂଚନା ଦେଇଛନ୍ତି। ତେବେ ଏହି ଗଣନା ଅନୁଯାୟୀ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଦେହୁରୀ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଓ ପରେ ଶ୍ରୀମନ୍ଦିର ପ୍ରଶାସକଙ୍କ ନିକଟକୁ ପତ୍ର ପଠାଇଛନ୍ତି। ପୂଜା ପାଇଁ ଯେକୌଣସି ଗୋଟିଏ ଦିନ ସ୍ଥିର କରାଯିବ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡମୂଳସ୍ଥିତ ମା' ବଡ଼ରାଉଳ ପୀଠରେ ପହଞ୍ଚିବା ପରେ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ରୀତିନୀତି ଅନୁଯାୟୀ ରଥକାଠ ପୂଜା ଅନୁଷ୍ଠିତ ହେବ। ପୂଜାର୍ଚ୍ଚନା ପରେ ପ୍ରଥମ ପର୍ଯ୍ୟାୟ ରଥକାଠ କଟାଯାଇ ରଥଖଳାରେ ପହଞ୍ଚା ଯାଇଥାଏ।


**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/Po-Ambapua, Near Income Tax Office, Berhampur-760011, Ganjam, Odisha)
No.O-761: (E-Mail: serwbpr2004@yahoo.com, Tel. No.-0680-2404287)
No.e-tender//3929//RWC//BAM//Dated 30.11.24

**1st Corrigendum to Bid Identification No.Online Tender/13-2024-25/BPR**

1) The partial modification of Road works under PERIODICAL MAINTENANCE vide above identification has been made as follows.

| | | |
|---|---|---|
| 1 | Date of availability of tender | **20.12.2024 to 03.01.2025 upto 5.30 PM** instead of 05.12.2024 to 20.12.2024 upto 5.30 P.M. |
| 2 | Last Date & Time of seeking tender clarification | **01.01.2025 at 5.30 PM** instead of 18.12.2024 at 5.30 PM |
| 3 | Date of opening of Technical Bid | **04.01.2025 at 11.00 AM** instead of 21.12.2024 at 11.00 AM |
| 4 | Date of Opening of Financial Bid | **Will be intimated later on.** |

All other contents will remain unchanged.
OIPR-25071/11/0020/2425 Sd./- Chief Engineer, R.W.Circle, Berhampur



ସମଗ୍ର ଶିକ୍ଷା Samagra Shiksha

**DISTRICT PROJECT OFFICE, SAMAGRA SIKSHA, JHARSUGUDA**
No.2229/PDG/2024 Date:30.11.24

**NOTICE INVITING TENDER (NIT)**

**No.n-168:**Sealed tenders are invited from the reputed & credible printers/ firms/agencies for **printing & supply of "Holistic Progress Card for Class-I to VIII** Students in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1000/- | Rs.4000/- | 16.12.24, 05 PM | 17.12.24, 11 A.M. |

The detailed BID documents available in the website http://jharsuguda.odisha.gov.in and http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly, Corrigendum/addendum, if required, will be uploaded in the above website. Hence, potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/ Cancel the entire selection process at any stage without assigning any reason thereof.

By the order of Collector-cum-Chairman
Sd./- District Project Coordinator
OIPR-27153/11/0009/2425 Samagra Shikhya, Jharsuguda



GOVERNMENT OF ODISHA, "e"-PROCUREMENT NOTICE
**WORKS DEPARTMENT**
E-mail: ceroads.bbsr@gmail.com
**Bid Identification No.CE-Roads-II-21/2024-25**

**No.B-721a:**1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below:
2. Nature of Work : Road Works
3. No. of Work : 6 Nos.
4. Tender Paper Cost : Rs.10,000.00
5. Class of Contractor : A Class/ Special Class/Super Class
6. Available of bid document in the website : From 10.00 A.M. of 12.12.2024 to 5.30 P.M. of 30.12.2024.
7. Date of Opening of Bid : Dt.31.12.2024 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0001/2425



GOVERNMENT OF ODISHA, "e" PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER KHORDHA (R&B) CIRCLE, KHORDHA**
No. B-718
E-mail: rbcirclekhurda@gmail.com
**WORKS DEPARTMENT**
**SHORT TENDER CALL NOTICE**
Bid Identification No. CCE-Khordha (R&B) Circle-18/2024-25
Memo No. 2346 Dt.29.11.2024

No. B-718: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for Bridge works as detailed in the table below:
1. Nature of Work : Bridge Work
2. No. of Work : 1 No.
3. Tender Cost : Rs.10000.00 (Online)
4. Class of Contractor : Special, A Class
5. Available of Bid document in the website : From 10.00 A.M. of Dt.07.12.2024 upto 05.00 P.M. of Dt.17.12.2024 upto 5.00 P.M.
6. Date of opening of Bid : Dt.18.12.2024 at 11.30 A.M.
7. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
OIPR-34127/11/0020/2425 Khordha (R&B) Circle, Khordha



**OFFICE OF THE COLLECTOR & DISTRICT MAGISTRATE, SAMBALPUR**
**(NIZARAT SECTION)**
E-mail : nizaratsection1111@gmail.com

No.F-84:- sealed tenders are invited for award of contract for providing group D Manpower in Sambalpur District under Revenue Administration. For details advertisement kindly visit official website **sambalpur.odisha.gov.in**.

Sd./-
Collector, Sambalpur
OIPR-15013/11/0026/2425



**SURVEY & MAP PUBLICATION**
**At-Badajobra, PO-College Square**
**Cuttack-753003**
e-Mail: surveymappublication@gmail.com
**TENDER CALL NOTICE No.1468/MP**
**Dated. 30.11.2024**

**No.F-85:**The Addl. Director, Survey & Map Publication, Odisha, Cuttack invites sealed Tender for Purchase of Diesel Genset from Manufacturer/ Distributor/ Dealer of India, as per the specification detailed mentioned in the Tender Document. The Tender document is available in Odisha Govt. Website www.odisha.gov.in and can be download for submission by 23.12.2024 at 5.00 P.M.

Sd./-Addl. Director
Survey & Map Publication,
OIPR-24043/11/0003/2425 Odisha, Cuttack



**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail: imagebbsr@rediffmail.com

**WALK-IN-INTERVIEW**

No.L-100:- Walk-in-Interview will be conducted for the position of State Food Systems Expert (State Technical Coordinator) under GEF-7 FOLUR Project, Odisha at **IMAGE, Bhubaneswar** on **12.12.2024**. For details of advertisement, the departmental website: **www.agri.odisha.gov.in** may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discretion of the authority to cancel / reject / modify the selection process at any point of time without assigning any reason thereof.

OIPR-01408/11/0016/2425 Sd./- Director, IMAGE



GOVERNMENT OF ODISHA No. B-719
**OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE**
e-mail ID: supenger_rbjyp@yahoo.co.in, Phone No.: 06854-231528
**INVITATIONS FOR BIDS (IFB)**
Bid Identification No. C.C.E.J.C. (R&B) - 09/2024-25
No. 4114 Date: 29.11.2024

1. Nature of the Work : Building Works
2. Total No. of Works : 06 (Six) Nos.
3. Tender Cost : Rs.100.52 to 276.01 Lacs
4. Period of Completion : 07 (Seven) to 11 (Eleven) Calendar Months
5. Cost of Bid Document : Rs.10,000/-
6. Bid Security (EMD) : Rs.1,00,500 to 2,76,000 as per Column No. 06 of IFB
7. Class of Contractor : "B" & "A" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 11.00 hours of 07.12.2024 to 17.00 hours of 23.12.2024
9. Last date/time for receipt of bids in the portal : 17.00 hours of 23.12.2024
10. Opening date of Bid : 10.00 hours of 24.12.2024
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- (I/C) Chief Construction Engineer
OIPR-34108/11/0014/2425 Jeypore (R&B) Circle, Jeypore



**EXPRESSION OF INTEREST**
**No.4017** **Dt.30.11.2024**

Name of the work:- Expression of Interest for procurement of Blanket. The last date & time for submission of offers **17.12.2024 at 2.00 P.M.** Refer website for details-**www.boyanika.com**. All the information on this EOI will be available in the above website from 02.12.2024

SD/-
Managing Director
No. CAD-1759 OIPR-31004/11/0062/2425 Boyanika



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No.S.E.E.C (R&B) 09/2024-25
No.3647/ Date 30.11.2024

**No.B-721:**The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt.04.12.2024 at 05.00 P.M. to dt.19.12.2024 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.20.12.2024 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.Addendum / Corrigendum, if required, will be available only in the Website

Sd./-Superintending Engineer
OIPR-34006/11/0011/2425 Electrical Circle (R&B) Odisha, BBSR



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER SOUTHERN N.H. CIRCLE, BERHAMPUR**
Email-senhsouthbam@gmail.com
**INVITATION FOR BIDS**
BID IDENTIFICATION NO.14/CCE, NH, SOUTH OF 2024-25
(e-Procurement)
Bid Identification No.14/CCE NH South of 2024-25
No.3815/Dated 27.11.2024

**No.b-21:**1) The Chief Construction Engineer, Southern N.H. Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road Works as detailed in the table below.
2) Nature of Work : Road
3) No. of Work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B" Class
6) Availability of Bid document in the website : From 05.12.2024 11.00 AM to 19.12.2024 5.30 PM
7) Date of Opening of Bid : 20.12.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur
OIPR-34148/11/0006/2425



**OFFICE OF THE DEPUTY DIRECTOR OF HORTICULTURE, KEONJHAR**
Letter No. 7414 / Hort. dt. 29.11.2024 /

**INVITATION OF EXPRESSION OF INTEREST (EOI)**

No. L-101:- Deputy Director of Horticulture, Keonjhar invites Expression of Interest (EoI) from Farmer Producer Organization / Producer Companies of Keonjhar District to provide day to day operational support of Techno Incubation Centre (TIC) at Kuanr Farm, Banspal, Keonjhar on different aspects of Jackfruit processing.

The EoI document containing the details of qualification criteria, submission requirements, brief objectives scope of work and evaluation criteria etc. can be downloaded from District NIC Portal i.e. www.kendujhar.gov.in

Further clarification if any may be obtained from O/o. Deputy Director of Horticulture, Keonjhar.

The Last date of submission of EoI is 17.12.2024. The EoI should be submitted to the Office of the Deputy Director of Horticulture, Keonjhar on or before 17.12.2024 by 5:30 PM through Registered Post / Speed Post and by no other means.

Application meeting the qualification criteria may be invited for presentation before the panel. Further based on the evaluation, tripartite agreement will be subsequently done with the shortlisted applicants only.

Sd./- Dy. Director of Horticulture, Keonjhar

**Note:** Deputy Director of Horticulture, Keonjhar reserves the right to cancel this request for EoI / and or invite EoI afresh with or without amendments, without liability or any obligation for such request for EoI and without assigning any reasons thereof.

OIPR-01405/11/0001/2425



No.A-659:
ଓଡ଼ିଶା ସରକାର
**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଯାଜପୁର ଜଳସେଚନ ବିଭାଜନ**
ଫୋନ୍ ନଂ.06728-222022,ଇ-ମେଲ୍-jpt.irrigation@gmail.com
**'e'-Procurement Notice No.13/2024-25**

1. କାର୍ଯ୍ୟର ନାମ : ରାସ୍ତା ଏବଂ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟର ସଂଖ୍ୟା : ୦୯ (ନଅ ଗୋଟି କାର୍ଯ୍ୟ)
3. ଅଟକଳ ମୂଲ୍ୟ : ୧୦.୬୬ ଠାରୁ ୮୪.୪୩ ଲକ୍ଷ
୪. ଇ.ଏମ୍.ଡି (Bid Security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/ WE Dated 05.12.2017 as Mentioned in DTCN
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:
I. Procurement Officer : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ ଯାଜପୁର
II. ଅନ୍‌ଲାଇନ Biddingର ସମୟସୀମା : ତା.୦୩.୧୨.୨୦୨୪ ଦିବା ୧୦ ଘଟିକାରୁ ତା. ୧୮.୧୨.୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୧୨.୨୦୨୪ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୪.୧୨.୨୦୨୪ ଦିବା ୧୧.୦୦ ଘଟିକା ସମୟରେ।

ଅନ୍ୟାନ୍ୟ ତଥ୍ୟ ଏହି ୱେବ୍‌ସାଇଟରେ ପ୍ରଦାନ କରାଯାଇଛି। www.tendersorissa.gov.in

ସ୍ୱା./-ଅଧିକ୍ଷଣ ଯନ୍ତ୍ରୀ,
OIPR-32130/11/0018/2425 ଯାଜପୁର ଜଳସେଚନ ବିଭାଜନ, ଯାଜପୁର

# ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ନୀତେଶ




**ନୂଆଦିଲ୍ଲୀ, ୨।୧୨ (ପି.ଟି.):** ଭାରତର ପାରାଲିମ୍ପିକ୍ସ ଚାମ୍ପିୟନ ନୀତେଶ କୁମାରଙ୍କ ନାମ ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ ହୋଇଛି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ତରଫରୁ ସୋମବାର ଏ ବିଷୟରେ ସୂଚନା ଦିଆଯାଇଛି। ପ୍ୟାରିସ ପାରାଲିମ୍ପିକ୍ସ ଏସ୍‌ଏଲ୍-୩ କାଟେଗୋରିରେ ତାଙ୍କ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ନୀତେଶ ସହିତ ପୁରସ୍କାର ଦୌଡ଼ରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ଦୁଇଥର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ମାଲେସିଆର ଚିକ୍ ଲିକ୍ ହୋଉ (ଏସ୍‌ୟୁ-୫), ଜାପାନର ଡାଇକି କାଜିୱାରା (ଡବ୍ଲ୍ୟୁଏଚ୍-୨) ଓ ଚାଇନାର କ୍ୟୁ ଜିମୋ (ଡବ୍ଲ୍ୟୁଏଚ୍-୧)। ୨୯ ବର୍ଷୀୟ ଭାରତୀୟ ହେଉଛନ୍ତି ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇଥର ରୌପ୍ୟ ଓ ଥରେ ବ୍ରୋଞ୍ଜ ବିଜେତା। ମହିଳା କାଟେଗୋରିରେ ଲି ଫେଙ୍ଗ୍ ମେଇ, ସାରିନା ସାତୋମି, ଲିୟୁ ୟୁ ତୋଙ୍ଗ୍ ଏବଂ ଲିନି ରାତ୍ରୀ ଓକ୍‌ଟିଲା।

# ଡିସେମ୍ବର ୨୨ରେ ବାହା ହେବେ ସିନ୍ଧୁ

**ନୂଆଦିଲ୍ଲୀ,୨।୧୨(ପି.ଟି.):** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ରାଜସ୍ଥାନର ଉଦୟପୁରରେ ସିନ୍ଧୁ ଡିସେମ୍ବର ୨୨ ତାରିଖରେ ବିବାହ କରିବେ ବୋଲି ସୂଚନା ଦେଇଛନ୍ତି ତାଙ୍କ ବାପା ପି.ଭି. ରମଣା। ପୋସିଡେକ୍ସ ଟେକ୍ନୋଲୋଜିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ରହିଥିବା ଭେଙ୍କଟ ଦତ୍ତଙ୍କୁ ସିନ୍ଧୁ ବିବାହ କରିବେ ବୋଲି ଜଣାପଡିଛି। ରବିବାର ସିନ୍ଧୁ ୨ ବର୍ଷର ଟାଇଟଲ ମରୁଡିର ଅନ୍ତ ଘଟାଇ ଲକ୍ଷ୍ନୌରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଟାଇଟଲ ଜିତିବା ପରେ ପରିବାର ଲୋକ ବିବାହ ସମ୍ପର୍କରେ ଘୋଷଣା କରିଛନ୍ତି। ଉଭୟଙ୍କ ପରିବାର ଦୀର୍ଘ ଦିନ ହେବ ପରସ୍ପରକୁ ଜାଣିଥିବା ବେଳେ ମାସେ ତଳେ ବିବାହ ସମ୍ପର୍କରେ ଆଲୋଚନା ହୋଇଥିବା ରମଣା ପ୍ରକାଶ କରିଛନ୍ତି। ଡିସେମ୍ବର ୨୦ରୁ ବିବାହର ପ୍ରସ୍ତୁତି ଆରମ୍ଭ ହେବାକୁ ଥିବା ବେଳେ ହାଇଦ୍ରାବାଦରେ ରିସେପ୍ସନ ପାର୍ଟି ଡିସେମ୍ବର ୨୪ ତାରିଖରେ ପ୍ରଦାନ କରାଯିବ। ଭାରତର ଅନ୍ୟତମ ଶ୍ରେଷ୍ଠ ଆଥଲେଟ ସିନ୍ଧୁ ୫ ଥର ବିଶ୍ୱ ଚାମ୍ପିୟନଶିପ ପଦକ ଜିତିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପରେ ସେ ଏକ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିବାର ଗୌରବ ଅର୍ଜନ କରିଥିଲେ।

# ଭର୍ଷ୍ଟାପେନ୍ ଜିତିଲେ କାତାର ଗ୍ରାଁ ପ୍ରି

**ଲୁସେଲ, ୨।୧୨ (ଏପି)**

ମାକ୍ସ ଭର୍ଷ୍ଟାପେନ୍ (୧: ୩୧: ୦୫.୩୨୩) ଘଟଣାବହୁଳ କାତାର ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ବର୍ଷର ଏହା ହେଉଛି ତାଙ୍କର ୯ମ ବିଜୟ। ପୂର୍ବରୁ ଗତ ରେସ୍‌ରେ ସେ ତାଙ୍କ ଫର୍ମୁଲା-୧ ଡ୍ରାଇଭର୍ସ ଟାଇଟଲ ପକ୍କା କରିସାରିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ (+୬.୦୩୧) ଏବଂ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି (+୬.୮୧୯) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଗତ ସପ୍ତାହରେ ଲାସ୍ ଭେଗାସଠାରେ ଚାମ୍ପିୟନଶିପ୍ ପକ୍କା କରିବା ପର୍ଯ୍ୟନ୍ତ ଭର୍ଷ୍ଟାପେନ୍ ନିକଟତମ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ଥିବା ଲାଣ୍ଡୋ ନୋରିସ ଅଗ୍ରଣୀ ଲାଭ କରିବା ପାଇଁ ଡଚ୍ ଡ୍ରାଇଭରଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ସ୍ଲୋ କରିବା ପାଇଁ ତାଙ୍କୁ ୟଲୋ ୱାର୍ନିଂ ହୋଇଥିଲା। ଏଥିପାଇଁ ତାଙ୍କୁ ପେନାଲ୍ଟି ସ୍ୱରୂପ ନିମ୍ନକୁ ଖସାଇ ଦିଆଯାଇଥିଲା। ଭର୍ଷ୍ଟାପେନ୍ ଗତ ସପ୍ତାହରେ ଲଗାତର ଚତୁର୍ଥ ଟାଇଟଲ ହାସଲ କରିଥିଲେ। ଗତ ତିନୋଟି ରେସ୍‌ରେ ଏହାଥିଲା ଦ୍ୱିତୀୟ ବିଜୟ। ଜୁନ୍ ପରଠାରୁ ସେ ଶୁଷ୍କ ପରିବେଶରେ ଗୋଟିଏ ହେଲେ ରେସ୍ ଜିତିପାରି ନ ଥିଲେ। ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଜର୍ଜ ରସେଲ (ମର୍ସିଡିଜ), ଲୁଇସ ହାମିଲଟନ(ମର୍ସିଡିଜ), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଓ ନିକୋ ହକେନବର୍ଗ (ହାସ୍)। ସିଜନର ଶେଷ ରେସ୍ ଆସନ୍ତା ସପ୍ତାହ ଶେଷରେ ଆବୁଧାବିରେ ହେବ।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍ ।

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

# ଡିସେମ୍ବର ୧୪ରୁ ଫାଇନାଲ ରାଉଣ୍ଡ

**ନୂଆଦିଲ୍ଲୀ, ୨।୧୨ (ପି.ଟି.):** ଡିସେମ୍ବର ୧୪ରୁ ହାଇଦ୍ରାବାଦରେ ୭୮ତମ ସିନିୟର ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଖେଳ ଆରମ୍ଭ ହେବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ତରଫରୁ ସୋମବାର ଘୋଷଣା କରାଯାଇଛି। ଓଡ଼ିଶା ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଫାଇନାଲ ରାଉଣ୍ଡ ୧୨ଟି ଦଳକୁ ନେଇ ଖେଳାଯିବ। ତନ୍ମଧ୍ୟରୁ ୯ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ତିନୋଟି ଦଳ ହେଲେ ଆୟୋଜକ ତେଲଙ୍ଗାନା ଏବଂ ଗତ ସିଜନର ଦୁଇ ଫାଇନାଲିଷ୍ଟ ସର୍ଭିସେସ ଓ ଗୋଆ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ ଡିସେମ୍ବର ୨୬ ଓ ୨୭ରେ ଖେଳାଯିବାକୁଥିବା କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ। କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ସମସ୍ତ ମ୍ୟାଚ ଡେକାନ ଆରେନାରେ ଖେଳାଯିବ। ଜିଏମ୍‌ସି ବାଲାଯୋଗୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଡିସେମ୍ବର ୨୯ରେ ସେମିଫାଇନାଲ ଏବଂ ଡିସେମ୍ବର ୩୧ରେ ଫାଇନାଲ ଖେଳାଯିବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) କହିଛି।

# ଚେସ୍ ପ୍ରତିଭା ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧନା



ସାତ୍ତ୍ୱିକ ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବା ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁଙ୍କୁ କିଙ୍ଗ ଚେସ ସେଣ୍ଟରରେ ସମ୍ବର୍ଦ୍ଧିତ କରାଯାଇଛି। ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଖୋର୍ଦ୍ଧାଜିଲା ଚେସ ସଂଘର ସଭାପତି ଶୁଭାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ କେନ୍ଦ୍ରାପଡ଼ା ଜିଲା ଚେସ ସଂଘର ସମ୍ପାଦକ ଭବେଶ ମହାନ୍ତି, ଏମ୍‌ସିଏଫ୍‌ର ଚେୟାରମ୍ୟାନ ସନ୍ତୋଷ ମହାପାତ୍ର, ସୋଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଙ୍ଗ ଚେସ ସେଣ୍ଟର କୋଚ ମଧୁସ୍ମିତା ମିଶ୍ର, ରଶ୍ମିତା ମିଶ୍ରଙ୍କ ସହିତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଚେସ୍‌ପ୍ରେମୀମାନେ ଉପସ୍ଥିତ ଥିଲେ।

# ଆଇକନିକ୍ ଜାତୀୟ ହୁଇଲ୍‌ଚେୟାର କ୍ରିକେଟ ଆରମ୍ଭ


ଉଦ୍‌ଘାଟନୀ ଅବସରରେ ଅତିଥି ଓ ଖେଳାଳି।

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ଓଡ଼ିଶା ଦିବ୍ୟାଙ୍ଗ ହୁଇଲଚେୟାର କ୍ରିକେଟ ଆସୋସିଏଶନ ଓ ଆଇକନିକ୍ ଟ୍ରାନ୍ସଫର୍ମେଶନର ମିଳିତ ଆନୁକୂଲ୍ୟରେ ହାଇଟେକ ମେଡିକାଲ୍ କଲେଜ ପଡ଼ିଆରେ ସୋମବାର ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ଗୁଜରାଟ, କର୍ନାଟକ ଓ ଉତ୍ତର ପ୍ରଦେଶ ଆଦି ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ କର୍ନାଟକ ୧୩୫ ରନରେ ଓଡ଼ିଶାକୁ ପରାସ୍ତ କରିଛି। କର୍ନାଟକ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୯୯ ରନ କରିଥିଲା। ଦଳ ପକ୍ଷରୁ ଅନିଲ ବି. ରାଠୋଡ ସର୍ବାଧିକ ୮୦ ଓ ଚନ୍ଦ୍ରୁ ୫୭ ରନ କରିଥିଲେ। ଜବାବରେ ଓଡ଼ିଶା ୧୧.୨ ଓଭରରେ ୬୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଆସନ୍ତା ୪ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଭାଜପା ଉପସଭାପତି ଗୋଲକ ମହାପାତ୍ର, ହାଇ-ଟେକ୍ ଗ୍ରୁପ୍‌ର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର (୨୦୨୪-୨୫) ଯଜ୍ଞାଶିଶ ମହାପାତ୍ର, ଏଏମ୍/ଏନଏସ୍ ଇଣ୍ଡିଆର କର୍ପୋରେଟ ବ୍ୟାପାର ମୁଖ୍ୟ ସୁପର୍ଣ୍ଣା ନନ୍ଦ, ଆଇକନିକ୍ ପରାମର୍ଶଦାତା କଳ୍ପନା ଦାସ, ପ୍ରତିଷ୍ଠାତା ଚିଦାତ୍ମିକା ଖଟୁଆ, ସଞ୍ଜୟ ଚୌଧୁରୀ ଓ ସେଖ୍ ଅବଦୁଲ ସମିମ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ଅମନଙ୍କ ଶତକରେ ଭାରତ ବିଜୟୀ

**ଶାରଜା,୨।୧୨:** ଅଧିନାୟକ ମହମ୍ମଦ ଅମନଙ୍କ ଶତକ ବଳରେ ୧୯ ବର୍ଷରୁ କମ୍ ଏସିଆ କପ କ୍ରିକେଟରେ ଜାପାନକୁ ୨୧୧ ରନ୍‌ରେ ପରାସ୍ତ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୩୩୯ ରନ୍ କରିଥିଲା। ଜବାବରେ ଜାପାନ ୫୦ ଓଭରରେ ୮ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଭାରତ ପକ୍ଷରୁ ଆୟୁଷ ମାତ୍ରେ ୫୪, ଆନ୍ଦ୍ରେ ସିଦ୍ଧାର୍ଥ ସି ୩୫ ରନ୍‌ର ଇନିଂସ ଖେଳି ଆଉଟ ହୋଇଥିବା ବେଳେ ଅଧିନାୟକ ମହମ୍ମଦ ଅମନ ଅପରାଜିତ ୧୨୨ ଓ କେ.ପି. କାର୍ତ୍ତିକେୟ ୫୭ ରନ୍ କରିଥିଲେ। ଜାପାନ ପକ୍ଷରୁ କିଫର ଲେକ୍ ଓ ହ୍ୟୁଗୋ କେଲି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜାପାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୨୮ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ହ୍ୟୁଗୋ କେଲି ୫୦ ରନ୍ କରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ରାଜ, କେ.ପି. କାର୍ତ୍ତିକେୟ ଓ ଚେତନ ଶର୍ମା ୨ଟି ଲେଖାଏ ଉଇକେଟ ନେଇଥିଲେ। ମହମ୍ମଦ ଅମନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ ୫୦ ଓଭରରେ ୩୩୯/୬(ମହମ୍ମଦ ଅମନ-୧୨୨*, କେ.ପି. କାର୍ତ୍ତିକେୟ-୫୭, ଆୟୁଷ ମାତ୍ରେ-୫୪, କିଫର ଲି-୨/୮୪, ହ୍ୟୁଗୋ କେଲି-୨/୪୨, ଚାର୍ଲ୍ସ ହିଞ୍ଜ-୧/୫୬)। ଜାପାନ ୫୦ ଓଭରରେ ୧୨୮/୮(ହ୍ୟୁଗୋ କେଲି-୫୦, ଚାର୍ଲ୍ସ ହିଞ୍ଜ-୩୫, ହାର୍ଦ୍ଦିକ ରାଜ-୨/୯, କେ.ପି. କାର୍ତ୍ତିକେୟ-୨/୨୧, ଚେତନ ଶର୍ମା-୨/୧୪)।

# ଓଡ଼ିଶା ଜିମ୍ନାଷ୍ଟଙ୍କୁ ଅଣଦେଖା ଅଭିଯୋଗ


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ ଅବସରରେ ଅଭିଭାବକ ଓ ଖେଳାଳିମାନେ।

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

**କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ଖେଳାଳି, ଅଭିଭାବକ**

ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ୪୩ତମ ରାଜ୍ୟ ଚାମ୍ପିୟନଶିପ୍ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ କୋରାପୁଟର ଜୟପୁରରେ ଅନୁଷ୍ଠିତ ହେବ। ମାତ୍ର ଏହାର ଅଳ୍ପକିଛିଦିନ ପୂର୍ବରୁ ସାଂଘାତିକ ଅଭିଯୋଗମାନ ଆଣି ୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଅବିଭାବକ ସୋମବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଉପସ୍ଥାପନ କରିଛନ୍ତି। ଓଡ଼ିଶା ଦଳ ଚୟନ ସମୟରେ ଅଣ ଓଡ଼ିଆ ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯିବା ସହ ଓଡ଼ିଶା ଖେଳାଳିଙ୍କୁ ଅଣଦେଖା କରାଯାଉଥିବା ଉକ୍ତ ଦାବିପତ୍ରରେ ଦର୍ଶା ଯାଇଛି। କେବଳ ସେତିକି ନୁହେଁ ରାଜ୍ୟ ମିଟ୍‌ରେ ମଧ୍ୟ ଅଣଓଡ଼ିଆ ଖେଳାଳି ମାନଙ୍କୁ ସୁଯୋଗ ଦିଆଯାଉଛି। ଓଡ଼ିଆ ପ୍ରଶିକ୍ଷକ ଓ ଅଫିସିଆଲ (ବିଚାରକ)ଙ୍କୁ ମଧ୍ୟ କ୍ରମାଗତଭାବେ ଅଣଦେଖା କରାଯାଉଛି। କଳିଙ୍ଗ ଷ୍ଟାଡିୟମରେ ଥିବା ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର କୋଚ୍ ଅଶୋକ ମିଶ୍ର ଓ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ ସମ୍ପାଦକ ଅଶୋକ ସାହୁଙ୍କୁ ଏଥିପାଇଁ ସିଧାସଳଖ ଦାୟି କରିଛନ୍ତି ଅବିଭାବକ। ଅଣ ଓଡ଼ିଆ ଖେଳାଳିଙ୍କୁ ମିଥ୍ୟା ପ୍ରମାଣପତ୍ର ଆଧାରରେ ଓଡ଼ିଶା ଦଳରେ ସାମିଲ କରାଯିବା ଏବଂ ଏହାକୁ ନେଇ ବ୍ୟାପକ ଦୁର୍ନୀତି ହୋଇଥିବା ମଧ୍ୟ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶା ଯାଇଛି। କ୍ରୀଡ଼ାମନ୍ତ୍ରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ''ଆଭ୍ୟନ୍ତରୀଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନଙ୍କ ସ୍ୱାର୍ଥରେ କ୍ଷତି ପହଞ୍ଚାଇବାଭଳି ଯଦି କିଛି କଥା ହେଉଥିବ ତେବେ ତାହାକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ବ୍ୟକ୍ତିବିଶେଷ ତାହା କରୁଥିବେ ତାଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶା ଖେଳାଳିଙ୍କ ଅପେକ୍ଷା ଅଣଓଡ଼ିଆ ଖେଳାଳିଙ୍କୁ ରାଜ୍ୟ ଦଳରେ ଅଧିକ ସୁଯୋଗ ଦିଆଯିବା ଅଭିଯୋଗ ଅଣାଯିବା ଏହା ନୂଆ ନୁହେଁ। ଗତବର୍ଷ ମଧ୍ୟ ସମାନ ଅଭିଯୋଗ କରି ଅବିଭାବକ ଓ ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମ୍ମୁଖରେ ଧାରଣାରେ ବସିଥିଲେ।

# କ୍ଲବ ରାଜ୍ୟଗୋଷ୍ଠୀ କରାଟେ: ଓଡ଼ିଶାକୁ ୧୧ ପଦକ



ପଦକ ବିଜେତା ଓଡ଼ିଶା କରାଟେକା।

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

ଦକ୍ଷିଣ ଆଫ୍ରିକାର ଡର୍ବାନରେ ଅନୁଷ୍ଠିତ କ୍ଲବ ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ୧୧ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ ସାମିଲ। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ୭-୯ ବର୍ଷ ବାଳକ ବ୍ୟକ୍ତିଗତ କାଟାରେ ଚିତ୍ରାକ୍ଷ ଦାଶ, ବାଳିକାରେ ବୈଶାଳୀ ପାତ୍ର ଏବଂ ୧୪ ବର୍ଷରୁ କମ୍ ବାଳିକା ଟିମ୍ କାଟାରେ ଶରଣ୍ୟା ସାହୁ, ଶ୍ୱେତାଞ୍ଜନା ସାହୁ, ଶ୍ରୀଜା ବେହେରା ଓ ଯଶସ୍ୱୀ ମିଶ୍ରଙ୍କୁ ନେଇ ଗଠିତ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ୧୨ ବର୍ଷରୁ କମ୍ ବାଳିକା ବ୍ୟକ୍ତିଗତ କାଟାରେ ଶ୍ରେୟା କାନୁନ୍‌ଗୋ, ୧୪ ବର୍ଷରୁ କମ୍ ବାଳିକା ବ୍ୟକ୍ତିଗତ କାଟାରେ ଶ୍ରୀଜା ବେହେରା, ସିନିୟର ପୁରୁଷ ବ୍ୟକ୍ତିଗତ କାଟାରେ ବେଦାନ୍ତ ଦାସ ଓ ଜୁନିୟର ୬୮ କେଜି ପୁରୁଷ ବ୍ୟକ୍ତିଗତ କୁମିତେରେ ଓମ୍ ଶୁଭମ୍ ମହାନ୍ତି ରୌପ୍ୟ ପଦକ ପାଇଛନ୍ତି। ସେହିପରି ୭-୯ ବର୍ଷ ବାଳକ ବ୍ୟକ୍ତିଗତ କାଟାରେ ଶ୍ରେୟାଂଶୁ ସାହୁ, ୧୨ ବର୍ଷରୁ କମ୍ ବାଳକ ବ୍ୟକ୍ତିଗତ କାଟାରେ କୈଭବ ପଟ୍ଟନାୟକ ଓ ବାଳିକାରେ ଯଶସ୍ୱୀ ପି. ମିଶ୍ର ଏବଂ ୧୪ ବର୍ଷରୁ କମ୍ ବାଳିକା ବ୍ୟକ୍ତିଗତ କାଟାରେ ଶ୍ୱେତାଞ୍ଜନା ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ପ୍ରତିଯୋଗୀଙ୍କୁ ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# କିଟ୍‌ରେ ଭାରତ-ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)**

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସୋମବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ସିରିଜ୍‌କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ପ୍ରଥମ ଥର ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ଆୟୋଜନ ହେଉଛି। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବଛାବଛା ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି।

**ପ୍ରଥମ ଟି୨୦ ଜିତିଲା ଅଷ୍ଟ୍ରେଲିଆ**

ଏଠାରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ୫ ରନରେ ବିଜୟୀ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ପୂରା ୨୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ବିନିମୟରେ ୧୪୪ ରନ୍‌ରେ ସୀମିତ ରହି ଯାଇଥିଲା। ବିଜୟୀ ଦଳର ଅଧିନାୟକ କାଭି ସାଇନିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ସିରିଜର ପରବର୍ତ୍ତୀ ଦୁଇଟି ଟି୨୦ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୯.୩୦ ଓ ସନ୍ଧ୍ୟା ୫ଟା ୩୦ରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳାଯିବ। ୫ ତାରିଖରେ ୫୦ ଓଭର ବିଶିଷ୍ଟ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳାଯିବ। କିଟ୍ ପରିସରରେ ସମସ୍ତ ଖେଳାଳି, କୋଚ୍ ଓ ଅଫିସିଆଲ ଅବସ୍ଥାନ କରୁଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଯୁଗ୍ମ କ୍ରୀଡ଼ା ସମ୍ପାଦକ ବଳଜିତ ସିଂ ଶେଖୋଁ, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମୁଖ୍ୟ ଡାଭିଡ୍ ଆଷ୍ଟନ ସମୁଡ୍ ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଦଳର ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଶିଖାନ୍ତୁ ଏଭଳି

**ପିଲାଙ୍କର ସବୁକ୍ଷେତ୍ରରେ ସଫଳତା ନିମନ୍ତେ ଶିଷ୍ଟାଚାର ଓ ଅନୁଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ପିଲାବେଳୁ ଅଭିଭାବକମାନେ ହିଁ ଏନେଇ ଧ୍ୟାନଦେବା ଦରକାର....**



▶▶ପିଲାଙ୍କ ବ୍ୟବହାର ଉପରେ ଦୃଷ୍ଟିରଖନ୍ତୁ। ପରିବାରର ସମସ୍ତଙ୍କୁ ସେମାନେ କିଭଳି ବ୍ୟବହାର କରୁଛନ୍ତି ଲକ୍ଷ୍ୟ ରଖନ୍ତୁ। କାହା ପ୍ରତି ସେମାନେ ଯଦି କିଛି ବି ଭୁଲ୍ ବ୍ୟବହାର କରୁଥାନ୍ତି ତେବେ ସେମାନଙ୍କୁ ଠିକ୍ ସମୟରେ ଶିକ୍ଷା ଦିଅନ୍ତୁ।

▶▶ପିଲାମାନେ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ସବୁବେଳେ ସେମାନେ ମସ୍ତି ମୁଡ୍‌ରେ ରହିଥାନ୍ତି। କିନ୍ତୁ ସବୁ ସମୟରେ ଏପରି ବ୍ୟବହାର ଠିକ୍ ନୁହେଁ ବୋଲି ସେମାନଙ୍କୁ ବୁଝାନ୍ତୁ। ଏକାଠି ଗୋଟିଏ ସ୍ଥାନରେ ବସି କିଛି କରିବା, ଖାଇବା କିମ୍ବା ପଢ଼ିବା ଲେଖିବା କାମ ଗୋଟିଏ ସ୍ଥାନରେ ବସି କରିବାର ଅଭ୍ୟାସ କରାନ୍ତୁ।

▶▶ପରିବାରରେ ଅନ୍ୟ ସଦସ୍ୟଙ୍କ ପ୍ରତି ଠିକ୍ ବ୍ୟବହାର କରିବା ଶିଖାନ୍ତୁ। ଛୋଟଙ୍କ ପ୍ରତି ସ୍ନେହ ଓ ବଡ଼ଙ୍କୁ ସମ୍ମାନ କରିବା ଶିଖାନ୍ତୁ। ସମ୍ପର୍କର ଗୁରୁତ୍ୱ ମଧ୍ୟ ସେମାନଙ୍କୁ ଅନୁଭବ କରିବାକୁ ଦିଅନ୍ତୁ। ଏଥିପାଇଁ ନିଜେ ମଧ୍ୟ ସମସ୍ତଙ୍କ ପ୍ରତି ଭଲ ବ୍ୟବହାର କରି ଉଦାହରଣ ଦିଅନ୍ତୁ।

▶▶ଘର ସଫାସୁତୁରା ରଖିବା ମଧ୍ୟ ପିଲାଙ୍କୁ ଶିଖାନ୍ତୁ। ପିଲାମାନେ ଅନେକ ସମୟରେ ଖେଳିବା ପରେ ଖେଳନା ଫିଙ୍ଗିଦେଇଥାନ୍ତି ଏବଂ ସେହିପରି ପଢ଼ିବା ପରେ ବହିପତ୍ର ସଜାଡ଼ି ରଖନ୍ତି ନାହିଁ। କିନ୍ତୁ ପ୍ରତି ମୁହୂର୍ତ୍ତରେ ଏପରି ବ୍ୟବହାରକୁ ଆପଣ ନଜର ରଖି ସବୁ ଜିନିଷ ସଜାଡ଼ି ରଖିବା ପାଇଁ କୁହନ୍ତୁ। ଫଳରେ ବଡ଼ ହେବା ପରେ ସେମାନଙ୍କର ଅଭ୍ୟାସରେ ପରିଣତ ହେବ ଏବଂ ସେମାନେ ଶୃଙ୍ଖଳିତ ବ୍ୟବହାର କରିପାରିବେ।

▶▶ଏକାଠି ସମସ୍ତଙ୍କ ସହ ଖାଇବାକୁ ଦିଅନ୍ତୁ ଏବଂ ଖାଇବା ସମୟରେ ଠିକ୍ ଭାବରେ ଖାଇବା ଶିଖିପାରିବେ।

▶▶ବାହାରେ ଲୋକଙ୍କୁ ସାଧାରଣ ଭଦ୍ରାମିରେ କିପରି ବ୍ୟବହାର କରିବାକୁ ହୁଏ କୁହନ୍ତୁ।

▶▶ କୌଣସି କାମ କରିବା ପୂର୍ବରୁ କିମ୍ବା କୌଣସି ସ୍ଥାନକୁ ଯିବା ପୂର୍ବରୁ ଅନୁମତି ନେବା ପାଇଁ ପିଲାଙ୍କୁ କୁହନ୍ତୁ।

# ପୋକ ଲାଗିବ ନାହିଁ



**ଚାଉଳରେ ପୋକ ନ ଲାଗିବା ପାଇଁ ସେଥିରେ ବିଭିନ୍ନ ପ୍ରକାର ରାସାୟନିକ ଔଷଧ ରଖାଯାଇଥାଏ। କିନ୍ତୁ ଏହା ବଦଳରେ ଆପଣ ଚାହିଁଲେ ଘରୋଇ ଉପାୟରେ ଚାଉଳକୁ ଅନେକ ଦିନ ସୁରକ୍ଷିତ ରଖିପାରିବେ...**

■ ପ୍ରଥମ କଥା ହେଉଛି ଚାଉଳକୁ ଏକ ଶୁଖିଲା ସ୍ଥାନରେ ରଖନ୍ତୁ। ଚାଉଳରେ ପାଣି ଲାଗିଲେ ସେଥିରେ ଶୀଘ୍ର ପୋକ ହୋଇଯାନ୍ତି।

■ ଚାଉଳରେ ପୋକ ନ ଲାଗିବା ପାଇଁ ସେଥିରେ ନିମ୍ବପତ୍ର ପକାନ୍ତୁ। ତେବେ ପତ୍ର ପକାଇବା ପୂର୍ବରୁ ଭଲଭାବେ ଖରାରେ ଶୁଖାଇ ଦିଅନ୍ତୁ। ପ୍ରଥମେ ଚାଉଳ ରଖିଥିବା ପାତ୍ରର ତଳେ ତା'ପରେ ମଝିରେ ଓ ଉପରେ କିଛି ଶୁଖିଲା ପତ୍ର ରଖି ଚାଉଳ ରଖନ୍ତୁ।

■ ଏହିପରି ଚାଉଳ ଭିତରେ ଆପଣ ପୁଦିନାପତ୍ର ଓ କଲରାପତ୍ରକୁ ମଧ୍ୟ ଶୁଖାଇ ରଖିପାରିବେ। ଏହିସବୁ ପତ୍ରର ଗନ୍ଧରେ ଚାଉଳରେ ଶୀଘ୍ର ପୋକ ହୋଇ ନ ଥାନ୍ତି।

■ ଲବଙ୍ଗ ଓ କର୍ପୂର ଗନ୍ଧରେ ଚାଉଳରେ ଶୀଘ୍ର ପୋକ ଲାଗନ୍ତି ନାହିଁ। ତେଣୁ ଏସବୁକୁ ମଧ୍ୟ ଚାଉଳ ଭିତରେ ରଖିଲେ ଅଧିକ ଦିନ ସୁରକ୍ଷିତ ରହିବ।

■ ଚାଉଳ ବା ଗହମ ଭିତରେ ପୋକ ନ ଲାଗିବା ପାଇଁ ରସୁଣକୁ ରଖିହେବ। ଏହାର ଗନ୍ଧରେ ପୋକ ହୋଇ ନ ଥାନ୍ତି। ତେଣୁ ରସୁଣକୁ ପାଖୁଡ଼ା ଖୋଲି ଗୋଟି ଗୋଟି କରି ରଖି ଦିଅନ୍ତୁ। ଅଧିକ ଦିନ ରହିବା ପରେ ଯଦି ଶୁଖିଯାଏ ତେବେ ରସୁଣକୁ ବଦଳାଇ ପୁଣି ନୂଆ ରଖନ୍ତୁ।

# ସମ୍ପର୍କର ପରିସୀମା

## ଏତିକିରୁ ଏତିକି..

**ସମସ୍ତଙ୍କୁ ନିଜର କରି ହସଖୁସିରେ ପରିବାର ଚଳାଇବା ସବୁ ଗୃହିଣୀଙ୍କ ଉଦ୍ଦେଶ୍ୟ ହୋଇଥାଏ। ଏଥିପାଇଁ କଥାବାର୍ତ୍ତା ଚାଲିଚଳଣ ଉପରେ ଦୃଷ୍ଟିଦେବାକୁ ହୁଏ। ହେଲେ ଅନେକ ସମୟରେ ସମ୍ପର୍କୀୟ ଲୋକଙ୍କ ଆବଶ୍ୟକତାରୁ ଅଧିକ ହସ୍ତକ୍ଷେପ ବହୁ ବିଶୃଙ୍ଖଳା ସୃଷ୍ଟିକରେ। ତେଣୁ ଠିକ୍ ସମୟରେ ସତର୍କ ହୋଇଯିବା ଜରୁରୀ...**



**ବେ**ଳେବେଳେ ସମ୍ପର୍କୀୟମାନେ ପାରିବାରିକ ସମ୍ପର୍କ ଭିତରକୁ ଜୋର ଜବରଦସ୍ତ ଚାଲିଆସନ୍ତି ଓ ବ୍ୟକ୍ତିଗତ ଜୀବନରେ ମଧ୍ୟ ହସ୍ତକ୍ଷେପ କରନ୍ତି। ଆଉ ଆବଶ୍ୟକତାଠାରୁ ଅଧିକ ହସ୍ତକ୍ଷେପ ଫଳରେ ବହୁ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ହୁଏତ କେତେକଙ୍କର ଉଦ୍ଦେଶ୍ୟ ଖରାପ ହୋଇ ନ ଥାଇପାରେ, କିନ୍ତୁ ଅନେକ ସମୟରେ ସେମାନଙ୍କ ବ୍ୟବହାର ପାଇଁ ସମ୍ପର୍କରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେଣୁ ଏଭଳି ସମ୍ପର୍କୀୟଙ୍କ ସହ ଚାଲାକଭାବରେ କାମ କରିବାକୁ ହେବ। ଫଳରେ ସମ୍ପର୍କ ଖରାପ ହେବ ନାହିଁ କି ପରିବାରରେ କୌଣସି ପ୍ରକାର ସମସ୍ୟା ମଧ୍ୟ ରହିବ ନାହିଁ। ତେଣୁ ଏଥିପାଇଁ କିଭଳି ବ୍ୟବହାର କରିବେ ସେ ସମ୍ପର୍କରେ କିଛି ଉପାୟ ଜାଣିରଖନ୍ତୁ।







**ସୀମା ଭିତରେ:** ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା ସମୟରେ ସେମାନଙ୍କୁ ଜଣାଇଦିଅନ୍ତୁ କି କେଉଁ ପ୍ରସଙ୍ଗ ଆପଣଙ୍କର ଅତ୍ୟନ୍ତ ବ୍ୟକ୍ତିଗତ ଓ ସେ ସମ୍ପର୍କରେ ଅନ୍ୟ କାହାର ବି ହସ୍ତକ୍ଷେପ କରିବା ଠିକ୍ ନୁହେଁ। କିନ୍ତୁ ଏହି କଥା କହିବା ସମୟରେ ପ୍ରଥମେ ସମ୍ପର୍କୀୟଙ୍କ ମନୋଭାବକୁ ଲକ୍ଷ୍ୟକରନ୍ତୁ। ଏହା ବ୍ୟତୀତ ତାଙ୍କୁ ଏଭଳି କୋମଳ ଓ ଭଦ୍ର ଭାବରେ କୁହନ୍ତୁ ଯେପରି ସେ ଆପଣଙ୍କ କଥାକୁ ଖରାପ ଭାବିବେ ନାହିଁ। ଏମିତିକି ଉଦାହରଣ ଢଙ୍ଗରେ ମଧ୍ୟ କହିପାରିବେ କି ଏସବୁ ପ୍ରସଙ୍ଗରେ କୌଣସି କଥା ଶେୟାର କରିବାକୁ ଆପଣ ଚାହାନ୍ତି ନାହିଁ ଓ କେହି ବି ଏସବୁ କଥା ଅନ୍ୟମାନଙ୍କ ଆଗରେ ଶେୟାର କରିବା କଥା ନୁହେଁ। ଏହିଭଳି ଭାବରେ ନିଜ ବ୍ୟକ୍ତିଗତ ସମ୍ପର୍କରେ ଏକ ସୀମା ସ୍ଥିର କରନ୍ତୁ। ଫଳରେ ସମ୍ପର୍କରେ କୌଣସି ସମସ୍ୟା ଆସିବ ନାହିଁ।

**ଶାନ୍ତଭାବରେ:** ବ୍ୟକ୍ତିଗତ ସମ୍ପର୍କରେ କେହି ହସ୍ତକ୍ଷେପକଲେ ବିରକ୍ତ ଲାଗେ ନିଶ୍ଚୟ। ତେଣୁ ସେ ସମୟରେ ରାଗରେ ପାଟିରୁ ବହୁ କଟୁ କଥା ବାହାରି ଆସେ। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଏଭଳି ପରିସ୍ଥିତିରେ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ପ୍ରକାଶ କରିବା ବଦଳରେ ଶାନ୍ତ ଭାବରେ ଚିନ୍ତାକରି ସେହି ଅନୁସାରେ କଥା ହୁଅନ୍ତୁ। ନଚେତ୍ ଗୋଟିଏ ସମସ୍ୟା ସମାଧାନ କରିବାକୁ ଯାଇ ଆଉ ଗୋଟିଏ ସମସ୍ୟା ସୃଷ୍ଟି କରିପାରନ୍ତି। ତେଣୁ ଶାନ୍ତ ଭାବରେ ହିଁ ଏସବୁ ବିଷୟରେ ମତ ରଖନ୍ତୁ। ଆଗ୍ରେସିଭ୍ ହୋଇ କିଛି କହିବା ଫଳରେ ପରିସ୍ଥିତି ଆହୁରି ଖରାପ ହୋଇପାରେ ଓ ସମ୍ପର୍କ ମଧ୍ୟ ଅଧିକ ବିଗିଡ଼ି ଯାଇପାରେ। ତେଣୁ ଶାନ୍ତ ରହିବା ଅଧିକ ଜରୁରୀ।

**ଉଦ୍ଦେଶ୍ୟ ବୁଝନ୍ତୁ:** କେତେଜଣ ସମ୍ପର୍କୀୟ ଥାନ୍ତି ଯେଉଁମାନେ ପ୍ରକୃତରେ ହୃଦୟରୁ ଆପଣଙ୍କ ଭଲ ଚିନ୍ତା କରନ୍ତି। ସମ୍ପର୍କରେ କୌଣସି ପ୍ରକାର ସମସ୍ୟା ଯେପରି ନ ଆସିବ ସେଥିପାଇଁ ସେମାନେ ପରାମର୍ଶ ଦେବାକୁ ଚାହାନ୍ତି। ସେଭଳି ବ୍ୟକ୍ତିଙ୍କୁ ଚିହ୍ନିବାକୁ ଚେଷ୍ଟାକରନ୍ତୁ। ନଚେତ୍ ସେମାନେ କିଛି ଭଲ ଉଦ୍ଦେଶ୍ୟରେ ପରାମର୍ଶ ଦେବାକୁ ଚାହୁଁଥିବେ, କିନ୍ତୁ ଆପଣ ତାଙ୍କୁ ବିପରୀତ ବ୍ୟବହାର କରିବେ। ଏହି ଦୃଷ୍ଟିରୁ ବିଚାରକରି ସେମାନଙ୍କ ସହ କଥା ହେବା ବୁଦ୍ଧିମାନ୍ ଗୃହିଣୀଙ୍କ ଲକ୍ଷଣ ହୋଇଥାଏ।

**ବଦଳାନ୍ତୁ ପ୍ରସଙ୍ଗ:** ସମ୍ପର୍କ କ୍ଷେତ୍ରରେ ସବୁସମୟରେ କଥା ବଢ଼ାଇବା ବଦଳରେ କଥାକୁ ଆଭଏଡ୍ କରିବା ବେଶି ଭଲ। ଏହି ନୀତିରେ ସମ୍ପର୍କୀୟମାନେ ଯଦି ବ୍ୟକ୍ତିଗତ ପ୍ରସଙ୍ଗରେ ଚର୍ଚ୍ଚାକରି ମଜା ନେବାକୁ ଚାହୁଁଥିବେ ତା'ହେଲେ ସେ ସମୟରେ ଚତୁରତାର ସହ ହସି ହସି କଥା ବଦଳେଇଦେବା ଦରକାର। ସ୍ନେହପୂର୍ଣ୍ଣ ଭାବରେ ହସି ହସି ଏହି ପରିସ୍ଥିତିକୁ ଖୁବ୍ ସୁନ୍ଦରଭାବରେ ହ୍ୟାଣ୍ଡେଲ କରିହେବ। କୌଣସି ପ୍ରକାର ଯୁକ୍ତିତର୍କ ହେବ ନାହିଁ ଓ ସମସ୍ତଙ୍କ ସହ ଆପଣଙ୍କ ସମ୍ପର୍କ ଭଲ ରହିବ।

**ଚର୍ଚ୍ଚା କରନ୍ତୁ:** ବାରମ୍ବାର କହିବା ପରେ ବି କେହି ଯଦି ଆପଣଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ହସ୍ତକ୍ଷେପକରି ବିଶୃଙ୍ଖଳା ସୃଷ୍ଟିକରିବାକୁ ଚାହୁଁଥାନ୍ତି ସେତେବେଳେ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ। ସମ୍ପୃକ୍ତ ସମ୍ପର୍କୀୟଙ୍କ ଏଭଳି ଉଦ୍ଦେଶ୍ୟ ନେଇ ସମସ୍ତଙ୍କ ଆଗରେ ଜଣାନ୍ତୁ। ଏ ସମୟରେ ପରିବାର ଲୋକଙ୍କୁ ଆପଣ ଏକାଠି ରଖିବାକୁ ଚେଷ୍ଟା କରନ୍ତୁ। ଆଲୋଚନା ମାଧ୍ୟମରେ ବାହାର ଲୋକଙ୍କ କଥାକୁ ଗୁରୁତ୍ୱ ନ ଦେବାକୁ ସମସ୍ତଙ୍କୁ କୁହନ୍ତୁ। ଏସବୁ କଥାକୁ ନେଇ ସମସ୍ତଙ୍କ ସହ ଖୋଲାଖୋଲି ଆଲୋଚନା କରିବା ଫଳରେ ଭବିଷ୍ୟତରେ କାହା ମଧ୍ୟରେ କୌଣସି ପ୍ରକାର ସନ୍ଦେହ ସୃଷ୍ଟି ହେବନାହିଁ।





## ଏମାନେ କ'ଣ କରନ୍ତି...

### ବ୍ୟକ୍ତିଗତ କଥା କହେ ନାହିଁ



ଅଫିସ ହେଉ କି ଘର ମୋ ପର୍ସନାଲ ଲାଇଫ୍ ବିଷୟରେ କାହା ସହ କୌଣସି ପ୍ରକାର ଆଲୋଚନା କରେନାହିଁ। ଅନ୍ୟମାନେ କେହି ଏଭଳି ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହିଁଲେ କଥାକୁ ଏଡ଼ାଇଯାଏ। ଅନ୍ୟ ପ୍ରସଙ୍ଗରେ କଥା ଆରମ୍ଭକରେ। ବାହାର ଲୋକଙ୍କୁ ବ୍ୟକ୍ତିଗତ ସମ୍ପର୍କ ନେଇ କିଛି କହେନାହିଁ। ଅବଶ୍ୟ ଆମ ପରିବାର ସହ ଅତି ଘନିଷ୍ଠ ସମ୍ପର୍କ ଥିବା ମାଉସୀଙ୍କ ସଙ୍ଗେ ଘରର କିଛି ସମସ୍ୟା ନେଇ କେବେ କେବେ କଥା ହୁଏ ହେଲେ ନିଜର ବ୍ୟକ୍ତିଗତ ସମ୍ପର୍କରେ ସେମିତି କିଛି ଶେୟାର କରେନାହିଁ।

**– ଶେଫାଳିକା ମହାନ୍ତି**

*ଶିକ୍ଷୟିତ୍ରୀ, ଗୌର ତୋଟା ସାହି, ଚର୍ଚ୍ଚ ଛକ ନିକଟ, କେନ୍ଦୁଝର*

### ସମସ୍ୟା ନେଇ ଆଲୋଚନାକରେ



ଅଧିକ ଗପିବାକୁ ମୁଁ ଆଦୌ ଭଲ ପାଏନି। ତେଣୁ ପର୍ସନାଲ ଟପିକ୍‌ରେ କିଛି ବି ଗପସପ କରିବାର ପ୍ରଶ୍ନ ଉଠୁନାହିଁ। ଶାଶୁଘରେ ମୁଁ କେବେ କାହା ବିଷୟରେ କିଛି ସେଭଳି କଥାକୁ ନେଇ ଅନ୍ୟ ଆଗରେ କୁହେନାହିଁ। ଏସବୁ ଦ୍ୱାରା ବହୁ ସମସ୍ୟା ଆସିଥାଏ। ଯଦି ପାରିବାରିକ ସମସ୍ୟା ଆସେ ତେବେ ସମସ୍ତଙ୍କ ସହ କଥାବାର୍ତ୍ତା ହୋଇ ସମାଧାନର ରାସ୍ତା ବାହାର କରିବାକୁ ଚେଷ୍ଟାକରେ।

**– ସୁଜାତା ଜେନା,** ଗୃହିଣୀ, ନହରକଣ୍ଟା, ଭୁବନେଶ୍ୱର

---

ସୌନ୍ଦର୍ଯ୍ୟ

# ଶୀତରେ ଲଗାନ୍ତୁ କଫି

**ଶୀତଦିନେ ତ୍ୱଚା ଅଧିକ ରୁକ୍ଷ ହୋଇଯାଏ। ତେଣୁ ଏହି ଦିନେ ଅଧିକ ଯତ୍ନନେବାକୁ ହୋଇଥାଏ। ତେବେ ଘରୋଇ ଉପାୟରେ କଫି ବ୍ୟବହାରକରି କିଭଳି ସୁନ୍ଦର ମୁଲାୟମ ତ୍ୱଚା ପାଇହେବ ଜାଣନ୍ତୁ...**

**କଫି ସ୍କ୍ରବ୍–** ୧ ଚାମଚ କଫି ପାଉଡର ସହ ୧ ଚାମଚ ମହୁ ଓ ଅଳ୍ପ ନଡ଼ିଆ ତେଲକୁ ମିଶାଇ ମୁହଁରେ ଲଗାନ୍ତୁ। ୫–୭ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଘଷିବା ପରେ ମୁହଁ ଧୋଇଦିଅନ୍ତୁ। ଫେସ୍ ସ୍କ୍ରବ୍ ଭଳି ଏହା ତ୍ୱଚାରେ ଥିବା ମୃତକୋଷକୁ ବାହାର କରି ସୁନ୍ଦର ଓ ମୁଲାୟମ କରିଥାଏ।

**କଫି ଫେସ୍ ପ୍ୟାକ୍–** ୨ ଚାମଚ କଫି ପାଉଡରରେ ୧ ଚାମଚ ଦହି ଓ ଅଳ୍ପ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ମୁହଁକୁ ଘଷି ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ସ୍କିନ୍ ଗ୍ଲୋ ବୃଦ୍ଧି ପାଇବ।





**ଅଣ୍ଡର ଆଇ ପ୍ୟାକ୍–** ୧ ଚାମଚ କଫି ପାଉଡରରେ ୧ ଚାମଚ ଏଲୋଭେରା ଜେଲ୍ ମିଶାଇ ଆଖି ତଳେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇଦିଅନ୍ତୁ। ଲଗାତର ଏପରି କଲେ କିଛିଦିନ ପରେ ଆଖି ତଳେ ଥିବା କଳାଦାଗ କମ୍ ହୋଇଯିବ।

**କଫି ବଡି ସ୍କ୍ରବ୍–** ୨ ବଡ଼ ଚାମଚ କଫି ସହ ୧ ଚାମଚ ଚିନି ଓ ଅଳ୍ପ କିଛି ଅଲିଭ ଅଏଲ ମିଶାଇ ପୂରା ଶରୀରରେ ସବୁଆଡ଼େ ଲଗାନ୍ତୁ। ଏହାକୁ ବଡି ସ୍କ୍ରବ୍ ଭଳି ହାଲ୍‌କାଭାବେ ଘଷନ୍ତୁ। କିଛିଦିନ ପରେ ସ୍କିନ୍ ମୁଲାୟମ ଓ ଚମକଦାର ହୋଇଯିବ।

– କଫି ସ୍କ୍ରବ୍ ହେଉ କି ଫେସ୍ ପ୍ୟାକ୍ ହେଉ ଲଗାଇବା ପରେ ମଏଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ।

---

ଖାଦ୍ୟରୁଚି

# ମୂଳା ପରଟା

**ଆବଶ୍ୟକ ସାମଗ୍ରୀ:**

ମୂଳା– ୨/୩ଟି, ଅଟା–୩/୪ କପ୍, ଅଦା–ଖଣ୍ଡେ (୧ ଇଞ୍ଚ), ଜିରାଗୁଣ୍ଡ(ଭଜା)– ୧ ଚାମଚ, ଲଙ୍କାଗୁଣ୍ଡ– ୧ ଛୋଟ ଚାମଚ, କଞ୍ଚାଲଙ୍କା– ୨/୩ଟି, ଜୁଆଣି– ଅଳ୍ପ, ଧନିଆପତ୍ର– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ମୂଳାକୁ ଧୋଇ ଗ୍ରେଟରରେ କୋରି ରଖନ୍ତୁ। କୋରା ହୋଇଥିବା ଏହି ମୂଳାକୁ ଭଲଭାବେ ଚିପୁଡ଼ି ପାଣି ବାହାର କରିଦିଅନ୍ତୁ। ଏବେ ସେଥିରେ କଞ୍ଚାଲଙ୍କା, ଅଦା, ଧନିଆପତ୍ରକୁ ଛୋଟ ଛୋଟ କରି କାଟି ପକାନ୍ତୁ। ଏହା ପରେ ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ଜୁଆଣି ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ମୂଳାକୁ ଭଲଭାବେ ଗୋଳାଇ ରଖନ୍ତୁ। କଡ଼େଇରେ ତେଲ ଗରମକରି ଏହାକୁ ଅଳ୍ପ ଭାଜି ନିଅନ୍ତୁ। ଆପଣ ଚାହିଁଲେ ଏଥିରେ ପିଆଜ ମଧ୍ୟ କାଟି ପକାଇପାରିବେ। ଅନ୍ୟ ଏକ ପାତ୍ରରେ ଅଟାରେ ଅଳ୍ପ ତେଲ ପକାଇ ଚକଟି ଦିଅନ୍ତୁ। ଅଟାଗୁଳାରେ ମୂଳାକୁ ଷ୍ଟଫିଂ ଭଳି ଦେଇ ବେଲି ଦିଅନ୍ତୁ। ତାୱାରେ ଏହାକୁ ତେଲ ଦେଇ ସେକି ଦିଅନ୍ତୁ। ଏବେ ପ୍ରସ୍ତୁତ ପରଟାକୁ ଗରମ ଗରମ ଚଟଣି ସହ ଖାଆନ୍ତୁ। ମୂଳାର ଷ୍ଟଫିଂକୁ ଅଟା ସହ ମିଶାଇ ଚକଟି ପରଟା ମଧ୍ୟ କରିହେବ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩/୨୦୨୪ Bhubaneswar, Tuesday, December 3/ 2024

# କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

**୩ ବର୍ଗ ପାଇଁ ପୁରସ୍କାର ରାଶି ୬୦ ଲକ୍ଷ**

**୩୦ ଦେଶରୁ ଭାଗନେଲେ ୧୨୦୦ ଖେଳାଳି**


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୨।୧୨ (ତପନ ସ୍ୱାଇଁ)

ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ସହଯୋଗରେ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୫ଶ ସଂସ୍କରଣ ସୋମବାର ଏଠାରେ ଉଦ୍‌ଘାଟିତ ହୋଇଛି। କିଟ୍ ପରିସରରେ ଥିବା ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଯୁଗ୍ମ କ୍ରୀଡ଼ା ସମ୍ପାଦକ ବଲଜିତ୍ ସିଂ ଶେଖାଓଁ, ଅଲ୍ ଓଡ଼ିଶା ଚେସ୍ ସଂଘର ସଭାପତି ଜି. ସି. ମହାପାତ୍ର, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ସାହୁ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କ ଉପସ୍ଥିତିରେ ଏଆଇସିଏଫ୍ ଉପସଭାପତି ଗ୍ରାଣ୍ଡ ମାଷ୍ଟର ଦିବ୍ୟେନ୍ଦୁ ବରୁଆ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚେସ୍ ମହୋତ୍ସବ 'ଏ', 'ବି' ଓ 'ସି' ତିନୋଟି ବର୍ଗରେ ଖେଳାଯିବ। 'ଏ' ବର୍ଗରେ ସବୁ ବର୍ଗର ଖେଳାଳି ଖେଳି ପାରୁଛନ୍ତି। ଏଥିରେ ମୋଟ ପୁରସ୍କାର ରାଶି ୩୦ ଲକ୍ଷ ଟଙ୍କା ରଖାଯାଇଛି। 'ବି' ବର୍ଗରେ ୧୯୦୦ରୁ କମ୍ ରେଟିଂ ବର୍ଗର ଖେଳାଳି ଖେଳିବେ ଏବଂ ଏଥିରେ ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା ରହିଛି। 'ସି' ବର୍ଗ ପ୍ରତିଯୋଗିତା ଡିସେମ୍ବର ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୭୦୦ରୁ କମ ରେଟିଂ ବର୍ଗର ଖେଳାଳି ଖେଳି ପାରିବେ। ଏଥିପାଇଁ ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା ରହିଛି।

୬୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଚେସ୍ ମହୋତ୍ସବର ବିଭିନ୍ନ ବର୍ଗରେ ମୋଟ ୪୩୬ଟି ପୁରସ୍କାର ରଖାଯାଇଛି। ଏହା ହେଉଛି ଭାରତରେ ସର୍ବାଧିକ ପୁରସ୍କାର ରହିଥିବା ଚେସ୍ ମହୋତ୍ସବ। ଏଥର ପ୍ରତିଯୋଗିତାରେ ୩୦ରୁ ଊର୍ଦ୍ଧ୍ୱ ଦେଶରୁ ୧୨୦୦ ଖେଳାଳି ଯୋଗ ଦେଇଥିବା ବେଳେ ଏଥିରେ ୭୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟାଇଟଲ୍‌ଧାରୀ ରହିଛନ୍ତି। ଏହି ମହୋତ୍ସବରେ ସର୍ବନିମ୍ନ ୭ ବର୍ଷ ଓ ସର୍ବାଧିକ ୯୧ ବର୍ଷ ବୟସ୍କ ବ୍ୟକ୍ତି ଅଂଶ ଗ୍ରହଣ କରିଛନ୍ତି।

# କୋମାରେ ଏଡୋଆର୍ଡୋ ବୋଭ୍

ଫ୍ଲୋରେନ୍ସ,୨।୧୨(ପି.ଟି.)


ଏଡୋଆର୍ଡୋ ବୋଭ୍ ଚେତା ହରାଇ ତଳେ ପଡ଼ି ରହିଛନ୍ତି।

ଫୁଟ୍‌ବଲ ପଡ଼ିଆରେ ଚେତା ହରାଇବା ପରେ ଫ୍ଲୋରେଣ୍ଟିନା ମିଡ୍‌ଫିଲ୍ଡର ଏଡୋଆର୍ଡୋ ବୋଭ୍ କୋମାରେ ରହିଛନ୍ତି। ଇଣ୍ଟର ମିଲାନ୍ ବିପକ୍ଷ ସେରି ଏ ମ୍ୟାଚ୍‌ରେ ଏହି ଅଘଟଣ ଘଟିଥିଲା। ୨୨ ବର୍ଷୀୟ ଏଡୋଆର୍ଡୋ ମ୍ୟାଚ୍ ଅଧାରେ ବେହୋସ ହୋଇଯାଇଥିଲେ। ବୋଭ୍‌ଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବା ବେଳେ ମ୍ୟାଚ୍‌କୁ ଅଧାରୁ ରୋକା ଯାଇଥିଲା। ପଡ଼ିଆରେ ଉଭୟ ଦଳର ଖେଳାଳି ଘେରି ରହିଥିବା ବେଳେ ପ୍ରାଥମିକ ଚିକିତ୍ସା ଜାରି ରହିଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସ ଜରିଆରେ ହସ୍ପିଟାଲକୁ ନିଆଯାଇଥିଲା। ବୋଭ୍ ବର୍ତ୍ତମାନ ଫ୍ଲୋରେନ୍ସର କାରେଗି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ଜାରି ରହିଥିବା ବେଳେ ସେ ମେଡିକାଲି ଇଣ୍ଡ୍ୟୁସ୍‌ଡ କୋମାରେ ରହିଥିବା ଜଣାପଡିଛି। ପ୍ରାରମ୍ଭିକ ମେଡିକାଲ ରିପୋର୍ଟ ଅନୁସାରେ ବୋଭ୍‌ଙ୍କଠାରେ କୌଣସି ସ୍ନାୟବିକ ଅଥବା ହୃଦ୍‌ଘାତଜନିତ ସମସ୍ୟା ନ ଥିବା ସ୍ପଷ୍ଟ ହୋଇଛି। ୨୪ ଘଣ୍ଟା ପରେ ପୁନର୍ବାର ତାଙ୍କର ପରୀକ୍ଷଣ ପରେ ସ୍ପଷ୍ଟ ସୂଚନା ମିଳିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

ମ୍ୟାଚ୍‌ର ୧୬ତମ ମିନିଟ୍‌ରେ ଏଭଳି ଘଟଣା ଘଟିଥିଲା। ଅସୁସ୍ଥତା କାରଣରୁ ରେଫରି ଖେଳ ରୋକିଥିଲେ। ପରେ ବୋଭ୍ ଠିକ୍ ଥିବା କହିଥିଲେ। ମ୍ୟାଚ୍ ଆରମ୍ଭ ହେବା ପରେ ମାତ୍ର କିଛି ପାଦ ଦୌଡ଼ିବା ପରେ ଅଚାନକ ବେହୋସ ହୋଇ ପଡ଼ି ଯାଇଥିଲେ ବୋଭ୍। ଆମ୍ବୁଲାନ୍ସରେ ନିଆଯିବା ସମୟରେ କିଛି ସମୟ ପାଇଁ ବୋଭ୍‌ଙ୍କ ଚେତା ଆସିଥିଲା। ସେ ନିଜେ ନିଃଶ୍ୱାସ ନେବାରେ ମଧ୍ୟ ସମର୍ଥ ହୋଇଥିଲେ। କ୍ଲବର ସାଥୀ ଖେଳାଳି, କୋଚ୍ ରାଫେଲ ପାଲାଡିନୋ ଓ ବୋଭ୍‌ଙ୍କ ମା', ବାପା ଓ ବାନ୍ଧବୀ ପ୍ରମୁଖ ହସ୍ପିଟାଲରେ ଉପସ୍ଥିତ ଅଛନ୍ତି।

# ପ୍ରୋ-କବାଡ଼ି ଲିଗ୍: ଆଜିଠାରୁ ଅନ୍ତିମ ପର୍ଯ୍ୟାୟ

ପୁଣେ, ୨।୧୨ (ପି.ଟି.)

ପ୍ରୋ-କବାଡି ଲିଗ୍ (ପିକେଏଲ୍)ର ଫାଇନାଲ ରାଉଣ୍ଡ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ବୁଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ହେବ। ପରେ ଦ୍ୱିତୀୟ ମ୍ୟାଚ ଗତଥରର ଚାମ୍ପିୟନ ପୁନେରୀ ପଲ୍‌ଟନ ଓ ୟୁ ମୁମ୍ବା ମଧ୍ୟରେ ହେବ। ଗତଥରର ଚାମ୍ପିୟନ ପୁନେରୀ ପଲ୍‌ଟନ ଘରୋଇ ଦର୍ଶକଙ୍କ ସମର୍ଥନରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ପ୍ଲେ-ଅଫ୍‌ଗୁଡ଼ିକ ମଧ୍ୟ ପୁଣେରେ ଖେଳାଯିବ। ସେହିପରି ଏଲିମିନେଟର ଓ ସେମିଫାଇନାଲ ଯଥାକ୍ରମେ ଡିସେମ୍ବର ୨୬ ଓ ୨୭ରେ ଖେଳାଯିବ। ଗ୍ରାଣ୍ଡ ଫାଇନାଲ ଡିସେମ୍ବର ୨୯ରେ ହେବ। ପଏଣ୍ଟ ଟେବୁଲରେ ପୁନେରୀ ପଲ୍‌ଟନ ୫ମ ସ୍ଥାନରେ ଏବଂ ୟୁ ମୁମ୍ବା ୭ମ ସ୍ଥାନରେ ରହିଛି। ପୂର୍ବ ସିଜନରେ ଯେତେବେଳେ ଦୁଇ ଦଳ ପରସ୍ପରକୁ ଭେଟିଥିଲେ, ସେତେବେଳେ ହାଇଦ୍ରାବାଦରେ ୟୁ, ମୁମ୍ବାକୁ ହରାଇ ଦେଇଥିଲା ପୁନେରୀ ପଲ୍‌ଟନ। ପୁନେରୀ ପଲ୍‌ଟନ ଇତିମଧ୍ୟରେ ୧୫ଟି ମ୍ୟାଚ ଖେଳି ସାରିଛି। ଦଳ ତନ୍ମଧ୍ୟରୁ ୭ଟିରେ ବିଜୟ ହାସଲ କରିଥିବା ବେଳେ ୫ଟିରେ ପରାଜୟ ବରଣ କରିଛି ଏବଂ ତିନୋଟି ଟାଇ ରଖିବାରେ ସମର୍ଥ ହୋଇଛି। ସିଜନ ୧୦ ଚାମ୍ପିୟନ ଏହାର ଗତ ତିନୋଟି ମ୍ୟାଚରୁ ଗୋଟିଏ ବିଜୟ ଲାଭ କରିବାରେ ସକ୍ଷମ ହୋଇଛି। ହୋମ୍ ଗ୍ରାଉଣ୍ଡରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରୁଛି।

# ରାଜ୍ୟସ୍ତରୀୟ ହୁଇଲ୍ ଚେୟାର ଫେନ୍‌ସିଂ ୧୬ରୁ

ଭୁବନେଶ୍ୱର, ୨।୧୨ (ତପନ ସ୍ୱାଇଁ)

ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ କ୍ରୀଡ଼ା ବିଭାଗ ପୁରୁଣା ଅଫିସରେ ଚଳିତ ମାସ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ହୁଇଲ ଚେୟାର ଫେନ୍‌ସିଂ (ଅଶିଚାଳନା) ଚାମ୍ପିୟନଶିପ୍। ରାଜ୍ୟର ସବୁ ଜିଲାର ଗୋଡ଼ ଓ ହାତ ବାଧିତ ଭିନ୍ନକ୍ଷମମାନେ (ସର୍ବନିମ୍ନ ୪୦% ଭିନ୍ନକ୍ଷମ ଥାଇ) ଏହି ପ୍ରତିଯୋଗିତାରେ ଭାଗନେଇ ପାରିବେ। ଅଶିଚାଳନାରେ ପାରଦର୍ଶିତା ଥିବା ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। କ୍ରୀଡ଼ାବିତ୍‌ମାନଙ୍କୁ ନିଜର କ୍ରୀଡ଼ା ଉପକରଣ ସହ ଆସିବାକୁ ପରାମର୍ଶ ଦିଆଯାଇଛି। ଚଳିତ ମାସ ୧୩ ପଞ୍ଜୀକରଣର ଶେଷ ତାରିଖ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ